ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ସୋମବାର, ଜୁନ୍ ୧୬/୨୦୨୫ (୧୪ ପୃଷ୍ଠା) | Bhubaneswar, Monday, June 16/2025 | Page 14 | ₹ 7.00 | DHENKANAL
୫୧ଶ ଭାଗ ୨୦୧ ସଂଖ୍ୟା | www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada | VOLUME 51 ISSUE 201 | ମୂଲ୍ୟ₹୭/-

DSPL-120

ଓଡ଼ିଶା ଶାସନ

ବର୍ଷ ଏକ ଉପଲବ୍ଧି ଅନେକ



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ନିଯୁକ୍ତି ମେଳା

ମୁଖ୍ୟମନ୍ତ୍ରୀ
ଶ୍ରୀ ମୋହନ ଚରଣ ମାଝୀଙ୍କ
କରକମଳରେ
ନୂତନ ଭାବେ ମନୋନୀତ ୫ଟି ବିଭାଗର
୯୬୪ ଜଣ ପ୍ରାର୍ଥୀଙ୍କୁ
ନିଯୁକ୍ତିପତ୍ର ପ୍ରଦାନ

୫୬୩
ପୂର୍ତ୍ତ ବିଭାଗ

୬୨
ଜଳ ସମ୍ପଦ ବିଭାଗ

୧୧୭
ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ

୨୦୪
ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ

୧୮
ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ

୧୬ ଜୁନ୍ ୨୦୨୫ । କୃଷି ଶିକ୍ଷା ସଦନ, ଓ.ୟୁ.ଏ.ଟି., ଭୁବନେଶ୍ୱର

ପୂର୍ତ୍ତ ବିଭାଗ । ଜଳ ସମ୍ପଦ ବିଭାଗ । ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ
ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ । ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ

OIPR-32001/13/0008/2526

DSPL-122





# ବର୍ଷ ଏକ ଉପଲବ୍ଧି ଅନେକ

**ଶ୍ରୀ ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀ

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## କଥା ଦେଇ କଥା ରଖିଲେ ଲୋକଙ୍କ ସରକାର
ଆମ ସ୍ୱାଭିମାନ, ଆମ ଅସ୍ମିତା

### ଶ୍ରୀ ମନ୍ଦିର, ପୁରୀ

- ଶ୍ରୀ ଜଗନ୍ନାଥ ସଂସ୍କୃତିର ପ୍ରଚାର, ପ୍ରସାର ଓ ସଂରକ୍ଷଣ ନିମନ୍ତେ **୫୦୦ କୋଟି** ଟଙ୍କାର କର୍ପସ ପାଣ୍ଠି
- ଲକ୍ଷ ଲକ୍ଷ ଭକ୍ତଙ୍କ ଭାବାବେଗକୁ ସମ୍ମାନ ଜଣାଇ ଉନ୍ମୁକ୍ତ ହୋଇଛି **ଶ୍ରୀ ମନ୍ଦିରର ଚାରିଦ୍ୱାର**
- ଅଗଣିତ ଶ୍ରଦ୍ଧାଳୁଙ୍କ ଇଚ୍ଛାକୁ ସମ୍ମାନ ଜଣାଇ ଖୋଲାଯାଇଛି **ଶ୍ରୀ ମନ୍ଦିରର ରତ୍ନ ଭଣ୍ଡାର**

### ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି






- ଓଡ଼ିଆ ଅସ୍ମିତା ପାଇଁ **୨୦୦ କୋଟି** ଟଙ୍କାର କର୍ପସ ପାଣ୍ଠି
- ୧ ରୁ ୧୪ ଏପ୍ରିଲ ପର୍ଯ୍ୟନ୍ତ **"ଓଡ଼ିଆ ପକ୍ଷ"** ପାଳିତ
- ଜୀବିତ ପଦ୍ମ ବିଜେତାଙ୍କ ପାଇଁ ମାସିକ **୩୦,୦୦୦ ଟଙ୍କା**ର ସମ୍ମାନ ରାଶି ପ୍ରଦାନ
- ବରପୁତ୍ରମାନଙ୍କ ସମ୍ମାନାର୍ଥେ ସେମାନଙ୍କ **ଜନ୍ମସ୍ଥାନରେ ଜୟନ୍ତୀ ପାଳନ, ସ୍ମୃତିରକ୍ଷା** ପାଇଁ ବିଶେଷ ଯୋଜନା
- ଭକ୍ତକବି ମଧୁସୂଦନ ରାଓଙ୍କ **'ବର୍ଣ୍ଣବୋଧ'** ର ଅବିକଳ ଶୋଭନ ସଂସ୍କରଣ ପ୍ରକାଶିତ

### ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ

- ଶ୍ରୀ ଜଗନ୍ନାଥଙ୍କୁ **ବାସୁଙ୍ଗା ପାଟ** ଯୋଗାଣ ପାଇଁ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନ ଓ ସେରିଫେଡ୍ ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷରିତ
- ବୟନ ଶିଳ୍ପର ଅଭିବୃଦ୍ଧି ପାଇଁ **ବୟନ ଶିଳ୍ପ ପାର୍କ** ପ୍ରତିଷ୍ଠାକୁ ମଞ୍ଜୁରୀ
- ବୟନ ଶିଳ୍ପର ବିକାଶ ପାଇଁ **ଭୁବନେଶ୍ୱର ପଟିଆ ଠାରେ** ପୋଷାକ ଇନକ୍ୟୁବେସନ୍ କେନ୍ଦ୍ର ଉଦ୍‌ଘାଟିତ
- ହସ୍ତଶିଳ୍ପୀମାନଙ୍କର ସାମଗ୍ରିକ ବିକାଶ ପାଇଁ **ସୃଜନିକା ହସ୍ତଶିଳ୍ପ ପୁଞ୍ଜ** (କ୍ରାଫ୍ଟ କ୍ଲଷ୍ଟର)ର ସ୍ଥାପନା ସହ ସେମାନଙ୍କର ଆର୍ଥିକ ଉନ୍ନତି ପାଇଁ ବିଶେଷ ପଦକ୍ଷେପ



### ପର୍ଯ୍ୟଟନ

- ହୀରାକୁଦ ଓ ସାତକୋଶିଆର ବିକାଶ ପାଇଁ SACSI ଅଧୀନରେ **୧୦୦ କୋଟି** ଟଙ୍କା ଲେଖାଏଁ ପ୍ରଦାନ
- **'ଉତ୍କର୍ଷ ଓଡ଼ିଶା'** ମାଧ୍ୟମରେ ୮୧୫୪ କୋଟି ଟଙ୍କାର ପୁଞ୍ଜିନିବେଶ ସମ୍ପର୍କିତ ବୁଝାମଣା ପତ୍ର ସ୍ୱାକ୍ଷରିତ
- ପୂର୍ବ ଭାରତରେ ଓଡ଼ିଶାକୁ ଏକ **ଦୁଃସାହସିକ ପର୍ଯ୍ୟଟନ** ହବ୍ ଭାବେ ପ୍ରତିଷ୍ଠା ଲକ୍ଷ୍ୟ
- ବିକଶିତ ଓଡ଼ିଶା - **୨୦୩୬ର ଲକ୍ଷ୍ୟ** ଅନୁଯାୟୀ ୧୫ ଟି ଶ୍ରେଷ୍ଠ ପରିବେଶ ତଥା ସାଂସ୍କୃତିକ ପର୍ଯ୍ୟଟନ କେନ୍ଦ୍ରର ବିକାଶ




OIPR-03029/13/0065/2526

**ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର**

# ଧରିତ୍ରୀ
DHARITRI
51 Years

ଭୁବନେଶ୍ୱର, ସୋମବାର, ଜୁନ୍ ୧୬/୨୦୨୫ | Bhubaneswar, Monday, June 16/2025 | ପୃଷ୍ଠା-୧

**ମହାଦେବଙ୍କ ଭୂମିକାରେ ଅକ୍ଷୟ**

ମଲ୍ଟିଷ୍ଟାରର୍ ମୁଭି 'କନ୍ନାପା'ର ଟ୍ରେଲର ରବିବାର ରିଲିଜ୍ ହୋଇଛି। ଏଥିରେ ଅଭିନେତା ଅକ୍ଷୟ କୁମାର ଭଗବାନ ଶିବଙ୍କ ଭୂମିକାରେ ନଜରକୁ ଆସିଛନ୍ତି।

୦୨

୧୨

**ମାରିଆ ସେମିଫାଇନାଲରେ**

କୁଇନ୍ସ କ୍ଲବ ଟେନିସ୍ ସେମିଫାଇନାଲରେ ପ୍ରବେଶ କରିଛନ୍ତି ଜର୍ମାନୀର ୩୭ ବର୍ଷୀୟା କ୍ୱାଲିଫାୟର ତାତ୍‌ଜାନା ମାରିଆ।



# ହେଲିକପ୍ଟର ଦୁର୍ଘଟଣାରେ ୭ ମୃତ

ସୁଉଚ୍ଚ ଗିରିଶୃଙ୍ଗ, ଅଙ୍କାବଙ୍କା ସଂକୀର୍ଣ୍ଣ ପଥ, ନିମ୍ନ ଦୃଶ୍ୟମାନତା, ପାଣିପାଗରେ ହଠାତ୍ ପରିବର୍ତ୍ତନ ସାଙ୍ଗକୁ ଭୂସ୍ଖଳନ ଓ ହିମସ୍ଖଳନ ଚାରଧାମ ଯାତ୍ରାକୁ ଅତ୍ୟନ୍ତ ବିପଜ୍ଜନକ କରିଦେଇଛି। ଗଙ୍ଗୋତ୍ରୀ, ଯମୁନୋତ୍ରୀ, ବଦ୍ରିନାଥ ଓ କେଦାରନାଥକୁ ସଂଯୋଗ କରୁଥିବା ରାସ୍ତାଗୁଡ଼ିକରେ ବାରମ୍ବାର ଭୂସ୍ଖଳନ ହେଉଥିବାରୁ ଯାତ୍ରୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଛି। ଅନେକ ସମୟରେ ଅମ୍ଳଜାନର ପରିମାଣ ହ୍ରାସ ଯୋଗୁ ବୟସ୍କ ତୀର୍ଥଯାତ୍ରୀ ହୃଦ୍‌ଘାତର ଶିକାର ହୋଇ ପ୍ରାଣ ହରାଉଛନ୍ତି। ରବିବାର ଭୋର ସମୟରେ କେଦାରନାଥରୁ ତୀର୍ଥଯାତ୍ରୀଙ୍କୁ ନେଇ ଯାଉଥିବା ଏକ ଘରୋଇ ହେଲିକପ୍ଟର ଗୌରୀକୁଣ୍ଡ ଜଙ୍ଗଲ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ପାଇଲଟଙ୍କ ସମେତ ୭ ଜଣଙ୍କ ମୃତ୍ୟୁ ଘଟିଛି। ଏପ୍ରିଲ ୩୦ରେ ଚାରଧାମ ଯାତ୍ରା ଆରମ୍ଭ ହେବା ପରଠୁ ଏହା ହେଉଛି ପଞ୍ଚମ ହେଲିକପ୍ଟର ଦୁର୍ଘଟଣା, ଯେଉଁଥିରେ ମୋଟ ୧୩ ଜଣଙ୍କ ମୃତ୍ୟୁ ଘଟିଲାଣି। ସଦ୍ୟ ଦୁର୍ଘଟଣା ପାଇଁ ଅଧିକାରୀମାନେ ସ୍ୱଳ୍ପ ଦେଖାଯିବା ଓ ଖରାପ ପାଗକୁ ଦାୟୀ କରିବା ସହ ସାମୟିକ ଭାବେ ହେଲିକପ୍ଟର ଚଳାଚଳକୁ ବନ୍ଦ କରିଦେଇଛନ୍ତି। ତେବେ ଚଳିତ ତୀର୍ଥଯାତ୍ରା ଋତୁରେ ହେଲିକପ୍ଟର ଅପରେଟର୍ସଙ୍କ ପାଇଁ ଉପଯୁକ୍ତ ସୁରକ୍ଷା ପ୍ରୋଟୋକଲ ଜାରି କରାଯାଇ ନ ଥିବାରୁ ବାରମ୍ବାର ଦୁର୍ଘଟଣା ଘଟିବା ସହ ଯାତ୍ରୀଙ୍କ ନିରାପତ୍ତାକୁ ନେଇ ପ୍ରଶ୍ନ ଉଠିଛି।

## ଚାରଧାମ ଯାତ୍ରା ବିପଜ୍ଜନକ



ଦୁର୍ଘଟଣାଗ୍ରସ୍ତ ହେଲିକପ୍ଟରର ଭଗ୍ନାବଶେଷ ନିକଟରେ ଏନ୍‌ଡିଆର୍‌ଏଫ୍ ଟିମ୍।

**ରୁଦ୍ରପ୍ରୟାଗ,୧୫।୬(ପି.ଟି./ଏଜେନ୍ସି)**

ଉତ୍ତରାଖଣ୍ଡର କେଦାରନାଥ ଧାମରୁ ତୀର୍ଥଯାତ୍ରୀମାନଙ୍କୁ ନେଇ ଫେରୁଥିବା ଏକ ଘରୋଇ ହେଲିକପ୍ଟର ରବିବାର ଭୋର ସମୟରେ ଗୌରୀକୁଣ୍ଡ ଜଙ୍ଗଲରେ ଦୁର୍ଘଟଣାଗ୍ରସ୍ତ ହେବାରୁ ପାଇଲଟ୍‌ଙ୍କ ସମେତ ସେଥିରେ ଥିବା ସମସ୍ତ ୭ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଜଣେ ୨୩ ମାସର ଶିଶୁ ରହିଛନ୍ତି। ତୀର୍ଥଯାତ୍ରୀମାନେ ମହାରାଷ୍ଟ୍ର, ରାଜସ୍ଥାନ, ଉତ୍ତରାଖଣ୍ଡ ଏବଂ ଉତ୍ତରପ୍ରଦେଶର । ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଦୁର୍ଘଟଣାର ତଦନ୍ତ ଦାୟିତ୍ୱ ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନ୍‌ଭେଷ୍ଟିଗେଶନ ବ୍ୟୁରୋ (ଏଏଆଇବି)କୁ ଦେଇଥିବାବେଳେ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ମଧ୍ୟ ଏକ ଉଚ୍ଚସ୍ତରୀୟ ☞ପୃଷ୍ଠା-୨

# ଯାଜପୁର ଡାଇରିଆ: ଆଉ ୩ ଜୀବନ ଗଲା

## ୧୬ରେ ପହଞ୍ଚିଲା ମୃତକଙ୍କ ସଂଖ୍ୟା

**ଯାଜପୁର,୧୫।୬ (ହର୍ଷବର୍ଦ୍ଧନ ବେହେରା)**

ଯାଜପୁର ଜିଲାରେ ଡାଇରିଆ ସଂକ୍ରମଣ କମିଥିବାବେଳେ ମୃତ୍ୟୁସଂଖ୍ୟା ବଢ଼ିବାରେ ଲାଗିଛି। ରବିବାର ଡାଇରିଆରେ ପୁଣି ୩ ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ସେମାନେ ହେଲେ ଦଶରଥପୁର ବ୍ଲକ କମାଳପୁର ଗ୍ରାମର ଜଟାଧାରୀ ସାହୁ(୭୫), ଯାଜପୁର ପୌରାଞ୍ଚଳର ମଦନମୋହନ ସାହୁ(୬୨) ଓ ଖଇରାବାଦ ଗ୍ରାମର ଜୟନ୍ତୀ ସାହୁ(୫୦)। ଏହାକୁ ମିଶାଇ ଜିଲାରେ ମୃତ୍ୟୁସଂଖ୍ୟା ୧୬ରେ ପହଞ୍ଚିଛି। ଜୟନ୍ତୀ ଡାଇରିଆରେ ଆକ୍ରାନ୍ତ ହୋଇ ୪ ଦିନ ତଳେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ସୁସ୍ଥ ହେବା ପରେ ସେ ଶନିବାର ଘରକୁ ଫେରିଥିଲେ। ପୁଣି ସେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଅସୁସ୍ଥ ହେବାରୁ ଡାକ୍ତରଖାନାକୁ ନେବା ବାଟରେ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକେ କହିଛନ୍ତି। ଜଟାଧାରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଥିବା ସମୟରେ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ସେହିପରି ମଦନମୋହନ କଟକ ବଡ଼ ମେଡିକାଲରେ ଚିକିତ୍ସାଧୀନ ଥିବା ସମୟରେ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ପୂର୍ବରୁ ମଦନମୋହନ ମଲ୍ଲିକ, ଦିଲୀପ ମଲ୍ଲିକ, ତୋଳାରାମ ଶର୍ମା, ଅଞ୍ଜନା ଜେନା, ଜାନକୀ ମଲ୍ଲିକ, ସନାତନ ପାତ୍ର, ସୁଦର୍ଶନ ପାତ୍ର, ବସନ୍ତ ପାତ୍ର, ଘନଶ୍ୟାମ ପୃଷ୍ଟି, ସନାତନ ପାଇକରାୟ, ପବିତ୍ରା ଦାସ, ସେବତୀ ଘଡେଇ ଓ ଗେହ୍ଲେଇ ପାତ୍ରଙ୍କ ଡାଇରିଆରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷେ ସରକାରୀ ଭାବେ ମୃତ୍ୟୁସଂଖ୍ୟା ୫ ବୋଲି ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି। କେତେଜଣ ଡାଇରିଆ ଆକ୍ରାନ୍ତଙ୍କ ଝାଡ଼ା ନମୁନାରେ ହଇଜା (କଲେରା) ଜୀବଣୁ ଚିହ୍ନଟ ହୋଇଛି।

ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ରବିବାର ଯାଜପୁର ଜିଲା ଗସ୍ତରେ ଆସି ବଡ଼ଚଣା, ☞ପୃଷ୍ଠା-୨

## ସରକାର ସଜାଗ ଅଛନ୍ତି: ମୁଖ୍ୟମନ୍ତ୍ରୀ

### ହାଇଆଲର୍ଟ ମୋଡ୍‌ରେ ରହିବ ସବୁ ସ୍ୱାସ୍ଥ୍ୟକେନ୍ଦ୍ର

**ଭୁବନେଶ୍ୱର,୧୫।୬ (ରବିନାରାୟଣ ଜେନା)**

ଯାଜପୁର ଏବଂ କେନ୍ଦୁଝର ଜିଲାର କେତେକ ଅଞ୍ଚଳରେ ଝାଡ଼ାବାନ୍ତି ଘଟଣାକୁ ସରକାର ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଏସଂକ୍ରାନ୍ତରେ ତୁରନ୍ତ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ତଥା ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀଙ୍କୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ପଡ଼ୋଶୀ ଜିଲାକୁ ଯେପରି ଏହି ରୋଗ ନ ବ୍ୟାପିବ ସେଥିପାଇଁ ସେମାନଙ୍କୁ ସଜାଗ ରହିବା ପାଇଁ ପରାମର୍ଶ ଦିଆଯାଉଛି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ସୂଚନା ଅନୁଯାୟୀ, ଜିଲାର ସବୁ ସ୍ୱାସ୍ଥ୍ୟକେନ୍ଦ୍ରକୁ



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

ହାଇଆଲର୍ଟ ମୋଡ୍‌ରେ ରଖାଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାସହିତ ଯାଜପୁର ଜିଲାର ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ଇରାନର ପରମାଣୁ ଶକ୍ତି**




# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ସୃଜନୀ ଶତରୂପାର ରଜ ଆସର, ପୁସ୍ତକ ଉନ୍ମୋଚନ ଓ ଆଲୋଚନା ଚକ୍ର, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ଅପରାହ୍ନ ୫ଟା।
- ଦିବ୍ୟଦିଗନ୍ତର ରଜ ମହୋତ୍ସବ, ସ୍ଥାନ: ରାଜଧାନୀ କଳା ସଂସଦ, ୟୁନିଟ୍-୩, ସମୟ: ଅପରାହ୍ନ ୫ଟା।

## ବାଲେଶ୍ୱର

- ବୀର ବଜରଙ୍ଗବାଲୀ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ମେଳକ, ତଳତାପଣ୍ଡା, ବସ୍ତା, ସମୟ: ଦିବସବ୍ୟାପୀ।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ରେମୁଣା, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ବିକାଶ ମେଳାର ପଞ୍ଚମ ଦିବସ, ସ୍ଥାନ: ରିଜର୍ଭ ପୋଲିସ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।
- ସୁନ୍ଦରପୁର ରଜ ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ସୁନ୍ଦରପୁର ହାଇସ୍କୁଲ ପଡ଼ିଆ, ଖଇରା, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ

- ଭେଡ଼ା ରଜ ମହୋତ୍ସବ, ସ୍ଥାନ: ବାଲିମେଦ ମେଳଣ ପଡ଼ିଆ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ରଜ ମହୋତ୍ସବ ଉଦ୍‌ଯାପନୀ ଦିବସ, ସ୍ଥାନ: ନାୟକାଣିଡିହୀ, ବାସୁଦେବପୁର, ସମୟ : ପୂର୍ବାହ୍ନ୧୦ ଟା।
- ରଜ ମହୋତ୍ସବ ତୃତୀୟ ସନ୍ଧ୍ୟା, ସ୍ଥାନ: ରାମଗଡ଼ ମେଳଣ ପଡ଼ିଆ, ଆଗରପଡ଼ା, ସମୟ: ଅପରାହ୍ନ ୫ଟା।
- ଜିଲାସ୍ତରୀୟ ବିକାଶ ମେଳା, ସ୍ଥାନ: ନେହେରୁ ଷ୍ଟାଡିୟମ୍, ଭଦ୍ରକ, ସମୟ: ଅପରାହ୍ନ ୫ଟା।
- ଶ୍ରୀଜଗନ୍ନାଥ ଆଞ୍ଚଳିକ ରଜ ମହୋତ୍ସବର ୪ର୍ଥ ସନ୍ଧ୍ୟା, ସ୍ଥାନ: କପାଳୀକ୍ଷେତ୍ର ନିମାପଡ଼ା, ବନ୍ତ, ସମୟ: ସନ୍ଧ୍ୟା ୬ ଟା।

## ମୟୂରଭଞ୍ଜ

- ଗୋପବନ୍ଧୁ ନଗର ପ୍ରେସ କ୍ଲବ୍ ପକ୍ଷରୁ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ଚତୁରେଶ୍ୱର ଉଚ୍ଚ ବିଦ୍ୟାଳୟ ପରିସର, ଚତୁରୀ, ପୁରୁଣା ବାରିପଦା, ସମୟ: ସକାଳ ୮ଟା।
- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, କରଞ୍ଜିଆ, ସମୟ: ପୂର୍ବାହ୍ନ ୧୦ଟା।
- ବିକାଶ ମେଳା, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଅନ୍ନଭୋଗ ବିକ୍ରି, ସ୍ଥାନ: ପୂର୍ଣ୍ଣେଶ୍ୱର ମନ୍ଦିର,କରଞ୍ଜିଆ, ସମୟ: ଅପରାହ୍ନ ୨ଟା।

## ବ୍ରହ୍ମପୁର

- ବିକାଶ ମେଳା, ସ୍ଥାନ: ଖଲ୍ଲିକୋଟ କଲେଜ ଖେଳପଡିଆ,ସମୟ: ପୂର୍ବାହ୍ନ ୧୦ଟା।
- ଅନ୍ତର୍ଜାତୀୟ ବାଣିଜ୍ୟ ମେଳା, ସ୍ଥାନ: ୟୁସିପି କଲେଜ ଖେଳପଡିଆ, ସମୟ: ଅପରାହ୍ନ ୨ଟା୩୦।

## ଗଞ୍ଜାମ

- ବିଶ୍ୱ ସମୁଦ୍ର କଇଁଛ ଦିବସ, ସ୍ଥାନ: ଗଞ୍ଜାମ କଣ୍ଟିଆଗଡ, ସମୟ: ସକାଳ ୯ଟା।

## ଢେଙ୍କାନାଳ

- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଓଡ଼ାପଡ଼ା ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦ୍ରାପଡ଼ା

- ପ୍ରଶାସନିକ ମିଳିତ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି ଗୃହ, ମାର୍ଶାଘାଇ, ସମୟ: ସକାଳ ୭ଟା।
- ହଂସୁଆ କଳା ପ୍ରତିଷ୍ଠାନ ପକ୍ଷରୁ ରଜ ମହୋତ୍ସବ, ସ୍ଥାନ: ବରୁଣେଶ୍ୱର ମନ୍ଦିର ପରିସର, କେରଡାଗଡ଼, ରାଜନଗର, ସମୟ: ସକାଳ ୭ଟା।
- ମଧୁବାବା ଯୁବକ ସଂଘ ପକ୍ଷରୁ ରଜ ମହୋତ୍ସବ, ସ୍ଥାନ: କନ୍ତିଆ ମଠ, କେନ୍ଦ୍ରାପଡ଼ା, ସମୟ: ସକାଳ ୭ଟା।
- ମୁର୍ଚ୍ଛନା ଓ ଓଡ଼ିଶା କଲଚର ଆର୍ଟ ଏକାଡେମୀ ପକ୍ଷରୁ ରଜ ମହୋତ୍ସବ, ସ୍ଥାନ: ଠାକୁରହାଟ, ଡେରାବିଶ, ସମୟ: ସକାଳ ୯ଟା
- ବାଗଦେବୀ କଳା ମନ୍ଦିର ପକ୍ଷରୁ ରଜ ମହୋତ୍ସବ, ସ୍ଥାନ: ଦକ୍ଷିଣକାଳୀ ମନ୍ଦିର, ଭରତପୁର, କେନ୍ଦ୍ରାପଡ଼ା, ସମୟ: ସକାଳ ୯ଟା।
- ରଜ ମହୋତ୍ସବ, ସ୍ଥାନ: ବଗଡା, କେନ୍ଦ୍ରାପଡ଼ା, ସମୟ: ଅପରାହ୍ନ ୩ଟା।
- ବିକାଶ ମେଳା ଓ ପଲ୍ଲିଶ୍ରୀ ମେଳା, ସ୍ଥାନ: ମାଉସୀ ମା' ମନ୍ଦିର ସମ୍ମୁଖ ରଥଦାଣ୍ଡ, ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୪ଟା।
- ବିଶ୍ୱଶାନ୍ତି ନାମଯଜ୍ଞ, ସ୍ଥାନ: ମା' ସାହାଡା ସୁନ୍ଦରୀ ମନ୍ଦିର, ମେଣ୍ଢପୁର, ଆଳି, ସମୟ: ଅପରାହ୍ନ ୫ଟା।
- ମା' ବୁଢ଼ୀ ମଙ୍ଗଳା ଯୁବକ ସଂଘ ପକ୍ଷରୁ ରଜ ମହୋତ୍ସବ, ସ୍ଥାନ: ଗଳିଦାଣ୍ଡ, ରାଜନଗର, ସମୟ: ସନ୍ଧ୍ୟା ୬ଟା।
- ମା' ପାଟକୁମାରୀ କଳାବିକାଶ ଯୁବ ସଙ୍ଗଠନ ପକ୍ଷରୁ ନାଟକ ପ୍ରଦର୍ଶନ, ସ୍ଥାନ: ଏଣ୍ଡୁଳାପୁର, ରାଜନଗର, ସମୟ: ସନ୍ଧ୍ୟା ୭ଟା।

## ଯାଜପୁର

- ମା' ମଙ୍ଗଳା ଷ୍ଟାର୍ କ୍ଲବ ପକ୍ଷରୁ ରଜମହୋତ୍ସବ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତାର ୩ୟ ଦିବସ, ସ୍ଥାନ: ଧର୍ମଶାଳା ବ୍ଲକ୍ ଅଧୀନ କଦମପାଳ ହାଇସ୍କୁଲ ପାଖ ଦୋଳି ପଡ଼ିଆ, ସମୟ: ସକାଳ ୮ଟା।
- ଗୁରୁଚରଣ ସ୍ମାରକୀ ଆଞ୍ଚଳିକ ରଜ ମହୋତ୍ସବର ୩ୟ ଦିବସ, ସ୍ଥାନ: ଧର୍ମଶାଳା ବ୍ଲକ୍‌ର କଦମପାଳ ସ୍ମୃତିପୀଠ ପଡ଼ିଆ, ସମୟ: ସକାଳ ୯ଟା।
- ଚନ୍ଦନ ଜୁଏଲେରି ପକ୍ଷରୁ ରଜ ମହୋତ୍ସବ ଅବସରରେ ନୃତ୍ୟ ପ୍ରତିଯୋଗିତା, ସ୍ଥାନ: ବ୍ୟାସନଗର ସଂସ୍କୃତି ଭବନ, ସମୟ : ଅପରାହ୍ନ୩ଟା।
- ରଜ ମହୋତ୍ସବ, ସ୍ଥାନ : ରଗଡି କାମୁଡ଼େଇ ପୀଠ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ରଜ ମହୋତ୍ସବ କମିଟି ଓ ନୟାଗଡ଼ ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ରଜ ମହୋତ୍ସବର ଉଦ୍‌ଯାପନ ଦିବସ, ସ୍ଥାନ: ନୟାଗଡ ସହର ରାଜବଗିଚା, ସମୟ:ପୂର୍ବାହ୍ନ ୯ଟା।
- ରଜ ମହୋତ୍ସବର ତୃତୀୟ ଦିବସ, ସ୍ଥାନ:ଖଣ୍ଡପଡ଼ା ଉମାଦେବୀ ପୀଠ, ସମୟ: ଅପରାହ୍ନ ୪ଟା।
- ରଜ ମହୋତ୍ସବର ଅନ୍ତିମ ଦିବସ, ସ୍ଥାନ:ନୟାଗଡ଼ ବ୍ଲକ୍ ଇଟାମାଟି ତନ୍ତିସାହି, ସମୟ: ଅପରାହ୍ନ ସାଢ଼େ ୩ଟା।
- ବେଣାଗାଡିଆ ପଞ୍ଚାୟତ ପ୍ରିମିୟର ଲିଗ୍ କ୍ରିକେଟର ୩ୟ ଦିବସ, ସ୍ଥାନ:ଖଣ୍ଡପଡା ବ୍ଲକ ବେଣାଗାଡିଆ ଉପ୍ରା ସ୍କୁଲ ଖେଳପଡିଆ, ସମୟ: ସନ୍ଧ୍ୟା ୭ଟା।
- ରଘୁନାଥ୍ ଆଥ୍‌ଲେଟିକ୍ ଆସୋସିଏଶନ ପକ୍ଷରୁ ୧୬ତମ ଓଡ଼ଗାଁ କ୍ରିକେଟ ଲିଗ୍ ଫାଇନାଲ୍ ଟୁର୍ନାମେଣ୍ଟର ଉଦ୍‌ଯାପନୀ ଉତ୍ସବ, ସ୍ଥାନ:ଓଡ଼ଗାଁ ମିନି ଷ୍ଟାଡିୟମ, ସମୟ:ପୂର୍ବାହ୍ନ ୧୦ଟା।
- ବିକଶିତ ଓଡିଶା ଜିଲା ସ୍ତରୀୟ କର୍ମଶାଳାରେ ମନ୍ତ୍ରୀଙ୍କ ସମୀକ୍ଷା, ସ୍ଥାନ: ଜିଲା ପରିଷଦର ସମ୍ମିଳନୀ କକ୍ଷ ସୃଜନ, ସମୟ: ପୂର୍ବାହ୍ନ ସାଢ଼େ ୧୧ଟା।

## ରାୟଗଡ଼ା

- ସାଇପ୍ରିୟା ୱେଲ ଫର ଟ୍ରଷ୍ଟ ପକ୍ଷରୁ ଚାରାରୋପଣ, ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ, ସ୍ଥାନ: ସାଇପ୍ରିୟା ନଗର କାର୍ଯ୍ୟାଳୟ, ସମୟ: ସକାଳ ୭ଟା।
- ବିକାଶ ବାହନ ପରିଭ୍ରମଣ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ, ସ୍ଥାନ: ଗୁଣପୁର ପୌର ପରିଷଦ କାର୍ଯ୍ୟାଳୟ, ସମୟ: ସକାଳ ୯ ଟା।
- ଅମ୍ବିକା କିଶୋରୀ ସୁଭଦ୍ରା ଦିବସ ସହ ରଜ ଉତ୍ସବ ପାଳନ, ସ୍ଥାନ: ଅଶୋକ କଲ୍ୟାଣ ମଣ୍ଡପ, ରାୟଗଡା, ସମୟ: ସକାଳ ୯ ଟା।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ଉପ ଜିଲାପାଳଙ୍କ କାର୍ଯ୍ୟାଳୟ, ଗୁଣପୁର, ସମୟ: ପୂର୍ବାହ୍ନ ୧୦ଟା।
- ରଜ ମହୋତ୍ସବ ଉପଲକ୍ଷେ ପିଠା ପ୍ରତିଯୋଗିତା ପୁରସ୍କାର ବିତରଣ କାର୍ଯ୍ୟକ୍ରମ, ସ୍ଥାନ: ମହିଳା ସଂସ୍କୃତି ଅନୁଷ୍ଠାନ, ରାୟଗଡା, ସମୟ: ଅପରାହ୍ନ ୪ଟା ।
- ରଜ ଉତ୍ସବ ପାଳନ, ସ୍ଥାନ: ସଂସ୍କୃତି ଅନୁଷ୍ଠାନ, ରାୟଗଡା, ସମୟ: ସନ୍ଧ୍ୟା ୬ଟା।

## ନବରଙ୍ଗପୁର

- ଜିଲାପାଳଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ପଞ୍ଚାୟତ ସମିତି, ଝରିଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ବିକାଶ ମେଳାରେ କୃଷକ ସମାବେଶ, ସ୍ଥାନ: ମଣ୍ଡେଇ ପଡିଆ, ନବରଙ୍ଗପୁର, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ

- ଜିଲାସ୍ତରୀୟ ଅଭିଯୋଗ ଶୁଣାଣି, ସ୍ଥାନ: ନାରାୟଣପାଟଣା ବ୍ଲକ୍ ପରିସର, ସମୟ: ସକାଳ ୭ଟା।
- ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି, ସ୍ଥାନ: ବଡକେରେଙ୍ଗା ପଞ୍ଚାୟତ କାର୍ଯ୍ୟାଳୟ, କୋରାପୁଟ, ସମୟ: ସକାଳ ୭ଟା।
- ବିକାଶ ବାହନ ଉଦ୍‌ଘାଟନ, ସ୍ଥାନ: ପୌରପାଳିକା ପାର୍କ, ଜୟପୁର, ସମୟ: ସକାଳ ୮ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ଗୁଆଳି ପଞ୍ଚାୟତ, କୋଟପାଡ଼, ସମୟ: ସକାଳ ୯ଟା।
- ନୂତନ ରାଜ୍ୟ ଗଠନ ନେଇ ଆଲୋଚନା, ସ୍ଥାନ: ଆଦିବାସୀ ସଂଗ୍ରହାଳୟ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ମାଳିବେଲଗାଁ ପଞ୍ଚାୟତ, ନନ୍ଦପୁର, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ ପରଜା ମୁଠାଇ, ସେମିଳିଗୁଡ଼ା ବ୍ଲକ୍, ସମୟ: ପୂର୍ବାହ୍ନ ୧୦ଟା।
- ୫ ଓଏଏସ୍ ପ୍ରଶିକ୍ଷାର୍ଥୀଙ୍କ ୫ ଦିନିଆ ନନ୍ଦପୁର ବ୍ଲକ ଗସ୍ତ, ସ୍ଥାନ: ନନ୍ଦପୁର ବ୍ଲକ୍ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଏମ୍‌ଏୟୁ ସ୍ୱାକ୍ଷର କାର୍ଯ୍ୟକ୍ରମ, ସ୍ଥାନ: କୋଟସ ସମ୍ମିଳନୀ ଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ପଞ୍ଚାୟତସ୍ତରୀୟ ଅଭିଯୋଗ ଓ ଜନଶୁଣାଣି, ସ୍ଥାନ: ପୁଜାରିପୁର, ଜୟପୁର, ସମୟ: ପୂର୍ବାହ୍ନ ୧୧ଟା।
- ୨ଦିନିଆ କର୍ମଶାଳା ଉଦ୍‌ଯାପନୀ, ସ୍ଥାନ: ବ୍ରହ୍ମକୁମାରୀ ପରିସର, ସେମିଳିଗୁଡ଼ା, ସମୟ: ଅପରାହ୍ନ ୪ଟା।
- ରଜ ମହୋତ୍ସବ ଉଦ୍‌ଯାପନୀ, ସ୍ଥାନ: ହାଲ ଭଞ୍ଜ ମଣ୍ଡପ, ସୁନାବେଡା, ସମୟ: ସନ୍ଧ୍ୟା ୭ଟା।

## ସମ୍ବଲପୁର

- ଜିଲା କିକ୍ ବକ୍ସିଂ ସଂଘ ପକ୍ଷରୁ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ସକାଳ ୬ଟା ।
- ସାଓଲିନ କୁଙ୍ଗ୍ ଫୁ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ : ଜିଲା ଜୁଡୋ ହଲ, ସମୟ : ସକାଳ ୬ଟା ୩୦ ।
- ଜିଲା କ୍ରୀଡା ସଂଘ ଆୟୋଜିତ ଡାକ୍ତର ସନାତନ ବେହେରା ସ୍ମାରକୀ ଜିଲାସ୍ତରୀୟ ଫୁଟବଲ ଲିଗ, ସ୍ଥାନ : ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୩ଟା ୩୦ ।
- ରଜ ମଉଜ ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ପାନ୍ଥ ନିବାସ, ସମୟ : ଅପରାହ୍ନ ୫ଟା୩୦ ।
- ଜିଲାସ୍ତରୀୟ ବିକାଶ ମେଳାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ : ଧନକଉଡା ଖେଳ ପଡିଆ, ସମୟ : ସନ୍ଧ୍ୟା ୫ଟା ୩୦ ।
- ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ଆଖି ଚାପ ପରୀକ୍ଷା ଶିବିର, ସ୍ଥାନ : ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନ, ସମୟ : ସନ୍ଧ୍ୟା ୬ଟା ୩୦ ।

## ରାଉରକେଲା

- ରଥଯାତ୍ରା ପ୍ରସ୍ତୁତି ବୈଠକ, ସ୍ଥାନ: ସେକ୍ଟର-୩, ସମୟ: ପୂର୍ବାହ୍ନ ୧୦ଟା।
- ଗୁରୁକୁଳ ଆଶ୍ରମରେ ରାମପ୍ରସାଦଙ୍କ ଜୟନ୍ତୀ ପାଳନ, ସ୍ଥାନ: ବେଦବ୍ୟାସ, ସମୟ: ପୂର୍ବାହ୍ନ ୧୦ଟା। ବିକାଶ ବାହନ ଯାତ୍ରା କାର୍ଯ୍ୟକ୍ରମ, ସ୍ଥାନ: ମାଲଗୋଦାମ, ସମୟ: ପୂର୍ବାହ୍ନ ୧୦ଟା।
- ପରିଚୟ ଆୟୋଜିତ ରଜ ମହୋତ୍ସବ-୨୦୧୫ ଉଦ୍‌ଯାପନୀ ସମାରୋହ, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୭ଟା।
- ରଜପର୍ବ ପାଳନ ସମାରୋହ, ସ୍ଥାନ: ଜଗଦା ବାବା ଲୋକନାଥ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼

- ଜିଲାସ୍ତରୀୟ ବିକାଶ ମେଳା, ସ୍ଥାନ: ଯଦୁମଣି ପ୍ରଧାନ ଅଡିଟୋରିୟମ, ବରଗଡ଼, ସମୟ: ସକାଳ ୭ଟା।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ନାକେଇ ନାକରେ ଗୁଣା
ପାକେଇ ଖାଉଛି ଚଣା
କୁମ୍ଭାର ଉହାରେ ଚାନ୍ଦୁଆ ଟଣା
ଏ ସବୁ ବିଡ଼ମ୍ବନା।**

ଯାହାର ନାକ ଅସୁନ୍ଦର, ତା' ପାଇଁ ନାକଗୁଣା ସେତେ ଗୁରୁତ୍ୱ ରଖି ନ ଥାଏ। ଚଣା ଭଳି ଟାଣ ଜିନିଷ ଖାଇବା ପାଇଁ ମଜଭୁତ ଦାନ୍ତର ଆବଶ୍ୟକତା ପଡ଼ିଥାଏ। ବିନା ଦାନ୍ତରେ ଚଣା ଖାଇବା କଷ୍ଟକର ହୋଇଯାଇଥାଏ। କୁମ୍ଭାର, ଯାହାର ମାଟି କାଦୁଅରେ କାମ ତା' ଦୁଆରେ ଚାନ୍ଦୁଆ ଟଣାଯିବା ମୂଲ୍ୟହୀନ ହୋଇଥାଏ। ଏସବୁ ଅକାରଣ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ନେଥେଇ ଫୁଲୀର କାନରେ କାପ
କାନ କରୁଥିଲା କାଆପ କାପ।**


ମହିଳାମାନେ ସାଧାରଣତଃ ଗହଣାପ୍ରିୟ ହୋଇଥାନ୍ତି। ଅଳଙ୍କାର ପିନ୍ଧି ଅନ୍ୟ ଆଗରେ ଦେଖେଇ ହେବାରେ ଖୁସି ଅନୁଭବ କରିଥାନ୍ତି। କାନରେ ସାମାନ୍ୟ ଅଳଙ୍କାର ପିନ୍ଧି ଅନ୍ୟ ଆଗରେ ଛଇଛଟକି ଦେଖେଇ ହେଉଥିବା ମହିଳାଙ୍କ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ-ଫ୍ରେଣ୍ଡ୍‌ସ ପବ୍ଲିଶର୍ସ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ମହାଦେବଙ୍କ ଭୂମିକାରେ ଅକ୍ଷୟ



**'କନ୍ନାପା' ଟ୍ରେଲର ଆଉଟ୍**

ହାଇଦ୍ରାବାଦ

ଚଳିତ ବର୍ଷର ବହୁ ପ୍ରତୀକ୍ଷିତ ସାଉଥ୍ ସିନେମା ତଥା ମଲ୍ଟିଷ୍ଟାରର୍ ମୁଭି 'କନ୍ନାପା' ଆସନ୍ତା ଜୁନ ୨୭ରେ ରିଲିଜ୍ ହେବାକୁ ଯାଉଛି। ରବିବାର ଏହାର ଟ୍ରେଲରକୁ ଜାରି କରାଯାଇଛି। ଏହି ଟ୍ରେଲରରେ ଅଭିନେତା ପ୍ରଭାସ୍, ମୋହନଲାଲ, ବିଷ୍ଣୁ ମଞ୍ଚୁ, ଅକ୍ଷୟ କୁମାରଙ୍କ ସହ ଅଭିନେତ୍ରୀ କାଜଲ ଅଗ୍ରୱାଲଙ୍କୁ ଦେଖିବାକୁ ମିଳିଛି। ଟ୍ରେଲର ଦେଖିବା ପରେ ଫିଲ୍ମକୁ ନେଇ ସିନେ ପ୍ରେମୀଙ୍କ ମଧ୍ୟରେ ଉତ୍ସାହ ବଢ଼ିଛି।

୨ ମିନିଟ୍ ୫୪ ସେକେଣ୍ଡର ଏହି ଟ୍ରେଲରରେ 'କନ୍ନାପା' ନାମକ ଜଣେ ନାସ୍ତିକ ବ୍ୟକ୍ତିଙ୍କ ଭୂମିକାରେ ସାଉଥ୍ ଷ୍ଟାର୍ ବିଷ୍ଣୁ ମଞ୍ଚୁଙ୍କୁ ଦେଖିବାକୁ ମିଳିଛି। କିପରି କନ୍ନାପା ଜଣେ ନାସ୍ତିକରୁ ଭଗବାନ ଶିବଙ୍କ ବଡ଼ ଭକ୍ତରେ ପରିଣତ ହେଉଛନ୍ତି, ତାହାକୁ ନେଇ ଫିଲ୍ମର କାହାଣୀ ପର୍ଯ୍ୟବସିତ। ଅକ୍ଷୟ ଏହି ଟ୍ରେଲରରେ ଭଗବାନ ଶିବଙ୍କ ଭୂମିକାରେ ନଜରକୁ ଆସିଛନ୍ତି। ସେହିପରି କାଜଲଙ୍କୁ ଦେବୀ ପାର୍ବତୀଙ୍କ ଭୂମିକାରେ ଦେଖିବାକୁ ମିଳିଛି। ପ୍ରଭାସଙ୍କୁ ଭଗବାନ ମହାଦେବଙ୍କ ବଡ଼ ଭକ୍ତ ରୁଦ୍ରଙ୍କ ଭୂମିକାରେ ଦେଖିବାକୁ ମିଳିଛି, ଯିଏ କନ୍ନାପାଙ୍କୁ ଶିବ ଭକ୍ତ ହେବା ପାଇଁ ମାର୍ଗ ଦର୍ଶନ ଦେଇଛନ୍ତି। ମୁକେଶ କୁମାର ସିଂଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ ତେଲୁଗୁ, ତାମିଲ, କନ୍ନଡ଼, ମାଲୟାଲମ ଏବଂ ହିନ୍ଦୀ ଭାଷାରେ ରିଲିଜ୍ ହେବ।

# ପ୍ରଥମ ପୃଷ୍ଠାରୁ...

## ହେଲିକପ୍ଟର ଦୁର୍ଘଟଣାରେ ...

ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଗତ ଏପ୍ରିଲ ୩୦ରୁ ଚାରଧାମ ଯାତ୍ରା ଆରମ୍ଭ ହୋଇଥିବାବେଳେ ଇତିମଧ୍ୟରେ ଏହା ୫ମ ହେଲିକପ୍ଟର ଦୁର୍ଘଟଣା। ଏହି ଦୁର୍ଘଟଣାରେ ମୋଟ ୧୩ ଜଣଙ୍କ ଜୀବନ ଗଲାଣି।

୩ ଦିନ ପୂର୍ବରୁ ଅହମଦାବାଦରେ ଏୟାର ଇଣ୍ଡିଆର ଏକ ବିମାନ ଦୁର୍ଘଟଣାଗ୍ରସ୍ତ ହେବାରୁ ସେଥିରେ ଥିବା ୨୪୧ ଜଣଙ୍କ ସମେତ ୨୭୪ ଜଣଙ୍କ ମୃତ୍ୟୁ ଘଟିଥିଲାବେଳେ ରବିବାର ଭୋର ୫ଟା ୨୦ ମିନିଟ୍ ସମୟରେ ଖରାପ ପାଗ ଏବଂ ସ୍ୱଳ୍ପ ଦୃଶ୍ୟମାନତା ଯୋଗୁ ଘରୋଇ କମ୍ପାନୀ ଆର୍ଯ୍ୟନ ଆଭିଏଶନ୍‌ର ବେଲ୍୪୦୭ ହେଲିକପ୍ଟର ଗୌରୀକୁଣ୍ଡ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇ ନିଆଁ ଲାଗିଯାଇଥିଲା। ଏହି ଦୁର୍ଘଟଣା ପରେ ୨ ଦିନ ପାଇଁ ହେଲିକପ୍ଟର ସେବା ବନ୍ଦ ରଖିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ମୃତକଙ୍କ ମଧ୍ୟରେ ବଦ୍ରିନାଥ-କେଦାରନାଥ ମନ୍ଦିର କମିଟି ସଦସ୍ୟ ବିକ୍ରମ ସିଂ ରାୱତ ରହିଛନ୍ତି। ହେଲିକପ୍ଟରର ପାଇଲଟ୍ ରାଜବୀର ସିଂ ଚୌହାନ (୩୯) ଭାରତୀୟ ବାୟୁସେନାରେ ୧୫ ବର୍ଷରୁ ଊର୍ଦ୍ଧ୍ୱ କାର୍ଯ୍ୟ କରିଥିବାରୁ ତାଙ୍କର ବିମାନ ଉଡ଼ାଣରେ ପର୍ଯ୍ୟାପ୍ତ ଅଭିଜ୍ଞତା ରହିଥିଲା। ସେ ଗତବର୍ଷ ଅକ୍ଟୋବରରୁ ଆର୍ଯ୍ୟନ ଆଭିଏଶନ ପ୍ରା.ଲିଃରେ ପାଇଲଟ୍ ଭାବେ କାର୍ଯ୍ୟ କରୁଥିଲେ। ମୃତ ଯାତ୍ରୀଙ୍କ ମଧ୍ୟରେ ମହାରାଷ୍ଟ୍ର ୟାଭାତମାଲ୍‌ର ଜୟସ୍ୱାଲ ପରିବାରର ୩ ଜଣ ରହିଛନ୍ତି। ସେମାନେ ହେଲେ ରାଜକୁମାର ସୁରେଶ ଜୟସ୍ୱାଲ, ଶ୍ରଦ୍ଧା ଜୟସ୍ୱାଲ ଓ ସେମାନଙ୍କର ୨୩ ମାସର ଝିଅ କାଶୀ ରାଜକୁମାର ଜୟସ୍ୱାଲ। ସେମାନଙ୍କ ପୁଅ ଜେଜେବାପାଙ୍କ ସହ ଥିବାରୁ ବଞ୍ଚିଯାଇଛନ୍ତି। ଅନ୍ୟ ମୃତକ ହେଲେ ଉତ୍ତରପ୍ରଦେଶର ବିନୋଦ ଦେବୀ(୬୬) ଏବଂ ତ୍ରିଷ୍ଟି ସିଂ(୧୯)।

ସ୍ଥାନୀୟ ଲୋକେ ଗୋରୁଙ୍କ ପାଇଁ ଘାସ କାଟିବାକୁ ଜଙ୍ଗଲକୁ ଯାଇଥିବାବେଳେ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହେବା ଦେଖି ପ୍ରଶାସନକୁ ଜଣାଇଥିଲେ। ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍) ଏବଂ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବଳ (ଏସ୍‌ଡିଆର୍‌ଏଫ୍) କର୍ମଚାରୀମାନେ ସକାଳ ୭ଟା ସୁଦ୍ଧା ଘଟଣାସ୍ଥଳରେ ପହଞ୍ଚି ପାହାଡ଼ ଚଢ଼ିବା ପରେ ସକାଳ ୮ଟା ୫୫ରେ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଥିଲେ। ସମସ୍ତ ମୃତଦେହକୁ ଠାବ କରାଯାଇଥିବାବେଳେ ଡିଏନ୍‌ଏ ପରୀକ୍ଷା ପରେ ସେମାନଙ୍କ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରାଯିବ ବୋଲି ଆଇଜି ରାଜୀବ ସ୍ୱରୂପ କହିଛନ୍ତି। ହେଲିକପ୍ଟର ଦୁର୍ଘଟଣା ପରେ ମୁଖ୍ୟମନ୍ତ୍ରୀ ଧାମି ବରିଷ୍ଠ ଅଧିକାରୀମାନଙ୍କୁ ନେଇ ଏକ ଉଚ୍ଚସ୍ତରୀୟ ବୈଠକ କରିଛନ୍ତି। ଏଥିରେ ଯାତ୍ରୀଙ୍କ ସୁରକ୍ଷା ପ୍ରୋଟୋକଲ ଓ ପ୍ରଭାବଶାଳୀ ପ୍ରଶମନ ସମନ୍ୱୟର ସମୀକ୍ଷା କରାଯାଇଛି। ଏଥିସହ ମୁଖ୍ୟମନ୍ତ୍ରୀ ଏକ ବୈଷୟିକ କମିଟି ଗଠନ ପାଇଁ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ କମିଟି ରାଜ୍ୟରେ ହେଲିକପ୍ଟର ଚଳାଚଳ ପାଇଁ ସୁରକ୍ଷା ଓ ଟେକ୍ନିକାଲ ପ୍ରୋଟୋକଲର ବିସ୍ତୃତ ସମୀକ୍ଷା କରିବ। ହେଲିକପ୍ଟରର ବୈଷୟିକ ସ୍ଥିତି ସମ୍ପୂର୍ଣ୍ଣ ଯାଞ୍ଚ ହେବା ସହ ଉଡ଼ାଣ ପୂର୍ବରୁ ପାଣିପାଗ ସମ୍ପର୍କିତ ଠିକ୍ ତଥ୍ୟ ଦିଆଯିବ। ଏଥିସହ ସୁରକ୍ଷା, ସ୍ୱଚ୍ଛତା ଓ ନିୟାମକ ଅଭିଯୋଗ ସେବାକୁ ସୁନିଶ୍ଚିତ କରିବା ପାଇଁ ଏକ ନୂଆ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରସିଡ୍ୟୁର (ଏସ୍‌ଓପି) ଚିଠା ପ୍ରସ୍ତୁତ କରିବ।

## ଯାଜପୁର ଡାଇରିଆ...

ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀମାନଙ୍କ ସହ ଆଲୋଚନା କରିବା ପରେ ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରିଥିଲେ। ଏହାପରେ ସେ ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ସେଠାରୁ ଆନନ୍ଦପୁର ଯାଇଥିଲେ। ତାଙ୍କ ସହିତ ଯାଜପୁର ଜିଲାପାଳ ପି.ଅନ୍ୱେଷା ରେଡ୍ଡୀ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ବଡ଼ଚଣା ବିଧାୟକ ଅମର ନାୟକ ଓ ଅନ୍ୟ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଉପସ୍ଥିତ ରହିଥିଲେ। ଏହାବାଦ ଏକ ୧୪ ଜଣିଆ କେନ୍ଦ୍ରୀୟ ଦଳ ଯାଜପୁରରେ ପହଞ୍ଚି ହଇଜା ସ୍ଥିତିର ସମୀକ୍ଷା କରିଛନ୍ତି। ଏହି ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଜିଲାରେ ୨୫୮ ଜଣ ରୋଗୀ ଚିକିତ୍ସାଧୀନ ଥିବା ଜଣାପଡିଛି। ଅନ୍ୟପକ୍ଷେ ଯାଜପୁର ସିଡିଏମଓ ବିଜୟ କୁମାର ମିଶ୍ର କହିଛନ୍ତି, ରବିବାର ହୋଇଥିବା ମୃତ୍ୟୁ ଡାଇରିଆ ପାଇଁ ନୁହେଁ। ଅନ୍ୟ କାରଣରୁ ସେମାନଙ୍କ ମୃତ୍ୟୁ ହୋଇଛି। ବ୍ରହ୍ମପୁର ଓ କଟକ ମେଡିକାଲରୁ ସ୍ୱତନ୍ତ୍ର ଟିମ ପହଞ୍ଚି ରବିବାର ୧୭ଟି ନମୁନା ସଂଗ୍ରହ କରି ହଇଜା ପରୀକ୍ଷା ପାଇଁ ପଠାଯାଇଛି। ଯାଜପୁର ଜିଲାର ବରୀ ବ୍ଲକ୍‌ରେ ଫାଷ୍ଟଫୁଡ୍ ଦୋକାନ, ହୋଟେଲ ଓ ଢାବା ଆଦି ୨ ସପ୍ତାହ ପର୍ଯ୍ୟନ୍ତ ବନ୍ଦ ରହିବ ବୋଲି ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

## ସରକାର ସଜାଗ ...

ସମସ୍ତ ପାନୀୟ ଜଳ ଉତ୍ସକୁ ଯଥାଶୀଘ୍ର ବିଶୋଧନ କରିବା, ଅନ୍ୟାଦେଶ ପର୍ଯ୍ୟନ୍ତ ରାସ୍ତାକଡ଼ ଖାଦ୍ୟ ଉପରେ କଟକଣା, ଖାଦ୍ୟ ସୁରକ୍ଷା ଯାଞ୍ଚକୁ କଡ଼ାକଡ଼ି କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି। ଝାଡ଼ାବାନ୍ତିକୁ ନିୟନ୍ତ୍ରଣରେ ଆଣିବା ପାଇଁ ଯଥେଷ୍ଟ ଔଷଧ ଏବଂ ଅନ୍ୟାନ୍ୟ ସାମଗ୍ରୀ, ଡାକ୍ତରୀ ଦଳକୁ ନିୟୋଜିତ କରାଯାଇଛି। ରୋଗ ଆରମ୍ଭ ସମୟରୁ ଏ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ କଟକ ବଡ଼ ମେଡିକାଲରୁ ଡାକ୍ତରୀ ଦଳ ଯାଇ ରୋଗୀମାନଙ୍କ ଚିକିତ୍ସା କରିବା ସହ ସ୍ଥିତି ଉପରେ ନଜର ରଖିଛନ୍ତି। ସ୍ୱାସ୍ଥ୍ୟମନ୍ତ୍ରୀ ବିଭିନ୍ନ ଜିଲାର ଡାକ୍ତର ଓ ଅନ୍ୟ ଅଧିକାରୀମାନଙ୍କ ସହ ନିୟମିତ ଆଲୋଚନା କରି ସ୍ଥିତି ଉପରେ ନଜର ରଖୁଛନ୍ତି ଏବଂ ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛନ୍ତି। ରାଜ୍ୟ ସରକାରଙ୍କୁ ଝାଡ଼ାବାନ୍ତି ନିୟନ୍ତ୍ରଣରେ ସହାୟତା କରିବା ପାଇଁ କେନ୍ଦ୍ର ସରକାରଙ୍କ ଭାରତୀୟ ଆୟୁର୍ବିଜ୍ଞାନ ଗବେଷଣା ପରିଷଦର ଟିମ୍ ମଧ୍ୟ ଓଡ଼ିଶା ଆସିଥିଲେ। ସରକାର ଏଥିପ୍ରତି ସଜାଗ ଅଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ବନ୍ଧୁଙ୍କ ପ୍ରେରଣାରେ ଉଦ୍‌ବୁଦ୍ଧ ହୋଇ ନୂତନ ଉତ୍ସାହର ସହ କର୍ମକ୍ଷେତ୍ରରେ ଅଗ୍ରସର ହେବେ। ଧନାଧିପ ରାଶିସ୍ଥ ହେତୁ ଦିନ ଭିତରେ ଯାହାକୁ ଯାହା କହିଲେ କଥା ରହିବ ଓ ଆର୍ଥିକ ସଙ୍କଟ ଦୂର ହେବ। ଶିଳ୍ପ, ବ୍ୟବସାୟ, ପରିବହନ ଶୁକ୍ର ପ୍ରଭାବରେ ସନ୍ତୋଷଜନକ ରହିବ। ଆନୁଷ୍ଠାନିକ କାମରେ ସାମାନ୍ୟ ସମସ୍ୟା ଦେଖାଦେବ।

**ବୃଷ**
ବଳବାନ୍ ରାଶ୍ୟାଧିପ ସହକର୍ମୀଙ୍କ ସହ ସୁବିଧାଜନକ ସ୍ଥିତିରେ କାର୍ଯ୍ୟ ସମ୍ପନ୍ନ କରିବେ। ପ୍ରତ୍ୟେକ କ୍ଷେତ୍ରରେ ସଫଳତା ପାଇବା ସହ ସମ୍ପର୍କୀୟଙ୍କୁ ନିଜ କାମରେ ବିନିଯୋଗ କରାଇବେ। ପୁଅ, ବୋହୂଙ୍କ ମଧ୍ୟରେ ମାନସିକ ଅସ୍ଥିରତା ଦୂରୀଭୂତ ପାଇଁ ପ୍ରଯତ୍ନ କରିପାରନ୍ତି। ଅନ୍ୟମନସ୍କ ହେତୁକ ଭୁଲ୍ କାମ କରି ଅନୁତପ୍ତ ହେବାକୁ ପଡିପାରେ ।

**ମିଥୁନ**
ରାଶିରେ ତିନୋଟି ଗ୍ରହ ଅବସ୍ଥାନ କରି କାର୍ଯ୍ୟସିଦ୍ଧି ସାଙ୍ଗକୁ ବିବାଦରେ ବିଜୟୀ କରାଇବେ। ରାଜନୈତିକ ଗ୍ରହ ରବି ଓ ରାହୁଙ୍କ ପ୍ରଭାବରେ ସରକାରୀକଳ, ରାଜନୈତିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। ଆଲୋଚନା ଏବଂ ବନ୍ଧୁଙ୍କୁ ଆପଣେଇବାରେ ସମର୍ଥ ହେବେ। ପରୋକ୍ଷ ଶତ୍ରୁତା ହେତୁ ବ୍ୟତିକ୍ରମ ସୃଷ୍ଟି ହୋଇପାରେ।

**କର୍କଟ**
ଆଜିର ପ୍ରତ୍ୟୁଷ ଯାତ୍ରା, କର୍ମାରମ୍ଭ, ଅର୍ଥ ସମ୍ପର୍କ, ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ ପ୍ରୀତିପ୍ରଦ ହେବ। ଯେତେ ଚେଷ୍ଟା କଲେ ମଧ୍ୟ ଅନ୍ୟକୁ ଦେଇଥିବା ଜିନିଷଟି ଫେରି ପାଇବା କଷ୍ଟକର ହେବ। ବୟସ୍କଙ୍କ ବାରଣକୁ ଅବମାନନା କରି ଆତ୍ମୀୟଙ୍କ ରୋଷର ଶିକାର ହେବେ। ଶିଳ୍ପ, ବାଣିଜ୍ୟ, ରାଜନୀତି ଓ ପ୍ରଶାସନ କ୍ଷେତ୍ରରେ ସମସ୍ୟାକୁ ସୁଧାରି ନେଇପାରିବେ।

**ସିଂହ**
ଗ୍ରହଙ୍କ ସାମ୍ୟତା କାରଣରୁ ସାମଗ୍ରିକ ଦୃଷ୍ଟିକୋଣରୁ ଦିନଚର୍ଯ୍ୟା ମନ୍ଦ ହେବନି। ମଘା ନକ୍ଷତ୍ର ବିଭିନ୍ନ ଟେନ୍ସନ ହେତୁ କର୍ମକ୍ଷେତ୍ରରେ ବ୍ୟସ୍ତତା ବଢିଯିବ। କାର୍ଯ୍ୟ ହାସଲ ପରିପ୍ରେକ୍ଷୀରେ ପ୍ରିୟଜନଙ୍କୁ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ଅର୍ଥ ସମ୍ପର୍କିତ ଅନୁଚିନ୍ତା, ପିଲାମାନଙ୍କ ସମସ୍ୟା, ନିଜର ଭଗ୍ନ ସ୍ୱାସ୍ଥ୍ୟ ମନକୁ ସାମାନ୍ୟ ଚହଲାଇ ଦେଇପାରେ।

**କନ୍ୟା**
ବୃହସ୍ପତିଙ୍କ ଶୁଭଦୃଷ୍ଟିରୁ ପାରିବାରିକ ସ୍ଥିତି ଓ କର୍ମକ୍ଷେତ୍ର ଭଲ ରହିବ। ପଡ଼ୋଶୀଙ୍କୁ ପ୍ରଲୋଭିତ କରି ନିଜ କାମରେ ଲଗାଇବାରେ ସମର୍ଥ ହେବେ। ଜମିଜମା କାରବାର, ଯାନ୍ତ୍ରିକ ଜିନିଷର ମରାମତି, ନିର୍ମାଣାଧୀନ କାମ ପୂର୍ବପରି ଚାଲୁରହିବ। ଭୁଲ୍ ବଶତଃ ଘରେ ଟଙ୍କା ଛାଡିଦେଇ ବାଟରେ ହଇରାଣ ହେବାକୁ ପଡିପାରେ।

**ତୁଳା**
ଧନାଧିପ କର୍ମଭାବରେ ଥିବାରୁ ଆର୍ଥିକ ମାନଦଣ୍ଡ ମଜଭୁତ ରହିବା ସାଙ୍ଗକୁ କର୍ମକ୍ଷେତ୍ର ମନ୍ଦ ହେବନି। ସାହାଯ୍ୟ କରୁଥିବା ବ୍ୟକ୍ତିଙ୍କ ଉପରେ ବିରକ୍ତ ହୁଅନ୍ତୁ ନାହିଁ। ପରିସ୍ଥିତି ମଧ୍ୟରେ ଇଚ୍ଛା ନ ଥିଲେ ମଧ୍ୟ ବାଧ ବାଧକତାରେ କେତେକ କାମ କରିବାକୁ ପଡ଼ିବ। ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ପରକଥାରେ ପଡି ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି।

**ବିଛା**
ମଙ୍ଗଳଙ୍କ ଦୁର୍ବଳତା କାରଣରୁ ସ୍ୱାସ୍ଥ୍ୟ ସମସ୍ୟା ନିମ୍ନାଭିମୁଖୀ ହେବ। କିନ୍ତୁ ଉନ୍ନତ ଚିନ୍ତା ଓ ବିଶିଷ୍ଟ ବ୍ୟକ୍ତିଙ୍କ ଆଦର ଗୌରବରେ ଆନନ୍ଦ ଅନୁଭବ କରିପାରନ୍ତି। ନିକଟ ଅତୀତରେ ରାଗ ପଡିଥିବା ବନ୍ଧୁ କ୍ରମଶଃ ମିଳାମିଶା ପାଇଁ ଇଚ୍ଛା ପ୍ରକାଶ କରିପାରନ୍ତି। ବିଭିନ୍ନ ଆଶା ଓ ଆଶଙ୍କା ବିଜଡିତ ମନ ହେତୁ ଆଧାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ ହେବେ।

**ଧନୁ**
ଦୈହିକ ଓ ମାନସିକ ସୁସ୍ଥତା ନ ରହିଲେ ମଧ୍ୟ ବନ୍ଧୁବର୍ଗ ତଥା ଆତ୍ମୀୟଙ୍କ ସହୃଦୟତାରୁ ଖୁସି ରହିବେ। ମୁଖଭାବସ୍ଥ ଚନ୍ଦ୍ର ପ୍ରଭାବରେ ମନ ଅନୁଯାୟୀ କାମ ସମ୍ପନ୍ନ ହୋଇଯିବ। ପାରିବାରିକ ସମସ୍ୟା ପଛକୁ ପକାଇ ଗୁରୁତ୍ୱପୂର୍ଣ୍ଣ କାମକୁ ପ୍ରାଧାନ୍ୟ ଦେବେ। ପ୍ରଶାସନ, ରାଜନୀତି, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରେ ଶୁଭଫଳ ପାଇବେ।

**ମକର**
ସାମଗ୍ରିକ ଦୃଷ୍ଟିକୋଣରୁ ଗ୍ରହସ୍ଥିତି ଉନ୍ନତ ରହିବା ହେତୁ ଆଶା ପୂରଣ ହୋଇଯିବ। ପ୍ରତ୍ୟେକ କ୍ଷେତ୍ରରେ ପ୍ରତିବନ୍ଧକ ଲାଗିରହିଲେ ମଧ୍ୟ କୌଣସି କାମ ଅଟକିବ ନାହିଁ। ନିଜର କଳା, କୌଶଳର ପ୍ରୟୋଗକରି ପରିସ୍ଥିତିକୁ ଦେଖି କାମ କରିବା ଫଳରେ ଉପକୃତ ହେବେ। ଦୀର୍ଘ ଦିନ ହେଲା ପ୍ରତୀକ୍ଷା କରିଥିବା ଖବର ପାଇ ଖୁସି ହୋଇପାରନ୍ତି ।

**କୁମ୍ଭ**
ଶୁକ୍ର ଭାଗ୍ୟସ୍ଥାନକୁ ଦେଖୁଥିବା ଯୋଗୁ ସ୍ଥଗିତ କାମକୁ ଆଜି ପୂରା ଦମ୍‌ରେ କରିବାପାଇଁ ନିଷ୍ପତ୍ତି ନେବେ। କାର୍ଯ୍ୟ ଦକ୍ଷତା ହେତୁ କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିବେ। ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା କରିପାରନ୍ତି। ସାଧାରଣ କଥାକୁ କେନ୍ଦ୍ରକରି ଗୃହରେ କଳହ ସୃଷ୍ଟି ହୋଇପାରେ।

**ମୀନ**
ଚତୁର୍ଥସ୍ଥ ଗ୍ରହଯୋଗ କାରଣରୁ କର୍ମକ୍ଷେତ୍ରରେ ଉଚ୍ଚସମ୍ମାନ ପାଇବେ। ପାରିବାରିକ ସ୍ତରରେ ଯାହା କିଛି ସାଧାରଣ ସମସ୍ୟା ରହିଛି ସେଥିରେ ବିଶେଷ କିଛି ଅସୁବିଧା ହେବ ନାହିଁ। ବ୍ୟବସାୟ ଓ ପରିବହନ ପ୍ରଭୃତି ବିଭିନ୍ନ ଦିଗରୁ ଲାଭବାନ ହେବେ। ଆଜିର ଆନୁଷ୍ଠାନିକ କାମରେ ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ କାମକୁ ତ୍ୱରାନ୍ୱିତ କରାଇବ।

ଆଜି ଜୁନ୍ ୧୬ ତାରିଖ, ଶେଷ ରଜ, ଭୂଦହନ, ଆଷାଢ଼ କୃଷ୍ଣ ୫ମୀ ଯୁକ୍ତ ଷଷ୍ଠୀ ସୋମବାର। ରାଶି ନକ୍ଷତ୍ର-ଧନିଷ୍ଠା/ମକର। ଦିବା ଘ.୦୧.୦୯ ଗତେ କୁମ୍ଭ ଚନ୍ଦ୍ର, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଘ.୦୮.୪୨ ଗତେ ଘ.୧୦.୨୮ ମଧ୍ୟେ ଶୁଦ୍ଧ ଶୁଭ ବେଳା। ସକାଳ ଘ.୦୬.୫୦ ଗତେ ଘ.୦୮.୨୯ ମଧ୍ୟେ ରାହୁକାଳ ।

## ବିଦ୍ୟୁତ୍ ବିଭ୍ରାଟ ପ୍ରସଙ୍ଗ

# ଉପମୁଖ୍ୟମନ୍ତ୍ରୀଙ୍କ ତଦନ୍ତ ନିର୍ଦ୍ଦେଶ

ଭୁବନେଶ୍ୱର,୧୫।୬ (ରବିନାରାୟଣ ଜେନା)

ଟିପିସିଓଡିଏଲ୍ ପକ୍ଷରୁ ନିମ୍ନମାନର ବିଦ୍ୟୁତ୍ ସରବରାହ ସହିତ ମନଇଚ୍ଛା ଟେଣ୍ଡର ଓ ସରକାରଙ୍କ ବିନା ଅନୁମତିରେ ବିଦ୍ୟୁତ୍ କିଣିବା ଭଳି ବେଆଇନ କାର୍ଯ୍ୟକଳାପ ଅଭିଯୋଗକୁ ନେଇ ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ସେସୁର ପୂର୍ବତନ ଅଧ୍ୟକ୍ଷ ତଥା ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗର ପୂର୍ବତନ ସଭ୍ୟ ବି.ସି. ଜେନାଙ୍କ ଅଭିଯୋଗକୁ ଆଧାର କରି ଉପମୁଖ୍ୟମନ୍ତ୍ରୀ ସିଂଦେଓ ଶକ୍ତି ବିଭାଗ ପ୍ରମୁଖ ସଚିବଙ୍କୁ ଦେଇଥିବା ବ୍ୟକ୍ତିଗତ ନୋଟ୍‌ଶିଟ୍‌ରେ ଦର୍ଶାଇଛନ୍ତି, ଟିପିସିଓଡିଏଲ୍‌ର ବିଭିନ୍ନ କାର୍ଯ୍ୟଶୈଳୀକୁ ନେଇ ସଙ୍ଗିନ ଅଭିଯୋଗ ଆସିଛି। ଏହାକୁ ଅନୁସନ୍ଧାନ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସରକାରଙ୍କୁ ତୁରନ୍ତ ଅବଗତ କରାଅ।

ଅଭିଯୋଗ ଅନୁଯାୟୀ, ରାଜ୍ୟରେ ବିନା କାରଣରେ ବିଦ୍ୟୁତ୍ ମନଇଚ୍ଛା କାଟ୍ କରାଯାଉଛି। ଯଦି ଏସମ୍ପର୍କରେ ଫ୍ୟୁଜ୍ କଲ ସେଣ୍ଟରକୁ ଯୋଗାଯୋଗ କରିବାକୁ ଉଦ୍ୟମ କରାଯାଉଛି ତେବେ ଉଦ୍ଦେଶ୍ୟମୂଳକ ଭାବେ ଟେଲିଫୋନକୁ ବ୍ୟସ୍ତ କରି ଦିଆଯାଉଛି। ସେକ୍ସନ ମୁଖ୍ୟ ମଧ୍ୟ ଫୋନ୍ କଲ୍‌କୁ ଠିକଣା ଭାବେ ଗ୍ରହଣ କରୁନାହାନ୍ତି। କଲ୍ ସେଣ୍ଟର ଯଦି ଅଭିଯୋଗ ଗ୍ରହଣ କରୁଛି, ପରବର୍ତ୍ତୀ ସମୟରେ ସେ ମାସ ମାସ ଧରି ଅଭିଯୋଗରେ ରହି ଯାଉଛି। ବିଦ୍ୟୁତ୍ ନୂତନ ସଂଯୋଗ ଭଳି ବିଭିନ୍ନ ଆବେଦନ ମାସ ମାସ ଧରି ପଡ଼ି ରହୁଛି, କେହି ଶୁଣିବାକୁ ନାହାନ୍ତି। ଫଳରେ ଉପଭୋକ୍ତାମାନେ ନିରାଶ ହେଉଛନ୍ତି। ଅସ୍ଥାୟୀ ଭାବେ ବିଦ୍ୟୁତ୍ ସଂଯୋଗ କରିବା କିମ୍ବା ନୂତନ ସଂଯୋଗ ନେବା ସେକ୍ସନ ଅଧିକାରୀଙ୍କ ଇଚ୍ଛା ଉପରେ ନିର୍ଭର କରୁଛି। ବୋର୍ଡର ବିନା ଅନୁମୋଦନରେ ବହୁ ମୁଖ୍ୟ ତଥା ଆଲଙ୍କାରିକ ପଦ(ସିଇଓ, ସିଓଓ, ସିଏଫ୍‌ଓ) ସୃଷ୍ଟି କରାଯାଇଛି। ବିଦ୍ୟୁତ୍ ଭିତ୍ତିଭୂମି ସୁଦୃଢ଼ କରାଯାଉନାହିଁ। ପରାମର୍ଶଦାତାମାନେ ଏଠାରେ ନିୟମିତ ପଦ ମାଡ଼ି ବସିଛନ୍ତି। ଅନେକ ସମୟରେ ମଣ୍ଡଳ ମୁଖ୍ୟ ତଥା ଏସ୍‌ଡିଓମାନେ ବିଭିନ୍ନ ସମସ୍ୟାର ସମାଧାନ ବେଳେ ମନଇଚ୍ଛା ପଦକ୍ଷେପ ଗ୍ରହଣ କରୁଛନ୍ତି। ଏମିତି କି ଉଚ୍ଚକର୍ତ୍ତୃପକ୍ଷଙ୍କଠାରୁ ମଧ୍ୟ ଅନୁମୋଦନ ନେଉ ନାହାନ୍ତି।

ସେହିପରି ଯେଉଁ ବିଦ୍ୟୁତ୍ ଉପକରଣ ତଥା ଯନ୍ତ୍ରପାତି ଷ୍ଟୋର ରୁମ୍‌ରେ ରହିଛି ତାହା ବ୍ୟବହୃତ ଭଳି ଜଣାପଡୁଛି। ଉପକରଣ କିଣିବାବେଳେ ଟେଣ୍ଡର ନୀତି ଅନୁସରଣ କରାଯାଉନାହିଁ। ରିହାବିଲିଟେଡ୍ ଆସିଷ୍ଟାଣ୍ଟ ଆବେଦନଗୁଡ଼ିକ ପ୍ରତି ଯେଭଳି ଗୁରୁତ୍ୱ ଦିଆଯିବା କଥା ତାହା ମଧ୍ୟ ହେଉନାହିଁ। ଜେନା ତାଙ୍କ ଅଭିଯୋଗରେ ସବୁଠାରୁ ବଡ଼କଥା ଦର୍ଶାଇ କହିଛନ୍ତି, ସରକାରୀ ସଂସ୍ଥା ଗ୍ରୀଡ୍‌କୋର ଅଜ୍ଞାତରେ ବିଦ୍ୟୁତ୍ କିଣାଯାଉଛି ଏବଂ ବଣ୍ଟନ କରାଯାଉଛି। ଏହାଦ୍ୱାରା ପାୱାର ପର୍‌ଚେଜ୍ ଏଗ୍ରୀମେଣ୍ଟ(ପିପିଏ)ର ଉଲ୍ଲଂଘନ ହେଉଛି। ଏସବୁ ଅଭିଯୋଗକୁ ଗୁରୁତ୍ୱ ଦେଇ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ଜେନା ଉପମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ। ଏହାକୁ ନେଇ ଉପମୁଖ୍ୟମନ୍ତ୍ରୀ ସିଂଦେଓ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

# କୋଏଲ ନଦୀରେ ବୁଡ଼ିଗଲେ ଯୁବକ

## ସେଲ୍ଫି ନେବାବେଳେ ଅଘଟଣ

ରାଉରକେଲା,୧୫।୬ (ସଙ୍ଗୀତା ଜେନା)

ବିଶ୍ରା ଥାନା ଅନ୍ତର୍ଗତ କୋଏଲ ନଦୀର ତେତରକେଲା ଘାଟରେ ରବିବାର ସେଲ୍ଫି ନେବାବେଳେ ପାଣିରେ ବୁଡ଼ିଯିବାରୁ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବ୍ରାହ୍ମଣୀତରଙ୍ଗ ଥାନା ବେଦବ୍ୟାସ ଲୁଙ୍ଗେଇ ବସ୍ତିର ଆକାଶ କୁମାର ଗୁପ୍ତା(୨୨)। ପୋଲିସ ମୃତଦେହ ଜବତ କରି ବିଶ୍ରା ଗୋଷ୍ଠୀ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇଛି। ଏ ନେଇ ବିଶ୍ରା ଥାନାରେ ଏକ ମାମଲା (ନଂ.୧୯/୨୫) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ରବିବାର ପୂର୍ବାହ୍ନରେ ଆକାଶ ୨/୩ ଜଣ ସାଙ୍ଗଙ୍କ ସହ କୋଏଲନଦୀକୁ ଯାଇଥିଲେ। ଗାଧୋଇବା ପୂର୍ବରୁ ସେଲ୍ଫି ନେବା ବେଳେ ଅସାବଧାନତା ଯୋଗୁ ଆକାଶ ଗଭୀର ପାଣିରେ ନିଖୋଜ ହୋଇଯାଇଥିଲେ। ସ୍ଥାନୀୟ ଲୋକେ ଏବଂ ବିଶ୍ରା ଅଗ୍ନିଶମ ବାହିନୀ ଖୋଜାଖୋଜି କରି ଆକାଶଙ୍କୁ ଅପରାହ୍ନ ୧ଟାରେ ଉଦ୍ଧାର କରିଥିଲା। ସୂଚନାଯୋଗ୍ୟ, ଗତ ମେ ମାସରେ ଛେଣ୍ଡ ଥାନା ଅନ୍ତର୍ଗତ ପ୍ରଧାନପାଲୀ ରେଳବାଇ ବ୍ରିଜ୍ ଉପରେ ସେଲ୍ଫି ନେବା ବେଳେ କୋଏଲ ନଦୀରେ ପଡ଼ି ଜଣେ ଆଇଟିଆଇ ଛାତ୍ରଙ୍କ ମୃତ୍ୟୁ ହୋଇଥିଲା। ଗତ ୨/୩ ମାସ ମଧ୍ୟରେ ରାଉରକେଲା ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ନଦୀରେ ବୁଡ଼ି ୧୧ରୁ ଊର୍ଦ୍ଧ୍ୱ ପ୍ରାଣ ହରାଇଲେଣି।




## ଆଇପିଏସ୍ ଅଫିସର ରେଖା ଓ ସଞ୍ଜୟଙ୍କୁ କେନ୍ଦ୍ରର ଏଡିଜି ପାହ୍ୟା

ଭୁବନେଶ୍ୱର,୧୫।୬ (ରବିନାରାୟଣ ଜେନା)

କେନ୍ଦ୍ର ସରକାରଙ୍କ କ୍ୟାବିନେଟ୍ ନିଯୁକ୍ତି କମିଟି ପକ୍ଷରୁ ଓଡ଼ିଶାର ଦୁଇ ବରିଷ୍ଠ ଭାରତୀୟ ପୋଲିସ ସେବା(ଆଇପିଏସ୍) ଅଫିସରଙ୍କୁ କେନ୍ଦ୍ରରେ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ(ଏଡିଜି) ପାହ୍ୟା ପ୍ରଦାନ କରାଯାଇଛି। ଏସଂକ୍ରାନ୍ତରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଶନିବାର ବିଧିବଦ୍ଧ ବିଜ୍ଞପ୍ତି ଜାରି ହୋଇଛି। ବିଜ୍ଞପ୍ତି ଅନୁଯାୟୀ, କ୍ୟାବିନେଟ୍ ନିଯୁକ୍ତି କମିଟି ପକ୍ଷରୁ ଏମ୍‌ପ୍ୟାନେଲ୍‌ମେଣ୍ଟରେ ୩୮ଜଣ ଆଇପିଏସ୍ ଅଫିସରଙ୍କୁ ଏଡିଜି ପାହ୍ୟା ପ୍ରଦାନ କରାଯାଇଛି। ସେଥିମଧ୍ୟରେ ଓଡ଼ିଶା କ୍ୟାଡରର ୧୯୯୭ ବ୍ୟାଚ୍‌ର ବରିଷ୍ଠ ଆଇପିଏସ୍ ଅଫିସର ରେଖା ଲୋହାନୀ ଏବଂ ସଞ୍ଜୟ କୁମାର ରହିଛନ୍ତି। ତେବେ ଭାରତ ସରକାରଙ୍କ ବଦଳି ନିୟମ ଅନୁଯାୟୀ, ଯଦି ସମ୍ପୃକ୍ତ ଅଧିକାରୀ ଚାହିଁବେ କିମ୍ବା ରାଜ୍ୟ ତଥା କେନ୍ଦ୍ର ସରକାର ଚାହିଁବେ ତେବେ ସେମାନଙ୍କୁ କେନ୍ଦ୍ରୀୟ ଡେପୁଟେଶନରେ ଯିବାକୁ ପଡ଼ିବ।

# ୨୦ରେ ଖୋଲିବ ସ୍କୁଲ

- ୧୯ରୁ ଯୋଗଦେବେ ଶିକ୍ଷକ, କର୍ମଚାରୀ
- ଗ୍ରୀଷ୍ମ ଛୁଟି ବୃଦ୍ଧି ହେବାନେଇ ଗୁଜବ

ଭୁବନେଶ୍ୱର,୧୫।୬(ସୁଚିସ୍ମିତା ସାହୁ)

ସରି ଆସୁଛି ଖରାଛୁଟି। ୫୮ଦିନ ପରେ ଆସନ୍ତା ୨୦ ତାରିଖରେ ସ୍କୁଲ ଖୋଲିବାକୁ ଯାଉଛି। ପୂର୍ବଭଳି ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ସ୍କୁଲ ଚାଲିବ। ଶିକ୍ଷୟିତ୍ରୀ ଶିକ୍ଷକ ସକାଳ ୯ଟା ୩୦ ସୁଦ୍ଧା ସ୍କୁଲରେ ପହଞ୍ଚିବେ ଏବଂ ଅପରାହ୍ନ ସାଢ଼େ ୪ଟା ଯାଏ କ୍ୟାମ୍ପସରେ ଉପସ୍ଥିତ ରହିବେ। ଏଥିପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିବାବେଳେ ପିଲାଙ୍କ ପାଠପଢ଼ା ପାଇଁ ସ୍କୁଲଗୁଡ଼ିକୁ ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଅତ୍ୟଧିକ ଖରା ଓ ଗରମ ଯୋଗୁ ରାଜ୍ୟ ସରକାର ଏପ୍ରିଲ ୨୨ରୁ ବିଦ୍ୟାଳୟଗୁଡ଼ିକ ପାଇଁ ଖରାଛୁଟି ଘୋଷଣା କରିଥିଲେ। ୨୩ ତାରିଖରୁ ସ୍କୁଲ ବନ୍ଦ ରହିଥିଲା। ତେବେ ସ୍କୁଲ ଖୋଲିବା ପରେ ପିଲାଙ୍କ ପାଠପଢ଼ା ଯେପରି ସ୍ୱାଭାବିକ ହେବ ଓ ୨୦୨୫-୨୬ ଶିକ୍ଷାବର୍ଷ ଠିକ୍ ଭାବେ ପରିଚାଳିତ ହୋଇପାରିବ ସେନେଇ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ/ପ୍ରଧାନଶିକ୍ଷକଙ୍କ ଉପରେ ଅଧିକ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ସେହିପରି ଶିକ୍ଷୟିତ୍ରୀଶିକ୍ଷକ, ଅଫିସ କର୍ମଚାରୀ, ସଫେଇ କର୍ମଚାରୀ, ରୋଷେୟା ଜୁନ୍ ୧୯ରୁ ବିଦ୍ୟାଳୟରେ ଯୋଗଦେବାକୁ ଜିଲା ଶିକ୍ଷା ଅଧିକାରୀଙ୍କ ପକ୍ଷରୁ ଚିଠି କରାଯାଇଛି। ସେମାନେ ବିଦ୍ୟାଳୟରେ ଯୋଗଦେଇ କ୍ଲାସରୁମ୍ ଏବଂ ବିଦ୍ୟାଳୟ ପରିସର ସଫା କରିବେ। ବର୍ଷା ଯୋଗୁ କ୍ୟାମ୍ପସ ପରିସରରେ ଉଠିଥିବା ଗଛଲତା ସଫା କରିବା, ପାଣି ଟାଙ୍କି ସଫା କରିବା, ପିଲାଙ୍କ ବସିବା ବେଞ୍ଚ ଓ ଚେୟାରକୁ ଠିକ୍ ଭାବେ ପ୍ରସ୍ତୁତ ରଖିବାକୁ କୁହାଯାଇଛି। ସେହିପରି ପରିସ୍ରାଗାର, ଇ-ଲାଇବ୍ରେରୀ, ରୋଷେଇ ଘରଗୁଡ଼ିକୁ ମଧ ସଫା କରିବା ସହିତ ମଧ୍ୟାହ୍ନଭୋଜନ ପାଇଁ ଥିବା ସାମଗ୍ରୀ ସବୁକୁ ଯାଞ୍ଚ କରିବାକୁ ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଅନ୍ୟପକ୍ଷରେ ଖରାଛୁଟି ବୃଦ୍ଧି କରାଯିବ ବୋଲି ଏବେ ବିଭିନ୍ନ ସୋସିଆଲ ମିଡିଆରେ ପୋଷ୍ଟ ଓ ଭିଡିଓ ଭାଇରାଲ ହେଉଛି। ଏହାକୁ ନେଇ ଛାତ୍ରୀଛାତ୍ର ଓ ଅଭିଭାବକ ଦ୍ୱନ୍ଦ୍ୱରେ ପଡିଛନ୍ତି। ବିଭିନ୍ନ ସୋସିଆଲ ମିଡିଆ ପୋଷ୍ଟରେ ହଇଜା, କୋଭିଡ୍ ଓ ଗୁଲୁଗୁଲି ଆଦି ଭିନ୍ନ ଭିନ୍ନ କାରଣ ଦର୍ଶାଯାଉଛି। ତେବେ ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ କୌଣସି ବିଜ୍ଞପ୍ତି ପ୍ରକାଶ ପାଇ ନ ଥିବାବେଳେ ଏହା ଏକ ଗୁଜବ ବୋଲି କୁହାଯାଉଛି।

# ବିସ୍ଫୋରକ ଲୁଟ୍ ମାମଲାରେ ଗିରଫ


ପୋଲିସ ମୁଖ୍ୟାଳୟରେ ପଶ୍ଚିମାଞ୍ଚଳ ଡିଆଇଜି ସୂଚନା ପ୍ରଦାନ କରୁଛନ୍ତି।

## ମାଓବାଦୀଙ୍କୁ ତଥ୍ୟ ଦେଉଥିଲେ ଜର୍ଜ

ରାଉରକେଲା,୧୫।୬ (ସଙ୍ଗୀତା ଜେନା)

ରାଉରକେଲା ପୋଲିସ ଜିଲା ଅନ୍ତର୍ଗତ କେ. ବଲାଙ୍ଗ ଥାନା ଅଧୀନ ବାଙ୍କୋ ଖଣିକୁ ଯାଉଥିବା ବିସ୍ଫୋରକ ଗାଡ଼ି ଅଟକାଇ ୨ଶହ ପ୍ୟାକେଟ ବିସ୍ଫୋରକ ଲୁଟ୍ ମାମଲାରେ ପୋଲିସ ମୁଖ୍ୟ ଷଡଯନ୍ତ୍ରକାରୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବାଙ୍କୋ ଗ୍ରାମର ଜର୍ଜ ମୁଣ୍ଡା(୪୩)। ଏ ନେଇ ରବିବାର ମଧ୍ୟାହ୍ନ ସାଢ଼େ ୧୨ଟାରେ ରାଉରକେଲା ପୋଲିସ ଜିଲା ମୁଖ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରିଛି।

ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ ସୂଚନା ଦେଇ କହିଥିଲେ, ଗତ ମାସ ୨୭ ତାରିଖରେ ବିସ୍ଫୋରକ ଲୁଟ୍ ମାମଲାରେ ଏସ୍‌ଆଇଟି ଗଠନ କରାଯାଇଥିଲା। ବିଭିନ୍ନ ଦିଗରୁ ଅନୁସନ୍ଧାନ କରିବା ପରେ ଏହି ଘଟଣାରେ ସମ୍ପୃକ୍ତ ଷଡ଼ଯନ୍ତ୍ରକାରୀ ଜର୍ଜଙ୍କୁ ଧରି ପଚରାଉଚୁରା କରାଯାଇଥିଲା। ଜର୍ଜ ପଥର ଖଣିକୁ ବିରୋଧ କରିଆସୁଥିଲେ ଏବଂ ମାଓବାଦୀଙ୍କ ସହ ସମ୍ପର୍କ ରଖିଥିଲେ। ସେ ଖଣି ସମ୍ପର୍କରେ ବିଭିନ୍ନ ତଥ୍ୟ ମାଓବାଦୀଙ୍କୁ ପ୍ରଦାନ କରୁଥିଲେ। ଏଥିପାଇଁ ଏକାଧିକ ଥର ସେ ମାଓବାଦୀମାନଙ୍କ ସହ ବୈଠକ କରିଥିଲେ। ଘଟଣାଦିନ ୧୦ରୁ ୧୫ ଜଣ ସଶସ୍ତ୍ର ମାଓବାଦୀ ଇତମା ଗୋଦାମରୁ ବାଙ୍କୋ ପଥର ଖଣିକୁ ଯାଉଥିବା ଗାଡ଼ିକୁ ଅଟକାଇ ବିସ୍ଫୋରକ ଲୁଟ୍ କରିଥିଲେ। ଗାଡ଼ି ଚାଳକଙ୍କୁ ସୁରକ୍ଷିତ ଭାବେ ଛାଡିଦେବା ପରେ ସେମାନେ ଜଙ୍ଗଲକୁ ପଳାଇଥିଲେ। ଲୁଟ୍ ବିସ୍ଫୋରକ ମଧ୍ୟରୁ ଓଡ଼ିଶା- ଝାଡ଼ଖଣ୍ଡ ସୀମାବର୍ତ୍ତୀ ଅଞ୍ଚଳରେ ୩୮୧୧.୩୦ କେଜି ଜବତ ହୋଇସାରିଛି। ଏହି ଘଟଣାରେ ଅଧିକ ସମ୍ପୃକ୍ତି ନେଇ ତଦନ୍ତ ଜାରି ରହିଥିବାରୁ ଗୋପନୀୟତା ଅବଲମ୍ବନ କରିବାକୁ ପଡୁଛି ବୋଲି ଡିଆଇଜି ରାୟ କହିଥିଲେ। ଖବରଦାତା ସମ୍ମିଳନୀରେ ରାଉରକେଲା ଏସ୍‌ପି ନିତେଶ ୱାଧୱାନୀ, ଅତିରିକ୍ତ ଏସ୍‌ପି ହରେକୃଷ୍ଣ ମାଝୀ, ବଣେଇ ଏସ୍‌ଡିପିଓ ରାମଚନ୍ଦ୍ର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ୱାମୀଙ୍କ ଗୋଇଠା ମାଡ଼ରେ ଗର୍ଭବତୀ ସ୍ତ୍ରୀଙ୍କ ମୃତ୍ୟୁ

ତିହିଡ଼ି, ୨୫।୬(ସଞ୍ଜିତ ବଳ)

ସମସ୍ତେ ଆନନ୍ଦ ଉଲ୍ଲାସର ସହ ରଜ ପାଳନ କରୁଥିବାବେଳେ ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ତାଳପଦା ଗ୍ରାମରେ ଶନିବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ସ୍ୱାମୀଙ୍କ ଗୋଇଠା ମାଡ଼ରେ ଗର୍ଭବତୀ ସ୍ତ୍ରୀଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ହେଲେ ମୋନାଲିସା ଜେନା(୨୬)। ତିହିଡ଼ି ପୋଲିସ ଏକ ମାମଲା (ନଂ.୨୧୧/୨୫) ରୁଜୁକରି ଅଭିଯୁକ୍ତ ସ୍ୱାମୀ ଶଙ୍କର୍ଷଣ ଜେନାଙ୍କୁ ରବିବାର ଅଟକ ରଖିଛି। ମୋନାଲିସାଙ୍କ ବାପା ତାଳପଦା ଗ୍ରାମର ପଞ୍ଚାନନ ଜେନା ଯୌତୁକ ପାଇଁ ତାଙ୍କ ଝିଅକୁ ହତ୍ୟା କରାଯାଇଥିବା ନେଇ ଥାନାରେ ଏତଲା ଦେଇଛନ୍ତି।


ମୋନାଲିସା ଜେନା

ପଞ୍ଚାନନ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ତାଳପଦା ଗ୍ରାମର ଟେରା ଜେନାଙ୍କ ପୁଅ ଶଙ୍କର୍ଷଣ ୫ବର୍ଷ ପୂର୍ବେ ତାଙ୍କ ଝିଅ ମୋନାଲିସାଙ୍କୁ ବିବାହ କରିଥିଲେ। ବିବାହ ସମୟରେ ବରପକ୍ଷଙ୍କ ଦାବି ମୁତାବକ ଯୌତୁକ ଦିଆଯାଇଥିଲା। ମାତ୍ର ଅଧିକ ଯୌତୁକ ଦାବି କରି ମୋନାଲିସାଙ୍କୁ ତାଙ୍କ ସ୍ୱାମୀ ଓ ଶାଶୁଘର ଲୋକେ ବିଭିନ୍ନ ସମୟରେ ନିର୍ଯାତନା ଦେଇ ଆସୁଥିଲେ। ଏପରିକି ତାଙ୍କୁ ଜୀବନରୁ ମାରିଦେବାକୁ ଉଦ୍ୟମ କରାଯାଇଥିଲା। ମାତ୍ର ମୋନାଲିସା ସେଠାରୁ କୌଶଳକ୍ରମେ ଖସି ବାପଘରକୁ ଚାଲିଯାଇଥିଲେ। ପରେ ତାଙ୍କ ବାପା ବୁଝାଶୁଝା କରି ଝିଅକୁ ଶାଶୁଘରେ ଛାଡ଼ିଥିଲେ। ଶନିବାର ପହିଲି ରଜ ଉପଲକ୍ଷେ ପଞ୍ଚାନନ ଝିଅ ଘରକୁ ମିଠା ଓ ଅନ୍ୟ ସାମଗ୍ରୀ ନେଇ ଯାଇଥିଲେ। ରାତିରେ ଶଙ୍କର୍ଷଣ ଓ ଅନ୍ୟମାନେ ମୋନାଲିସାଙ୍କ ଗୋଡ଼ହାତ ବାନ୍ଧି ନିଘୁଞ୍ଚ ମାଡ଼ ମାରିଥିବା ସେ ଜାଣିବାକୁ ପାଇଥିଲେ। ଏପରିକି ତାଙ୍କ ଗର୍ଭ ନଷ୍ଟ କରିବା ଉଦ୍ଦେଶ୍ୟରେ ପେଟକୁ ଗୋଇଠା ମାରିଥିଲେ। ଏଥିରେ ମୋନାଲିସା ଗୁରୁତର ହେବା ପରେ ତାଙ୍କୁ ଚିକିତ୍ସା ନିମନ୍ତେ ତିହିଡ଼ି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ମୋନାଲିସାଙ୍କୁ ଭ ଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

## ବିଷାକ୍ତ ଛତୁ ଖାଇ ୩ ଗୁରୁତର

ପାପଡାହାଣ୍ଡି,୧୫।୬ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ସିଲକଗୁଡା ଗ୍ରାମରେ ରବିବାର ବିଷାକ୍ତ ଛତୁ ଖାଇ ଗୋଟିଏ ପରିବାରର ୩ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଧନୁର୍ଜୟ ହରିଜନ, ଧନୁ ହରିଜନ ଓ ସୁନେମିଆ ହରିଜନ। ସେମାନଙ୍କୁ ଆମ୍ବୁଲାନ୍ସ ଯୋଗେ ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଘର ପଛ ପଟେ ଫୁଟିଥିବା ଛତୁକୁ ସକାଳୁ ଆଣି ରୋଷେଇ କରି ୩ଜଣ ଖାଇଥିଲେ। ଏହା ପରେ ଝାଡ଼ାବାନ୍ତି ହୋଇ ସମସ୍ତେ ଗୁରୁତର ହୋଇପଡ଼ିଥିଲେ।

## ଶିଆଳିଠାରେ ସମୁଦ୍ରରେ ଭାସି ଯୁବକ ମୃତ

ବାଲିକୁଦା/ଏରସମା, ୧୫।୬ (ତାପସ ସ୍ୱାଇଁ/ଦୀପ୍ତି ଖଣ୍ଡୁଆଳ)

ଜଗତ୍‌ସିଂହପୁର ଜିଲା ଏରସମା ଥାନା ଶିଆଳି ସମୁଦ୍ରକୁ ଗାଧୋଇବାକୁ ଯାଇ ଜଣେ ଯୁବକ ଭାସିଯାଇଛନ୍ତି। ଫଳରେ ତାଙ୍କର ମୃତ୍ୟୁ ଘଟିଛି। ସେ ହେଲେ ବାଲିକୁଦା ଥାନା ତିତିରା ପଞ୍ଚାୟତ ଅନ୍ତର୍ଗତ ବେଗୁନିଆ ଗ୍ରାମର ଗୌତମ ପରିଜାଙ୍କ ଏକ ମାତ୍ର ପୁଅ ଦୀପ୍ତିରଞ୍ଜନ ପରିଜା (୨୨)। ରଜ ଉପଲକ୍ଷେ ସେ କେତେଜଣ ସାଙ୍ଗଙ୍କ ସହ ମିଶି ରବିବାର ଶିଆଳି ସମୁଦ୍ରକୁ ବୁଲିଯାଇଥିଲେ। ସେଠାରେ ସାଙ୍ଗମାନଙ୍କ ସହ ଗାଧୋଉଥିବାବେଳେ ସମୁଦ୍ର ଲହରୀରେ ଭାସି ନିଖୋଜ ହୋଇଯାଇଥିଲେ। ସେତେବେଳେ ପ୍ରବଳ ବର୍ଷା ହେଉଥିଲା। ତଥାପି ସାଙ୍ଗମାନେ ଦୀପ୍ତିଙ୍କୁ ଖୋଜାଖୋଜି କରିଥିଲେ, ମାତ୍ର ତାଙ୍କ ପତ୍ତା ମିଳି ନ ଥିଲା। ଏରସମା ପୋଲିସ ଓ ଦମକଳ ବାହିନୀକୁ ଖବର ଦିଆଯାଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ ସୁଦ୍ଧା ଦମକଳ ବାହିନୀ ସେଠାରେ ପହଞ୍ଚିବାରେ ବିଳମ୍ବ କରିଥିଲା। ପ୍ରାୟ ୨ ଘଣ୍ଟା ପରେ ଶିଆଳି ସମୁଦ୍ର ବେଳାଭୂମିଠାରୁ ୩ କିଲୋମିଟର ଦୂର ରାମତରା ବେଳାଭୂମିରେ ଦୀପ୍ତିଙ୍କ ମୃତଦେହ ଲାଗିଥିଲା।

# ରାଜପଥରେ ଓଲଟିଲା ଯାତ୍ରୀବାହୀ ବସ୍



ଦୁର୍ଘଟଣାଗ୍ରସ୍ତ ବସ୍।

## ୭ ଗୁରୁତର, ୧୫ ଆହତ

ଖୋର୍ଦ୍ଧା,୧୫।୬ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ଅଧୀନ ପିତାପଲ୍ଲୀ ଛକ ନିକଟରେ ରବିବାର ଏକ ଯାତ୍ରୀବାହୀ ବସ୍ ଭାରସାମ୍ୟ ହରାଇ ଜାତୀୟ ରାଜପଥର ବାମପାର୍ଶ୍ୱ ଗାର୍ଡୱାଲ୍‌ରେ ପିଟିହୋଇ ଓଲଟି ପଡ଼ିଛି। ଫଳରେ ବସ୍‌ରେ ଥିବା ୨୨ଜଣ ଯାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୭ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ସମସ୍ତ ଆହତଙ୍କୁ ଚିକିତ୍ସା ପାଇଁ ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରାଯାଇଛି। ତେବେ ଗୁରୁତରଙ୍କ ମଧ୍ୟରୁ ୩ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ସେମାନଙ୍କୁ ଭୁବନେଶ୍ୱର ଏମ୍ସ ମେଡିକାଲକୁ ପଠାଯାଇଛି। ଆହତମାନେ ଗଞ୍ଜାମ ଜିଲାର ବୋଲି ଜଣାପଡିଛି।

ସୂଚନା ମୁତାବକ, ନୀଳକଣ୍ଠ ନାମକ ଏକ ବସ୍(ଓଡି୦୭ ଏଟି ୦୬୪୩) ଅପରାହ୍ନ ୧ଟାରେ ଭୁବନେଶ୍ୱରରୁ ପ୍ରାୟ ୫୦ ଯାତ୍ରୀଙ୍କୁ ନେଇ ଗଞ୍ଜାମ ଜିଲା ପୋଲସରା ଅଭିମୁଖେ ଯାଉଥିଲା। ପିତାପଲ୍ଲୀ ଛକ ନିକଟରେ ଡ୍ରାଇଭର ଭାରସାମ୍ୟ ହରାଇବାରୁ ରାଜପଥର ବାମପାର୍ଶ୍ୱ ଗାର୍ଡୱାଲ୍‌ରେ ବସ୍ ପିଟିହୋଇ ରାଜପଥରେ ଓଲଟି ପଡ଼ିଥିଲା। ବସ୍‌ରେ ଥିବା ଯାତ୍ରୀଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ପୋଲିସ ଏବଂ ଅଗ୍ନିଶମ ବିଭାଗକୁ ଖବରଦେଇଥିଲେ। ଦୁର୍ଘଟଣା ଯୋଗୁ ରାଜପଥରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଖବରପାଇ ଶିଳ୍ପାଞ୍ଚଳ ଭାରପ୍ରାପ୍ତ ଥାନା ଅଧିକାରୀ ଏସ୍‌ଆଇ ବାସୁଦେବ ଜୟସିଂ, ଏସ୍‌ଆଇ ସୁନିତା ବେହେରାଙ୍କ ସମେତ ପୋଲିସ ଟିମ୍, ଖୋର୍ଦ୍ଧା ଅଗ୍ନିଶମ ଏଏଫ୍‌ଓ ମୀନକେତନ ବେହେରାଙ୍କ ନେତୃତ୍ୱରେ ଏକ ୬ଜଣିଆ ଟିମ୍ ଏବଂ ଖୋର୍ଦ୍ଧା ପୌରାଞ୍ଚଳ ୧ନମ୍ବର ୱାର୍ଡର କାଉନସିଲର ଜିତେନ୍ଦ୍ର ବେହେରା ଓ ତାଙ୍କ ସାଥି, ସହକାରୀ ମୋଟରଯାନ ନିରୀକ୍ଷକ ଧର୍ମେନ୍ଦ୍ର ଦେହୁରି ପ୍ରମୁଖ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ସମସ୍ତ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ବସ୍‌ରୁ ବାହାର କରିଥିଲେ। ପରେ ଆହତମାନଙ୍କୁ ଆମ୍ବୁଲାନ୍ସରେ ମେଡିକାଲ ପଠାଇଥିଲେ। ପୋଲିସ ଟ୍ରାଫିକ ନିୟନ୍ତ୍ରଣ କରିବା ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ଓଲଟି ପଡ଼ିଥିବା ବସ୍‌କୁ କ୍ରେନ୍ ସହାୟତାରେ ଉଠାଯାଇଥିଲା। ଏଥିସହ ପୋଲିସ ଉକ୍ତ ବସ୍‌କୁ ଜବତ କରି ଘଟଣାର ତଦନ୍ତ ଚଳାଇଛି।



ସମଗ୍ର ସୃଷ୍ଟି ଭିତରେ ଭଗବାନଙ୍କର ଅନନ୍ତ କୃପା ଅଦୃଶ୍ୟରେ ରହି ପୃଥିବୀ ପୃଷ୍ଠରେ ପ୍ରତି ମୁହୂର୍ତ୍ତରେ କାର୍ଯ୍ୟ କରି ଚାଲିଛି। ତାହା ଫଳରେ ପୃଥିବୀ ବହୁଥର ଦୁଃଖ, ବିପଦ, ଅଜ୍ଞାନ ଓ ନିର୍ବୋଧତା କବଳରୁ ରକ୍ଷା ପାଇପାରୁଛି। -ଶ୍ରୀମା



# ଇରାନର ପରମାଣୁ ଶକ୍ତି

ଇସ୍ରାଏଲ ଓ ହମାସ ମଧ୍ୟରେ ଯୁଦ୍ଧ ସରି ନ ଥିବା ବେଳେ ମଧ୍ୟପ୍ରାଚ୍ୟରେ ଆଉ ଏକ ଯୁଦ୍ଧ ଆରମ୍ଭ ହୋଇଯାଇଛି। ସଦ୍ୟ ଯୁଦ୍ଧରେ ଇସ୍ରାଏଲ ଗୋଟିଏ ପକ୍ଷରେ ଥିବା ବେଳେ ଆରପଟେ ଇରାନ। ଏଭଳି ଯୁଦ୍ଧ ଦେଖି ବିଶ୍ୱବାସୀ ଆଶ୍ଚର୍ଯ୍ୟ ହେବାର କାରଣ ନାହିଁ। କାରଣ ଦିନେ ନା ଦିନେ ଏଭଳି ଯୁଦ୍ଧ ହେବ ବୋଲି ଆଶଙ୍କା କରାଯାଉଥିଲା। ଯେଉଁ କାରଣ ଲାଗି ପାଗ ଭିଡୁଥିଲା। ଏବର ଯୁଦ୍ଧକୁ ନେଇ ଇସ୍ରାଏଲ ସଫେଇ ଦେଇ କହିଛି ଯେ, ତେହେରାନ୍ ସଦ୍ୟ ପରମାଣୁ ଅସ୍ତ୍ରଶସ୍ତ୍ର ବିକଶିତ କରିବା ଇସ୍ରାଏଲ ଦେଶ ଭାବେ ରହିବାଟା ପ୍ରଶ୍ନବାଚୀକୁ ଚାଲିଯାଉଥିବାରୁ ଏଭଳି ପଦକ୍ଷେପ ନେବାକୁ ପଡ଼ିଛି। କିନ୍ତୁ ଭିତିରିଆ ଦେଖିଲେ ଏହି ଯୁଦ୍ଧ ପଛରେ ଆମେରିକାର ପ୍ରଚ୍ଛନ୍ନ ହାତ ଥାଇପାରେ। ଇରାନ ପରମାଣୁ କାର୍ଯ୍ୟକ୍ରମ ଜୋରଦାର ହୋଇଥିବାରୁ ତାହାକୁ ପ୍ରତିରୋଧ କରିବା ଲାଗି ଆମେରିକା ବାରମ୍ବାର ସତର୍କ କରାଇଆସୁଥିଲା। ଏପରି କି ଚଳିତ ବର୍ଷ ପ୍ରାରମ୍ଭରୁ ଇରାନର ପରମାଣୁ କାର୍ଯ୍ୟକ୍ରମ ସମ୍ପର୍କରେ ଆମେରିକା ଓ ଇରାନ ୫ ପର୍ଯ୍ୟାୟ ଆଲୋଚନା କରିସାରିଛନ୍ତି। ୧୫ ଜୁନରେ ଷଷ୍ଠ ପର୍ଯ୍ୟାୟ ଆଲୋଚନା ହେବାର ଥିଲା। ଇସ୍ରାଏଲ ଆକ୍ରମଣ ପରେ ଇରାନ ଏହି ଆଲୋଚନାକୁ ବାତିଲ କରିଦେଇଛି। ଠିକ୍ ଏହି ସମୟରେ ଇସ୍ରାଏଲ ଗୋଇନ୍ଦା ସଂସ୍ଥା ମୋସାଦ ଖବର ପାଇଲା ଯେ ଇରାନ୍ ତା'ର ପରମାଣୁ କାର୍ଯ୍ୟକ୍ରମକୁ ଦ୍ରୁତ ବେଗରେ କାର୍ଯ୍ୟ କରାଉଥିବାରୁ ନିକଟ ଭବିଷ୍ୟତରେ ଅଭାବନୀୟ କ୍ଷତି ଉତ୍ପନ୍ନ ହୋଇପାରେ। ଏଥିସହିତ ବାଇନା ତା'ର ଏନ୍‌ରିଚ୍ଡ୍ ୟୁରାନିୟମର ଏକ ବଡ଼ ଅଂଶ ଇରାନକୁ ନିକଟରେ ଉପ୍ତାନି କରିଛି। ତେଣୁ ସମ୍ଭାବ୍ୟ ବିପଦ ଆଶଙ୍କା କରି ଇସ୍ରାଏଲ ଆଗଡ଼ୁରା 'ଅପରେଶନ ରାଇଜିଂ ଲାୟନ' ନାମରେ ସାମରିକ ଅଭିଯାନ ଆରମ୍ଭ କରିଦେଲା। ଇରାନ୍ ଛାଡ଼ିବାର ଦେଶ ନୁହେଁ। ଏହା 'ଟ୍ରୁ ପ୍ରୋମିଜ୍' ନାମରେ ଅପରେଶନ କରି ଇସ୍ରାଏଲ ଉପରେ କ୍ଷେପଣାସ୍ତ୍ର ମାଡ଼ କରିଛି। ଗତ ୩ ଦିନ ମଧ୍ୟରେ ଉଭୟ ପଟରେ ଧନଜୀବନ ହାନି ଘଟିଛି। ଇସ୍ରାଏଲ ୧୫ ଜୁନରେ ସରକାରୀ ଭାବେ ସୂଚନା ଦେଇ କହିଛି ଯେ ତା'ର ୧୩ ଜଣଙ୍କ ପ୍ରାଣହାନି ଘଟିଛି। ଅନ୍ୟପକ୍ଷରେ ଇରାନ ପକ୍ଷରୁ ସଠିକ ସଂଖ୍ୟା ପ୍ରକାଶ କରାଯାଇ ନ ଥିଲେ ମଧ୍ୟ ଜାତିସଂଘରେ ଥିବା ଏହାର ରାଷ୍ଟ୍ରଦୂତ କହିଛନ୍ତି, ଇସ୍ରାଏଲ କ୍ଷେପଣାସ୍ତ୍ର ମାଡ଼ରେ ଏହାର ୭୮ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୩୨୦ ଜଣ ଆହତ ହୋଇଛନ୍ତି। ୧୫ ଜୁନରେ ଦୁଇ ଦେଶ ମଧ୍ୟରେ ଯୁଦ୍ଧ ବିରାଟ ଆକାର ଧାରଣ କଲାଣି।

୭ ଅକ୍ଟୋବର ୨୦୨୩ରେ ହମାସ ସହ ଯୁଦ୍ଧ ଆରମ୍ଭ ହେବା ବେଳୁ ଇସ୍ରାଏଲ ବିପକ୍ଷରେ ଲେବାନନ ସମର୍ଥିତ ହେଜବୁଲ୍ଲା ଓ ଇରାନ ଯୁଦ୍ଧଂ ଦେହି ଡାକରା ଦେଇ ଆସୁଥିଲେ। ଏପରି କି ସିରିଆର ତତ୍କାଳୀନ ଅସାଦ୍ ସରକାର ଇସ୍ରାଏଲକୁ ଘୋର ବିରୋଧ କରିଥିଲା। ସମୟ କ୍ରମେ ଇସ୍ରାଏଲ କୌଶଳ କରି ହେଜବୁଲ୍ଲାକୁ ଦମନ କରିଥିବା ବେଳେ ରୁଷିଆ ସମର୍ଥିତ ଅସାଦ୍ ସରକାରକୁ ଗାଦିଚ୍ୟୁତ କରିବାରେ ପ୍ରମୁଖ ଭୂମିକା ନିର୍ବାହ କରିଥିଲା। ଏବେ ଆମେରିକା-ଇରାନ ମଧ୍ୟରେ ଚାଲିଥିବା ପରମାଣୁ ସମ୍ପର୍କୀୟ ଆଲୋଚନାରେ ବିଫଳ ହେଉଥିବା ଦେଖି ଇସ୍ରାଏଲ ଯୁଦ୍ଧ ସ୍ଥିତି ସୃଷ୍ଟି କରିଦେଇଛି। ପୂର୍ବରୁ ଆମେରିକା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଥିଲେ ଯେ ଇରାନ ଓ ଇସ୍ରାଏଲ ଯୁଦ୍ଧରେ ତାଙ୍କ ଦେଶର ହାତ ନାହିଁ। କିନ୍ତୁ ଆମେରିକୀୟ ଭାବେ ଯଦି ତାଙ୍କ ଦେଶର ସମ୍ପତ୍ତି କିମ୍ବା ଲୋକଙ୍କୁ ଇରାନ କ୍ଷତି ପହଞ୍ଚାଏ, ତାହା ହେଲେ ଆମେରିକୀୟ ସଶସ୍ତ୍ର ସେନାର ସମ୍ପୂର୍ଣ୍ଣ ଶକ୍ତି ତେହେରାନ ବିପକ୍ଷରେ ଏଭଳି ବ୍ୟବହାର କରାଯିବ ଯେ, ଯାହା ସେ କେବେ ଦେଖି ନ ଥିବ। ଏବେ ଟ୍ରମ୍ପ ତାଙ୍କ ସୋସିଆଲ ମିଡିଆରେ କହିଛନ୍ତି, ଯୁଦ୍ଧସ୍ତ ଉଭୟ ଦେଶ ଶାନ୍ତି ଆଲୋଚନାକୁ ଶୀଘ୍ର ଆସିବା ଦରକାର।

ଏଭଳି ପ୍ରଚ୍ଛଦପଟରେ ଦେଖିଲେ ଇରାନର ପରମାଣୁ କାର୍ଯ୍ୟକ୍ରମ ବିଷୟରେ ଅତ୍ୟଧିକ ଚର୍ଚ୍ଚା ହେଉଛି। ଗତ ସପ୍ତାହରେ ଅନ୍ତର୍ଜାତୀୟ ଆଣବିକ ଶକ୍ତି ସଂସ୍ଥା (ଆଇଏଇଏ) ଏକ ରିପୋର୍ଟ ପ୍ରକାଶ କରିଥିଲା, ଯେଉଁଥିରେ ଇରାନ ବହୁ ପରିମାଣରେ ୟୁରାନିୟମ ମହଜୁଦ କରିବାରେ ଲାଗିଛି। ଏହାରେ କୁହାଯାଇଛି ଯେ, ଇରାନ ୪୦୦ କିଲୋଗ୍ରାମ୍ ୟୁରାନିୟମ ମହଜୁଦ କଲାଣି ଓ ସେଥିରୁ ୬୦ ପ୍ରତିଶତ ଶୁଦ୍ଧ ଥିବା ଜଣାପଡ଼ିଛି। ଆଗକୁ ୯୦ ପ୍ରତିଶତ ଶୁଦ୍ଧ ୟୁରାନିୟମ ରଖିବାରେ ଇରାନ ପହଞ୍ଚିଗଲେ ତାହା ୯ରୁ ୧୦ଟି ପରମାଣୁ ବୋମା ତିଆରି କରିବାରେ ସକ୍ଷମ ହୋଇପାରେ। ଗତ ଦୁଇ ଦଶନ୍ଧି ମଧ୍ୟରେ ପ୍ରଥମ ଥର ପାଇଁ ଇରାନ ଅଣୁ-ଅପ୍ରସାର ଚୁକ୍ତି (ଏନ୍‌ପିଟି) ଉଲ୍ଲଂଘନ କରିଥିବା ନେଇ ନିକଟରେ ଆଇଏଇଏ ଘୋଷଣା କରିଥିଲା। ସମ୍ଭବତଃ ହୋଇବ ବିଷୟକୁ ଏକତ୍ର କରି ଆମେରିକା ସହଯୋଗରେ ଇସ୍ରାଏଲ ବଡ଼ ପଦକ୍ଷେପ ସ୍ୱରୂପ ଇରାନ ଉପରେ ଆକ୍ରମଣ କରିଥାଇପାରେ। ତେବେ ଇରାନର ସର୍ବୋଚ୍ଚ ନେତା ଆୟୋତୋଲ୍ଲା ଅଲ୍ଲୀ ଖୋମିନି କହିଛନ୍ତି, ଏଭଳି ଉତ୍ତେଜନା ସ୍ଥିତି ଲାଗି ରହିଲେ ଇରାନ ତା'ର ଆଣବିକ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରି ଏନ୍‌ପିଟିରୁ ସମ୍ପୂର୍ଣ୍ଣ ପରିତ୍ୟାଗ କରିବ। ଏହା ହେଲେ ମଧ୍ୟପ୍ରାଚ୍ୟ ଅଧିକ ଅଶାନ୍ତ ହେବାର ସଙ୍କେତ ମିଳିଲାଣି। ଆଉ ଏକ ବିଗକୁ ଦେଖିଲେ ଇରାନକୁ ସମର୍ଥନ କରୁଥିବା ରୁଷିଆ ଏବେ ଇସ୍ରାଏଲକୁ ଯୁଦ୍ଧ ପାଇଁ ନିନ୍ଦା କରିଛି। ୧୪ ଜୁନରେ ଟ୍ରମ୍ପଙ୍କ ୭୯ତମ ଜନ୍ମଦିନ ଥିବାରୁ ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ଟ୍ରମ୍ପଙ୍କୁ ପୁଟିନ୍ କହିଥିଲେ ଇସ୍ରାଏଲ-ଇରାନ ଯୁଦ୍ଧ ବନ୍ଦ କରିବାକୁ ଇସ୍ରାଏଲକୁ ଆମେରିକା କହୁ। ଅନ୍ୟପକ୍ଷରେ ଆପଣ ରୁଷିଆ-ୟୁକ୍ରେନ୍ ଯୁଦ୍ଧ ବନ୍ଦ କରନ୍ତୁ ବୋଲି ପୁଟିନ୍‌ଙ୍କୁ ଟ୍ରମ୍ପ କହିଥିବା ବିଷୟ ଗଣମାଧ୍ୟମରୁ ଶୁଣିବାକୁ ମିଳିଛି। ଏଥିରୁ ବୁଝିବାରେ ଅସୁବିଧା ନାହିଁ ଯେ ଆଗକୁ ଯୁଦ୍ଧ ବିରାଟ ଆକାର ଧାରଣ କଲେ ପୁରୁଣା ବିନର ଦୁଇ ମହାଶକ୍ତି ପରସ୍ପର ବିରୋଧରେ ପରୋକ୍ଷ ଯୁଦ୍ଧରେ ଅଂଶୀଦାର ହେବାକୁ ଏବେ ମଧ୍ୟ ଝାଙ୍କିଯାଉଛି।

ଏଭଳି ସ୍ଥଳେ ଭୂ-ରାଜନୈତିକ ସ୍ଥିତିକୁ ଦେଖିଲେ ବିଶ୍ୱବ୍ୟାପୀ ଶକ୍ତି ସଙ୍କଟ ବଢ଼ିପାରେ। ଇତିମଧ୍ୟରେ ଅଶୋଧିତ ତେଲ ଦର ମଧ୍ୟ ବୃଦ୍ଧି ପାଇବା ଆରମ୍ଭ କଲାଣି। ଏହି ପରିପ୍ରେକ୍ଷୀରେ ଦେଖିଲେ ଇସ୍ରାଏଲ-ଇରାନ ଯୁଦ୍ଧ ଭାରତ ଉପରେ ମଧ୍ୟ ଗଭୀର ପ୍ରଭାବ ପକାଇବ। କାରଣ ଭାରତ ଇରାନର ଚାବାହାର ବନ୍ଦର ଦେଇ ଆଫଗାନିସ୍ତାନକୁ ଭାରତର ବାଣିଜ୍ୟ ପଥ ରହିଛି। ଆଜିର ସ୍ଥିତିରେ ଭାରତର କୂଟନୀତି ଏକ ବିରାଟ ଦ୍ୱନ୍ଦ୍ୱରେ ପଡ଼ିଛି। ପୂର୍ବରୁ ଘରୋଇ କମ୍ପାନୀକୁ ତୈଳ ଯୋଗାଇ ସାହାଯ୍ୟ କରିବାର ଆଭିମୁଖ୍ୟ ନେଇ ରୁଷିଆ ସାଗରରେ ଅତ୍ୟଧିକ ଖୋଲାଖୋଲି ବନ୍ଧୁତ୍ୱ ଭାରତକୁ ଅସୁବିଧାରେ ପକାଇ ସାରିଛି। ପାକିସ୍ତାନ ସହିତ ୪ଦିନିଆ ଖଣ୍ଡ ଯୁଦ୍ଧ ଚାଲୁଥିବା ଅବସରରେ କୌଣସି ଦେଶ ଭାରତକୁ ସମର୍ଥନ ଜଣାଇ ନ ଥିଲେ। ରୁଷିଆ ମଧ୍ୟ ନୀରବ ରହିଥିଲା। ପୂର୍ବ ବିଫଳତାକୁ ଆଖିରେ ରଖି ଆଗାମୀ ଦିନଗୁଡ଼ିକରେ ଭାରତୀୟ କୂଟନୀତି ଅତ୍ୟନ୍ତ ସତର୍କ ହେବା ଆବଶ୍ୟକ।




# ମଣିଷକୁ ଚିହ୍ନିବେ କେମିତି : ଗୀତାରୁ ଶିକ୍ଷା

ନିରଞ୍ଜନ ସାହୁ

କଥାରେ ଅଛି, ଯାହା ନାହିଁ ଭାରତେ ତାହା ନାହିଁ ଭାରତେ-ଅର୍ଥାତ୍ ଏମିତି କିଛି କଥା ନାହିଁ ଯାହା ମହାଭାରତରେ ନାହିଁ। ଯେହେତୁ ଶ୍ରୀମଦ୍ ଭଗବଦ୍ ଗୀତା ହେଉଛି ମହାଭାରତର ଏକ ସଂକ୍ଷିପ୍ତ ସଂସ୍କରଣ, ସେଇ ଦୃଷ୍ଟିରୁ ମଣିଷର ଏପରି କିଛି ଆବଶ୍ୟକ ବସ୍ତୁ ନାହିଁ କହିଲେ ଚଳେ, ଯାହା ଗୀତାରେ ନାହିଁ। ଦୁନିଆରେ ସବୁଠୁଁ କାଠିକର ପାଠ ହେଲା ମଣିଷକୁ ଚିହ୍ନିବା। ମଣିଷକୁ ଠିକ୍ ଭାବରେ ଚିହ୍ନି ନ ପାରିଲେ ସବୁ କାମ ବିଗିଡ଼ିଯାଏ- ଚିହ୍ନିବା ଅର୍ଥ ଖାଲି ବାହାରର ଭେକକୁ ଦେଖିବା ନୁହେଁ, ଅଭିନୟପ୍ରବଣ ମଣିଷ ନିଜକୁ ଏମିତି ପେସ୍ କରିପାରେ ଯେ ତାକୁ ଠିକଣା ଭାବରେ ବୁଝିବା କଷ୍ଟ। ଅଥଚ ଠିକ୍ ଲୋକ ପାଖରେ ପହଞ୍ଚ ନ ପାରିଲେ, ଠକ୍ ପାଖରେ ଅଜାଣତରେ ପହଞ୍ଚିଯାଉ ଆମେ; ଆଉ ଫଳ ହୁଏ ବିଫଳତା। ଷୋଡ଼ଶ ଅଧ୍ୟାୟରେ ଭଗବାନ ଶ୍ରୀକୃଷ୍ଣ ଲୋକମାନଙ୍କୁ ସେମାନଙ୍କ ଗୁଣଭେଦରେ ୨ ଭାଗରେ ବିଭକ୍ତ କରିଛନ୍ତି- କିଛି ଲୋକ ଅଛନ୍ତି, ଯେଉଁମାନେ ଦୈବୀସମ୍ପଦଗୁଣସମ୍ପନ୍ନ ବା ଯାହାଙ୍କୁ ଆମେ କହିପାରିବା ସଦ୍‌ଗୁଣ ବିଶିଷ୍ଟ। ଆଉ ଯେଉଁମାନେ ରହିଲେ ସେମାନେ ହେଲେ ଅସୁର ଗୁଣ ସମ୍ପନ୍ନ, ଯେଉଁମାନେ ଅସଦ୍ ଗୁଣରେ ପରିପୂର୍ଣ୍ଣ। ଭଲ ଲୋକମାନେ ଯେଉଁ କାମରେ ଆଗ୍ରହ ଦେଖାନ୍ତି ସେଠାରୁ ଦୂରେଇ ରହନ୍ତି ତାଙ୍କର ପ୍ରତିପକ୍ଷମାନେ। ଏପରି ଦ୍ୱିତୀୟ ଅଧ୍ୟାୟରେ ଶ୍ରୀକୃଷ୍ଣଙ୍କ ଭାଷାରେ ଓ କଣ୍ଠରେ କୁହାଯାଇଛି – ଯା ନିଶା ସର୍ବଭୂତାନାଂ ତସ୍ୟାଂ ଜାଗର୍ତି ସଂଯମୀ ଯସ୍ୟାଂ ଜାଗ୍ରତି ଭୂତାନି, ସା ନିଶା ପଶ୍ୟ ତୋ ମୁନେଃ।

ଅର୍ଥାତ୍ ବିବେକୀ ପ୍ରାଣୀ ଓ ଅବିବେକୀ ପ୍ରାଣୀ ସମାନ ପରିସ୍ଥିତିକୁ ଭିନ୍ନ ଭାବରେ ଦେଖିଥାନ୍ତି। ଅବିବେକୀ ପ୍ରାଣୀମାନେ ଯେତେବେଳେ ଜାଗ୍ରତ ରହନ୍ତି ସେଇ ସମୟକୁ ବିବେକୀମାନେ ରାତ୍ରି ଭଳି ଦେଖନ୍ତି ଏବଂ ଅନୁରୂପ ଭାବରେ ବିବେକୀମାନଙ୍କର ଦିନ (ଜାଗ୍ରତ ରହିବାର ବେଳ) ହିଁ ଅବିବେକୀମାନଙ୍କ ପାଇଁ ରାତ୍ରି ପରି ବିଳାସମୟ ଏବଂ ଶୟନର ସମୟ। ଅବିବେକୀ ପ୍ରାଣୀମାନେ ଯେ ଖାଲି ତମେ ଆମେ ପରି ସାଧାରଣ ଲୋକଙ୍କୁ ଖରାପ ବ୍ୟବହାର କରନ୍ତି ତା' ନୁହେଁ, ନବମ ଅଧ୍ୟାୟରେ ଶ୍ରୀକୃଷ୍ଣ କହିଛନ୍ତି, ସେମାନେ ତାଙ୍କୁ ବି ସେଇଭଳି ଅବମୂଲ୍ୟାୟନ କରନ୍ତି ଏବଂ ଅବଜ୍ଞାସୂଚକ ବ୍ୟବହାର କରନ୍ତି। ଅର୍ଥାତ୍ ଅନ୍ୟକୁ ହୀନଦୃଷ୍ଟିରେ ଦେଖିବା, ଅନ୍ୟର ଅମର୍ଯ୍ୟାଦା କରିବା ଯେଉଁମାନଙ୍କର ଅଭ୍ୟନ୍ତରୀଣ ସେଇ ଲୋକମାନେ ପ୍ରକୃତରେ ଅମଣିଷ, ସେମାନଙ୍କଠାରେ ଆସୁରିକ ପ୍ରକୃତି ପ୍ରତିଫଳିତ ହୋଇଥାଏ। ସଦ୍‌ମଣିଷର ବହୁଗୁଣ ବଖାଣିଛନ୍ତି ଭଗବାନ ଶ୍ରୀକୃଷ୍ଣ; ମଣିଷର ଗୁଣଗୁଡ଼ିକ ତାଙ୍କର ଲକ୍ଷଣରୁ ହିଁ ଜଣାଯାଏ। ତାଙ୍କର କାମ ଭିତରୁ ବାରି ହୋଇପଡ଼େ ସେଇ ଲକ୍ଷଣ ସବୁ।




ଦୈବୀସମ୍ପନ୍ନ ବ୍ୟକ୍ତିମାନେ ଭୟଯୁକ୍ତ ହୋଇ ନ ଥାନ୍ତି, ମାତ୍ର ସେମାନେ ଅଯଥା ଦମ୍ଭ ଦେଖାନ୍ତି ନାହିଁ। ଜ୍ଞାନ ଓ ଯୋଗରେ ସେମାନଙ୍କର ନିଷ୍ଠା ଥାଏ। ସେମାନେ ସ୍ୱାର୍ଜିତ ଧନରୁ କିଛି ସତ୍‌ପାତ୍ରରେ ଦାନକରନ୍ତି, ଇନ୍ଦ୍ରିୟମାନଙ୍କୁ ସଂଯମ କରନ୍ତି, ଆଧ୍ୟାତ୍ମିକ ପୁସ୍ତକ ଅଧ୍ୟୟନରେ ବ୍ରତୀ ରହନ୍ତି। ସବୁବେଳେ ସତ୍ ଚିନ୍ତାରେ ନିମଗ୍ନ ରହିବା ସହ ସରଳତା ସବୁବେଳେ ସେମାନଙ୍କଠାରେ ବାରି ହୋଇପଡ଼େ। ସଦ୍‌ଗୁଣ ବିଶିଷ୍ଟ ମଣିଷମାନେ ହିଂସାରେ ବିଶ୍ୱାସ କରନ୍ତି ନାହିଁ। ସେମାନେ ସତ୍ୟର ଆଶ୍ରୟରେ ଥାଆନ୍ତି ଏବଂ କ୍ରୋଧଠାରୁ ନିଜକୁ ବିରତ ରଖନ୍ତି, ସେମାନେ କାହାରି ନିନ୍ଦା କରନ୍ତି ନାହିଁ ମାତ୍ର ସମସ୍ତଙ୍କ ପ୍ରତି ସହାନୁଭୂତି ପ୍ରକାଶ କରନ୍ତି। ସେମାନଙ୍କର ସ୍ୱଭାବରେ କୋମଳତା ପୁଟିଉଠେ, ସେମାନେ ମନ୍ଦ କାମରେ ନିଜକୁ ନିୟୋଜିତ କରନ୍ତି ନାହିଁ। ସେମାନଙ୍କଠାରେ ବଡ଼ପଣିଆ ଓ କ୍ଷମା ପରି ସଦ୍‌ଗୁଣଗୁଡ଼ିକର ବିକାଶ ଘଟିଥାଏ।

ଆସୁରିକ ଚରିତ୍ର ଓ ସ୍ୱଭାବସମ୍ପନ୍ନ ବ୍ୟକ୍ତିମାନଙ୍କର ସବିଶେଷ ବର୍ଣ୍ଣନା ମଧ୍ୟ ଷୋଡ଼ଶ ଅଧ୍ୟାୟରେ ରହିଛି। ସେମାନେ ନିଜର ବଡ଼ପଣିଆ ଦେଖେଇବାରେ ବ୍ୟଗ୍ର – ଟିକିଏ ଟିକିଏ କଥାରେ କ୍ରୋଧିତ ହୁଅନ୍ତି। ନିଷ୍ଠୁରତା ସେମାନଙ୍କ ପ୍ରତିଟି କର୍ମରୁ ବାରିହୋଇପଡ଼େ, ସେମାନେ ଆସୁରିକ ଭାବଯୁକ୍ତ ବୋଲି ଜାଣିବା ଭାରି ସହଜ। ଆସୁରିକ ପ୍ରକୃତିର ଲୋକମାନେ ଅଧର୍ମ କାମରେ ସବୁବେଳେ ବୁଡ଼ି ରହିଥାନ୍ତି ଏବଂ ତାଙ୍କ ଇଚ୍ଛା ଅନୁସାରେ ସଂସାରକୁ ପ୍ରତିପାଦନ କରିବାକୁ ଚେଷ୍ଟା କରନ୍ତି ତଥା ସବୁର ମୂଳରେ କାମନା ଓ ବାସନା ବୋଲି ଘୋଷଣା କରନ୍ତି। ଏହି ଦୁଷ୍ଟଲୋକମାନେ ସବୁବେଳେ ଭଲଲୋକଙ୍କର ଶତ୍ରୁ ଭାବାପନ୍ନ ହୋଇଥାନ୍ତି ଏବଂ ଶାସ୍ତ୍ରରେ ଯେଉଁ ସତ୍‌କର୍ମର କଥା ସବୁ କୁହାଯାଇଛି ତାକୁ ଯଦ୍ ପରୋନାସ୍ତି ବିରୋଧ କରନ୍ତି; ସେମାନଙ୍କ ମତରେ ଦୁନିଆ ହେଉଛି ଉପଭୋଗର ଏକମାତ୍ର ମାଧ୍ୟମ। ଏଥିପାଇଁ ସର୍ବଦା ବ୍ୟସ୍ତ ରହି ନିଜକୁ ନ୍ୟସ୍ତ କରିଥାନ୍ତି ସେମାନେ। ନିଜର ଧନ କିପରି ବୃଦ୍ଧିହେବ ସେଥିରେ ସେମାନେ ସବୁ ଶ୍ରମ ଓ ସମୟ ବିନିଯୋଗ କରନ୍ତି ଏବଂ ନିଜକୁ ସବୁଠାରୁ ସୁଖୀ ବଳବାନ ଏବଂ ନିଜ ଇଚ୍ଛାରେ ସବୁ ସମ୍ଭବ ବୋଲି ପ୍ରତିପାଦିତ କରିବାକୁ ଚାହାନ୍ତି। ନୀତିନିୟମ ବିବର୍ଜିତ ଏଇ ପାଷାଣ୍ଡମାନେ କାମନା ବାସନାରେ ପରିଚାଳିତ ହୋଇ ସବୁବେଳେ ନିଜର ଅହଂକାରକୁ ବଢ଼ାଇ ଚାଲନ୍ତି। ଏମାନଙ୍କୁ ଭଗବାନ ନରାଧମ ଆଖ୍ୟା ଦେଇ ପରଜନ୍ମରେ ଏମାନେ ବ୍ୟାଘ୍ର ବା ସର୍ପଜାତୀୟ ନିଚ ଯୋନିରେ ଜନ୍ମ ପାଆନ୍ତି ବୋଲି ପ୍ରକାଶ କରିଛନ୍ତି।

ଷଡ଼ରିପୁ ବୋଲି ଯାହାକୁ କୁହାଯାଏ ସେଗୁଡ଼ିକ ହେଲା କାମ, କ୍ରୋଧ, ଲୋଭ, ମୋହ, ମଦ ଏବଂ ମାତ୍ସର୍ଯ୍ୟ। ଏହାକୁ ସଂକ୍ଷିପ୍ତକରି ତିନୋଟି ମୁଖ୍ୟ ରିପୁ ଭାବରେ କହିଛନ୍ତି ଭଗବାନ ଯାହାକି ହେଉଛି ନରକର ଦ୍ୱାର। ତାହା ହେଲା କାମ, କ୍ରୋଧ ଏବଂ ଲୋଭ। ଏହି ଶତ୍ରୁମାନଙ୍କ ଦ୍ୱାରା ପରିଚାଳିତ ମଣିଷ ଅଧଃପତିତ ହେବାକୁ ବାଧ୍ୟ। ସପ୍ତଦଶ ଅଧ୍ୟାୟରେ ମଣିଷର ପ୍ରକୃତି ଉପରେ ଯେଉଁ ବର୍ଣ୍ଣନା କରାଯାଇଛି ତାହା ୩ପ୍ରକାର – ଯଥା ସତ୍ତ୍ୱ, ରଜ, ତମ। ଏହି ଭେଦରେ ମଣିଷମାନଙ୍କୁ ସାତ୍ତ୍ୱିକ, ରାଜସିକ ଓ ତାମସିକ ଭାବରେ ବିଭକ୍ତ କରାଯାଏ। ପରୀକ୍ଷାରେ ଯେଉଁ ଫାଷ୍ଟ, ସେକେଣ୍ଡ ଓ ଥାର୍ଡ ଡିଭିଜନ ପରି ସଫଳତାର ଶ୍ରେଣୀର ଅଛି, ଯଦି ସବୁ ରଜ ତମ ଗୁଣକୁ ତା'ର ସଫଳତା ବୋଲି ଆପଣ ଆପେ ଆପେ ଭାବି ନିଅନ୍ତି ତା'ହେଲେ ଆପଣ ଏକ ପାଖାପାଖି ଆକଳନ କରୁଛନ୍ତି। ସାତ୍ତ୍ୱିକ ଲୋକଙ୍କ ଦୈବୀ ଗୁଣ ସମ୍ପନ୍ନ ଏହା ସତ, ରାଜସିକ ଲୋକଙ୍କର କିଛି ଗୁଣ ଦେଖାଚାର ଦୃଷ୍ଟିରୁ ଗ୍ରହଣୀୟ ହୋଇପାରେ ମାତ୍ର ସେମାନେ ଫଳାକାଂକ୍ଷୀ, ସେମାନେ ଉଦ୍ଦେଶ୍ୟମୂଳକ ଭାବରେ ଯଜ୍ଞର ବିଧାନ କରନ୍ତି। ରାଜସିକ ବ୍ୟକ୍ତି ତପସ୍ୟା ବି କରିପାରନ୍ତି ମାତ୍ର ସେମାନଙ୍କର ଲକ୍ଷ୍ୟ ଥାଏ ପ୍ରଶଂସାପ୍ରାପ୍ତି ବା ପ୍ରତିଷ୍ଠା ଅର୍ଜନ। ନିଜକୁ ଗୌରବ ମଣ୍ଡିତ କରିବା ପାଇଁ ସେମାନେ ଦାନ କରନ୍ତି ମାତ୍ର ଉଦ୍ଦେଶ୍ୟ ପ୍ରଣୋଦିତ ସେହି ଦାନ ଉତ୍କୃଷ୍ଟ ଦାନ ପର୍ଯ୍ୟାୟଭୁକ୍ତ ନୁହେଁ, ଅର୍ଥାତ୍ କିଛିତ ରୂପେ ମଣିଷମାନଙ୍କ ପ୍ରକୃତି ଓ ଲକ୍ଷଣକୁ ଲକ୍ଷ୍ୟକରି ଏହି ଅଧ୍ୟାୟରେ ଉତ୍ତମ, ମଧ୍ୟମ ଓ ଅଧମଙ୍କୁ ସାତ୍ତ୍ୱିକ, ରାଜସିକ ଏବଂ ତାମସିକ ଚରିତ୍ରର ବ୍ୟକ୍ତି ଭାବରେ ଅଭିହିତ କରାଯାଇଛି।

ଏହି ଲକ୍ଷଣଗୁଡ଼ିକର ସମ୍ୟକ୍ ଅନୁଧ୍ୟାନ ଓ ଅଧ୍ୟୟନରୁ କିଏ ଲୋକ କେଉଁ ପରି ଆମେ ଜାଣିପାରିବା- ସତ୍ ଲୋକଙ୍କର ବନ୍ଧୁତା ଓ ସାନ୍ନିଧ୍ୟ ପାଇଲେ ଜୀବନ ଧନ୍ୟ ହୁଏ, ସେମାନେ ଆପଣଙ୍କର ଭଲ ମନ୍ଦ ଉଭୟରେ ସାଥୀ ହୋଇଥାନ୍ତି। ମାତ୍ର ଆସୁରିକ ଚରିତ୍ରର ବ୍ୟକ୍ତିମାନେ ଆପଣଙ୍କଠାରେ କିଛି ଲାଭ ହେବାର ନାହିଁ ଦେଖିଲେ ମାତ୍ରେ ଆପଣଙ୍କ ଠାରୁ ଦୂରେଇ ଯାଆନ୍ତି, ଯିଏ ଦୁଷ୍ଟ ବ୍ୟକ୍ତିଙ୍କ ସହ ମିତ୍ରତା କରନ୍ତି ତାଙ୍କର ନିଧନ ଅବଶ୍ୟମ୍ଭାବୀ। ଅତଏବ ସଂସାରୀମାନଙ୍କ ପାଇଁ ଗୀତାର ଏଇ ଶିକ୍ଷା ଅତ୍ୟନ୍ତ ଉପଯୋଗୀ ଏବଂ ଜୀବନର ମାର୍ଗ ଉନ୍ମୁକ୍ତ କଲା ପରି।

ଭାରତୀୟ ପ୍ରଶାସନିକ ସେବାର
ପୂର୍ବତନ ଅଧିକାରୀ
ମୋ: ୯୪୩୮୪୮୨୯୧୧



# ଜଗନ୍ନାଥ ସଂସ୍କୃତିର ସୁରକ୍ଷା ଲୋଡ଼ା

ସୁଧାଂଶୁ ରଞ୍ଜନ ଦାସ

ସାରା ଜଗତର ପାଳନକର୍ତ୍ତା ପ୍ରଭୁ ଜଗନ୍ନାଥ ଓଡ଼ିଶାରେ କୋଉ ଆଦିମ କାଳରୁ ପୂଜା ପାଇଆସୁଛନ୍ତି। ବାର ଶହ ଶତାବ୍ଦୀରେ ନିର୍ମିତ ଜଗନ୍ନାଥ ମନ୍ଦିରର କାରୁକାର୍ଯ୍ୟ, ସାଂସ୍କୃତିକ ଓ ଆଧ୍ୟାତ୍ମିକ ପରିବେଶ ଭାରତ ଓ ଭାରତ ବାହାରେ ଥିବା ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କୁ ଆକୃଷ୍ଟ କରିଥାଏ। ଆଜି ପ୍ରତ୍ୟେକ ଭାରତୀୟ ଜଗନ୍ନାଥଙ୍କୁ ଜୀବନରେ ଥରେ ଦର୍ଶନ କରିବା ପାଇଁ ଅଭିଳାଷ ରଖିଥାନ୍ତି। ଜଗନ୍ନାଥ ସଂସ୍କୃତି ଓଡ଼ିଆ ଜାତିର ଆଧ୍ୟାତ୍ମିକ ବିକାଶ, ଶୌର୍ଯ୍ୟ, ବୀର୍ଯ୍ୟ, ପରାକ୍ରମ, ନୌବାଣିଜ୍ୟ, ଓଡ଼ିଶାର ସାଂସ୍କୃତିକ ଓ ଆର୍ଥିକ ବିକାଶ ପାଇଁ ଯୁଗ ଯୁଗ ଧରି ପ୍ରେରଣା ଦେଇ ଆସିଛି। ଓଡ଼ିଶୀ ଚିତ୍ର ଓ ନୃତ୍ୟ ଜଗନ୍ନାଥଙ୍କର ଅତି ପ୍ରିୟ ବସ୍ତୁ ମଧ୍ୟରେ ଗଣାଯାଏ। ଆଜି ଓଡ଼ିଶୀ ନୃତ୍ୟ ପରମ୍ପରା, ଗୋଟିପୁଅ ନୃତ୍ୟ ଓ ଓଡ଼ିଶୀ ଚିତ୍ରକଳା ପୁରୀରୁ ପ୍ରାୟ ଲୋପ ପାଇବାକୁ ବସିଲାଣି। ଓଡ଼ିଶାର ଚିତ୍ର ଶିଳ୍ପୀମାନେ ପୁରୀ ମନ୍ଦିରରେ ଥିବା ବିଭିନ୍ନ ଦେବଦେବୀଙ୍କ ମନ୍ଦିରରେ ହୋଇଥିବା ଭଉଣେଟାଗର ଓଡ଼ିଶୀ ଚିତ୍ରକୁ ନିରୀକ୍ଷଣ କରି ଏହାକୁ ବିଭିନ୍ନ ଗ୍ରେନ୍ ମଧ୍ୟମରେ ପୁନଃ ପ୍ରସ୍ତୁତ କରିଥାନ୍ତି। ଆଜି ଏହି ବିଶ୍ୱପ୍ରସିଦ୍ଧ ଓଡ଼ିଶୀ ଚିତ୍ରକୁ ମନ୍ଦିର କାନ୍ଥରେ ଆଉ ଦେଖିବାକୁ ମିଳୁନାହିଁ। ଏହି ଚିତ୍ରଗୁଡ଼ିକୁ ଅଜ୍ଞ ଚିତ୍ରଶିଳ୍ପୀଙ୍କ ଦ୍ୱାରା ପ୍ରାକୃତିକ ରଙ୍ଗର ବ୍ୟବହାର କରି ମରାମତି କରାଯାଇପାରିଥାନ୍ତା। ଆଜି ଅନେକ କୋଟି ଟଙ୍କା ଖର୍ଚ୍ଚ କଲେ ମଧ୍ୟ ପୂର୍ବରୁ ହୋଇଥିବା ଏହି ଓଡ଼ିଶୀଚିତ୍ରକୁ ତିଆରି କରିବା କଷ୍ଟକର।

ମନ୍ଦିର ପାଦଦେଶରେ ହୋଇଥିବା ଅତି ସୂକ୍ଷ୍ମ ପୌରାଣିକ, ସାମାଜିକ, ସାମରିକ, ପାରିବାରିକ ଓ ସାଂସ୍କୃତିକ ବିଷୟବସ୍ତୁଗୁଡ଼ିକ ଦୁଇ ଇଞ୍ଚରୁ ଛ' ଇଞ୍ଚ ଉଚ୍ଚତା ଭିତରେ ଅତି ନିଖୁଣ ଭାବରେ ପଥର କାନ୍ଥରେ ଖୋଦେଇ କରାଯାଇଛି। ଅଦ୍ଭୁତ ଓ ଅନନ୍ୟ ଏହି ଉତ୍କଳୀୟ ଶିଳ୍ପୀ ପରମ୍ପରା। ମନ୍ଦିର ପାଦଦେଶରେ ହୋଇଥିବା ଅତି ଛୋଟ ଛୋଟ କାରୁକାର୍ଯ୍ୟପୂର୍ଣ୍ଣ ମୂର୍ତ୍ତିଗୁଡ଼ିକର ଆକାର ମନ୍ଦିରର ଉପରକୁ ଉପରକୁ ଆକାରରେ ବଡ଼ ହେଉଥିବାର ଦେଖିବାକୁ ମିଳୁଛି। ଦେବ, ଦେବୀ, ମନୁଷ୍ୟ, ସାମାଜିକ, ସାଂସ୍କୃତିକ, ସମର ଅଭିଯାନ, ରାଜକାର୍ଯ୍ୟ, ପୂଜା ପଦ୍ଧତି, ରୀତି, ନୀତି, ପୁଷ୍ପ, ଲତା, ଗଛ, ପଶୁ ପକ୍ଷୀ, ବିଭିନ୍ନ ପ୍ରକାରର ବସ୍ତ୍ର, ଅଳଙ୍କାର ଓ ଉପାସନା ପଦ୍ଧତି ଇତ୍ୟାଦି ସହେ ଯେପରି ଜୀବିତ ଅଛନ୍ତି। ପୁରୀ ଜଗନ୍ନାଥ ମନ୍ଦିର କେବଳ ଜଗନ୍ନାଥ କିମ୍ବା କଳ୍କି ଅବତାରଙ୍କ ଆବାସ ସ୍ଥଳୀ ନୁହେଁ। ଏହା ପ୍ରାଚୀନ ଉତ୍କଳୀୟମାନଙ୍କର ଉନ୍ନତ ସାମାଜିକ, ସାଂସ୍କୃତିକ, ସାମରିକ, ଅର୍ଥନୈତିକ ଓ ପାରିବାରିକ ଜୀବନର ଏକ ପ୍ରତିବିମ୍ବ। ଦୁଃଖର କଥା, ଏହି ବିଶ୍ୱପ୍ରସିଦ୍ଧ କାରୁକାର୍ଯ୍ୟ ଆଉ ସୁରକ୍ଷିତ ଲାଗୁନାହିଁ। ଅନେକ ଜାଗାରେ କାରୁକାର୍ଯ୍ୟପୂର୍ଣ୍ଣ ମନ୍ଦିର କାନ୍ଥଗୁଡ଼ିକ ସିମେଣ୍ଟ ପଲସ୍ତରା ହେଲା ଭଳି ଦେଖାଯାଉଛି। ମହାଲକ୍ଷ୍ମୀ ମନ୍ଦିର କାନ୍ଥରେ ଲଗାଯାଇଥିବା କେତୋଟି ନିର୍ମାଣର ନୂତନ ମୂର୍ତ୍ତି ମନ୍ଦିରର ଶୋଭାକୁ ନଷ୍ଟ କରିଦେଲା ଭଳି ଲାଗେ। ଓଡ଼ିଶା ସରକାର ତୁରନ୍ତ ଅଭିଜ୍ଞ ପ୍ରତ୍ନତତ୍ତ୍ୱବିତ୍ ଓ ଗବେଷକଙ୍କ ଦ୍ୱାରା ଏହାର ସମ୍ପୂର୍ଣ୍ଣ ଯାଞ୍ଚ କରିବା ଦରକାର। କୌଣସି ବିଶେଷ କାରଣରୁ



ମନ୍ଦିର ବାହାରକୁ ସ୍ଥାନାନ୍ତରିତ ହୋଇଥିବା ମୂର୍ତ୍ତି କିମ୍ବା କାରୁକାର୍ଯ୍ୟପୂର୍ଣ୍ଣ ପ୍ୟାନେଲଗୁଡ଼ିକ ତୁରନ୍ତ ପୁନଃ ସ୍ଥାପନ କରାଯିବା ଦରକାର। ପୁରୀ ଜଗନ୍ନାଥ ମନ୍ଦିରର ପ୍ରକୃତ ରକ୍ଷକ ହେଲେ ଜଗନ୍ନାଥଙ୍କ ସେବକମାନେ। ଆଜି ମଧ୍ୟ ଜଗନ୍ନାଥ ମନ୍ଦିରରେ ଅନେକ ନିଷ୍ଠାପର ଓ ସଚ୍ଚୋଟ ସେବକ ଶ୍ରୀମନ୍ଦିରର ପ୍ରତିଷ୍ଠା ଓ ସାଂସ୍କୃତିକ ପରମ୍ପରାକୁ ବଜାୟ ରଖିଛନ୍ତି। ଯୁଦ୍ଧପିଇଁ ଏହି ବରିଷ୍ଠ ଓ ନିଷ୍ଠାପର ସେବକମାନଙ୍କ ମାର୍ଗ ଦର୍ଶନରେ ପରିଚାଳିତ ହେଲେ ପୁରୀର ସାମାଜିକ, ସାଂସ୍କୃତିକ ଓ ଆର୍ଥିକ ପରିବେଶରେ ଅନେକ ସୁଧାର ହେବ। ଏହା ପୁରୀର ସ୍ଥାୟୀ ବାସିନ୍ଦାଙ୍କ ପାଇଁ ଅନେକ ରୋଜଗାର ସୃଷ୍ଟି କରିବ। ସ୍ଥାୟୀ ବାସିନ୍ଦାମାନେ ପୁରୀରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିବାରେ ଓ ଜଗନ୍ନାଥଙ୍କ ସୁରକ୍ଷା ପାଇଁ ଯୁଗ ଯୁଗ ଧରି ଅନେକ ବଳିଦାନ ଦେଇଆସିଛନ୍ତି। ଜଗନ୍ନାଥ ସଂସ୍କୃତିର ସୁରକ୍ଷା ପାଇଁ ପୁରୀରେ ଥିବା ଜାଗା ଘର, ଓଡ଼ିଶୀ ଚିତ୍ର ଓ ନୃତ୍ୟ ପରମ୍ପରା, ପଥର କାମ, ଖଡ଼ିପଥର କାମ ଓ ସୋଲ କାମ ପରମ୍ପରା ଇତ୍ୟାଦି ଉଜ୍ଜ୍ୱଳ ହେବା ଦରକାର। ଆନ୍ଧ୍ରପ୍ରଦେଶର ତିରୁପତି ମନ୍ଦିର ପରି ଜଗନ୍ନାଥ ମନ୍ଦିରରେ ଭି.ଆଇ.ପି. ସଂସ୍କୃତି ନ ଥିଲା। ଏହି ବିଶେଷ ଭି.ଆଇ.ପି. ସୁବିଧାର ଫାଇଦା ଅନେକ ଅଣ-ଭି.ଆଇ.ପି. ମଧ୍ୟ ଉଠାଉଛନ୍ତି। ସରକାର ଓ ମନ୍ଦିର କର୍ତ୍ତୃପକ୍ଷ ଏହି ସୁବିଧାକୁ ତୁରନ୍ତ ରଦ୍ଦ କରିଦେବା ଉଚିତ। କାରଣ ଏହି ଭି.ଆଇ.ପି. ସୁବିଧା ଯୁଗ ଯୁଗରୁ ଗଢ଼ି ଆସୁଥିବା ଜଗନ୍ନାଥ ସଂସ୍କୃତିର ସମାନତା, ଭାବ ଓ ଭକ୍ତି ପରିବେଶକୁ ନଷ୍ଟ କରିଦେବ। ଯଦି ଜଗନ୍ନାଥ ସଂସ୍କୃତି ନ ଥିଲେ ଭି.ଆଇ.ପି. ଭକ୍ତ ପ୍ରାତଃ କାଳ କିମ୍ବା ରାତି ୧ଟା ପରେ ଜଗନ୍ନାଥଙ୍କୁ ଦର୍ଶନ କରିପାରିବେ। ତୀର୍ଥକ୍ଷେତ୍ର ପୁରୀକୁ ବ୍ୟବସାୟୀକରଣ କରା ନ ଯାଇ ଏହି ସହରର ଆର୍ଥିକ ଗତିବିଧିକୁ ସୁରକ୍ଷିତ ରଖାଯାଇପାରିବ। କାରଣ ଅତ୍ୟଧିକ ବ୍ୟବସାୟୀକରଣ ଅନେକ ସୂକ୍ଷ୍ମ ଆର୍ଥିକ ଗତିବିଧିକୁ ନଷ୍ଟ କରିଦେଇଥାଏ। ଏହା ଲୋଭରେ ପଡ଼ି ପୁନାଅଣ୍ଡ ଦେଉଥିବା କୁକୁଡ଼ାକୁ ମାରିଦେଲା ପରି ହୋଇଥାଏ।

ପୁରୀରେ ତିଆରି ହେଉଥିବା ବିଭିନ୍ନ କିସମ ମିଠାଗୁଡ଼ିକର ଗୁଣବତ୍ତା, ସହରର ସ୍ୱଚ୍ଛତା, ଆଧ୍ୟାତ୍ମିକ ପରିବେଶ, ହସ୍ତଶିଳ୍ପ ପରମ୍ପରା ଓ ସୁରକ୍ଷା ବ୍ୟବସ୍ଥା ଇତ୍ୟାଦି ସ୍ଥାନୀୟ ଲୋକଙ୍କ ପାଇଁ ଅନେକ ରୋଜଗାର ସୃଷ୍ଟି କରିବ। କେତେକ ଏଜେଣ୍ଟ ଯାତ୍ରୀମାନଙ୍କୁ ମନ୍ଦିର ଭିତରେ ପ୍ରବେଶ କରାଉଥିବାର ଦେଖିବାକୁ ମିଳୁଛି। ମନ୍ଦିର ଦ୍ୱାରଗୁଡ଼ିକରେ ଉତ୍ତମ ପୋଲିସ କର୍ମଚାରୀ ମୁତୟନ କରାଗଲେ ଏହି ପ୍ରକ୍ରିୟା ବନ୍ଦ ହୋଇପାରିବ। ମନ୍ଦିର ପ୍ରଶାସନ ପୁରୀର ସ୍ଥାନୀୟ ଲୋକଙ୍କୁ ପ୍ରବେଶ ପାସ ବିତରଣ କଲେ ସେମାନେ ଏକ ନିର୍ଦ୍ଦିଷ୍ଟ ସମୟରେ ଉତ୍ତର, ଦକ୍ଷିଣ କିମ୍ବା ପଶ୍ଚିମ ଦ୍ୱାର ବାଟେ ଯାଇ ଜଗନ୍ନାଥ ଦର୍ଶନ କରିପାରିବେ। ପର୍ବପର୍ବାଣି ଦିନଗୁଡ଼ିକରେ ମନ୍ଦିରରେ ଧାଡ଼ି ଦର୍ଶନର ବ୍ୟବସ୍ଥା କରାଯାଇ ପାରିବ। ମନ୍ଦିର ଭିତରେ ଓ ବାହାରେ ଯେପରି କୌଣସି ଶ୍ରଦ୍ଧାଳୁ ଦୁର୍ବ୍ୟବହାରର ଶିକାର ନ ହୁଅନ୍ତି, ସେଥିପାଇଁ ପ୍ରଶାସନ କଡ଼ା ନଜର ରଖିବା ଉଚିତ। ପ୍ରଭୁ ଜଗନ୍ନାଥ ଓ ଶ୍ରୀମନ୍ଦିରର ପ୍ରତିଷ୍ଠା ଓଡ଼ିଶା ତଥା ଓଡ଼ିଶା ବାହାରେ ଯେପରି ଅକ୍ଷୁଣ୍ଣ ରହେ, ସେଥିପାଇଁ ସମସ୍ତ ପଦକ୍ଷେପ ନେବା ଉଚିତ। ଜଗନ୍ନାଥଙ୍କ ବରିଷ୍ଠ ସେବକମାନେ, ମନ୍ଦିର ପ୍ରଶାସନ, ପୁରୀର ସ୍ଥାୟୀ ବାସିନ୍ଦା, ବୁଦ୍ଧିଜୀବୀ, ସରକାର, ସାହି ଯୁବକ ଓ ଧାର୍ମିକ ସଂସ୍ଥାମାନେ ଏକଜୁଟ ହୋଇ ଜଗନ୍ନାଥ ସଂସ୍କୃତିର ସୁରକ୍ଷା କରିବା ନିହାତି ଦରକାର। କାରଣ ଏହି ସଂସ୍କୃତିର ଅବକ୍ଷୟ ହେଲେ ଏହା କେବଳ ପୁରୀ ନୁହେଁ, ସାରା ଓଡ଼ିଶାକୁ ପ୍ରାଣଶୂନ୍ୟ କରିଦେବ।

ମୋ: ୭୭୦୨୩୩୧୩୮୦

## ଏଇ ଭାରତରେ

ଝିଅମାନଙ୍କୁ ରାସ୍ତାରେ ବୁଲେଟ୍ ଚଲାଇବାର ପ୍ରାୟତଃ କେହି ଦେଖି ନ ଥିବେ। ହେଲେ ମଧ୍ୟପ୍ରଦେଶର ଜବଲପୁରରେ ଏମିତି କିଛି ଦେଖିବା ନୂଆ କଥା ନୁହେଁ। ଝିଅମାନେ ବି ଏଠି ବୁଲେଟ୍ ଓ ବାଇକ୍ ଚଢ଼ି ଜିବାଆସିବାର ଅଭ୍ୟାସ ଚଳାଉଛନ୍ତି। ତେବେ ଯୁବତୀମାନଙ୍କୁ ଏହି ତାଲିମ ଦେଉଛନ୍ତି ସହରର ଦୁଇ ଯୁବତୀ ଶ୍ୱେତା ଦୁବେ ଓ ନୁପୁର ପଟେଲ। ଏହି ଦୁଇଜଣ ହେଉଛନ୍ତି ଦୁଇ ଘନିଷ୍ଠ ବାନ୍ଧବୀ। ଉଭୟ ମାଗଣାରେ ସହରର ସମସ୍ତ ମହିଳାଙ୍କୁ ବାଇକ୍ ଚଲାଇବା ତାଲିମ ଦେଉଛନ୍ତି। ସେମାନଙ୍କର ଏଭଳି କରିବା ପଛରେ ଏକମାତ୍ର ଉଦ୍ଦେଶ୍ୟ ହେଉଛି ମହିଳାଙ୍କ ଆତ୍ମବିଶ୍ୱାସ ବଢ଼ାଇବା ଓ ସେମାନଙ୍କୁ ସଶକ୍ତ କରିବା। କାରଣ ମହିଳାମାନେ ପ୍ରାୟତଃ ସ୍କୁଟି ଭଳି ଗିୟର ନ ଥିବା ଗାଡ଼ି ଚଲାଇଥାନ୍ତି। ଏଥିପାଇଁ ସେମାନେ କାର୍ ଶିଖିବା ସମୟରେ ଅଧିକ ଭୟଭୀତ ହୋଇଥାନ୍ତି। ସେମାନଙ୍କର ଏହି ଅସୁବିଧା ଦୂର କରି ଅଧିକ ସଶକ୍ତ କରିବା ଉଦ୍ଦେଶ୍ୟରେ ଉଭୟ ଏଭଳି ଏକ କାମ ହାତକୁ ନେଇଛନ୍ତି। ପ୍ରଥମେ ସୋସିଆଲ ମିଡିଆରେ ଏନେଇ ସୂଚନା ଦେଇଥିଲେ। ତା'ପରେ ବହୁସଂଖ୍ୟାରେ ମହିଳା ବାଇକ୍ ଶିଖିବା ପାଇଁ ଆଗ୍ରହ ଦେଖାଇଥିଲେ। ଏବେ ସମସ୍ତଙ୍କୁ ମାଗଣାରେ ସେମାନେ ଏହି ତାଲିମ ଦେଉଛନ୍ତି। ଝିଅମାନେ ବି ପୁଅମାନଙ୍କ ଭଳି ସବୁ କରିବା ପାଇଁ ସକ୍ଷମ। ଏହି ନାରା ଦେଇ ସେମାନେ ସବୁ ମହିଳାଙ୍କୁ ସଶକ୍ତ କରିବା ଉଦ୍ଦେଶ୍ୟରେ ଏହି କାମ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୬ ଜୁନ୍ ୧୯୭୬

- ମହାରାଷ୍ଟ୍ର ବିଧାନ ପରିଷଦ ପାଇଁ ସ୍ନାତକ ସଂସ୍ଥା ସମୂହର ନିର୍ବାଚନ ମଣ୍ଡଳୀରୁ ହୋଇଥିବା ନିର୍ବାଚନରେ କଂଗ୍ରେସର ବିପୁଳ ବିଜୟ।
- ଭାରତରେ ୩୨ ଲକ୍ଷ କୁଷ୍ଠରୋଗୀ ଥିବା ନେଇ ଜେନେଭାଠାରେ ଅନୁଷ୍ଠିତ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ବୈଠକରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର ନିୟନ୍ତ୍ରଣ ମନ୍ତ୍ରୀ କରଣ ସିଂ ପ୍ରକାଶ କରିଥିଲେ।

## ଚିରନ୍ତନୀ

ହେ ପୁରାଣ ପୁଣ୍ୟ ପାନ୍ଥ, ଦୀର୍ଘ ଯେଉଁ
ପଥ ଅତିକ୍ରମି
ଉଭା ହେଲ ଜୀବନର ଏକ ପ୍ରାନ୍ତେ
ଶ୍ରାନ୍ତ ପଦେ ଭ୍ରମି?
-(ପ୍ରାଚୀନ ଓ ନବୀନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## sudoku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 4 | | 7 | | | | | | |
| | 5 | 8 | | 3 | | | | |
| | | | 4 | 2 | 3 | | 9 | |
| | | 3 | 1 | | | 8 | | |
| 7 | | | | | | | 1 | |
| | | 5 | 8 | 4 | | 7 | | |
| | | | | | | 9 | 6 | |
| | | 9 | 3 | 5 | | 1 | | |
| | 1 | | | | 8 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 6 | 4 | 9 | 2 | 3 | 5 | 1 | 7 |
| 9 | 1 | 5 | 7 | 4 | 8 | 2 | 6 | 3 |
| 7 | 3 | 2 | 1 | 6 | 5 | 9 | 8 | 4 |
| 4 | 2 | 8 | 3 | 5 | 7 | 1 | 9 | 6 |
| 3 | 5 | 1 | 2 | 9 | 6 | 7 | 4 | 8 |
| 6 | 7 | 9 | 8 | 1 | 4 | 3 | 5 | 2 |
| 1 | 4 | 6 | 5 | 3 | 2 | 8 | 7 | 9 |
| 2 | 9 | 7 | 6 | 8 | 1 | 4 | 3 | 5 |
| 5 | 8 | 3 | 4 | 7 | 9 | 6 | 2 | 1 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବାଂଲାଦେଶ ସହ ସମ୍ପର୍କ ଛିନ୍ନ ହେଉ

ମହାଶୟ,

ଭାରତ-ପାକିସ୍ତାନ ମଧ୍ୟରେ ଉପୁଜିଥିବା ଉତ୍ତେଜନା ପରିପ୍ରେକ୍ଷୀରେ ବାଂଲାଦେଶର ପରୋକ୍ଷ ଶତ୍ରୁତା ଦେଖାଦେଇଛି, ଯାହା ପାକିସ୍ତାନକୁ ଅଧିକ ସହାୟତା କରିବ। ଏଥିପାଇଁ ଦେଶରୁ ବେଆଇନ ଭାବେ ପ୍ରବେଶ କରିଥିବା ବାଂଲାଦେଶୀ ନାଗରିକଙ୍କୁ ରଖା ନ ଯାଉ। ବାରମ୍ବାର ପାକିସ୍ତାନର ବର୍ବରକାଣ୍ଡ ସୀମା ଉଲ୍ଲଂଘନ କରୁଛି। ଏପରିକି ନିର୍ଦ୍ଦୋଷ ତୀର୍ଥଯାତ୍ରୀଙ୍କୁ ନିର୍ମମ ହତ୍ୟା ଅତ୍ୟନ୍ତ ହୃଦୟବିଦାରକ। ତା'ଛଡ଼ା ଯୁଦ୍ଧବିରତି ପରେ ବି ଭାରତ ଉପରେ ଆକ୍ରମଣ କରିବାକୁ ପଛାଉନାହିଁ।

-ରମେଶଚନ୍ଦ୍ର ବେହେରା, ଆୟରପୁର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)


# ପ୍ରକୃତିର ଝାଡ଼ୁଦାର



ଦେବାଶିଷ ମହାନ୍ତି

"ଗୋବର ପୋକ କୃଷକକୁ ପ୍ରାକୃତିକ ସାର ଯୋଗାଇବାରେ ସାହାଯ୍ୟ କରନ୍ତି ଓ ପ୍ରାକୃତିକ କୀଟନାଶକ ଭାବରେ କାର୍ଯ୍ୟ କରନ୍ତି। ତେଣୁ କୃତ୍ରିମ ସାର ଓ କୀଟନାଶକ ବ୍ୟବହାର ହ୍ରାସ କରି ଏହାର ବିଷାକ୍ତ ପ୍ରଭାବରୁ ମନୁଷ୍ୟକୁ ରକ୍ଷା କରିବା ସହିତ ପରିବେଶକୁ ରକ୍ଷା କରନ୍ତି। ଗୋବରରୁ ମିଥେନ ବାଷ୍ପ ବାହାରେ, ଯାହା ଏକ ସବୁଜ କୋଠରି ତଥା ବିଷାକ୍ତ ବାଷ୍ପ। ଏହା ବାୟୁ ମଣ୍ଡଳର ତାପମାତ୍ରା ବୃଦ୍ଧି କରେ। ଗୋବର ପୋକ ଗୋବରକୁ ନଷ୍ଟ କରି ଏହି ବାଷ୍ପ ଉତ୍ପାଦନକୁ ବହୁ ମାତ୍ରାରେ କମେଇ ଦିଏ ଓ ବାୟୁମଣ୍ଡଳର ତାପମାତ୍ରା ବୃଦ୍ଧିକୁ ପ୍ରତିହତ କରେ।"






ଏକ ରବିବାରର ମେଘୁଆ ସକାଳ। ମୁଁ ବାଲକୋନୀରେ ବସି ଖବରକାଗଜ ପଢ଼ିବା ସହିତ ଗରମ ଚା ଢୋକର ମଜା ନେଉଥିଲି ଓ ମୋ ପୁଅ ଓମ୍ ସେଠାରେ ମୋ ପାଖରେ ବସିଥିଲା। ଏହି ସମୟରେ ଏକ କଳା ବଡ଼ ପୋକ, କେଉଁଆଡୁ ଉଡ଼ି ଆସି ଆମ ଗୋଡ଼ ପାଖରେ ପଡ଼ିଲା ତାକୁ ଦେଖି ଓମ୍ ଡରିଗଲା ଓ କହିଲା ଏହି ଭୟାନକ କୀଟକୁ ଶୀଘ୍ର ମାରିଦିଅ। ମୁଁ ଟିକେ ହସିକି କହିଲି, "ଏହା ଏକ ଭୟାନକ କୀଟ ନୁହେଁ ବରଂ ଆମର ତଥା ସମଗ୍ର ଜୀବଜଗତର ଅତି ଉପକାରୀ କୀଟ।" ଏହା ଶୁଣି ଓମ୍ ଅତି ଆଶ୍ଚର୍ଯ୍ୟ ହୋଇ ମୋ ମୁହଁକୁ ଅନାଇଲା। ଏତିକି ବେଳେ ମଇଳା ପୋଷାକ ପିନ୍ଧିଥିବା ସଫେଇ କର୍ମଚାରୀ, ଝାଡୁ ଏବଂ ଗାଡ଼ି ଧରି, ରାସ୍ତାରେ ଅଳିଆ ଅଳିଆ ଡାକ ଦେଇ ଦେଇ ଆମ ଘର ସାମ୍ନା ରାସ୍ତା ଅତିକ୍ରମ କଲା। ତାକୁ ଦେଖି ମୁ ପଚାରିଲି ଏ ଲୋକକୁ ଚିହ୍ନିଛୁ। ସେ ସଙ୍ଗେ ସଙ୍ଗେ କହିଲା ହଁ, ସେ ହେଲା ଅଳିଆ ବାଲା। ମୁଁ ଟିକେ ହସି କି କହିଲି ସେ ସଫେଇ ବାଲା ଆମେ ଅଳିଆ ବାଲା। ମୁଁ ସେହି ବ୍ୟକ୍ତିଙ୍କୁ ସମ୍ମାନର ସହିତ ଦେଖିଲି ଏବଂ କହିଲି, "ସେମାନଙ୍କର କାମ ଆମକୁ ଅସନା ଲାଗିପାରେ ଓ ଅଧିକାଂଶ ବ୍ୟକ୍ତି ତାଙ୍କୁ ଘୃଣା ଚକ୍ଷୁରେ ଦେଖନ୍ତି। କିନ୍ତୁ ଟିକେ ଭାବିଲ ସେମାନେ ସବୁଠାରୁ କଷ୍ଟକର କାମ, ଯାହା କେହି କରନ୍ତିନି ସେ କାମ ସେମାନେ କରନ୍ତି। ସେମାନଙ୍କ ବିନା, ଆମର ସହର ଗୁଡ଼ିକ ଅଳିଆ ଆବର୍ଜନାରେ ବୁଡ଼ିଯିବ। ସେମାନଙ୍କ ଯୋଗୁ ଆମ ପରିବେଶ ସ୍ୱଚ୍ଛ ରହେ ଓ ଆମେ ସୁସ୍ଥ ରହୁ। ରାସ୍ତାର ଏହି ମଳିମୁଣ୍ଡିଆ ଲୋକଟି ଯେପରି ଆମ ସ୍ୱାସ୍ଥ୍ୟର ଓ ପରିବେଶର ନୀରବ ରକ୍ଷକ, ଠିକ୍ ସେହିପରି ତୋତେ ଭୟଙ୍କର ଲାଗୁଥିବା ଏହି କୁନି କୀଟଟି ପୃଥିବୀର ସମସ୍ତ ଜୀବଜନ୍ତୁଙ୍କ ମଳ ସଫା କରି ପୃଥିବୀକୁ ସ୍ୱଚ୍ଛ ରଖୁଥିବା ପୃଥିବୀର ସଫେଇ କର୍ମଚାରୀ– ଗୋବର ପୋକ। ଏହି କୀଟକୁ ଇଂଲିଶରେ ଡଙ୍ଗ୍ ବିଟଲ ଓ ହିନ୍ଦୀରେ ଗୁବ୍ରେଲା ବୋଲି କୁହାଯାଏ। ଏହା ବୈଜ୍ଞାନିକ ମତ ଅନୁଯାୟୀ ସ୍କାରାବେଇଓଡିଆ ମହା ପରିବାର ଅନ୍ତର୍ଭୁକ୍ତ। ସେମାନଙ୍କ ମଧ୍ୟରୁ ଅଧିକାଂଶ ସ୍କାରାବେଇଡାଇ ପରିବାରର ସ୍କାରାବେଇନାଏ ଏବଂ ଆଫୋଡିନାଏ ଉପପରିବାର ଅନ୍ତର୍ଭୁକ୍ତ। ଏହା ଥରେ ଭାବି ଦେଖ ପୃଥିବୀରେ କୋଟି କୋଟି ପ୍ରକାରର ଜୀବଜନ୍ତୁ ଅଛନ୍ତି। ସେମାନେ ପ୍ରତିଦିନ ମଳ ତ୍ୟାଗ କରନ୍ତି। ଯଦି ଏହି ମଳକୁ ସଫା କରିବାକୁ କେହି ନଥାନ୍ତେ, ତେବେ ପୃଥିବୀ ମଳ ଗଦାରେ ପରିଣତ ହୋଇ ସାରନ୍ତାଣି ଓ ବିଭିନ୍ନ ପ୍ରକାର ରୋଗ ବ୍ୟାଧି ବ୍ୟାପି ପୃଥିବୀର ଜୀବଜଗତ ବିଲୁପ୍ତ ହୋଇ ଯାଇଥାନ୍ତା। ଭଗବାନ ବା ପ୍ରକୃତି ଏହି କୁନି କୀଟ ଗୋବର ପୋକକୁ ଜୀବଜନ୍ତୁମାନଙ୍କର ମଳ ସଫା କରିବାର ମହାନ ଦାୟିତ୍ୱ ଅର୍ପଣ କରିଛନ୍ତି।

ଗୋବର ପୋକ ହେଉଛି କ୍ଷେତ, ଜଙ୍ଗଲ ଏବଂ ଘାସଭୂମିରେ ଦେଖାଯାଉଥିବା ଛୋଟ କୀଟ। ସେମାନେ ପଶୁମାନଙ୍କ ଗୋବର ଖାଇଥାନ୍ତି ଏବଂ ସଂଗ୍ରହ କରନ୍ତି – ଯାହାକୁ ଆମେ ମଳ ବୋଲି କହିଥାଉ। ସେମାନେ ୫୦ କିମି ଦୂରରୁ ପଶୁମାନଙ୍କ ଗନ୍ଧ ଶୁଙ୍ଘି ପାରନ୍ତି। ସେମାନେ ଗୋବରକୁ ଛୋଟ ଛୋଟ ବଲ୍ କରି ଠେଲି ଠେଲି ନିଅନ୍ତି। ତୁ ଶୁଣି ଆଶ୍ଚର୍ଯ୍ୟ ହେବୁ ଯେ ଗୋବର ପୋକ ନିଜ ଓଜନର ୧୦୦୦ ଗୁଣ ଅଧିକ ଓଜନର ଗୋବର ବଲ୍‌କୁ ଠେଲି ଠେଲି ନେଇପାରେ, ଯାହା ଜଣେ ମଣିଷ ୧୦ଟି ବସକୁ ଏକା ସଙ୍ଗେ ଠେଲିବା ସଙ୍ଗେ ସମାନ। କେତେକ କୀଟ ଗୋବରକୁ ସମ୍ପୂର୍ଣ୍ଣ ଛୋଟ ବଲ କରି ମାଟି ତଳେ ପୋତି ଦିଅନ୍ତି। ଅନ୍ୟମାନେ ସୁଡ଼ଙ୍ଗ ଖୋଳି ଗୋବରକୁ ଖାଦ୍ୟ କିମ୍ବା ଅଣ୍ଡା ଦେବା ପାଇଁ ସ୍ଥାନ ଭାବରେ ବ୍ୟବହାର କରନ୍ତି। ଯଦିଓ ଏହା ଆମକୁ ଅପ୍ରୀତିକର ମନେ ହୋଇପାରେ, ପ୍ରକୃତି ପାଇଁ ଏହା ସ୍ୱଚ୍ଛତାର ଏକ ଦାନ। ଯେପରି ଝାଡୁଦାରମାନେ ଆମର ଚାରିପାଖକୁ ସଫା ରଖନ୍ତି, ସେହିପରି ଗୋବର ପୋକମାନେ ପ୍ରକୃତିକୁ ପରିଷ୍କାର ରଖନ୍ତି ଓ ପ୍ରକୃତି, ଜୀବଜଗତ ସର୍ବୋପରି ମାନବ ଜାତିର ବହୁ ଉପକାର କରନ୍ତି। ଯଥା ପାରିବେଶିକ ସଫେଇ। ସେମାନେ ଗୋବର ଜମା ହେବା ପୂର୍ବରୁ ଏହାକୁ ନଷ୍ଟ କରି ମାଟି କରିଦିଅନ୍ତି। ଏହାଦ୍ୱାରା ମାଛି ନିୟନ୍ତ୍ରଣ କରିବାରେ ଏବଂ ରୋଗ ପ୍ରତିରୋଧ କରିବାରେ ପରୋକ୍ଷରେ ସାହାଯ୍ୟ କରନ୍ତି।

ପୋତି ଦିଆଯାଇଥିବା ଗୋବର ମାଟିକୁ ପୁଷ୍ଟିକର ପଦାର୍ଥ ସହିତ ସମୃଦ୍ଧ କରେ ଓ ଜୈବିକ ସାର ଭାବେ କାର୍ଯ୍ୟ କରି, ଗଛ ତଥା ଫସଲ ବଢ଼ିବାରେ ସାହାଯ୍ୟ କରେ। ଚାଷୀମାନଙ୍କୁ ସହାୟତା – ଚାରଣ ଭୂମିରେ, ଗୋବର ପୋକମାନେ କୀଟପତଙ୍ଗ ହ୍ରାସ କରନ୍ତି ଏବଂ ପଶୁପାଳନ ପାଇଁ ଚାରଣ ଭୂମିର ଗୁଣବତ୍ତା ଉନ୍ନତ କରନ୍ତି। ଗୋବର ପୋକ କୃଷକକୁ ପ୍ରାକୃତିକ ସାର ଯୋଗାଇବାରେ ସାହାଯ୍ୟ କରନ୍ତି ଓ ପ୍ରାକୃତିକ କୀଟନାଶକ ଭାବରେ କାର୍ଯ୍ୟ କରନ୍ତି। ତେଣୁ କୃତ୍ରିମ ସାର ଓ କୀଟନାଶକ ବ୍ୟବହାର ହ୍ରାସ କରି ଏହାର ବିଷାକ୍ତ ପ୍ରଭାବରୁ ମନୁଷ୍ୟକୁ ରକ୍ଷା କରିବା ସହିତ ପରିବେଶକୁ ରକ୍ଷା କରନ୍ତି। ଗୋବରରୁ ମିଥେନ ବାଷ୍ପ ବାହାରେ। ଯାହା ଏକ ସବୁଜ କୋଠରି ତଥା ବିଷାକ୍ତ ବାଷ୍ପ। ଏହା ବାୟୁ ମଣ୍ଡଳର ତାପମାତ୍ରା ବୃଦ୍ଧି କରେ। ଗୋବର ପୋକ ଗୋବରକୁ ନଷ୍ଟ କରି ଏହି ବାଷ୍ପ ଉତ୍ପାଦନକୁ ବହୁ ମାତ୍ରାରେ କମେଇ ଦିଏ ଓ ବାୟୁ ମଣ୍ଡଳର ତାପମାତ୍ରା ବୃଦ୍ଧିକୁ ପ୍ରତିହତ କରେ। କିନ୍ତୁ ଚାଷ ଜମିରେ ଅତ୍ୟଧିକ ରାସାୟନିକ କୀଟନାଶକ ବ୍ୟବହାର, ଜୀବଜନ୍ତୁଙ୍କ ସଂଖ୍ୟା କମିବା ସହିତ ତାଙ୍କ ଗୋବର ପରିମାଣ କମିବା, ଜୈବ ବିବିଧତାର ଅସନ୍ତୁଳନ ଗୋବର ପୋକମାନଙ୍କ ବଂଶ ଲୋପ କରିବାର ଆଶଙ୍କା ସୃଷ୍ଟି କରିଛି। ସେମାନେ ବିଲୁପ୍ତ ହୋଇ ଗଲେ ପରିବେଶ ଅସନ୍ତୁଳିତ ହୋଇଯିବ ଓ ମନୁଷ୍ୟ ମଧ୍ୟ ବହୁ ବିପଦର ସମ୍ମୁଖୀନ ହେବ। ତେଣୁ ସେମାନଙ୍କୁ ସଂରକ୍ଷିତ ରଖିବା ପାଇଁ ମନୁଷ୍ୟକୁ ସବୁ ପ୍ରକାର ପଦକ୍ଷେପ ନେବାକୁ ପଡ଼ିବ। ଆମେ ପୋକର କାମ ବିଷୟରେ ଆଲୋଚନା କରୁଥିବା ସମୟରେ, ମୁଁ କହିଲି, "ଝାଡୁଦାର ଏବଂ ପୋକ ଉଭୟ ସମାନ କାମ କରୁଛନ୍ତି । ଅନ୍ୟମାନେ ଯାହା ମଇଳା ଛାଡି ଯାଆନ୍ତି ତାହା ସଫା କରିବା ସେମାନଙ୍କର କାମ। ଏହି କାମ ଅପରିଷ୍କାର ହୋଇପାରେ, କିନ୍ତୁ ଏହା ବିଶ୍ୱକୁ ବାସଯୋଗ୍ୟ କରିଥାଏ।" ତେଣୁ ମଇଳା ସଫା କରୁଥିବା ଲୋକ ସବୁବେଳେ ମହାନ ଅଟେ। ତାଙ୍କୁ ସର୍ବଦା ସମ୍ମାନ ଦେବା ଉଚିତ। ଆମ ସଂସ୍କୃତି ମଧ୍ୟ ଏଥିରେ ସମ୍ମତି ପ୍ରକାଶ କରେ। ମୋ ପୁଅ ଧୀରେ ଧୀରେ ମୁଣ୍ଡ ହଲାଇଲା ଓ କହିଲା ହଁ ମଇଳା ସଫା କରୁଥିବା ଲୋକ ପ୍ରକୃତରେ ମହାନ। ତେଣୁ ଗୋବର ପୋକ ଓ ଝାଡୁଦାର ଉଭୟ ହିରୋ। ଲୋକମାନେ ଏହାକୁ ଜାଣିପାରୁ ନାହାନ୍ତି। ଠିକ୍ ମୁଁ ଉତ୍ତର ଦେଲି। ଗୋବର ପୋକ ଆମକୁ ଶିଖାଏ ଯେ ସଫା କରିବା ନୀଚ ନୁହେଁ – ଏହା ମହାନ କାର୍ଯ୍ୟ। ଏହା ନୀରବରେ ପ୍ରକୃତିର ସେବା କରେ, ଯେପରି ଆମର ଝାଡୁଦାରମାନେ ନୀରବରେ ସମାଜର ସେବା କରନ୍ତି। ଉଭୟ ଆମର ସ୍ୱାସ୍ଥ୍ୟକୁ ସୁରକ୍ଷା ଦିଅନ୍ତି, ଆମ ଜୀବନକୁ ଉନ୍ନତ କରନ୍ତି ଏବଂ ବିଶ୍ୱକୁ ସ୍ୱଚ୍ଛ ରଖନ୍ତି। ଆସନ୍ତୁ ଆମେ ଆମ ଚାରିପାଖରେ ଥିବା ନୀରବ ଶ୍ରମିକ ଉଭୟ ମଣିଷ ଏବଂ କୀଟପତଙ୍ଗମାନଙ୍କ ପାଇଁ ଆମର ଆଖି ଖୋଲିବା ଏବଂ ଆମର ପରିବେଶକୁ ସଫା ରଖିବା ଏବଂ ସେମାନଙ୍କ ପ୍ରୟାସକୁ ପ୍ରଶଂସା କରିବା। ଭବିଷ୍ୟତରେ ଗୋବର ପୋକ କିମ୍ବା ସଫେଇ କର୍ମଚାରୀଙ୍କୁ ଦେଖିଲେ ଘୃଣା କରିବା ପରିବର୍ତ୍ତେ ସମ୍ମାନ ଜଣାଇବା। କେବେ ଭୁଲିଯିବା ନାହିଁ ଯେ ପ୍ରତ୍ୟେକ ଛୋଟ ହାତ, ଯେତେ ଅଣଦେଖା ହେଉ, ଏକ ବଡ଼ ପାର୍ଥକ୍ୟ ସୃଷ୍ଟି କରେ।

–ବିଭାଗୀୟ ମୁଖ୍ୟ, ସ୍ନାତକୋତ୍ତର
ରସାୟନ ବିଜ୍ଞାନ ବିଭାଗ,
ଢେଙ୍କାନାଳ ସ୍ୱୟଂ ଶାସିତ ମହାବିଦ୍ୟାଳୟ
ମୋ: ୯୮୬୧୩୯୧୧୯୦

## ବୁଦ୍ଧିମତ୍ତା ବଢ଼ାଏ ବ୍ରେକ୍‌ଫାଷ୍ଟ



ଆମେ ସବୁଦିନ ସକାଳ ଜଳଖିଆ ବା ବ୍ରେକ୍‌ଫାଷ୍ଟ ଖାଇବା ନିହାତି ଦରକାର। କାରଣ ଏଥିରେ ଅନେକ ଉପକାରୀ ଗୁଣ ଭରି ରହିଛି। ଯଦି ଜଣେ ବ୍ୟକ୍ତି ନିୟମିତ ଏହାକୁ ଖାଆନ୍ତି ତେବେ ତାହା ବୁଦ୍ଧିମତ୍ତାର ବିକାଶରେ କେତେକାଂଶରେ ସହାୟକ ହୋଇଥାଏ। ବର୍ଲିନ ବିଶ୍ୱବିଦ୍ୟାଳୟର ପୁଷ୍ଟିବିଜ୍ଞାନୀମାନେ ଏଭଳି ମତବ୍ୟକ୍ତ କରିଛନ୍ତି। ହେଲେ ବ୍ରେକ୍‌ଫାଷ୍ଟ ଖାଇବା ବେଳେ କେତେକ ବିଷୟ ପ୍ରତି ଧ୍ୟାନ ଦେବା ନିହାତି ଦରକାର। ସବୁଠାରୁ ବଡ଼ କଥା ହେଲା ଯେତେ ବ୍ୟସ୍ତ ରହିଲେ ମଧ୍ୟ ଏହାକୁ ନିୟମିତ ଖାଆନ୍ତୁ। ସେଥିପାଇଁ ଏକ ନିର୍ଦ୍ଦିଷ୍ଟ ସମୟ ନିର୍ଦ୍ଧାରଣ କରିବା ଦରକାର। ଏହାର ଖାଦ୍ୟ ତାଲିକାରେ କଦାପି ଗରିଷ୍ଠ ଜାତୀୟ ଖାଦ୍ୟ ସାମିଲ କରନ୍ତୁ ନାହିଁ। ଏଥିରେ ଯେତେ ହାଲୁକା ଖାଦ୍ୟ ସାମିଲ କରିବେ ତାହା ସେତେ ଭଲ ହେବ। ସବୁବେଳେ ବ୍ରେକ୍‌ଫାଷ୍ଟରେ ଏଭଳି ଖାଦ୍ୟ ଖାଆନ୍ତୁ ଯାହା ସହଜରେ ହଜମ ହେଉଥିବ। ବ୍ରେକ୍‌ଫାଷ୍ଟ ହେଉଛି ଦିନର ପ୍ରଥମ ଖାଦ୍ୟ, ତେଣୁ ଏଥିରେ ଏପରି ଖାଦ୍ୟ ସାମିଲ କରନ୍ତୁ , ଯାହା ମନକୁ ଖୁସି ରଖିବା ସହ ମାନସିକତାକୁ ସୁସ୍ଥ ରଖିବାରେ ସହାୟକ ହେବ ଓ ସକାରାତ୍ମକ ଭାବନା ସୃଷ୍ଟି କରିବ। ବ୍ରେକ୍‌ଫାଷ୍ଟରେ ତଟକା ଫଳମୂଳ, ଜୁସ୍ ବ୍ୟତୀତ ବ୍ରେଡ, ବିସ୍କୁଟ ବି ଖାଇପାରିବେ।

## ସୁନିଦ୍ରାର ସହଜ ଉପାୟ




ଆଜିକାଲିର ବ୍ୟସ୍ତ ଜୀବନ ମଧ୍ୟରେ ଆମେ ଆବଶ୍ୟକ ମୁତାବକ ଶୋଇବା ନିହାତି ଦରକାର। ଯଦି ଭଲ ଭାବରେ ନିଦ ନ ହେଲା ତେବେ ତାହା କେତେକ ସ୍ୱାସ୍ଥ୍ୟ ସମସ୍ୟାକୁ ପରୋକ୍ଷରେ ଆମନ୍ତ୍ରଣ କରିଥାଏ। ତେଣୁ ସୁନିଦ୍ରା ବା ଭଲ ନିଦ ପାଇଁ ଆମେ ଯତ୍ନବାନ ହେବା ନିହାତି ଦରକାର। ଏହାର ଏକ ସରଳ ଉପାୟ ରହିଛି। ଯଦି ଜଣେ ବ୍ୟକ୍ତି ନିୟମିତ ଅଙ୍ଗୁର ଖାଆନ୍ତି ତେବେ ତାହା ସୁନିଦ୍ରା ପାଇଁ କେତେକାଂଶରେ ସହାୟକ ହୋଇଥାଏ ବୋଲି ଏକ ସଦ୍ୟତମ ସର୍ଭେରୁ ଜଣାପଡ଼ିଛି। 'ସୁନିଦ୍ରା ଏବଂ ଅଙ୍ଗୁର' ବିଷୟରେ ଲଣ୍ଡନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ନିଦ୍ରାଜନିତ ସମସ୍ୟା ସହ ଜଡ଼ିତ ତଥା ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କୁ ନିୟମିତ କିଛି କିଛି ଅଙ୍ଗୁର ଖାଇବାକୁ ସେମାନେ ପରାମର୍ଶ ଦେଇଥିଲେ। ଫଳସ୍ୱରୂପ ଏମାନଙ୍କ ମଧ୍ୟରୁ ପ୍ରାୟ ୪୫ ପ୍ରତିଶତ ବ୍ୟକ୍ତି ନିଦ୍ରା ସମସ୍ୟାରୁ ନିଜକୁ କେତେକାଂଶରେ ମୁକୁଳାଇବାରେ ସକ୍ଷମ ହୋଇଥିଲେ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଅଙ୍ଗୁରରେ ଭିଟାମିନ୍–ସି ଭରି ରହିଛି। ଏହାକୁ ଖାଇଲେ ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ଦୃଢ଼ ହୋଇଥାଏ। କେବଳ ସେତିକି ନୁହେଁ, ଏହା ରକ୍ତଚାପକୁ ମଧ୍ୟ ସନ୍ତୁଳିତ ରଖେ।

## ରକ୍ତ ସଞ୍ଚାଳନକୁ ସକ୍ରିୟ କରେ କଲରା



କଲରାର ସ୍ୱାଦ ପିତା ହେଲେ ମଧ୍ୟ ଏହା ଆମ ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ। ଜଣେ ଡାଇବେଟିସ୍ ରୋଗୀ ପାଇଁ ଏହା ଆହୁରି ଲାଭପ୍ରଦ ସାବ୍ୟସ୍ତ ହୋଇଥାଏ। ସବୁଠାରୁ ଖାସ୍ କଥା ହେଲା, ଏଥିରେ ଏଭଳି ତତ୍ତ୍ୱ ରହିଛି, ଯାହା ରକ୍ତ ସଞ୍ଚାଳନକୁ ସକ୍ରିୟ ରଖିଥାଏ। ଏଥିରେ ଅନେକ ପ୍ରକାର ଭିଟାମିନ୍ ରହିଛି। ତନ୍ମଧ୍ୟରୁ ଭିଟାମିନ୍–ଏ ଆମର ଦୃଷ୍ଟିଶକ୍ତିକୁ ଆହୁରି ଦୃଢ଼ କରିଥାଏ। ଏହାର ଆଣ୍ଟି–ଅକ୍ସିଡାଣ୍ଟ ଗୁଣ ପାଇଁ ବାହାର ଜୀବାଣୁଗୁଡିକ ସହଜରେ ଶରୀର ଭିତରକୁ ପ୍ରବେଶ କରପାରି ନ ଥାନ୍ତି। କଲରା ଜୁସ୍ ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ। ସବୁଠାରୁ ଖାସ୍ କଥା ହେଲା, ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ। ଉଚ୍ଚ ରକ୍ତଚାପକୁ କଲରା କେତେକାଂଶରେ ନିୟନ୍ତ୍ରଣରେ ରଖିଥାଏ। ଏହାକୁ ନିୟମିତ ଖାଇଲେ ତାହା ରକ୍ତକୁ ପରିଷ୍କାର ରଖିବା ସହ ରକ୍ତ ସଞ୍ଚାଳନକୁ ଠିକ୍ ରଖେ। କଲରା ଖାଇଲେ ଆଉ ଏକ ଉପକାର ମଧ୍ୟ ମିଳିଥାଏ। ଏହା ଶରୀରରେ ସହଜରେ ଆଲର୍ଜି ହେବାକୁ ଦେଇ ନ ଥାଏ। ଏପରି କି ଏହାକୁ ଖାଇଲେ ଆଜ୍‌ମା ସମସ୍ୟାରୁ କେତେକାଂଶରେ ଉପଶମ ମିଳିଥାଏ। ଏହା ମଧ୍ୟ ଓଜନକୁ ସନ୍ତୁଳିତ ରଖେ।


## ରୋଗ ପ୍ରତିରୋଧକ ଶକ୍ତି ଓ ଯକ୍ଷ୍ମା



ଯକ୍ଷ୍ମା ଏକ ଜୀବାଣୁଜନିତ ଏବଂ ବାୟୁବାହିତ ରୋଗ। 'ମାଇକୋବ୍ୟାକ୍ଟେରିୟସ' ଜୀବାଣୁ ଯୋଗୁ ଏହା ହୋଇଥାଏ। ସଂକ୍ରମିତ ରୋଗୀର କାଶ ଓ ଛିଙ୍କ ଦ୍ୱାରା ଜୀବାଣୁ ବାୟୁରେ ମିଶି ସୁସ୍ଥ ଲୋକର ଶରୀରରେ ପ୍ରବେଶ କରେ ଓ ରୋଗ ସୃଷ୍ଟିର କାରଣ ହୋଇପଡେ। ଏ ସମ୍ପର୍କରେ ଡା. ନିତ୍ୟାନନ୍ଦ ସ୍ୱାଇଁ କହନ୍ତି, " ଶରୀରର ପ୍ରାୟ ସବୁ ଅଙ୍ଗକୁ ଯକ୍ଷ୍ମା ଆକ୍ରାନ୍ତ କରିଥାଏ। କିନ୍ତୁ ପାଖାପାଖି ୮୦ ଶତାଂଶ କ୍ଷେତ୍ରରେ ରୋଗ ହୋଇଥାଏ ଫୁସ୍‌ଫୁସ୍‌ରେ। ଜୀବାଣୁଗୁଡିକ ବାୟୁବାହିକ ହୋଇଥିବାରୁ ରୋଗ ମୁଖ୍ୟତଃ ଫୁସଫୁସକୁ ସଂକ୍ରମିତ କରିବା ସ୍ୱାଭାବିକ। ବ୍ୟକ୍ତିର ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ପାଇଲେ ଏହି ଜୀବାଣୁ ଶରୀର ଭିତରେ ଆହୁରି ସକ୍ରିୟ ହୋଇଥାଆନ୍ତି। ରୋଗଟି ବଂଶଗତ ନୁହେଁ। ଡାଇବେଟିସ୍, କ୍ୟାନସର ରୋଗୀ, ଏଚଆଇଭି ସଂକ୍ରମିତ ରୋଗୀ, ଅପପୃଷ୍ଟି ଆକ୍ରନ୍ତ ବ୍ୟକ୍ତି, ନିଶାଦ୍ରବ୍ୟ ସେବନ କରୁଥିବା ବ୍ୟକ୍ତି, ମାନସିକ ଚାପଗ୍ରସ୍ତ ବ୍ୟକ୍ତିମାନଙ୍କର ରୋଗପ୍ରତିରୋଧକ ଶକ୍ତି ଅନ୍ୟମାନଙ୍କ ତୁଳନାରେ ଅସନ୍ତୁଳିତ ଥାଏ। ତେଣୁ ଏମାନେ ଯକ୍ଷ୍ମା ଦ୍ୱାରା ଆକ୍ରାନ୍ତ ହେବାର ଆଶଙ୍କା ଅଧିକ ରହିଛି। ଯକ୍ଷ୍ମା ରୋଗର ପ୍ରଧାନ ଲକ୍ଷଣ ବିଷୟରେ ଜାଣି ରଖିବା ନିହାତି ଦରକାର। ଏହାର ଲକ୍ଷଣଗୁଡ଼ିକ ମଧ୍ୟରେ ପ୍ରଧାନ ହେଲା ସାମାନ୍ୟ ଜ୍ୱର ଓ କାଶ। ଏହି ଲକ୍ଷଣ ତିନି ସପ୍ତାହରୁ ବେଶି ଲାଗି ରହିପାରେ। ଏହି ସମୟରେ ବିଳମ୍ବ ନ କରି ଅଭିଜ୍ଞ ଡାକ୍ତରଙ୍କ ସହ ପରାମର୍ଶ କରି ଚିକିତ୍ସିତ ହେବା ନିହାତି ଦରକାର। ଏବେ ଡାଇରେକ୍ଟଲି ଅବଜରଭର୍ଡ ଥେରାପି ବା 'ଡଟ୍' (DOT) ପଦ୍ଧତିରେ ଚିକିତ୍ସା କଲେ ସୁଫଳ ମିଳୁଛି।"

## ସ୍ୱାସ୍ଥ୍ୟ ସୂଚନା

- ବୟସ ବଢ଼ିବା ସହ ନିଜର ଖାଦ୍ୟପେୟ ଏବଂ ଜୀବନଶୈଳୀ ପ୍ରତି ସତର୍କତା ଅବଲମ୍ବନ କରନ୍ତୁ। ସବୁଠାରୁ ଖାସ୍ କଥା ହେଲା, ଏହି ସମୟରେ ନିୟମିତ ସମୟ ଅନ୍ତରାଳରେ ଅଭିଜ୍ଞ ଡାକ୍ତରଙ୍କ ନିକଟରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନେବାକୁ ଆଦୌ ଭୁଲନ୍ତୁ ନାହିଁ।
- କୌଣସି ଘଟଣାକୁ ନେଇ ଟେନସନ୍ ହେବା ପରିବର୍ତ୍ତେ ତାହାର ସମାଧାନର ବାଟ ବାହାର କରନ୍ତୁ। କାରଣ ସବୁବେଳେ ଟେନ୍‌ସନ ରହିଲେ ତାହା ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟାକୁ ପରୋକ୍ଷରେ ଆମନ୍ତ୍ରଣ କରିଥାଏ।
- ନିଶାଦ୍ରବ୍ୟ ସେବନ ଆମ ସ୍ୱାସ୍ଥ୍ୟ ପାଇଁ କେତେ କ୍ଷତିକାରକ ତାହା ଜାଣିବା ଦରକାର। ଯଦି ଆପଣ କୌଣସି ରୋଗରେ ପୀଡ଼ିତ ତେବେ ଏଭଳି ଅଭ୍ୟାସଠାରୁ ଦୂରେଇ ରୁହନ୍ତୁ।



- ରକ୍ତଚାପ ଏବଂ ମଧୁମେହ ବା ଡାଇବେଟିସ୍ ଏଭଳି ଏକ ସମସ୍ୟା ଯାହା କେତେବେଳେ ଅସନ୍ତୁଳିତ ଅବସ୍ଥାକୁ ଆସିଯାଏ, ତାହା ଜଣାପଡି ନ ଥାଏ। ତେଣୁ ନିମୟିତ ସମୟ ବ୍ୟବଧାନରେ ବ୍ଲଡପ୍ରେସର କେତେ ରହୁଛି ଏବଂ ରକ୍ତରେ ସୁଗାର ପରିମାଣକୁ ମାପି ନିଅନ୍ତୁ। ଯଦି ମନରେ କିଛି ସନ୍ଦେହ ରହୁଛି ତେବେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।
- ଖାଦ୍ୟ ଖାଇବା ପରେ ପରେ ଆଦୌ କୋଲ୍ଡ ଡ୍ରିଙ୍କ୍‌ସ ପିଅନ୍ତୁ ନାହିଁ। କାରଣ ଏହା ପାଚନ କ୍ରିୟାକୁ ପ୍ରଭାବିତ କରିଥାଏ।
- ଡାକ୍ତରଙ୍କ ବିନା ପରାମର୍ଶରେ କୌଣସି ଔଷଧ କିମ୍ବା ଆଣ୍ଟିବାୟୋଟିକ ଖାଆନ୍ତୁ ନାହିଁ।
- ବ୍ୟାୟାମ ବ୍ୟତୀତ ପ୍ରତିଦିନ କିଛି ନା କିଛି ଶାରୀରିକ ପରିଶ୍ରମ କରନ୍ତୁ। ଏହାଦ୍ୱାରା ମନ ପ୍ରଫୁଲ୍ଲ ରହିବା ସହ ଆପଣ କେତେକାଂଶରେ ସୁସ୍ଥ ରହିପାରିବେ।

## ଜାଣି ରଖନ୍ତୁ

ବ୍ୟାୟାମ କରିବା ପୂର୍ବରୁ ଆମକୁ କେତୋଟି ଦିଗ ପ୍ରତି ଧ୍ୟାନ ଦେବା ନିହାତି ଜରୁରୀ। ବ୍ୟାୟାମ କରିବା ପୂର୍ବରୁ ଯଦି ହାଲିଆ ଲାଗୁଛି ତେବେ ବିଳମ୍ବ ନ କରି କିଛି ସମୟ ବିଶ୍ରାମ କରନ୍ତୁ। ବ୍ୟାୟାମ କରିବା ପୂର୍ବରୁ ବ୍ୟାୟାମ ଏକ୍ସପର୍ଟଙ୍କ ସହ ବିଶଦଭାବରେ ଆଲୋଚନା କରନ୍ତୁ। ଡାକ୍ତରଙ୍କ ନିକଟରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନେବାକୁ ମଧ୍ୟ ଭୁଲନ୍ତୁ ନାହିଁ। କେଉଁ ପ୍ରକାର ବ୍ୟାୟାମ କଲେ ତାହାର ସୁପ୍ରଭାବ ଶରୀର ଉପରେ ପଡିବ ତାହା ମଧ୍ୟ ଭଲ ଭାବରେ ଜାଣି ନିଅନ୍ତୁ। ସକାଳ କିମ୍ବା ସନ୍ଧ୍ୟାର କେଉଁ ସମୟରେ ବ୍ୟାୟାମ କରିବେ ତାହାର ସମୟ ନିର୍ଦ୍ଧାରଣ କରିବା ନିହାତି ଜରୁରୀ। ଆଉ ସେହି ଅନୁସାରେ ପ୍ରତିଦିନ ସେହି ସମୟରେ ହିଁ ବ୍ୟାୟାମ ଆରମ୍ଭ କରିବା ଭଲ। ସବୁବେଳେ ନିଜ ସାମର୍ଥ୍ୟ ଅନୁସାରେ ବ୍ୟାୟାମ କରନ୍ତୁ ଏବଂ ଏହା କରିବା ପୂର୍ବରୁ ପାଣି ଆଦୌ ପିଅନ୍ତୁ ନାହିଁ। ସବୁଠାରୁ ଖାସ୍ କଥା ହେଲା, ବ୍ୟାୟାମ କରିବା ପୂର୍ବରୁ ନିଜର ନିତ୍ୟକର୍ମ ଶେଷ କରିବାକୁ ଭୁଲନ୍ତୁ ନାହିଁ। ଆଉ ଯଦି ଅସୁସ୍ଥ ଅନୁଭବ କରୁଛନ୍ତି ତେବେ ବ୍ୟାୟାମରୁ ବିରତ ରୁହନ୍ତୁ।



## ମଦ ଜବତ, ଜଣେ ଗିରଫ

ବଇଣ୍ଡା,(ପରିକ୍ଷିତ ସାହୁ): ଠାକୁରଗଡ଼ ପୋଲିସ ଶନିବାର ମହିଧରପୁର ଗ୍ରାମରେ ଚଢ଼ାଉ କରି ଚୋରାରେ ବିକ୍ରି କରୁଥିବା ବାବୁ ଲାଲ ନାୟକଙ୍କ ଘରୁ ୫ ଲିଟର ଦେଶୀ ମହୁଲି ମଦକୁ ଜବତ କରିବା ସହ ତାଙ୍କୁ ଗିରଫ କରିଛି। ସେ ବେଆଇନ ଭାବେ ଚୋରାରେ ମଦ ବିକ୍ରି କରୁଥିବା ଖବରପାଇ ପୋଲିସ ଚଢ଼ାଉ କରି ଗିରଫ କରିଥିଲା। ଏନେଇ ଏକ ମାମଲା ରୁଜୁ କରାଯାଇଛି।

# ଝାଡ଼ାବାନ୍ତି ନିରାକରଣ ପାଇଁ ପ୍ରଶାସନ ପକ୍ଷରୁ ମାର୍ଗଦର୍ଶିକା ଜାରି

ଢେଙ୍କାନାଳ,୧୫।୬(ରତନ ନାୟାର)

ଢେଙ୍କାନାଳ ଜିଲା ଭୁବନ ଏନ୍ଏସି ଅଞ୍ଚଳରେ ଦେଖାଯାଇଥିବା ଡାଇରିଆ ରୋଗର ନିରାକରଣ ଓ ଜିଲାରେ ଯେପରି ରୋଗର ପ୍ରଭାବ ରହିବ ନାହିଁ, ସେଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ରବିବାର ସଚେତନତା ମାର୍ଗଦର୍ଶିକା ଜାରୀ କରାଯାଇଛି । କୌଣସି ଭୁଲ ତଥ୍ୟକୁ ବିଶ୍ୱାସକୁ ନନେବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି । ଡାଇରିଆରେ ରବିବାର ଭୁବନ ବିଜ୍ଞାପିତ ପରିଷଦ ଅଞ୍ଚଳ ୧୨ନଂ ୱାର୍ଡର କୃପାସିନ୍ଧୁ ମଲ୍ଲିକ(୬୫)ଙ୍କର ମୃତ୍ୟୁ ସମ୍ପର୍କରେ ସୂଚନା ପ୍ରଦାନ କରି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସଞ୍ଜୟ ମହାପାତ୍ରଙ୍କ ରିପୋର୍ଟ ଅନୁଯାୟୀ କୃପାସିନ୍ଧୁଙ୍କର ମୃତ୍ୟୁ ଡାଇରିଆରେ ନୁହେଁ, ବରଂ ବ୍ରେନ୍ ଷ୍ଟ୍ରୋକରେ ହୋଇଛି ବୋଲି ସୂଚନା ଦିଆଯାଇଛି । ତେଣୁ ଏହାକୁ ନେଇ କୌଣସି ପ୍ରକାର ଭୟଭିତ ନହୋଇ ସତର୍କ ହେବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି । ଭୁବନ ବିଜ୍ଞାପିତ ପରିଷଦ ଅଂଚଳର ୮,୯,୧୦,୧୨ ଓ ୧୩ନଂ ୱାର୍ଡରେ ଡାଇରିଆ ବ୍ୟାପିଛି । ଜିଲା ପ୍ରଶାସନ ପକ୍ଷରୁ ଏହାର ନିରାକରଣ ପାଇଁ ସମସ୍ତ କାର୍ଯ୍ୟ କରାଯାଉଛି । ଜଳଉତ୍ସ ଗୁଡିକ ବିଶୋଧନ କରାଯାଉଛି । ଟ୍ୟାଙ୍କର ଦ୍ୱାରା ବିଶୁଦ୍ଧ ପାନିୟଜଳ ଯୋଗାଇ ଦିଆଯାଉଛି । କୌଣସି ପରିସ୍ଥିତି ପାଇଁ ଡାକ୍ତରୀ ଦଳ ସଜାଗ ରହିଛନ୍ତି । ଔଷଧ ମଧ ମହଜୁଦ ରଖାଯାଇଛି । ମାଇକ ଜରିଆରେ ଲୋକଙ୍କୁ ସଚେତନ କରାଯାଉଛି। ଅତିରିକ୍ତ ଡାକ୍ତରୀ ଦଳକୁ ନିୟୋଜିତ କରାଯାଇଛି । ଖାଦ୍ୟ ନିରୀକ୍ଷକଙ୍କ ଦ୍ୱାରା ବଜାରରେ ମିଳୁଥିବା ଖାଦ୍ୟର ମାନ ଯାଂଚ କରାଯିବା ସହ ଯେଉଁମାନେ ଖରାପ ଖାଦ୍ୟ ବିକୁଛନ୍ତି, ସେମାନଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯାଉଛି ବୋଲି ସୂଚନା ଦିଆଯାଇଛି । ଏଥିସହିତ ସମଗ୍ର ଜିଲାରେ ମଧ ଡାଇରିଆ ଯେଭଳି ନ ବ୍ୟାପେ ସେଥିପାଇଁ ପଦକ୍ଷେପ ନିଆଯାଉଛି । ଭୁବନ ଅଂଚଳରେ ମଧ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ସ୍ଥିତି ପରଖିବା ସହ ସଜାଗ ରହିଛନ୍ତି । ଜିଲାରେ କିଛି ଡାଇରିଆ ଆକ୍ରାନ୍ତଙ୍କ ଚିହ୍ନଟ ଯୋଗୁ ସମସ୍ତଙ୍କୁ ବାହାର ଅସ୍ୱାସ୍ଥ୍ୟକର ଖାଦ୍ୟ ଏବଂ ପାଣି ନ ପିଇବାକୁ ପରାମର୍ଶ ଦିଆଯାଇଛି । ରଜପର୍ବ ପାଳନ ସମୟରେ ସାମୁହିକ ସମାବେଶ କରି ଭୋଜି ଆୟୋଜନ ନକରିବା ପାଇଁ ଜରୁରୀ ପରାମର୍ଶ ଦିଆଯାଇଛି। ଘରେ ରନ୍ଧା ଯାଇଥିବା ଗରମ ଖାଦ୍ୟ ଖାଇବା, ଫୁଟା ଓ ଫିଲଟର କରାଯାଇଥିବା ବିଶୁଦ୍ଧ ପାଣି ଏବଂ ୪ ମିଲିଗ୍ରାମର ଗୋଟିଏ ହାଲୋଜେନ୍ ବଟିକାକୁ ଗୋଟିଏ ଲିଟର ପାଣିରେ ପକାଇ ବିଶୁଦ୍ଧ କରି ପିଇବାକୁ ପରାମର୍ଶ ଦିଆଯାଇଛି । ନଦୀ,ନାଳ,ପୋଖରୀ ପାଣିରେ ନିତ୍ୟ ବ୍ୟବହାର୍ଯ୍ୟ କାର୍ଯ୍ୟ ଯଥା-ସ୍ନାନ, ଶୌଚ ଆଦି ନକରିବାକୁ ପରାମର୍ଶ ଦିଆଯାଇଛି । ଖୋଲା ସ୍ଥାନରେ ମଳତ୍ୟାଗ ନକରି ଶୌଚାଳୟ ବ୍ୟବହାର କରିବା ସହିତ ନିୟମିତ ହାତ ଧୋଇବାକୁ ପରାମର୍ଶ ଦିଆଯାଇଛି । ନିଜ ଘର ଓ ପରିବେଶକୁ ପରିଷ୍କାର ରଖିବା ଉପରେ ପରାମର୍ଶ ଦିଆଯାଇଛି । ଡାଇରିଆ ଲକ୍ଷଣ ଦେଖାଗଲେ ଆଶା, ଅଙ୍ଗନୱାଡି କର୍ମୀ ଓ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରରୁ ସ୍ୱାସ୍ଥ୍ୟ ସହାୟତା ନେବାକୁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଥିବା ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଜଣାଯାଇଛି ।



ଖାଦ୍ୟର ମାନ ଯାଞ୍ଚ କରାଯାଉଛି।



ନଳକୂଅ ପାଣିକୁ ବିଶୋଧନ କରାଯାଉଛି।

## ଗଦାଶିଳା ପଞ୍ଚାୟତରେ ବିକାଶ ରଥ ଉଦ୍‌ଘାଟିତ



ଢେଙ୍କାନାଳ,୧୫।୬(ରତନ ନାୟାର)

ଢେଙ୍କାନାଳ ଜିଲା ଓଡାପଡା ବ୍ଲକ ଗଦାଶିଳା ଗ୍ରାମ ପଂଚାୟତରେ ରାଜ୍ୟ ସରକାରଙ୍କ ଏକବର୍ଷ ପୂର୍ତି ଉପଲକ୍ଷେ ବିକାଶ ରଥ ରବିବାର ଉଦଘାଟିତ ହୋଇଯାଇଛି । ଏମ୍‌ପି ରୁଦ୍ର ନାରାୟଣ ପାଣି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଓଡାପଡା ବ୍ଲକ ଅଧକ୍ଷା ସସ୍ମିତା ମହାନ୍ତି, ବିଡିଓ ଦିଲୀପ କୁମାର ଷଡଙ୍ଗୀ, ଜିଲା ପରିଷଦ ସଦସ୍ୟ ବାଳକୃଷ୍ଣ ସାହୁ, ସରପଂଚ ପ୍ରତାପ କୁମାର ସାହୁ ପ୍ରମୁଖ ଯୋଗଦେଇ ସରକାରଙ୍କ ଏକବର୍ଷ କାର୍ଯ୍ୟର ସଫଳ ରୁପାୟନ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ନୂତନ ବାର୍ଦ୍ଧକ୍ୟ ଭତା, ରାସନ କାର୍ଡ, ସ୍ୱାସ୍ଥ୍ୟକାର୍ଡ ଓ ଅନ୍ତଦ୍ୟୋୟ ଯୋଜନାର କାର୍ଡ ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଦାନ କରାଯାଇଥିଲା । ରାଜ୍ୟ ସରକାରଙ୍କର ବିଭିନ୍ନ ବିକାଶ ମୂଳକ କାର୍ଯ୍ୟର ସୁଫଳ ଲୋକମାନେ ପାଇପାରିଛନ୍ତି ବୋଲି ଏମ୍‌ପି କହିଥିଲେ ।

## ସାପ କାମୁଡାରେ ମୃତ ମହିଳାଙ୍କ ପରିବାରକୁ ଭେଟିଲେ ଏମ୍‌ପି

ଢେଙ୍କାନାଳ,୧୫।୬(ରତନ ନାୟାର)

ଢେଙ୍କାନାଳ ଜିଲା ଓଡାପଡା ବ୍ଲକ ଚାଇଁପୁର ପାଟଣା ଗ୍ରାମରେ ଗତ ୩ଦିନ ତଳେ ସାପ କାମୁଡାରେ ସୁନିତାରାଣୀ ନାମକ ଜଣେ ମହିଳାଙ୍କର ମୃତ୍ୟୁ ହୋଇଯାଇଥିଲା । ତାଙ୍କ ସ୍ୱାମୀ ଜଣେ ଚାଷୀ ହୋଇଥିବା ବେଳେ ତାଙ୍କର ଗୋଟିଏ ପୁଅ ୧୦ମ ଶ୍ରେଣୀରେ ପଢୁଥିବା ବେଳେ ଗୋଟିଏ ଝିଅ ଯିଏକି କେନ୍ଦୁଝରରେ ଡାକ୍ତରୀ ପାଠ ପଢୁଛନ୍ତି। ରବିବାର ଉକ୍ତ ମହିଳାଙ୍କ ପରିବାରକୁ ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି ଭେଟିଥିଲେ । ଝିଅର ପାଠ ପଢାରେ ଯେପରି ସମସ୍ୟା ନହୁଏ ସେଥିପାଇଁ ସରକାରୀ ସ୍ତରରେ କିଭଳି ତାଙ୍କ ପରିବାରକୁ ଆର୍ଥିକ ସାହାଯ୍ୟ ତୁରନ୍ତ ମିଳିପାରିବ, ସେଥିପାଇଁ ଏମ୍‌ପି ସାହାଯ୍ୟ କରିବେ ବୋଲି କହିବା ସହିତ ପରିବାର ସଦସ୍ୟ ଓ ଡାକ୍ତରୀ ପଢୁଥିବା ଝିଅକୁ ସମବେଦନା ଜଣାଇଥିଲେ । ସାପ କାମୁଡା ମୃତ୍ୟୁକାଳୀନ ସହାୟତା ପ୍ରଶାସନ ପକ୍ଷରୁ ତୁରନ୍ତ ପ୍ରଦାନ କରିବା ପାଇଁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ ।



ସାପ କାମୁଡାରେ ମୃତ ମହିଳାଙ୍କ ପରିବାରକୁ ଭେଟୁଛନ୍ତି ଏମ୍‌ପି ରୁଦ୍ର ନାରାୟଣ ପାଣି।

## ପୂଜ୍ୟପାଦ ଶ୍ରୀ ଆଚାର୍ଯ୍ୟ ଦେବଙ୍କ ୫୮ ତମ ଜନ୍ମ ବାର୍ଷିକୀ

ବଇଣ୍ଡା,୧୫।୬(ପରିକ୍ଷିତ ସାହୁ)

ବଇଣ୍ଡା ସତ୍‌ସଙ୍ଗ କେନ୍ଦ୍ର ଆନୁକୂଲ୍ୟରେ ରବିବାର ପରମ ପୂଜ୍ୟପାଦ ଶ୍ରୀ ଆଚାର୍ଯ୍ୟ ଦେବଙ୍କ ୫୮ ତମ ଜନ୍ମ ବାର୍ଷିକ ସତ୍‌ସଙ୍ଗ ପରିସରରେ ଗୁରୁ ଭାଇ ଓ ମାଆମାନଙ୍କ ସହଯୋଗରେ ପାଳିତ ହୋଇଯାଇଛି। ବୌଦ୍ଧ ସତ୍‌ସଙ୍ଗ ବିହାର ରିତ୍ୱିକ ପବିତ୍ର ମୋହନ ମିଶ୍ରଙ୍କ ପୌରହିତ୍ୟରେ ଆୟୋଜିତ ସତ୍‌ସଙ୍ଗ ସମାରୋହ ପାଳିତ ହୋଇଯାଇଛି। ଏହି ଅବସରରେ ଭଜନ ଓ କୀର୍ତ୍ତନରେ ବିଷ୍ଣୁପ୍ରିୟା ତ୍ରିପାଠୀ, ସନ୍ଧ୍ୟାରାଣୀ ମହାପାତ୍ର, ଭୋଳାନାଥ ବାଘ, ମନସ୍ୱିନୀ ବେହେରା, ରଶ୍ମିତା ଦାଶ ସୂର୍ଯ୍ୟକାନ୍ତ ବିଶ୍ୱାଳ, ସିଦ୍ଧିନାଥ ବେହେରା ପ୍ରମୁଖ ସହଯୋଗ କରିଥିଲେ। ଠାକୁରଙ୍କ ଭାବବାଣୀ ଏବଂ ଆଦର୍ଶ ଉପରେ ଅନୁପ୍ରାଣୀତ ହେଲେ ସମାଜର ଉନ୍ନତି ହେବା ସହ ପରିବାରର ମଙ୍ଗଳ ହେବ ବୋଲି ଦିଗ୍ ଦର୍ଶନ ଦେଇଥିଲେ । ଏଥିରେ ସମ୍ବଲପୁର ସତ୍‌ସଙ୍ଗ ବିହାର ଗୁରୁମା' ବିନୋଦିନୀ ବେହେରା, ଯାଜକ ପୂର୍ଣ୍ଣେନ୍ଦୁ ଶେଖର ଦେହୁରୀଙ୍କ ସମେତ ସ୍ଥାନୀୟ ଗୁରୁଭାଇ ଅରବିନ୍ଦ ସାହୁ, ଶ୍ରୀନିବାସ ବିଶ୍ୱାଳ, ପ୍ରମୋଦ ପ୍ରଧାନ, ସଞ୍ଜିତ୍ ପଟ୍ଟନାୟକ, ବିଚିତ୍ରାନନ୍ଦ ସାହୁ, ନିରଞ୍ଜନ ଦାଶ, ବୀରବର ଶତପଥୀ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଆଜିର ସତ୍‌ସଙ୍ଗରେ ୫ ଜଣ ସତ୍‌ଦୀକ୍ଷା ଗ୍ରହଣ କରିଥିଲେ। ୨୦୦ରୁ ଉର୍ଦ୍ଧ୍ୱ ଗୁରୁଭାଇ ଓ ମା' ମାନେ ଯୋଗଦେଇ ପ୍ରଭୁକୃପା ଲାଭ କରିଥିଲେ।

## ଚନ୍ଦ୍ରବାହାଲରେ ୧୦ମ ରଜ ମହୋତ୍ସବ ପାଳିତ



ମହୋତ୍ସବରେ ଯୋଗଦେଇଥିବା ଅତିଥିବୃନ୍ଦ।

ବନ୍ତଳା, ୧୫।୬ (ସୁଶୀତ ସାହୁ)

ଅନୁଗୋଳ ବ୍ଲକ ରନ୍ତଲେଇ ପଞ୍ଚାୟତ ଚନ୍ଦ୍ରବାହାଲ ଗାଁରେ ଆନନ୍ଦ ଉତ୍ସାହର ସହ ୧୦ମ ରଜ ମହୋତ୍ସବର ସମାରୋହ ଶନିବାର ଅନୁଷ୍ଠିତ ହୋଇଯାଇଛି । ପ୍ରତିବର୍ଷ ଭଳି ଏବର୍ଷ ରଜ ମହୋତ୍ସବକୁ ଅଧିକ ସରସ ସୁନ୍ଦର କରିବା ପାଇଁ ଚନ୍ଦ୍ରବାହାଲ ଗ୍ରାମ୍ୟ କ୍ରିଡ଼ା ସଂସଦ ଓ ରଜମହୋତ୍ସବ କମିଟିର ମିଳିତ ସହଯୋଗରେ ବିଭିନ୍ନ କ୍ରିଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ପ୍ରଥମ ଦିନରେ ରାଜଦୋଳି, କୁଇଜ, ରଜକୁଇନ, ହୁଳହୁଳି, ଫୁଟି ଖେଳ, ବାଟିଚାମଚ, ମ୍ୟୁଜିକ ଚେୟାର, ଦଉଡି ଡିଆଁ, ଅନ୍ଧପୁତୁଳି ଆଦି ପ୍ରତିଯୋଗିତାରେ ମହିଳାମାନେ ଭାଗନେଇଥିଲା ବେଳେ ୨୦୦ମି ଦଉଡ, ଧିର ସାଇକେଲ ଚାଳନା, କ୍ରିକେଟ, ଏକକ ଓ ଯୁଗ୍ମ ଅଖା ଦୌଡ଼ ଆଦି ପ୍ରତିଯୋଗିତାରେ ଉଭୟ କନିଷ୍ଠ ଓ ବରିଷ୍ଠ ପୁରୁଷମାନେ ଭାଗ ନେଇଥିଲେ। ୩ଦିନ ଧରି ଏହି ଉତ୍ସବ ପାଳନ ହେବାକୁ ସ୍ଥିର ହୋଇଥିଲା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଭିନେତ୍ରୀ ଓ କଣ୍ଠଶିଳୀମାନେ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଉପ ବାଚସ୍ପତି ରାଜନୀକାନ୍ତ ସିଂ ଯୋଗ ଦେଇଥିଲେ। ବଅଁରପାଳ ବ୍ଲକ ଅଧକ୍ଷ ବିଜୟନାଥ, ଅନୁଗୋଳ ବ୍ଲକ ବିଜେଡି ସଭାପତି ଦୁର୍ଯୋଧନ ସାହୁ ଯୋଗଦେଇ ଗ୍ରାମବାସୀଙ୍କ ଉତ୍ସାହ ବଢ଼ାଇଥିଲେ।

## ଭାଜପା ସରକାରଙ୍କ ବର୍ଷପୂର୍ତ୍ତି ଉତ୍ସବ



ବଇଣ୍ଡା,୧୫।୬(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ଧଉରାପାଲି ପଞ୍ଚାୟତ ପରିସରରେ ରବିବାର ପ୍ରଶାସନ ପକ୍ଷରୁ ଭାଜପା ସରକାରଙ୍କ ବର୍ଷପୂର୍ତ୍ତି ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ପ୍ରଥମେ ସଚେତନତା ରଥକୁ ସ୍ୱାଗତ କରାଯାଇଥିଲା । ପରେ ସଭାଗୃହ ପରିସରରେ ସଭା ଅନୁଷ୍ଠିତ ହୋଇଥିଲା । ଅତିଥି ଭାବେ ଧଉରାପାଲି ସରପଞ୍ଚ ସଞ୍ଜିତ କୁମାର ସାହୁ ଯୋଗଦେଇ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଉପସ୍ଥିତ ଜନ ସାଧାରଣଙ୍କୁ କହିଥିଲେ। ଅନ୍ୟତମ ଅତିଥି ଭାବେ ପଞ୍ଚାୟତ ନିର୍ବାହୀ ଅଧିକାରୀ ତିଲକରାଜ ବେହେରା, ଜି ପି ଓ ଭରତ କୁମାର ବଡ଼ମାଳି, ଯୋଗାଣ ଅଧିକାରୀ ରୁଷଭ ଚନ୍ଦ୍ର ନାୟକ, କିଶୋରନଗର ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରଭା ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଭିନ୍ନକ୍ଷମଙ୍କୁ ସହାୟତା ବଣ୍ଟନ କରାଯାଇଥିଲା। ସରକାରଙ୍କ ବର୍ଷପୂର୍ତ୍ତି ଉତ୍ସବ ପାଳନ ହେଉଥିଲେ ମଧ ବ୍ଲକ ପ୍ରଶାସନର କୌଣସି ଅଧିକାରୀ ଉତ୍ସବକୁ ନ ଆସିବାରୁ ଅସନ୍ତୋଷ ଦେଖାଦେଇଥିଲା।

## ଏଚ୍‌ପିଏଲ କପ୍ ଟୁର୍ନାମେଣ୍ଟ, ଜିକେ ଫାଇଟର ଚାମ୍ପିୟନ

ବଇଣ୍ଡା,୧୫।୬(ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ହଣ୍ଡପା ହାଇସ୍କୁଲ ପଡ଼ିଆରେ ମା' ମାହେଶ୍ୱରୀ କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ଏଚ୍‌ପିଏଲ କପ୍ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଗିଭିଙ୍ଗ ମ୍ୟାଚ୍‌ରେ ଆଇପି ପ୍ଲେଜର କ୍ରିକେଟ କ୍ଲବ ସହ ଜିକେ ଫାଇଟର କ୍ରିକେଟ କ୍ଲବ ମଧ୍ୟରେ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିକେ ଫାଇଟର ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ସୁନୀଲ କୁମାର ପ୍ରଧାନ ଯୋଗଦେଇ ଉଭୟ ଦଳକୁ ପୁରସ୍କାର ବଣ୍ଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଅନିଲ କୁମାର ବେହେରା, ସୁବାସ ସାହୁ, ଗୁଲଜାର ଖାଁ, ଅସୀମ କୁମାର ଜେନା, ତରୁଣ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ମ୍ୟାଚ୍‌ରେ ଶ୍ରେଷ୍ଠ ବୋଲୋର ଭାବେ ସାଗର ନାୟକ ଓ ଶ୍ରେଷ୍ଠ ବ୍ୟାଟ୍ସ ମ୍ୟାନ ଭାବେ ଜ୍ଞାନରଞ୍ଜନ ପ୍ରଧାନଙ୍କୁ ଅତିଥିମାନେ ପୁରସ୍କାର ବଣ୍ଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ପ୍ରିତିଶ ରଞ୍ଜନ ଦେହୁରୀ, ଟୁଲୁ ପ୍ରଧାନ, ବାବୁଲି ସାହୁ, ଅନିଲ ସାହୁ, ଜିତେନ୍ଦ୍ର ସାହୁ, ମାନସରଞ୍ଜନ ପରିଡା, ସାଗର ସ୍ୱାଇଁ, ଅଜୟ ମାଝୀ ପ୍ରମୁଖ ସହଯୋଗ କରିଥିଲେ।



## ଉଫୁନା ପକ୍ଷରୁ ଶୋକସଭା

ଢେଙ୍କାନାଳ,୧୫।୬(ରତନ ନାୟାର)

ଢେଙ୍କାନାଳ ଉଫୁନା କାର୍ଯ୍ୟାଳୟରେ ଅହମ୍ମଦାବାଦ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ସମସ୍ତ ଯାତ୍ରୀ ଓ କର୍ମଚାରୀଙ୍କ ଉଦ୍ଦେଶ୍ୟରେ ରବିବାର ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା । ଉଫୁନାର ଜାତୀୟ ଉପସଭାପତି ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶୋକସଭାରେ ମୃତ ଯାତ୍ରୀଙ୍କ ପରିବାର ପ୍ରତି ସମବେଦନା ଜ୍ଞାପନ କରାଯିବା ସହ ଏଭଳି ମର୍ମନ୍ତୁଦ ଦୁର୍ଘଟଣା ଭବିଷ୍ୟତରେ ଯେପରି ନଘଟୁ ସେ ସମ୍ପର୍କରେ ଆଲୋଚନା ହୋଇଥିଲା । ପୂର୍ବତନ ସିବିଆଇ ବିଚାରପତି ଭିକାରୀ ଚରଣ ରାଉତଙ୍କ ସମେତ ଇଂ ଲଳିତ ମୋହନ ବେହେରା, ଉପେନ୍ଦ୍ର ରାଉତ, ସରୋଜ ଶତପଥୀ, ଗୋକୁଳାନନ୍ଦ ପଣ୍ଡା, ପ୍ରେମାନନ୍ଦ ଶତପଥୀ, ଲକ୍ଷ୍ମୀଧର ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ । ଇଂ ଅବିନାଶ ଦାସ ଧନ୍ୟବାଦ ପ୍ରଦାନ କରିଥିଲେ ।

## ଚାଳକ ଗିରଫ, ବାଇକ୍ ଜବତ

ବଇଣ୍ଡା,୧୫।୬(ପରକ୍ଷିତ ସାହୁ): ଠାକୁରଗଡ଼ ପୋଲିସ ସାନହୁଲାଠାରେ ଶନିବାର ଗାଡି ମୋଟର ଯାଞ୍ଚ କରିଛି। ଉଭୟ ପାର୍ଶ୍ୱରୁ ଆସୁଥିବା ସମସ୍ତ ବାଇକ୍‌କୁ ଅଟକାଇ ଯାଞ୍ଚ କରାଯାଇଥିଲା। ଏହି ସମୟରେ ମଦ୍ୟପାନ କରି ବାଇକ୍ ଚଲାଉଥିବା ଆମ୍ବସର ମୁଣ୍ଡା ଗ୍ରାମର ଭବାନୀ ଶଙ୍କର ନାୟକଙ୍କୁ ଗିରଫ କରାଯାଇଛି । ଏଥିସହ ତାଙ୍କ ବାଇକ୍‌କୁ ଜବତ କରାଯିବା ସହ ଏକ ମାମଲା ରୁଜୁ କରାଯାଇଛି । ପୋଲିସ କହିଛି, ଭବାନୀ ମଦ୍ୟପାନ କରି ଦ୍ରୁତଗତିରେ ବାଇକ୍ ଚଲାଉ ଥିବାବେଳେ ପୋଲିସ ଯାଞ୍ଚକରି ଗିରଫ କରିଥିଲା ।

## ଜୁଲାଇ ୯ରେ ଅଞ୍ଚଳବାସୀଙ୍କ ବ୍ଲକ ଘେରାଉ

### ନିର୍ମାଣ ହେଉନି ସୁରେଶ୍ୱରୀ ପ୍ରକଳ୍ପ

ବଇଣ୍ଡା, ୧୫।୬(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବାମୁର ପଞ୍ଚାୟତରେ ଥିବା ସୁରେଶ୍ୱରୀ ଜଳସେଚନ ପ୍ରକଳ୍ପ ନିର୍ମାଣ ହେଉନାହିଁ । ଫଳରେ ଚାଷୀଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଇଛି। ବାରମ୍ବାର ଆନ୍ଦୋଳନ କରାଗଲେ ମଧ ସରକାର ଦୃଷ୍ଟି ଦେଉ ନ ଥିବା ଯୋଗୁ ଅଞ୍ଚଳବାସୀଙ୍କ ମଧରେ ଅସନ୍ତୋଷ ଦେଖାଦେଇଛି । ପ୍ରକଳ୍ପ ନିର୍ମାଣ ପାଇଁ ଆସନ୍ତା ଜୁଲାଇ ୯ ତାରିଖରେ କିଶୋରନଗର ବ୍ଲକ ଘେରାଉ କରାଯାଇ ଆନ୍ଦୋଳନ କରାଯିବ ବୋଲି କୃଷି ସଂଗଠନ ଜୀବନ ଜୀବିକା ଓ ଜମି ସୁରକ୍ଷା କମିଟି ପକ୍ଷରୁ ରବିବାର ନିଷ୍ପତ୍ତି ନିଆଯାଇଛି। ଏନେଇ ଜଏରାଟ ନିକଟରେ କମିଟି ପକ୍ଷରୁ ଏକ ବୈଠକ କରାଯାଇଛି। ପୂର୍ବତନ ସରପଞ୍ଚ ରମଣୀ ରଞ୍ଜନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପିତାମ୍ବର ପ୍ରଧାନ, ତୀର୍ଥବାସୀ ଭୋଇ, ରାମଚନ୍ଦ୍ର ଦେହୁରୀ, ଯୋଗେନ୍ଦ୍ର ବରାଳ, କିଶୋର ପ୍ରଧାନ, ବାବାଜୀ ଚରଣ ପ୍ରଧାନ, ଲକ୍ଷ୍ମଣ ବେହେରାଙ୍କ ସମେତ ବହୁ ଚାଷୀ ଯୋଗଦେଇଥିଲେ। ସେମାନଙ୍କ କହିବା ଅନୁଯାୟୀ, ଏହି ଜଳ ସେଚନ ପ୍ରକଳ୍ପ ପାଇଁ ବହୁ ବର୍ଷ ହେବ ଚାଷୀ ଆନ୍ଦୋଳନ କରୁଛନ୍ତି। ବହୁବାର ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ଆରମ୍ଭ କରି ବିଧାନସଭା ପର୍ଯ୍ୟନ୍ତ ଆନ୍ଦୋଳନ କରାଯାଇଛି। ହେଲେ ସରକାର ଏହି ପ୍ରକଳ୍ପ ନିର୍ମାଣ କରୁ ନାହାନ୍ତି। ପ୍ରକଳ୍ପଟି ନିର୍ମାଣ ହେଲେ ଆଖପାଖ ୨୦ ଖଣ୍ଡ ଗ୍ରାମକୁ ଜଳସେଚନର ସୁବିଧା ସହ ଧାନ ଚାଷର ଉନ୍ନତି ହେବ। ହେଲେ ସରକାର ଦୃଷ୍ଟି ଦେଉ ନାହାନ୍ତି। ଏନେଇ ୧୬ ଡିସେମ୍ବର ୨୦୨୪ ରେ ଏକ ପ୍ରତିନିଧି ମଣ୍ଡଳୀ ଭୁବନେଶ୍ୱର ଯାଇ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଅଭିଯୋଗ କରିଥିଲେ। ହେଲେ ଆଜି ପର୍ଯ୍ୟନ୍ତ କୌଣସି ସୁଫଳ ମିଳୁନାହିଁ। ପୂର୍ବରୁ ବହୁବାର ଆନ୍ଦୋଳନ କରାଯାଇଥିବାବେଳେ କେବଳ ପ୍ରତିଶ୍ରୁତି ଦେଇ ପ୍ରଶାସନ ଠକି ଦେଉଛି। ପୁଣିଥରେ ଚାଷୀଙ୍କ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି।



କୃଷି ସଂଗଠନ ଜୀବନ ଜୀବିକା ଓ ଜମି ସୁରକ୍ଷା କମିଟିର ସଦସ୍ୟମାନେ ଆଲୋଚନା କରୁଛନ୍ତି।

## ଢେଙ୍କାନାଳ ଐତିହ୍ୟ ପଦଯାତ୍ରାର କୁମ୍ଭେଶ୍ୱର ମନ୍ଦିର ପରିଦର୍ଶନ

### କୁମ୍ଭରୁ ବାହାରିଥିବାରୁ ନାମ କୁମ୍ଭେଶ୍ୱର

ଢେଙ୍କାନାଳ,୧୫।୬(ରତନ ନାୟାର)

ଢେଙ୍କାନାଳ ଜିଲାର ଐତିହ୍ୟ ସଂରକ୍ଷଣ ଓ ପ୍ରଚାର ପ୍ରସାର ପାଇଁ ସମର୍ପିତ ଢେଙ୍କାନାଳ ଐତିହ୍ୟ ପଦଯାତ୍ରା ଅନୁଷ୍ଠାନର ୨୬ତମ ପଦଯାତ୍ରା ଉପଲକ୍ଷେ ସଦସ୍ୟ ମାନେ ରବିବାର ସଦର ବ୍ଲକ ଦେଓପଡାସ୍ଥିତ କୁମ୍ଭେଶ୍ୱର ମନ୍ଦିର ବୁଲି ଦେଖିଥିଲେ । ପଦଯାତ୍ରୀ ମାନେ ମନ୍ଦିର ପରିସରରେ ପହଁଚିବା ପରେ ମନ୍ଦିର ପୂଜକ ଓ ପରିଚାଳନା କମିଟିର ସଦସ୍ୟ ମାନେ ତାଙ୍କୁ ସ୍ୱାଗତ କରିଥିଲେ । ଏହି ଅବସରରେଅ ଆୟୋଜିତ ଏକ ଆଲୋଚନାଚକ୍ରରେ ପୂଜକ ମାନେ ମନ୍ଦିର ଇତିହାସ ସମ୍ପର୍କରେ ସଦସ୍ୟ ମାନଙ୍କୁ ଅବଗତ କରାଇଥିଲେ । ଢେଙ୍କାନାଳ ଓ କଟକ ଜିଲା ଆଠଗଡ ଉପଖଣ୍ଡ ସୀମାନ୍ତକୁ ଲାଗି ଅବସ୍ଥିତ ଏହି ମନ୍ଦିର ପ୍ରାୟ ୩୦୦ବର୍ଷରୁ ଉର୍ଦ୍ଧ୍ୱ ପୁରୁଣା । ରାଜତନ୍ତ୍ର ସମୟରେ ଏହା ଆଠଗଡ ରାଜ୍ୟ ଅଧିନରେ ରହିଥିଲା । ଅଷ୍ଟାଦଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଢେଙ୍କାନାଳ ରାଜା ତ୍ରିଲୋଚନ ମହେନ୍ଦ୍ର ବାହାଦୂର ଏହି ଅଂଚଳକୁ ଢେଙ୍କାନାଳରେ ମିଶ୍ରଣ କରାଇଥିଲେ । ସେହି ସମୟରେ ଏହି ଅଂଚଳକୁ ଲକ୍ଷ୍ମୀପ୍ରସାଦ ବିଶ କୁହାଯାଉଥିଲା । ଦେବତା ମାନଙ୍କର ପୂଜାର୍ଚ୍ଚନା କରାଯିବା ପାଇଁ ଏଠାରେ ବ୍ୟବସ୍ଥା କରାଯିବା ପରେ ସମ୍ପୃକ୍ତ ଅଂଚଳ ଦେଓପଡା ନାମରେ ନାମିତ ହୋଇଥିଲା । ମନ୍ଦିରଟି ପ୍ରାୟ ୧ଏକର ଜାଗାରେ ଅବସ୍ଥିତ । ମନ୍ଦିର ଭିତରେ ବହୁ ଖଣ୍ଡିତ ମୂର୍ତି, ଶିବଶକ୍ତିଙ୍କ ମୂର୍ତ୍ତି ସମେତ ଚକ୍ର ଆଦି ପୂଜା ପାଉଛନ୍ତି । କୁମ୍ଭରୁ ବାହାରି ଥିବାରୁ ମହାପ୍ରଭୁଙ୍କ ନାମ କୁମ୍ଭେଶ୍ୱର ହୋଇଛି । ମନ୍ଦିର ଭିତରେ ବିକ୍ଷିପ୍ତ ଭାବେ ପଡିରହିଥିବା ଭଗ୍ନ ମୂର୍ତିକୁ ଦେଖିଲେ ଏହାର ଶୈବ ଓ ବୈଷ୍ଣବ ଉଭୟ ଉପାସନା ସ୍ଥଳ ଭାବେ ଖ୍ୟାତି ଅର୍ଜନ କରିଥିବା ଦେଖାଯାଇଛି । ବର୍ତମାନ ଏହି ମନ୍ଦିର ଦେବୋତର ଅଧିନରେ ଥିଲେ ମଧ ବିଭାଗ ପକ୍ଷରୁ କୌଣସି ସହଯୋଗ ମିଳୁ ନଥିବା ଗ୍ରାମବାସୀ ଓ ପୂଜକ ମାନେ ଅଭିଯୋଗ କରି କୁହନ୍ତି । ଆଠଗଡର ରାଣୀ ରାଧାପ୍ରିୟା ଦେବୀଙ୍କ ସ୍ୱାମୀ ଏହି ମନ୍ଦିରକୁ ନିର୍ମାଣ କରାଇଥିଲେ । ରାଜାଙ୍କ ଅବର୍ତମାନ ପରେ ରାଣୀ ରାଧାପ୍ରିୟା ଦେବୀ ମନ୍ଦିରକୁ ପୂର୍ଣ୍ଣାଙ୍ଗ କରିଥିଲେ । ମନ୍ଦିର ସମ୍ମୁଖରେ ଅଦ୍ୟାବଧୀ ରାଣୀଙ୍କ ସମାଧୀ ବିଦ୍ୟମାନ ରହିଛି । ମନ୍ଦିର ପୂଜକ ଭାସ୍କର ଚନ୍ଦ୍ର ପଣ୍ଡା, ଶରତ ନାୟକ, ବିବେକାନନ୍ଦ ପଣ୍ଡା, ରଞ୍ଜନ କୁମାର ପଣ୍ଡା, ବିସ୍ମୟ ପଣ୍ଡା ପ୍ରମୁଖ ମନ୍ଦିର ସମ୍ପର୍କରେ ସୂଚନା ଦେଇଥିଲେ । ପଦଯାତ୍ରା ଦଳର ଆବାହକ ସୁରେଶ ପ୍ରସାଦ ମିଶ୍ରଙ୍କ ନେତୃତ୍ୱରେ ହରିୟାନା ହିସାର ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ବିଭାଗ ମୁଖ୍ୟ ମିହିର ରଞ୍ଜନ ପାତ୍ରଙ୍କ ସମେତ ଗବେଷକ ସୁରେଶ ପ୍ରଧାନ, ଢେଙ୍କାନାଳ ହେରିଟେଜ୍ ୱାକ୍‌ର ତପନ କୁମାର ଶତପଥୀ, ପ୍ରଫେସର ଦୁର୍ଗାଚରଣ ବିଶ୍ୱାଳ, ଡ. ମଳୟ ରଞ୍ଜନ ପତି, ରମେଶ ଚନ୍ଦ୍ର ପତି, ବଦ୍ରିନାଥ ଜେନା, ବିଶ୍ୱ ରଞ୍ଜନ ଦେହୁରୀ, ନାରାୟଣ ପଟ୍ଟନାୟକ, ସୁନିତା ମହାପାତ୍ର, ସ୍ୱ ଅର୍ଣର୍ପ୍ରଭା ସେଠି, ହୃଦାନନ୍ଦ ବେହେରା, ଆଦିତ୍ୟ ମିଶ୍ର, ପିୟୁଷ ଅଗ୍ରୱାଲ, କରୁଣା କୁମାର ବାରିକ, ସୁଜିତ କୁମାର ଦେବତା, ସଂଗ୍ରାମ କୁମାର ସିଂହ ଓ ଅନିଲଦତ ସ୍ୱାଇଁ ପ୍ରମୁଖ ସାମିଲ ହୋଇଥିଲେ ।




ଢେଙ୍କାନାଳ ଐତିହ୍ୟ ପଦଯାତ୍ରାର କୁମ୍ଭେଶ୍ୱର ମନ୍ଦିର ପରିଦର୍ଶନ।

**ସଂକ୍ଷେପରେ**

## ଖବରଦାତାଙ୍କୁ ଫାଶୀ ଦେଲା ସାଉଦି ଆରବ



ତୁର୍କୀ ଅଲ୍-ଜାସେର

**ଦୁବାଇ, ୧୫।୬**

ସାଉଦି ଆରବର ଖବରଦାତା ତୁର୍କୀ ଅଲ୍-ଜାସେରଙ୍କୁ ଶନିବାର ଫାଶୀ ଦିଆଯାଇଛି। ଜାସେର୍‌ଙ୍କୁ ୨୦୧୮ରେ ଦେଶଦ୍ରୋହ ଅଭିଯୋଗରେ ଗିରଫ କରାଯାଇଥିଲା। ପରେ ସେ କୋର୍ଟଙ୍କ ଦ୍ୱାରା ଦୋଷୀସାବ୍ୟସ୍ତ ହୋଇଥିଲେ। ଫାଶୀଦଣ୍ଡ ବିରୋଧରେ ଜାସେରଙ୍କ ଆବେଦନକୁ ସାଉଦି ସର୍ବୋଚ୍ଚ କୋର୍ଟ ଖାରଜ କରିବା ପରେ ତାଙ୍କୁ ଫାଶୀ ଦିଆଯାଇଥିବା ନେଇ ରବିବାର ସାଉଦି ଆରବର ସରକାରୀ ଗଣମାଧ୍ୟମ ସଂସ୍ଥା ସାଉଦି ପ୍ରେସ୍ ଏଜେନ୍ସି ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଜାସେରଙ୍କ ଫାଶୀଦଣ୍ଡକୁ ନ୍ୟୁୟର୍କସ୍ଥିତ 'କମିଟି ଟୁ ପ୍ରୋଟେକ୍ଟ ଜର୍ନାଲିଷ୍ଟସ୍' ସଂଗଠନ ନିନ୍ଦା କରିଛି। ଜାସେର ଟ୍ୱିଟରରେ ସାଉଦି ରାଜପରିବାରଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଆଣିଥିଲେ।

# ଇରାନ ପ୍ରତିରକ୍ଷା ମୁଖ୍ୟାଳୟରେ ଇସ୍ରାଏଲର ଆକ୍ରମଣ

**ଦୁବାଇ, ୧୫।୬**

ଇରାନର ଘାତକ ଆକ୍ରମଣ ପରେ ଇସ୍ରାଏଲ୍ ରବିବାର କ୍ରମାଗତ ତୃତୀୟ ଦିନ ପାଇଁ ତେହରାନ ଉପରେ ଜୋର୍‌ଦାର ଆକ୍ରମଣ କରିଛି। ଇରାନର ଶକ୍ତି ଶିଳ୍ପ ଏବଂ ତେହରାନରେ ଥିବା ପ୍ରତିରକ୍ଷା ମନ୍ତ୍ରଣାଳୟ ମୁଖ୍ୟାଳୟକୁ ଟାର୍ଗେଟ କରି ଇସ୍ରାଏଲୀ ସେନା ଆକ୍ରମଣ କରିଥିବା ଜଣାପଡ଼ିଛି। ତେହରାନ୍‌ର ବିଭିନ୍ନ ସ୍ଥାନରେ ବିସ୍ଫୋରଣର ଶବ୍ଦ ଶୁଣାଯାଇଛି। ବର୍ତ୍ତମାନ ସୁଦ୍ଧା ଇସ୍ରାଏଲ୍ ଆକ୍ରମଣରେ ଇରାନର ମୋଟ ୯୩ ଜଣଙ୍କ ମୃତ୍ୟୁ ଘଟିଲାଣି। ଯଦି ଇରାନର ମିଶାଇଲ୍ ଇସ୍ରାଏଲ୍‌ର ଏୟାର ଡିଫେନ୍ସକୁ ଭେଦକରି ଦେଶ ଭିତରେ କୌଣସି ବିଲ୍ଡିଂକୁ ଟାର୍ଗେଟ କରେ ତେବେ ଆହୁରି ଅଧିକ ବଳ ପ୍ରୟୋଗ କରାଯିବ ବୋଲି ଜେରୁଜେଲମ୍ ଚେତାବନୀ ଦେଇଛି। ଇସ୍ରାଏଲ୍‌ର ସାଧାରଣ ନାଗରିକଙ୍କୁ ଟାର୍ଗେଟ କଲେ ଇରାନକୁ ବହୁମୂଲ୍ୟ ଦେବାକୁ ପଡ଼ିବ ବୋଲି ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ରବିବାର ଚେତାବନୀ ଦେଇଛନ୍ତି। ତେଲ୍ ଆଭିଭ୍ ନିକଟବର୍ତ୍ତୀ ବାଟ୍ ୟାମ୍ ସହରରେ ଇରାନ ମିଶାଇଲ୍ ଆକ୍ରମଣ କରିଥିବାବେଳେ ନେତାନ୍ୟାହୁ ରବିବାର ସକାଳେ ସେଠାକୁ ଗସ୍ତ କରିଥିଲେ। ଉକ୍ତ ଆକ୍ରମଣରେ ୭ ଜଣଙ୍କ ମୃତ୍ୟୁ ଘଟିବା ସହ ଅନେକ ଆହତ ହୋଇଛନ୍ତି। ଦୁଇ ଦେଶ ମଧ୍ୟରେ ଆକ୍ରମଣ ଜାରି ରହିଥିବାରୁ ଆମେରିକା ସହ ଆଣବିକ ଆଲୋଚନା ବାତିଲ ହୋଇଛି।



ଇରାନର ମିଶାଇଲ୍ ମାଡ଼ରେ ଇସ୍ରାଏଲ୍‌ର ତାମ୍ରା ସହରରେ ଏକ ବିଲ୍ଡିଂ ଧ୍ୱଂସ ହୋଇଯାଇଛି।

ଇସ୍ରାଏଲ୍ 'ଅପରେଶନ ରାଇଜିଂ ଲାୟନ' ନାମରେ ଶୁକ୍ରବାର ଅଚାନକ ଇରାନର ଆଣବିକ ସ୍ଥଳ ଓ ସାମରିକ ଘାଟିଗୁଡ଼ିକୁ ଟାର୍ଗେଟ କରି ଜୋର୍‌ଦାର ଆକ୍ରମଣ କରିବାରୁ ଏହାର ସେନାମୁଖ୍ୟଙ୍କ ସମେତ କେତେଜଣ ଶୀର୍ଷ ଜେନେରାଲ ଏବଂ ଆଣବିକ ବୈଜ୍ଞାନିକଙ୍କ ମୃତ୍ୟୁ ଘଟିଥିଲା। ଏହାର ଜବାବ ଦେବାକୁ ଯାଇ ଇରାନ ପକ୍ଷରୁ ଇସ୍ରାଏଲ୍ ଉପରେ ଶତାଧିକ ଡ୍ରୋନ୍ ଏବଂ ମିଶାଇଲ ମାଡ଼ କରାଯାଇଥିଲା। ପରେ ଇସ୍ରାଏଲ୍ ୨ଟି ତୈଳ ବିଶୋଧନାଗାର ଉପରେ ଆକ୍ରମଣ କରିଛି। ଇରାନର ବୁଶେର ପ୍ରଦେଶର ସାଉଥ୍ ପାର୍ସରେ ରହିଥିବା ବିଶ୍ୱର ସର୍ବବୃହତ୍ ଗ୍ୟାସ୍ ଫିଲ୍ଡରେ ଶନିବାର ଇସ୍ରାଏଲ୍ ଡ୍ରୋନ୍ ଆକ୍ରମଣ କରିବାରୁ ଏକ ପ୍ରୋସେସିଂ ୟୁନିଟ୍‌ରେ ନିଆଁ ଲାଗିଯାଇଛି। ଫଳରେ ସେଠାରୁ ଉତ୍ପାଦନ ଆଂଶିକ ବନ୍ଦ ରହିଛି। ଉକ୍ତ ୟୁନିଟ୍‌ରୁ ଦୈନିକ ୧୨ ନିୟୁତ ଘନମିଟର ଗ୍ୟାସ୍ ଉତ୍ପାଦନ ହୋଇଥାଏ। ଆମେରିକା ଓ ରୁଷିଆ ପରେ ଇରାନ ବିଶ୍ୱର ତୃତୀୟ ସର୍ବାଧିକ ଗ୍ୟାସ୍ ଉତ୍ପାଦନକାରୀ ହୋଇଥିବାବେଳେ ଏହା ଉତ୍ପାଦନ କରୁଥିବା ମୋଟ ଗ୍ୟାସ୍‌ର ୬୬% ସାଉଥ୍ ପାର୍ସ ଫିଲ୍ଡରୁ ମିଳିଥାଏ।

ଇସ୍ରାଏଲ୍ ଇସ୍‌ଲାମିକ ରିପବ୍ଲିକ୍ ଉପରେ ସାମରିକ କାର୍ଯ୍ୟାନୁଷ୍ଠାନ ବନ୍ଦ କଲେ ଆମେ ଆକ୍ରମଣ କରିବୁ ନାହିଁ ବୋଲି ରବିବାର ଇରାନ କହିଛି। ଆମେ ଆତ୍ମରକ୍ଷା ପାଇଁ ଆକ୍ରମଣ କରୁଛୁ ବୋଲି ତେହରାନ କହିଛି। ଶନିବାର ରାତିରୁ ରବିବାର ଭୋର ପର୍ଯ୍ୟନ୍ତ ଇସ୍ରାଏଲ୍ ଉପରେ ଇରାନ ଶତାଧିକ ମିଶାଇଲ ମାଡ଼ କରିଥିଲା। ଏଥିରେ ଛୋଟ ପିଲାଙ୍କ ସମେତ ଅନ୍ୟୁନ ୧୦ ଜଣଙ୍କ ମୃତ୍ୟୁ ଘଟିବା ସହ ୨୦୦ ଜଣ ଆହତ ହୋଇଥିବା ଇସ୍ରାଏଲ୍ ଜରୁରୀ ସେବା ବିଭାଗ କହିଛି। ଅନ୍ୟପକ୍ଷରେ ଇସ୍ରାଏଲ୍ କହିଛି, ଇରାନ ଅଣୁଅସ୍ତ୍ର ବିକାଶ ବନ୍ଦ କରିବା ଏବଂ ଏହାର ବାଲିଷ୍ଟିକ୍ ମିଶାଇଲ୍ ଫେରାଇନେବା ଆମେ ଚାହୁଁ। ସେପଟେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇସ୍ରାଏଲ୍‌ର ସାମରିକ କାର୍ଯ୍ୟାନୁଷ୍ଠାନକୁ ପୂର୍ଣ୍ଣ ସମର୍ଥନ ଜଣାଇଛନ୍ତି। ଇରାନ ଯଦି ନୂଆ ଆଣବିକ ଚୁକ୍ତିନାମା ପାଇଁ ରାଜି ହୁଏ ତେବେ ଆଉ ଧ୍ୱଂସଲୀଳା ହେବ ନାହିଁ ବୋଲି ସେ କହିଛନ୍ତି। ଇସ୍ରାଏଲ୍‌ର ଆକ୍ରମଣରେ ଅଂଶୀଦାର ରହିଥିବା ଆମେରିକାକୁ ଇରାନ ବହିର୍ବ୍ୟାପାର ମନ୍ତ୍ରୀ ଆବ୍ବାସ ଅରଘଚି ଦାୟୀ କରିଛନ୍ତି।

## ଥିରୁଭାନନ୍ତପୁରମ୍‌ରେ ବ୍ରିଟିଶ୍ ଫାଇଟର ଜେଟ୍‌ର ଏମର୍ଜେନ୍ସି ଲ୍ୟାଣ୍ଡିଂ

**ଥିରୁଭାନନ୍ତପୁରମ, ୧୫।୬**

ବ୍ରିଟେନ୍‌ର ଏଫ୍-୩୫ ଫାଇଟର ଜେଟ୍ ଶନିବାର ରାତିରେ କେରଳର ଥିରୁଭାନନ୍ତପୁରମ ଅନ୍ତର୍ଜାତୀୟ ଏୟାରପୋର୍ଟରେ ଜରୁରିକାଳୀନ ଅବତରଣ କରିଛି। ଉକ୍ତ ବିମାନରେ ଇନ୍ଧନ କମ୍ ଥିବାରୁ ପାଇଲଟ ଜରୁରୀ ଅବତରଣ ପାଇଁ ଥିରୁଭାନନ୍ତପୁରମ ଏୟାରପୋର୍ଟ କର୍ତ୍ତୃପକ୍ଷଙ୍କୁ ଅନୁମତି ମାଗିଥିଲେ। ଅନୁମତି ମିଳିବା ପରେ ଏହି ବ୍ରିଟିଶ୍ ଫାଇଟର ଜେଟ୍‌ର ସୁରକ୍ଷିତ ଅବତରଣ ହୋଇଥିଲା। କେନ୍ଦ୍ର ସରକାରଙ୍କ ଅନୁମତି ମିଳିବା ପରେ ହିଁ ଏହି ବିମାନରେ ଇନ୍ଧନ ଭର୍ତ୍ତି କରାଯିବ ଏବଂ ପୁଣିଥରେ ଏହା ଉଡ଼ାଣ ଭରିବ ବୋଲି ଥିରୁଭାନନ୍ତପୁରମ ଏୟାରପୋର୍ଟର ଜଣେ ଅଧିକାରୀ କହିଛନ୍ତି।

## ପେଲୋଡ୍ ସହ ପ୍ରଥମ ସଫଳ ରକେଟ ଲଞ୍ଚ ପରୀକ୍ଷଣ



**କୁଶିନଗର, ୧୫।୬**

ଉତ୍ତରପ୍ରଦେଶର କୁଶିନଗରରେ ପେଲୋଡ୍ ସହ ପ୍ରଥମ ରକେଟ ଲଞ୍ଚ ପରୀକ୍ଷଣକୁ ସଫଳତାର ସହ କରାଯାଇଛି। ଭାରତୀୟ ଜାତୀୟ ମହାକାଶ ପ୍ରୋତ୍ସାହନ ଏବଂ ପ୍ରାଧିକରଣ କେନ୍ଦ୍ର (ଇନ୍-ସ୍ପେସ୍) ଏବଂ ଭାରତୀୟ ମହାକାଶ ଗବେଷଣା ସଙ୍ଗଠନ (ଇସ୍ରୋ)ର ସହଯୋଗରେ ଆଷ୍ଟ୍ରୋନୋମିକାଲ ସୋସାଇଟି ଅଫ୍ ଇଣ୍ଡିଆ ଦ୍ୱାରା ଶନିବାର ସନ୍ଧ୍ୟା ୫.୧୪ରେ ଏହି ପରୀକ୍ଷଣ କରାଯାଇଥିଲା। ପରୀକ୍ଷଣସ୍ଥଳରେ ଉପସ୍ଥିତ ଇସ୍ରୋ ବୈଜ୍ଞାନିକ ଅଭିଷେକ ସିଂ କହିଛନ୍ତି, ଲଞ୍ଚ ପରେ ରକେଟଟି ୧.୧ କିଲୋମିଟର ଉଚ୍ଚତାରେ ପହଞ୍ଚିଥିଲା। ଏହାପରେ ଏଥିରୁ ଏକ କ୍ଷୁଦ୍ର ଉପଗ୍ରହ (ପେଲୋଡ) ବାହାରି ଆସିଥିଲା। ଯେତେବେଳେ ଏହା ୫ ମିଟର ତଳକୁ ଆସିଥିଲା, ଏହାର ପାରାଚ୍ୟୁଟ ସକ୍ରିୟ ହୋଇଯାଇଥିଲା ଏବଂ ଉପଗ୍ରହଟି ଭୂମିରେ ଲଞ୍ଚସ୍ଥଳଠାରୁ ୪୦୦ ମିଟର ଦୂରତାରେ ଅବତରଣ କରିଥିଲା।

## ସିନିୟରଙ୍କୁ ଗୁଳିକରି ହତ୍ୟାକଲେ ଯବାନ

**କୋଲକାତା, ୧୫।୬**

ପଶ୍ଚିମବଙ୍ଗର ମୁର୍ଶିଦାବାଦ ଜିଲାରେ ସୀମା ସୁରକ୍ଷା ବଳ (ବିଏସ୍ଏଫ୍)ର ୧୧୯ ବାଟାଲିଅନ୍‌ର ଏକ କ୍ୟାମ୍ପରେ କନ୍‌ଷ୍ଟେବଲ ଶିବମ କୁମାର ମିଶ୍ରା ନିଜ ସିନିୟର ଅଧିକାରୀ ତଥା ହେଡ୍ କନ୍‌ଷ୍ଟେବଲ ରତନ ସିଂ ଶେଖାୱାତଙ୍କୁ ନିଜ ସର୍ଭିସ୍ ରାଇଫଲରେ ଗୁଳିକରି ହତ୍ୟା କରିଛନ୍ତି। ଶନିବାର ବିଳମ୍ବିତ ରାତିରେ ଉଭୟ ଯବାନ ଶିବମ ଏବଂ ରତନଙ୍କ ମଧ୍ୟରେ କୌଣସି କାରଣକୁ ନେଇ କଳହ ସୃଷ୍ଟି ହୋଇଥିଲା। ଫଳରେ ଶିବମ ଅତ୍ୟଧିକ ଉତ୍ତ୍ୟକ୍ତ ହୋଇ ରତନଙ୍କୁ ଗୁଳି କରିଥିଲେ। ବିଏସ୍ଏଫ୍ ପକ୍ଷରୁ ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି।



ପୁଣେର ଇନ୍ଦ୍ରାଣୀ ନଦୀ ଉପରେ ଥିବା ବ୍ରିଜ୍ ଭୁଶୁଡ଼ିପଡ଼ିଛି।

## ପୁଣେରେ ବ୍ରିଜ୍ ଭୁଶୁଡ଼ି ୪ ମୃତ, ୧୮ ଆହତ

**ପୁଣେ, ୧୫।୬**

ମହାରାଷ୍ଟ୍ରର ପୁଣେରେ ପ୍ରବଳ ବର୍ଷା ଯୋଗୁ ରବିବାର ଅପରାହ୍ନରେ ଏକ ପୁରୁଣା ପାଦଚଲା ବ୍ରିଜ୍ ଭୁଶୁଡ଼ି ୪ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଥିବାବେଳେ ୧୮ ଜଣ ଗୁରୁତର ଆହତ ହୋଇଛନ୍ତି। ଅନ୍ୟ କେତେଜଣ ବୁଡ଼ିଯାଇଥିବା ଆଶଙ୍କା କରାଯାଉଛି। ୩୯ ଜଣଙ୍କୁ ଉଦ୍ଧାର କରାଯାଇଛି। ସତର୍କତା ବୋର୍ଡ ଲଗାଯାଇଥିବାବେଳେ ଏହାକୁ ଅଣଦେଖା କରି ବ୍ରିଜ୍ ଉପରେ ବହୁସଂଖ୍ୟାରେ ପର୍ଯ୍ୟଟକ ରୁଣ୍ଡ ହେବାରୁ ଏହା ଭୁଶୁଡ଼ି ପଡ଼ିଥିବା ପ୍ରାଥମିକ ଅନୁଧ୍ୟାନରୁ ଜଣାପଡ଼ିଛି। ଉଦ୍ଧାର କାର୍ଯ୍ୟରେ ଏନ୍‌ଡିଆର୍ଏଫ୍ କର୍ମଚାରୀ ଓ ପୋଲିସ ନିୟୋଜିତ ହୋଇଛନ୍ତି। ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼୍‌ନବିସ୍ ଉଦ୍ଧାର କାର୍ଯ୍ୟର ତଦାରଖ କରୁଥିବାବେଳେ ବିଦେଶ ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ସହ କଥା ହୋଇଛନ୍ତି।

ପୁଣେରେ ଗତ କିଛିଦିନ ହେଲା ବର୍ଷା ଲାଗି ରହିଥିବାରୁ ଇନ୍ଦ୍ରାଣୀ ନଦୀରେ ପାଣି ବଢ଼ିଯାଇଥିଲା। ମାଭାଲ ତହସିଲ ଅନ୍ତର୍ଗତ କୁନ୍ଦମାଲାଠାରେ ଇନ୍ଦ୍ରାଣୀ ନଦୀ ଉପରେ ଥିବା ଏହି ଜୀର୍ଣ୍ଣଶୀର୍ଣ୍ଣ ଲୁହା ବ୍ରିଜ୍‌ରେ ବହୁସଂଖ୍ୟାକ ଲୋକ ରୁଣ୍ଡ ହୋଇ ବଢ଼ିପାଣି ଦେଖୁଥିବାବେଳେ ଏହା ଭୁଶୁଡ଼ି ପଡ଼ିବାରୁ କେତେଜଣ ପ୍ରଖର ସୁଅରେ ଭାସିଯାଇଥିଲେ। ଏହି ଘଟଣା ପରେ ବ୍ରିଜ୍‌ରେ ଯାନ ଚଳାଚଳ ବନ୍ଦ କରିଦିଆଯାଇଛି।

# ବିଶ୍ୱରେ ସ୍କୁଲ ଯାଉନାହାନ୍ତି ୨୭୨ ନିୟୁତ ପିଲା



**ନୂଆଦିଲ୍ଲୀ, ୧୫।୬ (ପି.ଟି.)**

ସାରା ବିଶ୍ୱରେ ସ୍କୁଲ ଯାଉ ନ ଥିବା ପିଲାଙ୍କ ସଂଖ୍ୟା ୨୭୨ ନିୟୁତ, ଯାହା ପୂର୍ବ ଆକଳନ ତୁଳନାରେ ୨୧ ନିୟୁତ ଅଧିକ। ୟୁନେସ୍କୋର ଗ୍ଲୋବାଲ ଏଜୁକେଶନ ମନିଟରିଂ ଟିମ୍ (ଜିଇଏମ୍) ରିପୋର୍ଟରୁ ଏହା ଜଣାପଡ଼ିଛି। ଶିକ୍ଷାରୁ ବଞ୍ଚିତ ପିଲାଙ୍କ ମଧ୍ୟରୁ ୭୮ ନିୟୁତ ପ୍ରାଥମିକ ସ୍କୁଲ୍ ବୟସର ହୋଇଥିବାବେଳେ ୬୪ ନିୟୁତ ନିମ୍ନ ମାଧ୍ୟମିକ ଏବଂ ୧୩୦ ନିୟୁତ ଉଚ୍ଚ ମାଧ୍ୟମିକ ସ୍କୁଲ ଯିବା ବୟସର। ୨୦୧୫ରେ ଚତୁର୍ଥ ଥର ପାଇଁ ଶିକ୍ଷା ଉପରେ ସତତ ବିକାଶ ଲକ୍ଷ୍ୟ (ଏସ୍‌ଡିଜି) ଧାର୍ଯ୍ୟ କରାଯାଇଥିଲା। ସେବେଠାରୁ ସ୍କୁଲ ବାହାରେ ରହିଥିବା ପିଲାଙ୍କ ସଂଖ୍ୟାରେ ୧ ପ୍ରତିଶତରୁ କମ୍ ହ୍ରାସ ପାଇଛି। ଉଚ୍ଚ ମାଧ୍ୟମିକ ଶିକ୍ଷା ସ୍ତରରେ ସର୍ବାଧିକ ୧୩୦ ନିୟୁତ ଛାତ୍ରୀଛାତ୍ର ପାଠପଢ଼ାରୁ ବଞ୍ଚିତ ହୋଇଛନ୍ତି, ଯାହାକି ସବୁ ସ୍ତରର ମୋଟ ସଂଖ୍ୟାର ୪୮%।

ଶିକ୍ଷା କ୍ଷେତ୍ରରେ ଗରିବ ଦେଶଗୁଡ଼ିକ ବହୁ ପଛରେ ପଡ଼ିଛନ୍ତି। ସବୁଠୁ ଗରିବ ଦେଶରେ ୩୬% ପିଲା ସ୍କୁଲ ଶିକ୍ଷାରୁ ବଞ୍ଚିତ ହୋଇଥିବାବେଳେ ସବୁଠୁ ଧନୀ ଦେଶରେ ଏହି ହାର ୩ ପ୍ରତିଶତ। ସାରା ବିଶ୍ୱରେ ସ୍କୁଲ୍ ବାହାରେ ଥିବା ମୋଟ ପିଲାଙ୍କ ମଧ୍ୟରୁ ତିନି-ଚତୁର୍ଥାଂଶ କେନ୍ଦ୍ରୀୟ ଓ ଦକ୍ଷିଣ ଏସୀୟ ଦେଶ (୩୪%) ଏବଂ ଆଫ୍ରିକୀୟ ଦେଶର (୩୯%)। ସାରା ବିଶ୍ୱରୁ ଦେଖିଲେ ଝିଅଙ୍କ ତୁଳନାରେ ଅଧିକ ପୁଅ ସ୍କୁଲ୍ ବାହାରେ ରହିଛନ୍ତି। ଅର୍ଥାତ ୧୩୯ ନିୟୁତ ପୁଅ ଏବଂ ୧୩୩ ନିୟୁତ ଝିଅ ପାଠପଢ଼ାରୁ ବଞ୍ଚିତ ହୋଇଛନ୍ତି। ଏହି ଧାରା ୨୦୦୭ରୁ ଆରମ୍ଭ ହୋଇଥିବାବେଳେ ବଢ଼ିଚାଲିଛି।

ଜିଇଏମ୍ ଟିମ୍‌ର ସଦ୍ୟ ରିପୋର୍ଟ ଅନୁଯାୟୀ, ୨୦୨୫ ସୁଦ୍ଧା ଦେଶଗୁଡ଼ିକ ସେମାନଙ୍କ ଜାତୀୟ ଲକ୍ଷ୍ୟ ହାସଲ କରିବାକୁ ହେଲେ ୭୫ ନିୟୁତଙ୍କୁ ଏହି ଧାରାରୁ ବାହାରକୁ ଆଣିବାକୁ ହେବ। ନୂଆ ନାମଲେଖା ଏବଂ ଉପସ୍ଥାନ ତଥ୍ୟ ଅନୁଯାୟୀ, ଶିକ୍ଷାରୁ ବଞ୍ଚିତ ପିଲାଙ୍କ ସଂଖ୍ୟା ୮ ନିୟୁତ ବଢ଼ିଥିବାବେଳେ ଜାତିସଂଘର ସଂଶୋଧିତ ଜନସଂଖ୍ୟା ରିପୋର୍ଟ ଯୋଗୁ ୧୩ ନିୟୁତ ବଢ଼ିଯାଇଛି। ୨୦୨୧ରେ ଆଫଗାନିସ୍ତାନ ମାଧ୍ୟମିକ ସ୍କୁଲ ବୟସର ଝିଅମାନଙ୍କ ପାଠପଢ଼ାକୁ ବେଆଇନ ଘୋଷଣା କରିବା ପରେ ସ୍କୁଲ୍ ଶିକ୍ଷାରୁ ବାଦ୍ ପଡ଼ିଥିବା ପିଲାଙ୍କ ସଂଖ୍ୟା ବୃଦ୍ଧି ପାଇଛି। ଏହା ବ୍ୟତୀତ ବିଭିନ୍ନ ଦେଶ ମଧ୍ୟରେ ଯୁଦ୍ଧ ଚାଲିଥିବାରୁ ତଥ୍ୟ ସଂଗ୍ରହ କରିବାରେ ସମସ୍ୟା ସୃଷ୍ଟି ହୋଇଛି। ପ୍ରଶାସନ, ସର୍ଭେ ଏବଂ ଜନଗଣନା ଆଦି ଏକାଧିକ ତଥ୍ୟ ଉତ୍ସକୁ ମଡେଲ ଭାବେ ନିଆଯାଇ ଆଞ୍ଚଳିକ ଏବଂ ବୈଶ୍ୱିକ ହାରାହାରି ସ୍କୁଲ୍ ଶିକ୍ଷାରୁ ବଞ୍ଚିତ ପିଲାମାନଙ୍କ ସଂଖ୍ୟା ଆକଳନ କରାଯାଇଛି।

# ସାଇପ୍ରସ୍‌ରେ ପ୍ରଧାନମନ୍ତ୍ରୀ

**କାନାଡାରେ ଜି୭ ସମିଟ୍‌ରେ ଯୋଗଦେବେ**

**ନିକୋସିଆ, ୧୫।୬**

ତିନି ରାଷ୍ଟ୍ର ଗସ୍ତରେ ଯାଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ସାଇପ୍ରସ୍‌ରେ ପହଞ୍ଚିଛନ୍ତି। ୨ ଦିନିଆ ଗସ୍ତର ପ୍ରଥମ ଭାଗରେ ସେ ସାଇପ୍ରସ୍ ଓ କ୍ରୋଏସିଆରେ ଦ୍ୱିପାକ୍ଷିକ ଆଲୋଚନାରେ ଭାଗ ନେବାକୁ ଥିବାବେଳେ କାନାଡ଼ାରେ ହେବାକୁ ଥିବା ଜି୭ ସମିଟ୍‌ରେ ଯୋଗଦେବେ। ଆତଙ୍କବାଦ ବିରୋଧରେ ଭାରତର ଅପରେଶନ ସିନ୍ଦୂର ପରେ ଏହା ପ୍ରଧାନମନ୍ତ୍ରୀଙ୍କ ପ୍ରଥମ ବିଦେଶ ଗସ୍ତ। ରିପବ୍ଲିକ୍ ଅଫ୍ ସାଇପ୍ରସ୍‌ର ରାଷ୍ଟ୍ରପତି ନିକୋସ୍ କ୍ରିଷ୍ଟୋଡୌଲିଡେସ୍ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଲାର୍କାନା ଅନ୍ତର୍ଜାତୀୟ ବିମାନବନ୍ଦରରେ ସ୍ୱାଗତ କରିଥିଲେ।

୨ ଦଶନ୍ଧି ପରେ ସାଇପ୍ରସ୍‌କୁ ଭାରତୀୟ ପ୍ରଧାନମନ୍ତ୍ରୀଙ୍କର ଏହା ପ୍ରଥମ ଗସ୍ତ। ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ନେଇ ସେ ସାଇପ୍ରସ୍ ରାଷ୍ଟ୍ରପତିଙ୍କ ସହ ଆଲୋଚନା କରିବେ। ବାଣିଜ୍ୟ, ପୁଞ୍ଜିନିବେଶ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହେବ ବୋଲି ଜଣାପଡ଼ିଛି। ଏୟାରପୋର୍ଟରେ ସ୍ୱତନ୍ତ୍ର ସ୍ୱାଗତ ପାଇଁ ମୋଦି ରାଷ୍ଟ୍ରପତି ନିକୋସ୍‌ଙ୍କୁ କୃତଜ୍ଞତା ଜଣାଇଛନ୍ତି।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଲାର୍କାନା ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିବା ପରେ ରିପବ୍ଲିକ୍ ଅଫ୍ ସାଇପ୍ରସ୍‌ର ରାଷ୍ଟ୍ରପତି ନିକୋସ୍ କ୍ରିଷ୍ଟୋଡୌଲିଡେସ୍ ତାଙ୍କୁ ସ୍ୱାଗତ କରୁଛନ୍ତି।

## ୨,୬୭୬ କୋଟିର ଠକେଇ: ୨ ଭାଇ ଫେରାର

**ଜୟପୁର, ୧୫।୬**

ରାଜସ୍ଥାନର ସିକର ଜିଲା ନିବାସୀ ୨ ଭାଇ ସୁଭାଷ ବିଜାରାନି ଏବଂ ରଣବୀର ବିଜାରାନି ସହଯୋଗୀଙ୍କ ସହ ମିଶି ୭୦ ହଜାର ଲୋକଙ୍କଠାରୁ ୨,୬୭୬ କୋଟି ଟଙ୍କାର ଠକେଇ କରିଥିବା ମାମଲା ସାମ୍ନାକୁ ଆସିଛି। ଉଭୟେ ଭାଇ ମିଶି ନେକ୍ସା ଏଭରଗ୍ରୀନ୍ ନାମକ ଏକ କମ୍ପାନୀ ନିର୍ମାଣ କରିଥିଲେ ଏବଂ ଧୋଲେରା ସ୍ମାର୍ଟ ସିଟି ପ୍ରୋଜେକ୍ଟରେ ଅଧିକ ରିଟର୍ନ ଏବଂ ଜମିର ପ୍ରତିଶ୍ରୁତି ଦେଇ ସେମାନେ ନିବେଶକଙ୍କୁ ଠକିଥିଲେ। ବିଜାରାନି ବ୍ରଦର୍ସ ଧୋଲେରା ସହରର ଅଲଗା ଅଲଗା ପ୍ରୋଜେକ୍ଟର ଫଟୋ ଦେଖାଇ ମଧ୍ୟ ନିବେଶକଙ୍କୁ ଠକିଥିଲେ।



ସୁଭାଷ ବିଜାରାନି ଏବଂ ରଣବୀର ବିଜାରାନି

ଅଭିଯୁକ୍ତ ରଣବୀର ୨୦୧୪ରେ ପ୍ରଥମେ ଧୋଲେରାରେ ଜମି କିଣିଥିଲେ। ସେହିପରି ତାଙ୍କ ଭାଇ ତଥା ଅବସରପ୍ରାପ୍ତ ସୈନ୍ୟ କର୍ମଚାରୀ ସୁଭାଷ ଅବସର ନେବା ପରେ ସେଠାରେ ୩୦ ଲକ୍ଷ ଟଙ୍କାର ଜମି କିଣିଥିଲେ। ଏହାପରେ ୨ ଭାଇ ନେକ୍ସା ଏଭରଗ୍ରୀନ୍ କମ୍ପାନୀ ଗଠନ କରିଥିଲେ ଏବଂ ୨୦୨୧ରେ ଏହାକୁ ଗୁଜରାଟର ଅହମଦାବାଦରେ ପଞ୍ଜୀକୃତ କରାଇଥିଲେ। ଏହି କମ୍ପାନୀ ନିବେଶକଙ୍କ ସାମ୍ନାରେ ନିଜକୁ ସରକାରଙ୍କ ଧୋଲେରା ସ୍ମାର୍ଟ ସିଟି ପ୍ରୋଜେକ୍ଟର ଅଂଶ ଭାବେ ଦାବି କରିଥିଲା। ଧୋଲେରା ସହରରେ କମ୍ପାନୀର ୧,୩୦୦ ବିଘା ଜମି ରହିଥିବା ନେଇ ନେକ୍ସା ଏଭରଗ୍ରୀନ୍ ପକ୍ଷରୁ ନିବେଶକମାନଙ୍କୁ ପ୍ରଲୋଭିତ କରାଯାଇଥିଲା। କମ୍ପାନୀ ସହଯୋଗରେ ସରକାର ଧୋଲେରା ସହରକୁ ବିଶ୍ୱସ୍ତରୀୟ କରିବାକୁ ଯାଉଛନ୍ତି ବୋଲି ନେକ୍ସା ଏଭରଗ୍ରୀନ କହିଥିଲା। କମ୍ପାନୀ ପକ୍ଷରୁ ୭୦ ହଜାରରୁ ଅଧିକ ଲୋକଙ୍କୁ ପ୍ଲଟ୍, ଫ୍ଲାଟ୍ ଏବଂ ବିଭିନ୍ନ ନିବେଶ ଯୋଜନାରେ ପ୍ରଲୋଭିତ କରାଯାଇଥିଲା ଏବଂ ସେମାନଙ୍କୁ ବିପୁଳ ଲାଭର ପ୍ରତିଶ୍ରୁତି ମଧ୍ୟ ଦିଆଯାଇଥିଲା। ଫଳରେ ଏଭରଗ୍ରୀନ୍ କମ୍ପାନୀ ଦେଶବ୍ୟାପୀ ନିବେଶକଙ୍କଠାରୁ ୨,୬୭୬ କୋଟି ଟଙ୍କା ସଂଗ୍ରହ କରିବାରେ ସଫଳ ହୋଇଥିଲା। ଏହାପରେ ୨ ଭାଇ ରଣବୀର ଏବଂ ସୁଭାଷ ନିଜ କମ୍ପାନୀ କାର୍ଯ୍ୟାଳୟ ବନ୍ଦ କରିବା ସହ ଫେରାର୍ ହୋଇଯାଇଥିଲେ। ନିବେଶକମାନଙ୍କ ଅଭିଯୋଗ ପରେ ରାଜସ୍ଥାନର ଯୋଧପୁର ପୋଲିସ ଏହି ଠକେଇ ନେଇ ଏକ ମାମଲା ରୁଜୁ କରିବା ସହ ତଦନ୍ତ ଆରମ୍ଭ କରିଥିବା ନେଇ ରବିବାର ସୂଚନା ଦେଇଛି।

**ଫୁରସତ୍**

# ୪୫୦ କି.ମି.ର ସବୁଠୁ ଅସ୍ପଷ୍ଟ ବର୍ଡର

**ବ୍ରସେଲ୍ସ/ଆମଷ୍ଟରଡାମ**

ସାଧାରଣତଃ ୨ ଦେଶର ସୀମାରେ ସର୍ବଦା କଡ଼ା ପହରା, ସାମରିକ ଚେକ୍‌ପୋଷ୍ଟ ଆଦି ରହିଥାଏ ବୋଲି ଲୋକଙ୍କର ଧାରଣା ରହିଆସିଛି। ତେବେ ନେଦରଲାଣ୍ଡ୍ସ ଏବଂ ବେଲଜିୟମ ମଧ୍ୟରେ ଏପରି ଏକ ସୀମା ରହିଛି, ଯାହା ଲୋକଙ୍କ ଧାରଣାଠାରୁ ସମ୍ପୂର୍ଣ୍ଣ ଭିନ୍ନ। ୪୫୦ କି.ମି. ଲମ୍ବର ଏହି ସୀମା ବିଭିନ୍ନ ରାସ୍ତା, ଗଳି, କ୍ଷେତ, ଘର, ଦୋକାନ ମଧ୍ୟ ଦେଇ ଯାଇଛି। ଏହି ସୀମାର କେବଳ ୫୯ କି.ମି. ଲମ୍ବ ନେଦରଲାଣ୍ଡର ସୀମାନ୍ତ ବାର୍ଲେ-ନାସାଉ ଏବଂ ବେଲଜିୟମର ସୀମାନ୍ତ ବାର୍ଲେ-ହେର୍ଟୋଗ୍ ସହର ମଧ୍ୟରେ ବିସ୍ତୃତ ଭାବେ ରହିଛି। ଏହି ସୀମା ଏତେ ଜଟିଳ ଏବଂ ଅସ୍ପଷ୍ଟ ଯେ, ଅନେକ ଘରର ରୋଷେଇ ଘର ଗୋଟିଏ ଦେଶରେ ହୋଇଥିବା ବେଳେ ବେଡ ରୁମ୍ ଅନ୍ୟ ଦେଶରେ ରହିଛି। ତେଣୁ ଏହି ଜଟିଳ ସୀମାକୁ ଚିହ୍ନଟ କରିବା ପାଇଁ ସୀମାର ଉଭୟ ପାର୍ଶ୍ୱରେ ନେଦରଲାଣ୍ଡ୍ସ ପାଇଁ ଏନ୍ଏଲ୍ ଏବଂ ବେଲଜିୟମ ପାଇଁ ବି ଚିହ୍ନ ପ୍ରସ୍ତୁତ କରାଯାଇଛି। ଏହି ଚିହ୍ନ ଦ୍ୱାରା ହିଁ ଏଠାକାର ଲୋକମାନେ କିଏ କେଉଁ ଦେଶରେ ରହିଛନ୍ତି, ତାହା ଜାଣି ପାରିଥାନ୍ତି। ୧୮୪୩ ମସିହାରେ ଏକ ଆନୁଷ୍ଠାନିକ ଚୁକ୍ତିନାମା ପରେ ଏହି ନିଆରା ସୀମାକୁ ମାନ୍ୟତା ମିଳିଥିଲା।

ଏଠାକାର 'ଡି ବିଅରଗ୍ରେନ୍ସ' କାଫେରେ, ଜଣେ ଗ୍ରାହକ ଗୋଟିଏ ଟେବୁଲରେ ବସି ବେଲଜିୟମରେ କଫି ପିଉଥିବାବେଳେ ଅନ୍ୟଜଣେ ଗ୍ରାହକ କାଫେର ଅନ୍ୟ ଏକ ଟେବୁଲରେ ବସି ନେଦରଲାଣ୍ଡ୍ସରେ ବର୍ଗରର ମଜା ନେଇପାରନ୍ତି। ଏହି ସୀମାରେ ଥିବା ସମସ୍ତ ଦୋକାନ ଏବଂ ରେଷ୍ଟୁରାଣ୍ଟଗୁଡ଼ିକୁ ଉଭୟ ଦେଶର ଭିନ୍ନ ଭିନ୍ନ ଟିକସ ବ୍ୟବସ୍ଥା ଏବଂ ନିୟମକୁ ପାଳନ କରିବାକୁ ପଡ଼ିଥାଏ। ତେବେ କୋଭିଡ୍ ମହାମାରୀ ସମୟରେ ନେଦରଲାଣ୍ଡ୍ସ ଏବଂ ବେଲଜିୟମରେ ପୃଥକ୍ ଭାବେ ଲକ୍‌ଡାଉନ୍ ଘୋଷଣା କରାଯାଇଥିଲା, ଯାହାଫଳରେ ଏହି ସୀମାରେ ଥିବା ବିଭିନ୍ନ ଘରେ ରହୁଥିବା ଲୋକ ଏବଂ ବିଭିନ୍ନ ଦୋକାନରେ କାର୍ଯ୍ୟରତ କର୍ମଚାରୀଙ୍କୁ ଏକସଙ୍ଗେ ୨ଟି ଭିନ୍ନ ଭିନ୍ନ ନିୟମକୁ ପାଳନ କରିବାକୁ ପଡ଼ିଥିଲା।



# ଭୁବନରେ ଝାଡ଼ାବାନ୍ତି, ୬୧ ଆକ୍ରାନ୍ତ , ଜଣେ ମୃତ



ଝାଡ଼ାବାନ୍ତି ନିରାକରଣ ପାଇଁ ପ୍ରଶାସନିକ ଅଧିକାରୀ ଓ ଲୋକ ପ୍ରତିନିଧିଙ୍କ ମଧ୍ୟରେ ବୈଠକ।

ଭୁବନ, ୧୫।୬ (ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ଏନଏସି ଓ ଆଖପାଖ ଅଞ୍ଚଳରେ ଝାଡ଼ାବାନ୍ତି ବ୍ୟାପିବାରେ ଲାଗିଛି । ୨ଦିନ ମଧ୍ୟରେ ୬୧ ଜଣ ଲୋକ ସଂକ୍ରମିତ ହୋଇ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ବେଳେ ଜଣଙ୍କର ମୃତ୍ୟୁ ଘଟିଛି। ଭୁବନ ଏନଏସି ୧୨ ନମ୍ବର ୱାର୍ଡ ପେଣ୍ଠସାହିର କୃପାସିନ୍ଧୁ ମଲିକ (୬୫)ଙ୍କ ମୃତ୍ୟୁ ଘଟିଛି। ପ୍ରଥମ ଦିନ ୩୨ ଜଣ ଆକ୍ରାନ୍ତ ହୋଇଥିବା ବେଳେ ରବିବାର ୧୦ ଜଣ ଆକ୍ରାନ୍ତ ହୋଇଛନ୍ତି। ଏହାକୁ ନେଇ ଭୁବନ ଓ ଆଖପାଖ ଅଞ୍ଚଳର ଲୋକମାନେ ଭୟଭୀତ ହୋଇଛନ୍ତି। ଏନଏସିର ୧, ୭, ୮, ୯, ୧୨ ଓ ୧୪ ନମ୍ବର ୱାର୍ଡରେ ଲୋକମାନେ ଆକ୍ରାନ୍ତ ହୋଇଥିବା ବେଳେ ଭୁବନ ବ୍ଲକର ଦର୍ଜନି, ଅନନ୍ତପୁର, ପଳାସ ପିଠିଆ, ଗଡଗହମପୁର, ପୁରୁଷୋତ୍ତମପୁର, ଚଣ୍ଡିପାଳ, ନୂଆ ଟିପିଲେଇ, ଯାଜପୁର ଜିଲ୍ଲା ସୁକିନ୍ଦା ବ୍ଲକର ବାମିଲ ଓ ଦିଗାମ୍ବରପୁର ଗ୍ରାମର ଲୋକମାନେ ଆକ୍ରାନ୍ତ ହୋଇ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇଛନ୍ତି। ଖବରପାଇ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ଉପଜିଲ୍ଲାପାଳ ଦିନମଣୀ ନାୟକ, ଭୁବନ ତହସିଲଦାର ସୂର୍ଯ୍ୟ ଶଙ୍କର ଦାଶ, ଭୁବନ ଏନଏସି ନଗରପାଳ ଶୁଭେନ୍ଦୁ କୁମାର ସାହୁ, ଜିଲ୍ଲା ଚିକିତ୍ସା ଅଧିକାରୀ ଡ. ସଞ୍ଜୟ କୁମାର ମହାପାତ୍ର ଓ କାମାକ୍ଷାନଗର ଏନଏସି ନିର୍ବାହୀ ଅଧିକାରୀ ପ୍ରଦତ୍ତ ସାହୁ ପହଞ୍ଚି ରୋଗୀମାନଙ୍କର ପରିସ୍ଥିତି ତଦାରଖ କରିଥିଲେ। ସମସ୍ତ ଅଧିକାରୀ ମୃତ କୃପାସିନ୍ଧୁ ମଲିକ ଘରକୁ ଯାଇ ସମବେଦନା ଜଣାଇବା ସହିତ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ସହାୟତା ପ୍ରଦାନ କରିଥିଲେ।

# ସାଗର ସାହିତ୍ୟ ସଂସଦ ପକ୍ଷରୁ ରଜ ମଉଜ କବିତା ଆସର

ଢେଙ୍କାନଳ, ୧୫।୬ (ରତନ ନାୟାର)



ଢେଙ୍କାନାଳ ଜିଲା ଓଡାପଡା ବ୍ଲକ ଇନ୍ଦିପୁର ଗ୍ରାମ ପଂଚାୟତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପାଙ୍ଗଣରେ ସାଗର ସାହିତ୍ୟ ସଂସଦ ପକ୍ଷରୁ ରବିବାର କବିତା ଆସର ଅନୁଷ୍ଠିତ ହୋଇଯାଇଛି । ସଂସଦର ସଭାପତି ଜ୍ୟୋତିର୍ବିଦ୍ ଶ୍ରୀବତ୍ସ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ବସନ୍ତ କୁମାର ସ୍ୱାଇଁ, ମୁଖ୍ୟବକ୍ତା ଭାବେ ସଂସଦର ଉପଦେଷ୍ଟା ରଘୁନାଥ ସିଂହ ଯୋଗଦେଇ ରଜ ପରମ୍ପରାର ପ୍ରକୃତ ଲକ୍ଷ୍ୟ ଓ ଆଧୁନିକ ସମାଜରେ ରଜର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ସମ୍ପାଦକ ତ୍ରିଲୋଚନ ମହାରଣା ସଂସଦର ରଜ ପାଳନ ସମ୍ପର୍କରେ ଥିବା ବିବରଣୀ ପ୍ରଦାନ କରିଥିଲେ । ସହ ସମ୍ପାଦକ କାମାକ୍ଷା ପ୍ରସାଦ ବେହେରା ମଞ୍ଚ ପରିଚାଳନା କରିଥିଲେ । କବି ଅରୁଣ କୁମାର ସାହୁ ରଜ ମଉଜ କବିତା ଆସର ସଂଯୋଜନା କରିଥିଲେ । କବି ସୁବାସଚନ୍ଦ୍ର ନାୟକ, ରବି ନାରାୟଣ ନାୟକ, ଧନେଶ୍ୱର ସେନାପତି, ଦୁଶାସନ ସାହୁ, ଅମିତ ସାହୁ, ରିତେଶ ନାୟକ କବିତା ପାଠ କରିଥିଲେ । ସମ୍ମାନିତ ଅତିଥି ଭାବେ ଖବରଦାତା ଜ୍ୟୋତି ଶଙ୍କର ନାୟକ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସମ୍ପାଦକ ଶେଷଦେବ ସାହୁ, ଉଦ୍ୟୋଗୀ ଅଜୟ କୁମାର ପୃଷ୍ଟି ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ରଜ ବିଶେଷାଙ୍କ 'ଖୁସି ପସରା'ର ଦ୍ୱିତୀୟ ସଂଖ୍ୟା ଉନ୍ମୋଚିତ ହୋଇଥିଲା । ଉପସଭାପତି ହେମନ୍ତ କୁମାର ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ ।

# ଗଁଦିଆ ପାଟଣାରେ ରଜ ମହୋତ୍ସବ





ଗଁଦିଆ, ୧୫।୬ (ବିଶ୍ୱ ମୋହନ ସାହୁ)

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଗଁଦିଆ ପାଟଣାଠାରେ ରବିବାର କୁମାର ସଂଘ ପକ୍ଷରୁ ସ୍ଥାନିୟ ଗୋଲା ଅଫିସ ସମ୍ମୁଖରେ ରଜ ମହୋତ୍ସବ ପାଳିତ ହୋଇଯାଇଛି । ସଂଘର ସଭାପତି ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ବ୍ଲକର ପୂର୍ବତନ ଅଧ୍ୟକ୍ଷ ମଳୟ କୁମାର ସିଂହ, ସମାଜସେବୀ ଡମ୍ବରୁଧର ସେଠି, ସଦସ୍ୟ ସନ୍ତୋଷ ସାହୁ, ପ୍ରଦୀପ ପଣ୍ଡା, ଦୁର୍ଯ୍ୟୋଧନ ବାରିକ, ପ୍ରଣତି ମଞ୍ଜରୀ ସାହୁ ଓ ସୁପ୍ରିୟା ସାହୁ ପ୍ରମୁଖ ଉପସ୍ଥିତ ରହି ରଜ ମହୋତ୍ସବ ପାଳନରେ ସହଯୋଗ କରିଥିଲେ । ରଜପାନ ସହ ପୋଡ ପିଠା ଖାଇ ରଜ ଉତ୍ସବ ପାଳିତ ହୋଇଥିଲା ।

# ମୋବାଇଲ ଫୋନ ଚୋରି କରିବା ଅଭିଯୋଗରେ ୨ ଗିରଫ

ସନ୍ତ୍ରୀଛକ, ୧୫।୬ (ସନ୍ତୋଷ ପରିଡ଼ା)

ଭୋଗବେରିଣୀ ଏନଟିପିସି କ୍ୟାମ୍ପରୁ ମୋବାଇଲ ଫୋନ ଚୋରି କରିବା ଅଭିଯୋଗରେ ପୋଲିସ ୨ ଯୁବକଙ୍କୁ ଗିରଫ କରିଛି। ସୂଚନା ମୁତାବକ ଭୋଗବେରିଣୀ ପଞ୍ଚାୟତରେ ଥିବା ଏନଟିପିସି କ୍ୟାମ୍ପରୁ ୩୧ ତାରିଖ ଦିନ ଭୋର ସମୟରେ ୨ ଜଣ ଦୁର୍ବୃତ୍ତ ତିନୋଟି ମୋବାଇଲ ଫୋନ ଧରି ଚମ୍ପଟ ମାରିଥିଲେ। ଅଭିଯୋଗକ୍ରମେ ପୋଲିସ ମାମଲା ରୁଜୁକରି ତଦନ୍ତ କରିଥିଲା। ଏହି ଘଟଣାରେ ପୋଲିସ ଭୋଗବେରେଣୀ ଗ୍ରାମର ରାମ ଚନ୍ଦ୍ର ନାଏକ(୧୯), ଅସ୍ମିତ ନାଏକ(୧୯)ଙ୍କୁ ଗିରଫ କରିବା ସହ ତାଙ୍କଠାରୁ ଚୋରି ହୋଇଥିବା ୩ଟି ମୋବାଇଲ ଫୋନ ଜବତ କରିଛି। ଗିରଫ ଅଭିଯୁକ୍ତ ୨ ଜଣଙ୍କୁ ପୋଲିସ କୋର୍ଟ ଚାଲାଣ କରିଛି।

# ହିଙ୍ଗୁଳା ପୀଠରେ ପୁରାଣ ପ୍ରତିଯୋଗିତା

# ଭାଗବତ ଆମ ଅସ୍ମିତାର ପରିଚୟ

ତାଳଚେର, ୧୫।୬ (ମନୋଜ ନନ୍ଦ)





ରଜ ସଂକ୍ରାନ୍ତି ପାଳନ ଅବସରରେ ତାଳଚେର ଗୋପାଳପ୍ରସାଦସ୍ଥିତ ମା' ହିଙ୍ଗୁଳା ପୀଠ ପରିସରରେ ୧୩ତମ ଜିଲ୍ଲାସ୍ତରୀୟ ପୁରାଣ ପ୍ରଶ୍ନୋତ୍ତର ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ମା' ହିଙ୍ଗୁଳା ପୀଠ ଉନ୍ନୟନ ପରିଷଦ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ପରିଷଦର ସମ୍ପାଦକ ତଥା ବରିଷ୍ଠ ଶିକ୍ଷାବିତ୍ ଜଗନ୍ ମୋହନ ଗଡନାୟକ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବରେ ମହାନଦୀ କୋଇଲା କମ୍ପାନୀର ବୈଷୟିକ ନିର୍ଦ୍ଦେଶକ ସଂଜୟ କୁମାର ଝା ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ସମ୍ମାନିତ ଅତିଥି ଭାବରେ ମା' ହିଙ୍ଗୁଳା ପୀଠ ଉନ୍ନୟନ ପରିଷଦର ସଭାପତି ତଥା ବରିଷ୍ଠ ଶ୍ରମିକ ନେତା ସୌଭାଗ୍ୟ ଚନ୍ଦ୍ର ପ୍ରଧାନ, ଶିକ୍ଷାବିତ୍ ଡ.ପ୍ରଶାନ୍ତ କୁମାର ରଥ, ପୂର୍ବତନ ସରପଞ୍ଚ ପଠାଣି ବାରିହା, ଭରତପୁର କ୍ଷେତ୍ରର ମହାପ୍ରବନ୍ଧକ ଦିବ୍ୟଜୀବନ ସି, ହିଙ୍ଗୁଳା କୋଇଲା ଖଣିର ପ୍ରକଳ୍ପ ଅଧିକାରୀ ଏସ୍.ଭି.ଯୋଶୀ, ଟ୍ରଷ୍ଟ ବୋର୍ଡ ସଦସ୍ୟ ମୁରଲୀଧର ସାହୁ, ସଂଜୟ କୁମାର ସାହୁ ଓ ସମାଜସେବୀ କ୍ଷୀରୋଦ ସାହୁ ପ୍ରମୁଖ ଯୋଗଦାନ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀ ଝା ନିଜ ଅଭିଭାଷଣରେ କହିଥିଲେ ଯେ, ଭାଗବତ ହେଉଛି ଆମ ଅସ୍ମିତାର ପ୍ରତୀକ । ଓଡ଼ିଆ ସାମାଜିକ ଜନଜୀବନକୁ ଭାଗବତ ଯୁଗଯୁଗ ଧରି ପ୍ରଭାବିତ କରି ଆସିଛି। ପ୍ରତିଯୋଗିତାରେ ସାନ କଞ୍ଜିନୀ, ମାନପୁର, ଡେରା, ଶିରିଗିଡ଼ା, ହେଁସମୂଳ, ଲକେଇପଶି, ବ୍ରଜନାଥପୁର, ଘଣ୍ଟପଡ଼ା, କର୍ଣ୍ଣିକି, କୁସୁମପାଳ, ବଡ଼ ଯୋରଡ଼ା, ବଡ଼କଞ୍ଜିନୀ, ପୁରିକିଆ, ଶାବଳଭଙ୍ଗା, ଗୋବରା ପ୍ରମୁଖ ୧୫ଟି ଦଳ ଅଂଶଗ୍ରହଣ କରିଥିଲେ । ବିଚାରକ ଭାବରେ ଗବେଷକ ବିଭୂତି ଭୂଷଣ ସାହୁ ଦାୟିତ୍ୱ ତୁଲାଇଥିବା ବେଳେ ଅରୁଣ କୁମାର ଗଡନାୟକ, ହେମନ୍ତ ଦାସ, ରାହାସ ଚନ୍ଦ୍ର ବିଶ୍ୱାଳ, ଶୁଶିଲ କୁମାର ପ୍ରଧାନ, ଦିଲ୍ଲୀପ ଦାସ, ଗୀତାମୟୀ ମହାପାତ୍ର, ସଂଯୁକ୍ତା ସାହୁ ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ । ତ୍ରେତାନନ୍ଦ ସାମନ୍ତ ଓ ଲିଲି ପ୍ରଧାନ ସ୍କୋରର୍ ଦାୟିତ୍ୱ ତୁଲାଇ କରିଥିଲେ । ଏହି ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ବଡ଼ ଯୋରଡ଼ା, ଘଣ୍ଟପଡ଼ା ଦ୍ୱିତୀୟ ସ୍ଥାନ ଓ ମାନପୁର ଦଳ ତୃତୀୟ ସ୍ଥାନ ଅଧିକାର କରିଥିଲେ । ସମାଜସେବୀ ବିଭୂତି ଭୂଷଣ ସ୍ୱାଇଁ, ଡିଲେଶ୍ୱର ସାମଲ, ହରେଶ କୁମାର ବେହେରା, ବିନୟ କୁମାର ସାମଲ, ବାଉରୀବନ୍ଧୁ ସାମଲ, ପ୍ରସନ୍ନ ସାହୁ ଓ ନୀଳକଣ୍ଠ ଦ୍ୱିବେଦୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଏହି ଅବସରରେ ପରିଷଦ ପକ୍ଷରୁ ସମସ୍ତଙ୍କୁ ପିଠା ଦେଇ ଆପାୟିତ କରାଯାଇଥିଲା । ଆସନ୍ତା ବର୍ଷ ଜଗନ୍ନାଥ ଦାସକୃତ ଶ୍ରୀମଦ୍ ଭାଗବତ ଉପରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ବିଚାରକ ବିଭୂତି ଭୂଷଣ ସାହୁ ସୂଚନା ପ୍ରଦାନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜନ ଆନ୍ଦୋଳନ ପାଇଁ ପ୍ରସ୍ତୁତି ବୈଠକ

## ପବିତ୍ର ମୋହନ ମେଡିକାଲ୍ କଲେଜ୍ କ୍ରିୟାନୁଷ୍ଠାନ


ତାଳଚେର, ୧୫।୬ (ମନୋଜ ନନ୍ଦ)



ତାଳଚେର ସରକାରୀ ମେଡିକାଲ୍ କଲେଜ୍‌ରେ ଶିକ୍ଷାଦାନ ସହ ରୋଗୀ ଚିକିତ୍ସା କାର୍ଯ୍ୟ ଆରମ୍ଭ କରିବା ଉଦ୍ଦେଶ୍ୟରେ ଆସନ୍ତା ଜନ ଆନ୍ଦୋଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ନିଷ୍ପତି ଅନୁଯାୟୀ ଆସନ୍ତା ତା୧୭/୬/୨୦୨୫ ରିଖ ଦିନ ୯ ଘଟିକା ସମୟରେ ଗୋପାଳପ୍ରସାଦ ସ୍ଥିତ ମା ହିଙ୍ଗୁଳା ମନ୍ଦିରରେ ପୂର୍ଣ୍ଣାଙ୍ଗ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ କାର୍ଯ୍ୟ ପନ୍ଥା ସ୍ଥିର କରାଯିବ ବୋଲି କ୍ରିୟାନୁଷ୍ଠାନ କମିଟି ପକ୍ଷରୁ କୁହାଯାଇଛି । ଏହି ବୈଠକରେ ତାଳଚେରର ସମସ୍ତ ଜ୍ଞାନୀ, ଗୁଣି, ବୁଦ୍ଧିଜୀବୀ, ସାମ୍ବାଦିକ ବନ୍ଧୁଗଣ, ସମସ୍ତ ରାଜନୈତିକ ବ୍ଯକ୍ତି ବିଶେଷ, ବିଭିନ୍ନ ପ୍ରତିଷ୍ଠାନର ଉଦ୍ୟୋକ୍ତା, ଶିକ୍ଷାବିତ୍ ବନ୍ଧୁଗଣ, ଗ୍ରାମ କମିଟି ସଭାପତି ଓ ସଦସ୍ଯ ସଦସ୍ଯା, ପଂଚାୟତ ସମିତି ଅଧ୍ୟକ୍ଷ, ଉପାଧ୍ୟକ୍ଷ, ୱାର୍ଡ ସଦସ୍ଯ ସଦସ୍ଯା, ଜିଲ୍ଲା ପରିଷଦ ମେମ୍ବର, ନଗରପାଳ, ଉପନଗରପାଳ, ସମସ୍ତ କାଉନସିଲର ସର୍ବୋପରି ସମସ୍ତ ତାଳଚେର ଅଧିବାସୀ ମାନଙ୍କୁ ଯୋଗଦେବା ପାଇଁ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଅନୁରୋଧ କରାଯାଇଛି । ଆଜିର ଏହି ବୈଠକରେ କମିଟିର ପଦ୍ମ ଚରଣ ସାମଲ, ଚୈତନ୍ଯ ପ୍ରଧାନ, ବିଜୟ ପ୍ରଧାନ, ଦିଗାମ୍ବର ଗଡନାୟକ, ସୁରେଶ ଚନ୍ଦ୍ର ପଟ୍ଟନାୟକ, ଭୂପେନ୍ ଥମ୍ବଙ୍କ ସମେତ କର୍ମକର୍ତା ଓ ସଦସ୍ଯମାନେ ଉପସ୍ଥିତ ଥିଲେ ।

# ଷଡ଼ଙ୍ଗୀ ବନାଞ୍ଚଳରୁ ବଜ୍ରକାପ୍ତା ଉଦ୍ଧାର

ଗଁଦିଆ, ୧୫।୬ (ବିଶ୍ୱ ମୋହନ ସାହୁ)



ଢେଙ୍କାନାଳ ଜିଲା ଷଡଙ୍ଗୀ ରେଞ୍ଜ୍ ଏରପଦା ଗ୍ରାମରୁ ଶନିବାର ବିଳମ୍ବିତ ରାତିରେ ଏକ ବଜ୍ରକାପତକୁ ଉଦ୍ଧାର କରାଯାଇଛି। ବଜ୍ର କାପତଟି ଗ୍ରାମ ଦାଣ୍ଡରେ ଚାଲୁଥିବା ଦେଖି ଗ୍ରାମର ସତ୍ୟସୁନ୍ଦର ସ୍ୱାଇଁ ନାମକ ଜଣେ ବ୍ୟକ୍ତି ତାଙ୍କୁ ଉଦ୍ଧାର କରି ବନବିଭାଗକୁ ହସ୍ତାନ୍ତର କରିଥିଲେ । ହସ୍ତାନ୍ତର ପରେ ବନବିଭାଗ ଉକ୍ତ ବଜ୍ରକାପତକୁ କପିଳାସ ପ୍ରାଣୀ ଉଦ୍ୟାନରେ ଛାଡି ଦେଇଥିବା ଜଣାପଡିଛି।

# ବାରବାଙ୍କ ରାସ୍ତା ଜାମ୍, ଭିଡ଼ ଯୋଗୁ ବହୁ ଶ୍ରଦ୍ଧାଳୁ ଫେରିଲେ

ଢେଙ୍କାନାଳ, ୧୫।୬ (ରତନ ନାୟାର)

## ରଜ ସଂକ୍ରାନ୍ତିରେ କପିଳାସରେ ଶ୍ରଦ୍ଧାଳୁଙ୍କ ଭିଡ

ଢେଙ୍କାନାଳ ଜିଲାର ପ୍ରସିଦ୍ଧ ଶୈବପୀଠ କପିଳାସରେ ଚଳିତବର୍ଷ ରଜ ସଂକ୍ରାନ୍ତି ଅବସରରେ ରବିବାର ଶ୍ରଦ୍ଧାଳୁଙ୍କର ନାହିଁ ନଥିବା ଭିଡ ହୋଇଥିବା ଦେଖାଯାଇଥିଲା। ବାରବାଙ୍କ ରାସ୍ତାରେ ଯାନବାହାନ ଜାମ ହୋଇ ବହୁ ସମୟ ଧରି ରହିବାରୁ ବହୁ ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ଦର୍ଶନ ନକରି ଫେରି ଯାଇଥିଲେ । ଜିଲା ଦେବୋତର ଅଧିକାରୀ ତଥା ଢେଙ୍କାନାଳ ଉପଜିଲାପାଳ ୭ନଂ ବାଙ୍କଠାରେ ନିଜେ ଛିଡାହୋଇ ଟ୍ରାଫିକ ଜାମ ହଟାଇବା ପାଇଁ ପ୍ରୟାସ କରୁଥିବା ଦେଖାଯାଇଥିଲା । ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଭିଡ ଲାଗିଥିଲା। ମନ୍ଦିର ପରିସରରେ ଶ୍ରଦ୍ଧାଳୁ ମାନେ ଧାଡିରେ ଛିଡାହୋଇ ଦର୍ଶନ କରିଥିଲେ। ପ୍ରତିବର୍ଷ ରଜ ସଂକ୍ରାନ୍ତିରେ ଶ୍ରଦ୍ଧାଳୁଙ୍କର ବହୁ ସଂଖ୍ୟାରେ ସମାଗମ ହୋଇଥିବା ସତ୍ତ୍ୱେ ଦେବୋତର ବିଭାଗ, ପ୍ରଶାସନ, ପୋଲିସ ଏ ଦିଗରେ ଦେଖୁନଥିବାରୁ ଏହିଭଳି ସମସ୍ୟା ଉପୁଜୁଛି ବୋଲି ଶ୍ରଦ୍ଧାଳୁ ମାନେ ଅଭିଯୋଗ କରି କୁହନ୍ତି । ମନ୍ଦିର ନିକଟରେ ଅଧିକ ଯାନବାହାନ ପାର୍କିଂର ବ୍ୟବସ୍ଥା ନଥିବାରୁ ଭିଡ ହେଲେ ସମସ୍ୟା ଜଟିଳ ହୋଇପଡୁଛି । ଏ ସଂକ୍ରାନ୍ତରେ ଜିଲା ଦେବୋତର ଅଧିକାରୀ ତଥା ଢେଙ୍କାନାଳ ଉପଜିଲାପାଳ ବିବୁଧ ଗଡନାୟକ କୁହନ୍ତି ଯେ, ରବିବାର ରଜ ସଂକ୍ରାନ୍ତି ଉପଲକ୍ଷେ ପ୍ରବଳ ଭିଡ ହୋଇଥିଲା । ସମସ୍ତେ ଗାଡି ମନ୍ଦିର ପରିସର ପର୍ଯ୍ୟନ୍ତ ନେଉଥିବାରୁ ଜାମ ଅଧିକ ହୋଇଥିଲା । ଭବିଷ୍ୟତରେ ବିଭିନ୍ନ ପର୍ବପର୍ବାଣୀ ସମୟରେ ଯେପରି ନହେବ, ସେଥିପାଇଁ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ ।

# ବର୍ଣ୍ଣାଳୀ ସାହିତ୍ୟ ସଂସଦ ପକ୍ଷରୁ ରଜ ମହୋତ୍ସବ



ତାଳଚେର, ୧୫।୬ (ମନୋଜ ନନ୍ଦ)

ତାଳଚେର ଅଗ୍ରଣୀ ସାହିତ୍ୟ ଏବଂ ସାଂସ୍କୃତିକ ଅନୁଷ୍ଠାନ ବର୍ଣ୍ଣାଳୀ ସାହିତ୍ୟ ସଂସଦ ତରଫରୁ ରଜ ମହୋତ୍ସବ ମହାଆଡମ୍ବର ସହକାରେ ପାଳିତ ହୋଇଯାଇଛି । ମାଟି ମା'କୁ ସମ୍ମାନ, ଓଡିଆଙ୍କ ପରମ୍ପରା ଐତିହ୍ୟ ତଥା କୃଷକମାନଙ୍କ ଏହି ଶୁଭ ଦିବସକୁ ଉପଯୁକ୍ତ ସମ୍ମାନ ସ୍ୱରୂପ ରଜ ମହୋତ୍ସବ ପାଳନ କରାଯାଇଥିଲା । ତାଳଚେରର ସମସ୍ତ ସାହିତ୍ୟିକ, ବୁଦ୍ଧିଜୀବୀ, ଲେଖକ ଲେଖିକା ତଥା ବିଭିନ୍ନ ଅଞ୍ଚଳରୁ ଶୁଭେଚ୍ଛୁ ମାନଙ୍କର ମିଳନ ହୋଇଥିଲା। ବର୍ଣ୍ଣାଳୀ ସାହିତ୍ୟ ସଂସଦର କାର୍ଯ୍ୟକାରୀ ସଭାପତି ଜିତେନ୍ଦ୍ର ମହାପାତ୍ର ପ୍ରାରମ୍ଭରେ ସ୍ୱାଗତ ଭାଷଣ ସହ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ସଭାପତି ଯଦୁମଣି ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ମହୋତ୍ସବରେ ମୁଖ୍ୟଅତିଥି ଭାବରେ ଏସ୍.ଏସ୍. ହସପିଟାଲ୍‌ର ସତ୍ତ୍ୱାଧିକାରୀ ତଥା ତାଳଚେର ରୋଟାରୀ କ୍ଲବର ସଭାନେତ୍ରୀ ଡ. ସସ୍ମିତା ସାହୁ ଯୋଗଦେଇ ରଜ ସହିତ ନାରୀମାନଙ୍କ ସଂପର୍କ ଏବଂ ମହିଳାମାନଙ୍କ ବିକାଶ ପାଇଁ ବିଭିନ୍ନ ଦିଗ ବିଷୟରେ ଆଲୋକପାତ କରିଥିଲେ। ସାଧାରଣ ସଂପାଦିକା ରତ୍ନପ୍ରଭା ବାଇ ବିବରଣୀ ପାଠ କରିଥିଲେ। ବେଳେ ବହୁ ଲେଖକ ସେମାନଙ୍କର ଭାବ ଉଦ୍ଦିପକ ଲେଖାମାନ ପାଠ କରିଥିଲେ । ଏହି ଅବସରରେ କବି ଅରୁଣ ଗଡନାୟକ ଏବଂ କରୁଣାକର ବାଇ ଯୁଗଳ ବନ୍ଦୀର ପୁରୁଣା ଢ଼ଗ ଢ଼ମାଳୀ ରଜ ଗୀତ ଗାନ କରିଥିଲେ । ନାଟ୍ୟ ନିର୍ଦ୍ଦେଶକ ମୁକୁନ୍ଦ ଶତପଥି ଏବଂ ଦିଗଲ ମିଶ୍ରଙ୍କ ସଂଯୋଜନାରେ ଏକ ମିନି ନାଟକ ଏବଂ ଦୋଳି ଗୀତ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା । ଉପ ସଭାନେତ୍ରୀ କଳ୍ପନା ବୋଇତି ଇଂରାଜୀ କବିତାକୁ ବର୍ଣ୍ଣନା କରିଥିଲେ । ଏହି ମହୋତ୍ସବରେ ରାଜିବ ସ୍ୱାଇଁ, ସୁରଜନ ପାତ୍ର, ବିଣାପାଣୀ ସାହୁ, ଅନୁପମା ପ୍ରଧାନ, କଳ୍ପନା ନାଏକ, ସସ୍ମିତା ମିଶ୍ର, ଅନିତା ପାଣି, ସନ୍ଧ୍ୟାରାଣୀ ପତି, ସୁଶୀଳ ପ୍ରଧାନ, ଦିପ୍ତିରାଣୀ ସିଂ, ଧିରା ଦାସ, ସୁନିଲ ସଂ, ସବିତା ପରିଡା, ସୁଜାତା ପଣ୍ଡା ପ୍ରମୁଖ ମହୋତ୍ସବରେ ଅଂଶଗ୍ରହଣ ପୂର୍ବକ କବିତାପାଠ, ନାଟକ, ଢ଼ଗ ଢ଼ମାଳି ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଶେଷରେ କରୁଣାକର ବାଇ ଧନ୍ୟବାଦ ଅର୍ପଣ କରିଥିଲେ।

# ଏମ୍‌ସିଏଲର ବାର୍ଷିକ ଖଣି ସୁରକ୍ଷା ପଖୱାଡ଼ା ଉଦ୍‌ଯାପିତ

ତାଳଚେର, ୧୫।୬ (ମନୋଜ ନନ୍ଦ)



ଏମ୍‌ସିଏଲ ଓ ଭୁବନେଶ୍ୱର ଆଞ୍ଚଳିକ ଖଣି ସୁରକ୍ଷା ନିର୍ଦ୍ଦେଶାଳୟର ମିଳିତ ସହଯୋଗରେ ବାର୍ଷିକ ଖଣି ସୁରକ୍ଷା ପଖୱଡା ଦିବସ ପାଳିତ ହୋଇଯାଇଛି। ଏମ୍‌ସିଏଲର ଲିଙ୍ଗରାଜ କ୍ଷେତ୍ର ଦ୍ୱାରା ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଖଣି ସୁରକ୍ଷା ନିର୍ଦ୍ଦେଶାଳୟ ଧାନବାଦର ମହାନିର୍ଦ୍ଦେଶକ ଉଜଲ ତାହ ଯୋଗଦେଇ ପ୍ରକାଶ କରିଥିଲେ ଯେ, ଖଣିରେ କାର୍ଯ୍ୟ କରୁଥିବା ଶ୍ରମିକ ମାନଙ୍କର ସୁରକ୍ଷାକୁ ପ୍ରଥମେ ଗୁରୁତ୍ୱ ଦିଆଯିବ। ଆଗ ସୁରକ୍ଷା ପରେ ଉତ୍ପାଦନ। ଯେପରି କୋଇଲା ଖଣିରେ ଜିରୋ ଦୁର୍ଘଟଣା ହୋଇପାରିବ ତାହା ଉପରେ ଗୁରୁତ୍ୱ ଦିଆଯିବ। ବିଶେଷ କରି ଠିକା ଶ୍ରମିକଙ୍କ ସୁରକ୍ଷା ଉପରେ ସର୍ବାଧିକ ଧ୍ୟାନ ଦିଆଯିବ ବୋଲି ପ୍ରକାଶ କରିଥିଲେ। ଏମସିଏଲର ପରିଚାଳନା ନିର୍ଦ୍ଦେଶକ ଉଦୟ ଅନନ୍ତ କାଓଲେଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ସମ୍ମାନିତ ଅତିଥି ଭାବରେ ଖଣି ସୁରକ୍ଷା ମହାନିର୍ଦ୍ଦେଶାଳୟର ଦକ୍ଷିଣ ପୂର୍ବ ରାଞ୍ଚିର ଉପ ମହାନିର୍ଦ୍ଦେଶକ ଡ଼ା. ଏସ ଏସ ପ୍ରସାଦ ଯୋଗଦେଇ ଖଣିରେ କାର୍ଯ୍ୟ କରୁଥିବା ଶ୍ରମିକମାନଙ୍କ ସୁରକ୍ଷା ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବରେ ଡାଇରେକ୍ଟର ଏଚ ଆର କେଶବ ରାଓ ମୁଖ୍ୟସତର୍କତା ଅଧିକାରୀ ପି. କେ ପଟେଲ ଡିଟି ଅପରେସନ ଜେ. କେ. ବୋରା ଅର୍ଥ ନିର୍ଦ୍ଦେଶକ ଏ.କେ ବେଉରା ଡିଟି ପ୍ରୋଜେକ୍ଟ ଓ ପ୍ଲାନିଙ୍ଗର ସଞ୍ଜୟ ଝା ଭୁବନେଶ୍ୱର ଆଞ୍ଚଳିକ ଖଣି ସୁରକ୍ଷା ଜୋନ୧ର ନିର୍ଦ୍ଦେଶକ ଏ. କେ ମିଶ୍ର ଜୋନ ୨ର ନିର୍ଦ୍ଦେଶକ ଏନ ବାଲାସୁବ୍ରମନ୍ୟମ ପ୍ରମୁଖ ଅତିଥି ଭାବରେ ଯୋଗଦେଇଥିଲେ। ସେହିପରି ଶ୍ରମିକମାନଙ୍କର ପ୍ରତିନିଧି ଭାବେ ଆଇଏନଟିୟୁସିର ସୋଭାଗ୍ୟ ପ୍ରଧାନ, ବିଏମଏସର ରଞ୍ଜନ ବେହେରା, ଏଚଏମଏସର ଶଙ୍କର ବେହେରା, ଏଆଇଟିୟୁସିର ଏସ.କେ ଶର୍ମା, ଅଫିସର ସଂଘର ସମ୍ପାଦକ ଡାକ୍ତର ସାହୁ, ଏସି ଏସଟି ସମ୍ପାଦକ କୁଞ୍ଜବିହାରୀ ବେହେରା ମଞ୍ଚାସୀନ ରହି ଶ୍ରମିକମାନଙ୍କ ସମସ୍ୟା ଉପରେ ଦାବି ଉପସ୍ଥାପନ କରିଥିଲେ। ଅତିଥିମାନଙ୍କ ଦ୍ୱାରା ସୁରକ୍ଷା କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା କୋଇଲା ଖଣି ଏବଂ ଶ୍ରମିକମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା ।ସେହିପରି ଖଣି ରେ ମୃତ ଶ୍ରମିକ ମାନଙ୍କର ବିୟୋଗରେ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଲିଙ୍ଗରାଜ କ୍ଷେତ୍ରର ପ୍ରବନ୍ଧକ ସୁବ୍ରତ ବିଶାଳ ଓ ସେଫ୍ଟି ଜିଏମ ସି.ପି ଗର୍ଗ ମଞ୍ଚ ପରିଚାଳନା ଓ ସଞ୍ଚାଳନ କରିଥିବା ବେଳେ ଲିଙ୍ଗରାଜ କ୍ଷେତ୍ରର ଏଚ୍‌ଆର ମ୍ୟାନେଜର ଦିପ୍ତିରାଣୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଏନ୍‌ଇଇଟି ୟୁଜି ଫଳାଫଳରେ ଆକାଶର ବାଜିମାତ୍

**ଭୁବନେଶ୍ୱର,୧୫।୬ (ଅଭୟ ଦାଶ)**

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ ଏନଇଇଟି ୟୁଜି-୨୦୨୫ ଫଳାଫଳରେ ଆକାଶ ଏଜୁକେଶନାଲ ସର୍ଭିସେସ ଲିମିଟେଡ (ଏଇଏସ୍‌ଏଲ୍) ବା ଆକାଶର ଛାତ୍ରୀଛାତ୍ରମାନେ ବାଜିମାତ୍ କରିଛନ୍ତି। ଏପରିକି ଆକାଶ ଓଡ଼ିଶା ଶାଖାର ଛାତ୍ରୀଛାତ୍ରମାନେ ମଧ୍ୟ ଏନଇଇଟି ୟୁଜି-୨୦୨୫ ପରୀକ୍ଷା/ ଏହି ଫଳାଫଳରେ ଶୀର୍ଷ ସ୍କୋରଧାରୀ ହୋଇଛନ୍ତି।

ଉଲ୍ଲେଖଯୋଗ୍ୟ, ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ଦ୍ୱାରା ଆନୁଷ୍ଠାନିକ ଭାବେ ଏନଇଇଟି ୟୁଜି-୨୦୨୫ ପରୀକ୍ଷା ଫଳାଫଳ ଶନିବାର ଘୋଷଣା କରାଯାଇଥିଲା। ଏହି ଫଳାଫଳ ଅନୁସାରେ ଆକାଶ ଓଡ଼ିଶା ଶାଖାର ଛାତ୍ରୀଛାତ୍ରମାନେ ଅଲ୍ ଇଣ୍ଡିଆ ର୍‍ୟାଙ୍କ (ଏଆଇଆର) ହାସଲ ସହ ଏନଇଇଟି ୟୁଜି-୨୦୨୫ ଫଳାଫଳରେ ବେଶ୍ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ବିଶେଷ କରି ଏଆଇଆର-୧୦୦୦ ବା ଏକ ହଜାର ର୍‍ୟାଙ୍କ ମଧ୍ୟରେ ୯ ଜଣ ଛାତ୍ରୀଛାତ୍ର ଶୀର୍ଷ ର୍‍ୟାଙ୍କ ହାସଲ କରିଥିଲାବେଳେ ଆଦିତ୍ୟ କିରଣ ବଳ ଏଆଇଆର-୧୨୮ ହାସଲ କରିଛନ୍ତି। ଏହି ତାଲିକାରେ ରିତେଶ ପରିଜା ଏଆଇଆର-୨୦୪, ସାତ୍ତ୍ୱିକ ମହାପାତ୍ର ଏଆଇଆର-୪୨୧, ଅନନ୍ୟା ପାଢୀ ଏଆଇଆର-୪୬୬, ଆଦିତ୍ୟ ଅଂଶୁମାନ ରଥ ଏଆଇଆର-୬୬୭, ପ୍ରତ୍ୟାଶା ଦାସ ଏଆଇଆର-୬୭୯, ଅସ୍ମିତ ମହାପାତ୍ର ଏଆଇଆର-୭୯୭, ସ୍ୱାରକ ଦାସ ଏଆଇଆର- ୮୨୭ ଏବଂ ପ୍ରତ୍ୟୁଷ କର ଏଆଇଆର-୯୯୦ ତମ ସ୍ଥାନରେ ରହିଛନ୍ତି। ସେହିପରି ଏଆଇଆର-୫୦୦୦ ବା ପାଞ୍ଚ ହଜାର ର୍‍ୟାଙ୍କ ମଧ୍ୟରେ ଆକାଶ ଓଡ଼ିଶା ଶାଖାରୁ ୩୯ଜଣ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଛନ୍ତି। ଅପରପକ୍ଷରେ ଏଇଏସଏଲର ଉଲ୍ଲେଖନୀୟ ସଫଳତା ହାସଲକାରୀଙ୍କ ମଧ୍ୟରେ ଉତ୍କର୍ଷ ଅୱଧୀୟା (ଏଆଇଆର-୨), କ୍ରିଶଙ୍ଗ ଜୋଷୀ (ଏଆଇଆର-୩), ଅଭିକା ଅଗ୍ରୱାଲ (ଏଆଇଆର-୫), ହର୍ଷ କେଡାୱତ (ଏଆଇଆର-୯), ଆରବ ଅଗରୱାଲ (ଏଆଇଆର-୧୦) ପ୍ରମୁଖ ସ୍ଥାନ ପାଇଛନ୍ତି।



ଏଇଏସ୍‌ଏଲ୍‌ର ଆଞ୍ଚଳିକ ନିର୍ଦ୍ଦେଶକ ଅଜୟ ବାହାଦୁର ସିଂଙ୍କ ସମେତ ଏନ୍‌ଇଇଟି ୟୁଜି-୨୦୨୫ ପରୀକ୍ଷା ଫଳାଫଳରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରମାନେ ଉପସ୍ଥିତ ଅଛନ୍ତି।

ଏ ସମ୍ପର୍କରେ ଏଇଏସଏଲର ଆଞ୍ଚଳିକ ନିର୍ଦ୍ଦେଶକ (ରିଜିଓନାଲ ଡାଇରେକ୍ଟର) ଅଜୟ ବାହାଦୁର ସିଂ କହିଛନ୍ତି, ଆମେ ଆମ ଛାତ୍ରୀଛାତ୍ରଙ୍କର ସଫଳତାକୁ ନେଇ ବେଶ ଉତ୍ସାହିତ ଅଛୁ। ଏପରିକି ଏନଇଇଟି ୟୁଜି-୨୦୨୫ ଫଳାଫଳରେ ସେମାନଙ୍କର ଉଲ୍ଲେଖନୀୟ ସଫଳତା ପାଇଁ ଆମେ ଅତ୍ୟନ୍ତ ଗର୍ବିତ ଅନୁଭବ କରୁଛୁ। ଏଭଳି ଭଲ ନମ୍ବର ରଖିବା କିଛି ଛୋଟ କଥା ନୁହେଁ। ବିଶେଷକରି ଦେଶବ୍ୟାପୀ ୨୩ ଲକ୍ଷରୁ ଅଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରୁଥିବା ଏକ ପ୍ରବେଶିକା ପରୀକ୍ଷାରେ ଏଭଳି ସଫଳତା ହାସଲ ବେଶ୍ ପ୍ରଶଂସନୀୟ। ଏହି ଫଳାଫଳ କେବଳ ଆମ ଛାତ୍ରୀଛାତ୍ରଙ୍କର କଠିନ ପରିଶ୍ରମ ଏବଂ ଅଧ୍ୟବସାୟକୁ ପ୍ରଦର୍ଶିତ କରୁନାହିଁ, ତାହା ସହିତ ସେମାନଙ୍କ ମାତାପିତାଙ୍କର ସେମାନଙ୍କ ପ୍ରତି ସମର୍ଥନ ଏବଂ ଆମର ଶିକ୍ଷାଦାନକାରୀ ଟିମର ପ୍ରତିବଦ୍ଧତା ପ୍ରୟାସକୁ ମଧ୍ୟ ପ୍ରତିଫଳିତ କରୁଛି। ଆମେ ସେମାନଙ୍କୁ ସେମାନଙ୍କ ଡାକ୍ତରୀ କ୍ୟାରିୟରରେ ନିରନ୍ତର ସଫଳତା କାମନା କରୁଛୁ।

ଏହି ଅନନ୍ୟ ପ୍ରଦର୍ଶନ ଛାତ୍ରୀଛାତ୍ରଙ୍କର ଉତ୍ସର୍ଗୀକୃତ ପ୍ରୟାସ, ଶିକ୍ଷାଗତ ଶୃଙ୍ଖଳା ଏବଂ ଏଇଏସଏଲ ପକ୍ଷରୁ ଯୋଗାଇ ଦିଆଯାଉଥିବା ବିଶ୍ୱ ଶ୍ରେଣୀର କୋଚିଂ ତଥା ମାର୍ଗଦର୍ଶନର ନିଦର୍ଶନ ହୋଇଛି। ଭାରତରେ ମେଡିକାଲ (ଏମବିବିଏସ), ଡେଣ୍ଟାଲ (ବିଡିଏସ), ଆୟୁଷ (ବିଏଏମଏସ, ବିୟୁଏମଏସ, ବିଏଚଏମଏସ) ପାଠ୍ୟକ୍ରମରେ ସରକାରୀ ଏବଂ ବେସରକାରୀ ପ୍ରତିଷ୍ଠାନଗୁଡ଼ିକରେ ଅଣ୍ଡରଗ୍ରାଜୁଏଟ ପାଠ ପଢ଼ିବା ଏବଂ ବିଦେଶରେ ପ୍ରାଥମିକ ଡାକ୍ତରୀ ଯୋଗ୍ୟତା ହାସଲ ନିମନ୍ତେ ଇଚ୍ଛା ରଖୁଥିବା ଛାତ୍ରୀଛାତ୍ରଙ୍କ ନିମନ୍ତେ ଯୋଗ୍ୟତାମୂଳକ ପରୀକ୍ଷା ନିମନ୍ତେ ଏନଇଇଟି ପ୍ରତିବର୍ଷ ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି ଦ୍ୱାରା ପରିଚାଳିତ ହେଉଛି।

# କଲ୍ୟାଣ ଜୁଏଲର୍ସର ନବୀକୃତ ଶୋ'ରୁମ୍ ଉଦ୍‌ଘାଟିତ

**ଭୁବନେଶ୍ୱର,୧୫।୬**

ଦେଶର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ତଥା ବୈଶ୍ୱିକ ଗହଣା ବ୍ରାଣ୍ଡ୍ 'କଲ୍ୟାଣ ଜୁଏଲର୍ସ'ର ନବୀକୃତ ବାଣୀବିହାର ସ୍କୋୟାର ଶୋ'ରୁମ୍ ରବିବାର ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଏପରିକି ଓଡ଼ିଶା ବଜାରରେ ବ୍ରାଣ୍ଡ୍‌ର ପ୍ରଥମ ଏକ୍ସକ୍ଲୁସିଭ ଆଉଟଲେଟ ଅତ୍ୟାଧୁନିକ ଡିଜାଇନ ଓ ବୈଶ୍ୱିକ ପରିବେଶରେ ନିର୍ମିତ ହୋଇଛି। ୧୦,୦୦୦ ବର୍ଗଫୁଟ ପରିବ୍ୟାପ୍ତ ସ୍ଥାନରେ ଏହି ନବୀକୃତ ଶୋ'ରୁମ୍ ବେଶ୍ ଆକର୍ଷଣୀୟ ଏବଂ କଲ୍ୟାଣ ଜୁଏଲର୍ସର ବ୍ୟାପକ ଗହଣା ସମ୍ଭାର ଉପଲବ୍ଧ ରହିଛି।

ଏ ସମ୍ପର୍କରେ କଲ୍ୟାଣ ଜୁଏଲର୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରମେଶ କଲ୍ୟାଣ ରମଣ କହିଛନ୍ତି, ଓଡ଼ିଶା ବଜାରରେ କଲ୍ୟାଣ ଜୁଏଲର୍ସର ପ୍ରଥମ ଏକ୍ସକ୍ଲୁସିଭ ଶୋ'ରୁମ୍‌କୁ ଆମେ ପୁନଃ ଶୁଭାରମ୍ଭ କରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଗ୍ରାହକଙ୍କ ସ୍ୱତନ୍ତ୍ର ଆବଶ୍ୟକତା ପୂରଣ ପାଇଁ ଏହାର ବ୍ୟାପକ ବ୍ୟବସ୍ଥା ସହ ନୂତନ ଡିଜାଇନ ଉପଲବ୍ଧ ରହିଛି।

ସେହିଭଳି ଗ୍ରାହକଙ୍କ ସପିଙ୍ଗ ଅନୁଭୂତିରେ ଉନ୍ନତି ଆଣିବା ସହିତ ବିଶ୍ୱାସ ଓ ସ୍ୱଚ୍ଛତା ବଜାୟ ରଖିବା ପାଇଁ ମଧ୍ୟ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଏପରିକି ବିଶ୍ୱସ୍ତରୀୟ ପରିବେଶ ପ୍ରଦାନ କରିବାକୁ ଆମେ ପ୍ରତିବଦ୍ଧ ରହିଛୁ। ଆମେ ଗୁଣାତ୍ମକ ମାନ ଓ ଉଲ୍ଲେଖନୀୟ ସେବା ସହିତ ବ୍ୟାପକ ପ୍ରକାରର ଆକର୍ଷଣୀୟ ଓ ସ୍ୱତନ୍ତ୍ର ଗହଣା ଡିଜାଇନ୍ ପ୍ରଦାନ କରିବା ମଧ୍ୟ ଜାରି ରଖିବୁ।

ସେହିପରି ଏହି ପୁନଃଶୁଭାରମ୍ଭ ଅବସରରେ କଲ୍ୟାଣ ଜୁଏଲର୍ସ ପକ୍ଷରୁ ଆକର୍ଷଣୀୟ ରିହାତି ଅଫର ମଧ୍ୟ ଘୋଷଣା କରାଯାଇଛି, ଯେଉଁଥିରେ ଆମର ପୃଷ୍ଠପୋଷକମାନେ ସେମାନଙ୍କର ଗହଣା କ୍ରୟ ଉପରେ ଉଲ୍ଲେଖନୀୟ ସଞ୍ଚୟ ଉପଭୋଗ କରିପାରିବେ।

ଏହି ଶୁଭାରମ୍ଭ ଅଫରର ଅଂଶ ଭାବେ ଗ୍ରାହକମାନେ ପ୍ରତି ୧୦ ଗ୍ରାମ୍ ସୁନା ଗହଣା କ୍ରୟ ଉପରେ ୦.୫ ଗ୍ରାମ୍‌ର ସୁନା ମାଗଣାରେ ପାଇପାରିବେ। କଲ୍ୟାଣ ଜୁଏଲର୍ସ ପରିଚିତ ଥିବା ଅତୁଳନୀୟ କାରିଗରି ଓ ଅସୀମ ଡିଜାଇନର ଅନୁଭବ ହାସଲ କରିବା ସହିତ ପୃଷ୍ଠପୋଷାକମାନଙ୍କ ପାଇଁ ଆକର୍ଷଣୀୟ ଗହଣା ହାସଲ କରିବା ନିଶ୍ଚିତ କରିବ। ଏହା ବ୍ୟତୀତ କଲ୍ୟାଣ ସ୍ପେଶିଆଲ୍ ଗୋଲ୍ଡ ବୋର୍ଡ ରେଟ୍ ରହିଛି, ଯାହା ବଜାରରେ ସର୍ବନିମ୍ନ ଓ କମ୍ପାନୀର ସମସ୍ତ ଶୋ'ରୁମ୍‌ରେ ସମାନ, ତାହା ଲାଗୁ ହେବ। ପୃଷ୍ଠପୋଷକମାନେ କଲ୍ୟାଣ ଜୁଏଲର୍ସର ୪-ସ୍ତରୀୟ ଆସ୍ୟୁରାନ୍ସ ସାର୍ଟିଫିକେଟ୍ ହାସଲ କରିବେ। ଯାହା ଶୁଦ୍ଧତା ଓ ଗହଣାର ମାଗଣା ଜୀବନବ୍ୟାପୀ ରକ୍ଷଣାବେକ୍ଷଣ, ଉତ୍ପାଦର ସମ୍ପୂର୍ଣ୍ଣ ବିବରଣୀ ଓ ସ୍ୱଚ୍ଛ ଏକ୍ସଚେଞ୍ଜ ଓ ବାଏ-ବ୍ୟାକ୍ ନୀତିକୁ ସୁନିଶ୍ଚିତ କରିବ। ବିଶ୍ୱସନୀୟ ଗ୍ରାହକମାନଙ୍କୁ ଶ୍ରେଷ୍ଠତା ପ୍ରଦାନ କରିବା ଲାଗି ବ୍ରାଣ୍ଡ୍‌ର ରହିଥିବା ପ୍ରତିବଦ୍ଧତାକୁ ଏହି ସାର୍ଟିଫିକେସନ୍ ପ୍ରତିଫଳିତ କରୁଛି।

ଏହି ଶୋ'ରୁମ୍‌ରେ କଲ୍ୟାଣର ପ୍ରମୁଖ କଲେକ୍ସନ ମହୁରତ (ବିବାହ ଗହଣା), ମୁଦ୍ରା (ହାତତିଆରି ଆଣ୍ଟିକ୍ ଗହଣା), ନିମାହ (ମନ୍ଦିର ଗହଣା), ଗ୍ଲୋ (ଡ୍ୟାନସିଂ ହୀରା), ଜିଆ (ସୋଲିଟାୟାର ଭଳି ହୀରା ଗହଣା), ଅନୋଖି (ଅନକଟ ହୀରା), ଅପୂର୍ବା (ସ୍ୱତନ୍ତ୍ର ଅବସର ପାଇଁ ହୀରା), ଅନ୍ତରା (ବିବାହ ହୀରା), ହୀରା (ଦିନିଦିନିଆ ପରିଧାନର ହୀରା), ରଙ୍ଗ (ମୂଲ୍ୟବାନ ଷ୍ଟୋନ ଗହଣା) ଓ ନିକଟରେ ଉନ୍ମୋଚନ ହୋଇଥିବା ଲିଲା (ରଙ୍ଗିନ ଷ୍ଟୋନ ଓ ହୀରା ଗହଣା) ଉପଲବ୍ଧ ରହିଛି।

# ହିମାଳୟର ନୂତନ ଅଭିଯାନ


**ଭୁବନେଶ୍ୱର,୧୫।୬**

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ହିମାଳୟ ବେବିକେୟାରରେ ପିତୃ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏକ ହୃଦୟସ୍ପର୍ଶୀ ଡିଭିସି ଫିଲ୍ମ ଉନ୍ମୋଚନ କରାଯାଇଛି। ଅପରପକ୍ଷରେ ଲୋକପ୍ରିୟ କନ୍ନଡ ଗୀତ 'ଆଇ ଲଭ୍ ୟୁ ଆପ୍ପା'ରୁ ପ୍ରେରଣା ଲାଭକରି ବ୍ରାଣ୍ଡର ପ୍ରଚାର ଅଭିଯାନ 'ଜେଣ୍ଟଲ ଆଜ୍ ଡାଡ' ଶୀର୍ଷକ ବିଷୟବସ୍ତୁରେ ଝିଅଟିଏ ଏକ ନବଜାତକରୁ ଜଣେ ଯୁବତୀ ଭାବେ ବିକାଶ ଲାଭ କରିବା ଅବସରରେ ଜଣେ ବାପା ଓ ତାଙ୍କ ଝିଅଙ୍କ ମଧ୍ୟରେ ଭାବପ୍ରବଣଗତ ସମ୍ପର୍କକୁ ଅତିସୁନ୍ଦର ଭାବରେ ଧରି ରଖୁଛି। ଏପରିକି ଆଞ୍ଚଳିକ ଦର୍ଶକଙ୍କ ସହିତ ଗଭୀର ଭାବରେ ମେଳ ଖାଉଥିବା ଲୋକପ୍ରିୟ ସଂଗୀତକୁ ଛଅଟି ଭାରତୀୟ ଭାଷା ହିନ୍ଦୀ, ତାମିଲ, ତେଲୁଗୁ, ମାଲୟାଲମ, ମରାଠୀ ଏବଂ ବେଙ୍ଗଲି ଭାଷାରେ ଅନୁବାଦ କରାଯାଇଛି, ଯାହଦ୍ୱାରା ଆଞ୍ଚଳିକ ପ୍ରାସଙ୍ଗିକତା ଏବଂ ଏକ ଗଭୀର ଭାବଗତ ସମ୍ପର୍କକୁ ସୁନିଶ୍ଚିତ କରାଯାଉଛି। ଏ ସମ୍ପର୍କରେ ହିମାଳୟ ୱେଲନେସ୍ କମ୍ପାନୀର ଡାଇରେକ୍ଟର (ବେବିକେୟାର) ଚର୍କବର୍ତୀ ଏନ ଭି କହିଥିଲେ, ବାପାମାନେ ଅନେକ ସମୟରେ ଏକ ଶିଶୁର ଜୀବନରେ ନୀରବ ସ୍ତମ୍ଭ ହୋଇଥାନ୍ତି। ଯେଉଁଥିରେ ପଶ୍ଚାତଭାଗରେ କୋମଳପଣ, ଦୃଢ଼ତା ଏବଂ ସଦା ଉପସ୍ଥିତି ରହିଥାଏ ଏବଂ ସେମାନେ ସ୍ନେହ ଓ ସୁରକ୍ଷା ଜରିଆରେ ସେମାନଙ୍କ ଶିଶୁର ଦୁନିଆଁକୁ ଗଢି ତୋଳିଥାନ୍ତି।

# ବଜାରରେ ପ୍ଲାଟିନମ୍‌ର 'ଦ ୱେଡିଂ ଏଡିସନ୍'

**ଭୁବନେଶ୍ୱର,୧୫।୬**

ପ୍ଲାଟିନମ୍‌ର ବହୁପ୍ରତୀକ୍ଷିତ ତଥା ନୂତନ କଲେକ୍ସନ 'ଦ ୱେଡିଂ ଏଡିଶନ୍'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ବିଶେଷ କରି ୯୫% ଶୁଦ୍ଧ ପ୍ଲାଟିନମ୍‌ରେ ନିର୍ମିତ ଏହି ପ୍ଲାଟିନମ୍ ଲଭ୍ ବ୍ୟାଣ୍ଡ୍ ପ୍ରେମର ଭାବନାକୁ ପ୍ରତିଫଳିତ କରିଥାଏ, ଯାହା ଉଭୟ ବିରଳ ଏବଂ କାଳକାଳୀନ ପ୍ରେମର ଭାବନାକୁ ପ୍ରତିଫଳିତ କରିଥାଏ। ଗ୍ରୀଷ୍ମକାଳୀନ ବିବାହ ଋତୁ ବେଳେ ପ୍ଲାଟିନମ୍ ଲଭ୍ ବ୍ୟାଣ୍ଡ୍ ପକ୍ଷରୁ ଜୀବନରେ ଥରେ ପ୍ରେମ କାହାଣୀ ରଚନା କରିବା ଉଦ୍ଦେଶ୍ୟରେ ପ୍ରସ୍ତୁତ ଦମ୍ପତି ବ୍ୟାଣ୍ଡ୍‌ର ଏକ ସୁଚିନ୍ତିତ ସଂକଳନ 'ଦ ୱେଡିଂ ଏଡିଶନ୍'ର ଉନ୍ମୋଚନ କରାଯାଇଛି। ପ୍ରକୃତ ପ୍ରତିବଦ୍ଧତା ଭାବନାତ୍ମକ ସ୍ପଷ୍ଟତାରୁ ଆସିଥାଏ ବୋଲି ବୁଝିବାରେ ଆଧାରିତ, ଏହି



ପ୍ଲାଟିନମ୍ ବ୍ୟାଣ୍ଡଗୁଡ଼ିକ ପ୍ରତୀକ ଠାରୁ ଅଧିକ-ସେମାନେ ପ୍ରତିଶ୍ରୁତି ଅଟନ୍ତି। ଷ୍ଟାରଲାଇଟ୍ ଆକାଶ ତଳେ ହେଉ କିମ୍ବା ବିବାହ ବିଶୃଙ୍ଖଳା ମଧ୍ୟରେ ଏକ ଶାନ୍ତ ମୁହୂର୍ତ୍ତରେ, ଏହି ବ୍ୟାଣ୍ଡଗୁଡ଼ିକ ସେହି ଦମ୍ପତିମାନଙ୍କ ପାଇଁ ତିଆରି କରାଯାଏ। ଯେଉଁମାନେ ଗଭୀର ଅର୍ଥ ଖୋଜୁଛନ୍ତି, ପାରସ୍ପରିକ ସମ୍ମାନ, ବ୍ୟକ୍ତିତ୍ୱ ଏବଂ ପ୍ରେମ ଉପରେ ନିର୍ମିତ ଏକ ଭାଗୀଦାରିର ପ୍ରତୀକ ଯାହା ପ୍ରକୃତରେ ବିରଳ। ଆପଣ ଏକ ଭବ୍ୟ ଉତ୍ସବର ଯୋଜନା କରୁଛନ୍ତି ନା ଏକ ଅଣବର୍ଣ୍ଣିତ ସମ୍ପର୍କ ଯୋଜନା କରୁଛନ୍ତି ପ୍ଲାଟିନମ୍ ଲଭ୍ ବ୍ୟାଣ୍ଡ 'ଦ ୱେଡିଂ ଏଡିସନ୍' ହେଉଛି ଏକ ବିରଳ ମୂଲ୍ୟବାନ ଧାତୁ ସହିତ ଆପଣଙ୍କ ଯାତ୍ରାକୁ ମୋହର ମାରିବା ପାଇଁ ଆପଣଙ୍କ ନିମନ୍ତ୍ରଣ ଯାହା ପ୍ରକୃତରେ ଏକ ପ୍ରକାରର । ପ୍ଲାଟିନମ୍‌ର ବିରଳତା, ମୂଲ୍ୟବାନତା ଏବଂ ସ୍ଥିରତା ଏହାକୁ ପ୍ରେମର ଏକ ସ୍ଥାୟୀ ପ୍ରତୀକ କରିଥାଏ-ପ୍ରତ୍ୟେକ ଦମ୍ପତିଙ୍କ ପ୍ରତିବଦ୍ଧତାର ପ୍ରତିଶ୍ରୁତିକୁ ଅର୍ଥ ପ୍ରଦାନ କରିଥାଏ। ପ୍ରତ୍ୟେକ ବ୍ୟାଣ୍ଡରେ ସୂକ୍ଷ୍ମ ଡିଜାଇନ୍ ଏବଂ କାରିଗରି ରହିଛି-ପରସ୍ପର ସହ ଜଡ଼ିତ ଢାଞ୍ଚା, ପ୍ରତୀକ ଏବଂ ଶେଷ ଯାହା ଦୁଇଟି ବ୍ୟକ୍ତିଗତ ଯାତ୍ରାକୁ ଗୋଟିଏରେ ମିଶ୍ରଣକୁ ପ୍ରତିଫଳିତ କରିଥାଏ।

# ସିରିଜ୍ ବି ପାଣ୍ଠି ରାଉଣ୍ଡରେ ୧୭୩ କୋଟି ହାସଲ

**ଭୁବନେଶ୍ୱର,୧୫।୬**

ଦେଶର ପ୍ରଥମ ଡିଜିଟାଲ୍ ଫିକ୍ସଡ ଡିପୋଜିଟ ନିବେଶ ପ୍ଲାଟଫର୍ମ ବା ୱେଲଥଟେକ ପ୍ଲାଟଫର୍ମ 'ଷ୍ଟେବଲ ମନି' ସିରିଜ୍ ବି ପାଣ୍ଠି ରାଉଣ୍ଡରେ ପ୍ରାୟ ୧୭୩ କୋଟି ଟଙ୍କା ହାସଲ କରିଛି। ଏପରିକି ଇନଫୋସିସ୍ ସହ-ପ୍ରତିଷ୍ଠାତା ଏବଂ ଆଧାରର ନିର୍ମାତା ନନ୍ଦନ ନିଲେକାନିଙ୍କ ଦ୍ୱାରା ସହ-ପ୍ରତିଷ୍ଠିତ ଫଣ୍ଡାମେଣ୍ଟମ ପାର୍ଟନରଶିପ ଏହି ରାଉଣ୍ଡର ନେତୃତ୍ୱ ନେଇଥିଲା। ଆଦିତ୍ୟ ବିର୍ଲା ଭେଞ୍ଚର୍ସ ସମସ୍ତ ବିଦ୍ୟମାନ ନିବେଶକ ଜେଡ଼୪୭, ଆରଟିପି ଗ୍ଲୋବାଲ୍ ଏବଂ ଲାଇଟସ୍ପିଡ୍ ସହ ମଧ୍ୟ ଅଂଶଗ୍ରହଣ କରିଥିଲେ। ଏହି ପାଣ୍ଠି ଷ୍ଟେବଲ ମନିର ବିଶାଳ ସିରିଜ୍ -ଏ ରାଉଣ୍ଡର ମାତ୍ର ଦଶ ମାସ ପରେ ଆସିଛି, ଯାହାକି, ଏ କ୍ଷେତ୍ରରେ ଦୃଢ଼ ସମ୍ଭାବନା ଏବଂ ନିବେଶକଙ୍କ ଦୃଢ଼ ବିଶ୍ୱାସକୁ ଦର୍ଶାଉଛି। ଷ୍ଟେବଲ ମନି ସ୍ଥିର ଆୟ ନିବେଶ ବିକଳ୍ପ ପ୍ରଦାନ କରୁଛି, ଯେଉଁଥିରେ ୯.୧% ପର୍ଯ୍ୟନ୍ତର ସୁଧ ହାର ସହିତ ସ୍ଥିରୀକୃତ ଜମା, ଏଫଡି ବାବଦକୁ ସୁରକ୍ଷିତ କ୍ରେଡିଟ୍ କାର୍ଡ ଏବଂ ଷ୍ଟେବଲ ବଣ୍ଡ (ଯାହାକି ଷ୍ଟେବଲ ବ୍ରୋକିଙ୍ଗ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ପରିଚାଳିତ ହୋଇଥାଏ) ଅନ୍ତର୍ଭୁକ୍ତ ରହିଛି।

# ଅଲ-ଇନ୍-ୱାନ ନିବେଶ ଆପର ଶୁଭାରମ୍ଭ

**ଭୁବନେଶ୍ୱର,୧୫।୬**

ଟାଟା ଆସେଟ୍ ମ୍ୟାନେଜମେଣ୍ଟ ପକ୍ଷରୁ ଏକ ଅଭିନବ ମୋବାଇଲ୍ ଆପ୍ 'ଅଲ-ଇନ୍-ୱାନ ନିବେଶ'ର ଶୁଭାରମ୍ଭ କରାଯାଇଛି।ଯାହା ବ୍ୟବହାରକାରୀମାନଙ୍କୁ ସେମାନଙ୍କର ଆର୍ଥିକ ଜଗତର ଏକ ସମ୍ପୂର୍ଣ୍ଣ ଚିତ୍ର ଦେବା ପାଇଁ ଉଦ୍ଦିଷ୍ଟ ରହିଛି। ବ୍ରାଣ୍ଡ୍ ପ୍ଲାଟଫର୍ମ ଅଧୀନରେ ଏହି ଆପ୍ ସରଳତା, ବୁଦ୍ଧିମତା ଏବଂ ପର୍ସନାଲାଇଜେସନକୁ ଏକତ୍ରିତ କରିଛି। ଏହି ମୋବାଇଲ୍ ଆପ୍ ଶୁଭାରମ୍ଭ ହେଉଛି ନିବେଶକୁ ସରଳ, ସ୍ମାର୍ଟ ଏବଂ ଅଧିକ ପ୍ରବେଶଯୋଗ୍ୟ କରିବାର ଏକ ବଡ଼ ପଦକ୍ଷେପ। 'ଏକ ଆପ୍-ଏକ ଦୃଶ୍ୟ-ଅନ' ସୁଯୋଗ' ବ୍ରାଣ୍ଡ୍ ପ୍ରତିଶ୍ରୁତି ସହିତ ଏହି ଆପ୍ ନିବେଶକମାନଙ୍କୁ ଶିଖିବାରୁ ଆରମ୍ଭ କରି ନିବେଶ ଏବଂ ଆର୍ଥିକ ଲକ୍ଷ୍ୟ ଉପରେ ନଜର ରଖିବା ପର୍ଯ୍ୟନ୍ତ ସବୁ କିଛି ଦେଇଥାଏ। ଟାଟା ଆସେଟ୍ ମ୍ୟାନେଜମେଣ୍ଟର ମୁଖ୍ୟ ବିତରଣ ଏବଂ ଡିଜିଟାଲ୍ ଅଧିକାରୀ ହେମନ୍ତ କୁମାର କହିଛନ୍ତି, 'ଏକ ଆପ୍। ଏକ ଦୃଶ୍ୟ।


**GOVERNMENT OF ODISHA**
**DEPARTMENT OF WATER RESOURCES**
No.A-298

**e-Procurement Notice No. e-CHID-04/2025-26**

1. Type of Work :- Building works
2. Total No. of Works :- 01 (one) No.
3. Amount put to tender :- Rs.62.48 Lakh
4. Period of completion :- 11 (Eleven) calendar months
5. Class of Contractor :- 'B'

| Procurement Officer | Bid Identification No. | Name of Work | Bid Amount (Rs. in lakh) | Availability & Submission of Bid On-line |
|---|---|---|---|---|
| Superintending Engineer, Chikiti Irrigation Division, Berhampur | SE(CHID) - 32/2025-26 | Construction of control building of Ghatakeswar Multipurpose Project | 62.48 | From 18.06.2025, 10.00 A.M. to 03.07.2025, 5.00 P.M. |

Date of opening of the Technical Bid :- **04.07.2025 at 11.30 A.M.**
Further details can be seen from the Govt. website **www.tendersodisha.gov.in**

**Sd./- Superintending Engineer**
**Chikiti Irrigation Division**
**Berhampur**

OIPR-32115/11/0015/2526

**OFFICE OF THE PRINCIPAL,**
**BHADRAK AUTONOMOUS COLLEGE, BHADRAK**
Letter No.1639/Date 11.06.2025

**"WALK-IN-INTERVIEW" FOR ENGAGEMENT OF GUEST FACULTIES IN DIFFERENT SUBJECTES FOR THE SESSION 2025-26**

**No.CAD-763** : Eligible candidates are invited to attend "Walk-in-Interview" for engagement of Guest faculties in different subjects for Bhadrak Autonomous College, Bhadrak for the session 2025- 26 as per the following schedule. Selection of candidates, period of engagement and payment of remuneration shall be as per the Government guidelines, issued vide letter No. 26445, dt. 23.05.2025. Candidates are required to report with all Original Testimonials / Documents in support of their qualification and experiences. Candidates are instructed to visit college website at www.bhadrakcollege.ac.in for detail information/Guidelines.

**Interview Schedule**

| Sl. No. | Date of Interview | Reporting Time | Venue | Subjects |
|---|---|---|---|---|
| 01 | 23.06.2025 | 9.30 am to 10.00 am | Concerned Department | Education, History, Odia, Sanskrit, Urdu, Philosophy, Political Science, Sociology, Hindi, Commerce, Statistics |
| 02 | 24.06.2025 | 9.30 am to 10.00 am | Concerned Department | Applied Physics, Zoology, Microbiology, Geology, Computer Science, B.C.A. (Comp. Sc., Math, Eng, Com.) |

**Sd./- Principal**
**Bhadrak Autonomous College, Bhadrak**

OIPR-11028/11/0014/2526

**ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ**
ଆଞ୍ଚଳିକ କାର୍ଯ୍ୟାଳୟ: ଢେଙ୍କାନାଳ, ସା/ପୋ/ଜିଲ୍ଲା: ଢେଙ୍କାନାଳ, ପିନ୍-୭୫୯୦୦୧,
ମୋ.: ୯୭୭୬୬୪୫୪୯୭, ଇ-ମେଲ୍: **rodhenkanal@odishabank.in**

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**
(SARFAESI ଆକ୍ଟ ୨୦୦୨ ଅନୁଯାୟୀ)

**ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (ସରଫେଶୀ ଆକ୍ଟ) ଏବଂ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ ରୁଲ୍ସ ୨୦୦୨) ରୁଲ୍ ୬, ୮ ଏବଂ ୯ ଅନୁଯାୟୀ ବ୍ୟାଙ୍କରେ ବନ୍ଧକଥିବା ସ୍ଥାବର ସମ୍ପତ୍ତିର ନିଲାମ ବିକ୍ରୟ।**

ନିମ୍ନ ସ୍ୱାକ୍ଷରକାରୀ **ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ, ଆଞ୍ଚଳିକ କାର୍ଯ୍ୟାଳୟ: ଢେଙ୍କାନାଳ, ସା/ପୋ/ଜିଲ୍ଲା: ଢେଙ୍କାନାଳ, ପିନ୍-୭୫୯୦୦୧**ର କ୍ଷମତାପ୍ରାପ୍ତ ଅଧିକାରୀ ହିସାବରେ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩ (୨) ଅନୁଯାୟୀ ଜାରି କରାଯାଇଥିବା ନୋଟିସ୍ ଅନୁଯାୟୀ ବ୍ୟାଙ୍କର ବକେୟା ଦେୟ ବାବଦ ନିମ୍ନରେ ପ୍ରଦତ୍ତ ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି ଏବଂ ନିମ୍ନ ଦର୍ଶିତ ଋଣଗ୍ରହୀତାମାନଙ୍କଠାରୁ ବ୍ୟାଙ୍କ ଦେୟ ଆଦାୟ ନିମନ୍ତେ କଥିତ ଆକ୍ଟର ଧାରା ୧୩(୪) ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ନିୟମ ୬, ୮ ଏବଂ ୯ ଅନୁଯାୟୀ ଋଣଗ୍ରହୀତାମାନଙ୍କ ନିମ୍ନରେ ଦର୍ଶିତ ସମ୍ପତ୍ତିଗୁଡ଼ିକୁ **"ଯେଉଁଠାରେ ଯେପରି ଅଛି" ଏବଂ "ଯାହା ଯେପରି ଅଛି"** ଭିତ୍ତିରେ ବିକ୍ରୟ କରିବାପାଇଁ ସ୍ଥିର କରିଛନ୍ତି।

**ସ୍ଥାବର ସମ୍ପତ୍ତିର ବିବରଣୀ**

| କ୍ର. ନଂ. | ଶାଖା / ମୋବାଇଲ ନଂ. / ଆକାଉଣ୍ଟ ନଂ. / ଋଣଗ୍ରହୀତା/ ଜାମିନ୍‌ଦାର / ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ସମ୍ପତ୍ତିର ବିବରଣୀ / ସମ୍ପତ୍ତି ମାଲିକମାନଙ୍କ ନାମ | ବକେୟା ରାଶି | ଡିମାଣ୍ଡ/ଦଖଲ ନୋଟିସ୍ ତାରିଖ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା | ଇ-ନିଲାମ ତାରିଖ ଓ ସମୟ |
|---|---|---|---|---|---|---|
| ୧. | ଗଦାଶିଳା ଶାଖା, ମୋ.: ୮୮୯୫୧୭୫୭୭୮ / ଆକାଉଣ୍ଟ ନଂ.: ୦୫୦୨୧୩୦୪୫୦୦୦୦୫୮, ୦୫୦୨୧୪୦୦୧୦୦୦୦୨୦, ୦୫୦୨୧୩୦୬୯୦୦୦୦୦୧ ଏବଂ ୦୫୦୨୧୩୦୬୯୦୦୦୦୦୨ / ଋଣଗ୍ରହୀତା ଏବଂ ବନ୍ଧକଦାତା: ଶ୍ରୀ ସତ୍ୟ ରଞ୍ଜନ ମିଶ୍ର, ମୁନ୍‌ଲି ଇଣ୍ଡିଆର ସ୍ୱତ୍ୱାଧିକାରୀ, ପିତା: ବଂଶଧର ମିଶ୍ର / ଜାମିନ୍‌ଦାର ଏବଂ ବନ୍ଧକଦାତା: ଶ୍ରୀ ମନୋରଞ୍ଜନ ମିଶ୍ର, ପିତା: ବଂଶାଧର ମିଶ୍ର / ଜାମିନ୍‌ଦାରମାନେ: ୧) ଶ୍ରୀ ବଂଶାଧର ମିଶ୍ର, ପିତା: କୃଷ୍ଣ ଚନ୍ଦ୍ର ମିଶ୍ର, ୨) ଶ୍ରୀମତୀ ପ୍ରମିଳା କୁମାରୀ ଦାଶ, ସ୍ୱାମୀ: ବଂଶାଧର ମିଶ୍ର, ୩) ଶ୍ରୀ ସାଜନ ଶତପଥି, ପିତା: ବ୍ରଜବନ୍ଧୁ ଶତପଥି, ସମସ୍ତଙ୍କ ଠିକଣା- ସା/ପୋ: ଧଳପୁର, ଜିଲ୍ଲା: ଢେଙ୍କାନାଳ, ପିନ୍-୭୫୯୦୧୯ | (କ) ଶ୍ରୀ ସତ୍ୟ ରଞ୍ଜନ ମିଶ୍ରଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ନୟାଭାଗିରଥିପୁର (ପୂର୍ବ), ଖାତା ନଂ.: ୧୬୩/୪୬୬, ପ୍ଲଟ୍ ନଂ.: ୧୨୬୯/୨୦୩୬, କ୍ଷେତ୍ର: ଏକର୦.୨୫ ଡିସିମିଲି (ଘରବାରି) | ୧୦.୦୬.୨୦୨୫ ସୁଦ୍ଧା ଟ.୩୩,୨୯,୮୧୬/୩ + ସେବାବଦ ପରବର୍ତ୍ତୀ ସୁଧ ଓ ଖର୍ଚ୍ଚ | ୦୨.୧୧.୨୦୨୩ / ୧୨.୦୧.୨୦୨୪ | ଟ.୧,୬୯,୨୦,୦୦୦/- / ଟ.୧୬,୯୨,୦୦୦/- | ତା.୩୦.୦୬.୨୦୨୫ରିଖ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୨.୦୦ ଘଟିକା (ପ୍ରତି ୫ ମିନିଟ୍‌ର ଅସୀମିତ ସମୟ ବୃଦ୍ଧି ସହିତ) |
| | (ଖ) ଶ୍ରୀ ମନୋରଞ୍ଜନ ମିଶ୍ର ଏବଂ ଶ୍ରୀ ସତ୍ୟ ରଞ୍ଜନ ମିଶ୍ରଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ନୟାଭାଗିରଥିପୁର (ପୂର୍ବ), ଖାତା ନଂ.: ୧୬୩/୨୩୭, ପ୍ଲଟ୍ ନଂ.: ୧୪୪୫, କ୍ଷେତ୍ର: ଏକର୦.୧୬ ଡିସିମିଲି (ଘରବାରି) | | | | ଟ.୩୮,୭୦,୦୦୦/- / ଟ.୩,୮୭,୦୦୦/- | |
| | (ଗ) ଶ୍ରୀ ମନୋରଞ୍ଜନ ମିଶ୍ର ଏବଂ ଶ୍ରୀ ସତ୍ୟ ରଞ୍ଜନ ମିଶ୍ରଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ନୟାଭାଗିରଥିପୁର (ପୂର୍ବ), ଖାତା ନଂ.: ୧୬୩/୪୦୨, ପ୍ଲଟ୍ ନଂ.: ୧୨୭୨/୧୯୧୮, କ୍ଷେତ୍ର: ଏକର୦.୧୨ ଡିସିମିଲି (ଘରବାରି) | | | | ଟ.୩୬,୦୦,୦୦୦/- / ଟ.୩,୬୦,୦୦୦/- | |
| | (ଘ) ଶ୍ରୀ ମନୋରଞ୍ଜନ ମିଶ୍ର ଏବଂ ଶ୍ରୀ ସତ୍ୟ ରଞ୍ଜନ ମିଶ୍ରଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ନୟାଭାଗିରଥିପୁର (ପୂର୍ବ), ଖାତା ନଂ.: ୧୬୩/୩୦୯, ପ୍ଲଟ୍ ନଂ.: ୧୪୪୮, କ୍ଷେତ୍ର: ଏକର୦.୧୬ ଡିସିମିଲି (ଘରବାରି) | | | | ଟ.୮୬,୮୫,୦୦୦/- / ଟ.୮,୬୮,୫୦୦/- | |

**ଇ-ନିଲାମର ନିୟମ ଓ ସର୍ତ୍ତାବଳୀ ନିମ୍ନରେ ପ୍ରଦତ୍ତ:**

୧) ସମ୍ପତ୍ତିଗୁଡ଼ିକ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ତତ୍ତ୍ୱାବଧାନରେ ବ୍ୟାଙ୍କର ଅନୁମୋଦିତ ନିମ୍ନଲିଖିତ ସେବାପ୍ରଦାନକାରୀଙ୍କ ୱେବ୍ ପୋର୍ଟାଲ **https://sarfaesi.auctiontiger.net** ରେ ଇ-ନିଲାମ ମାଧ୍ୟମରେ **ତା.୩୦.୦୬.୨୦୨୫ରିଖ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୨.୦୦ ଘଟିକା** ମଧ୍ୟରେ ବିକ୍ରୟ କରାଯିବ।
୨) ଇ-ନିଲାମ ଟେଣ୍ଡର କାଗଜପତ୍ର ଯଥା: ଅନ୍‌ଲାଇନ ଇ-ନିଲାମ ବିଡ୍, ଫର୍ମ, ଘୋଷଣାନାମା, ଅନ୍‌ଲାଇନ ଇ-ନିଲାମ ବିକ୍ରୟର ନିୟମ ଏବଂ ସର୍ତ୍ତାବଳୀ ୱେବସାଇଟ **https://sarfaesi.auctiontiger.net** ରେ ଉପଲବ୍ଧ।
୩) ଇଚ୍ଛୁକ ନିଲାମଧାରୀ ବୈଧ ଇ-ମେଲ ଠିକଣାଧାରୀ ହୋଇଥିବା ଉଚିତ ।
୪) ପ୍ରସ୍ତାବଗୁଡ଼ିକ ଟେଣ୍ଡର ଡକ୍ୟୁମେଣ୍ଟରେ ଦିଆଯାଇଥିବା ଧାର୍ଯ୍ୟ ଫର୍ମାଟରେ **"ଅନଲାଇନ୍"** ମାଧ୍ୟମରେ **M/s e-procurement Technologies Limited - Auction Tiger**ର ପୋର୍ଟାଲ (ସେବା ପ୍ରଦାନକାରୀଙ୍କ ଠାରୁ ପୋର୍ଟାଲ ପ୍ରାପ୍ତ କରିବାକୁ ହେବ)ରେ ଦାଖଲ କରିବାକୁ ହେବ। ଅନ୍ୟ ମାଧ୍ୟମରେ ଦାଖଲ କରାଯାଇଥିବା ପ୍ରସ୍ତାବଗୁଡ଼ିକ ଗ୍ରହଣ ଯୋଗ୍ୟ ହେବ ନାହିଁ।
୫) ବିଡ୍ ପାଇଁ ଅମାନତ ରାଶି ସହିତ ଅନ୍‌ଲାଇନ୍ ଦରଖାସ୍ତ ଦାଖଲ **ତା.୨୨.୦୬.୨୦୨୫ରିଖ ପୂର୍ବାହ୍ନ ୧୦.୦୦ ଘଟିକା ଠାରୁ ଆରମ୍ଭ ହୋଇ ତା.୨୬.୦୬.୨୦୨୫ରିଖ ଅପରାହ୍ନ ୫.୦୦ ଘଟିକା** ପର୍ଯ୍ୟନ୍ତ ଚାଲୁ ରହିବ।
୬) ଅମାନତ ଜମା (EMD) EFT/NEFT/NEFT ଦ୍ୱାରା **"Authorised Officer, Odisha Grameen Bank, Dhenkanal Region" to the Current Account Number: 050134003002241 of Odisha Grameen Bank, Dhenkanal Branch, At/PO/Dist.: Dhenkanal, PIN-759001, Branch Code: 0501, IFSCode.: IOBA0ROGB01 (5th & 10th digit are Zero)** କୁ ଫଣ୍ଡ ଟ୍ରାନ୍ସଫର ମାଧ୍ୟମରେ ଦାଖଲ କରାଯିବ।
୭) ଅମାନତ ଜମା (EMD) ବିନା ଦାଖଲ କରାଯାଇଥିବା ବିଡ୍ / ପ୍ରସ୍ତାବଗୁଡ଼ିକୁ ନାକଚ କରାଯିବ।
୮) ନିଲାମଧାରୀମାନେ **ତା.୨୧.୦୬.୨୦୨୫ରିଖରୁ ତା.୨୬.୦୬.୨୦୨୫ରିଖ ମଧ୍ୟାହ୍ନ ୧୨.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା** (ବ୍ୟାଙ୍କ ଛୁଟି ଦିନ ଗୁଡ଼ିକ ବ୍ୟତିତ) ମଧ୍ୟରେ କ୍ଷମତାପ୍ରାପ୍ତ ଅଧିକାରୀଙ୍କଠାରୁ ପୂର୍ବରୁ ଅନୁମତି ନେଇ ସମ୍ପତ୍ତିଗୁଡ଼ିକୁ ତନଖି କରିପାରିବେ।
୯) ନିଲାମଧାରୀମାନେ ବୈଧ ଆଇଡ଼ି ଏବଂ ପାସୱାର୍ଡ **M/s. e-Procrurement Technologies Limited, Ahmedabad**ଙ୍କ ଠାରୁ ଇମେଲ ମାଧ୍ୟମରେ ପାଇପାରିବେ। ଯୋଗାଯୋଗ କରନ୍ତୁ: **Mr. Ram Sharma- 8000023297, Mr. Prabin- 9722778828, Email ID: orissa@auctiontiger.net & support@auctiontiger.net** (ଆମର ଅକ୍ସନ ଟାଇଗର ମୋବାଇଲ ଆପ୍ଲିକେସନ ମାଧ୍ୟମରେ ଯୋଗ୍ୟ ନିଲାମଧାରୀ ନିଲାମ ପ୍ରକ୍ରିୟା ଏବଂ ବିକ୍ରୟ ସବିଶେଷ ଦେଖିପାରିବେ।)
୧୦) ବିଡ୍‌ଫର୍ମର ଏକ ନକଲ ସହିତ ଅନଲାଇନରେ ଦାଖଲ ସଂଯୁକ୍ତ କାଗଜାତ୍ (UTR ନଂ. ଦର୍ଶାଇବେ) **କ୍ଷମତାପ୍ରାପ୍ତ ଅଧିକାରୀ, ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ, ଆଞ୍ଚଳିକ କାର୍ଯ୍ୟାଳୟ, ଢେଙ୍କାନାଳ, ସା/ପୋ/ଜିଲ୍ଲା: ଢେଙ୍କାନାଳ, ପିନ୍-୭୫୯୦୦୧** ଠାରେ ଦାଖଲ କରିବେ କିମ୍ବା ସେଗୁଡ଼ିକର ସଫ୍ଟ କପି: **rodhenkanal@odishabank.in** କୁ ଇ-ମେଲ କରିବେ।
୧୧) ସଂରକ୍ଷିତ ମୂଲ୍ୟଠାରୁ ଦାଖଲ କରିବାକୁ ଥିବା ପ୍ରସ୍ତାବର ମୂଲ୍ୟ ସମାନ / ଅଧିକ ହେବା ଉଚିତ୍ ଏବଂ ନିଲାମଧାରୀମାନେ ସେମାନଙ୍କର ପରବର୍ତ୍ତି ବର୍ଦ୍ଧିତ ପ୍ରସ୍ତାବ **ଟ.୨୫,୦୦୦/- (ପଚିଶି ହଜାର ଟଙ୍କା ମାତ୍ର) (କ୍ର. ନଂ. ୧(ଖ) ଏବଂ ୧(ଗ)ରେ ଦର୍ଶିତ ସମ୍ପତ୍ତି ନିମନ୍ତେ)**ର ଗୁଣିତକ ହେବା ଉଚିତ ଏବଂ **ଟ.୫୦,୦୦୦/- (ପଚାଶ ହଜାର ଟଙ୍କା ମାତ୍ର) (କ୍ର. ନଂ. ୧(କ) ଏବଂ ୧(ଘ)ରେ ଦର୍ଶିତ ସମ୍ପତ୍ତି ନିମନ୍ତେ)**ର ଗୁଣିତକ ହେବା ଉଚିତ।
୧୨) ସମ୍ପତ୍ତି ସର୍ବୋଚ୍ଚ ନିଲାମ ଡାକି ଥିବା ନିଲାମଧାରୀଙ୍କୁ ବିକ୍ରୟ କରାଯିବ। ସଫଳ ନିଲାମଧାରୀମାନେ ନିଲାମ ରାଶିର ୨୫% (ପୈଠ ହୋଇଥିବା ଅମାନତ ରାଶି ବିଯୁକ୍ତ କରି) ସମ୍ପତ୍ତି ବିକ୍ରୟ ଦିନ ଇ-ନିଲାମ ପ୍ରକ୍ରିୟା ସମାପ୍ତ ହେବା ସଙ୍ଗେ ସଙ୍ଗେ ଦାଖଲ କରିବେ ଏବଂ ବିକ୍ରୟ ମୂଲ୍ୟର ଅବଶିଷ୍ଟ ୭୫% ବିକ୍ରୟ ଚୂଡ଼ାନ୍ତ ହେବାର ୧୫ ଦିନ ମଧ୍ୟରେ ଦାଖଲ କରିବେ। ସଫଳ ନିଲାମଧାରୀ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଦେୟ ପ୍ରଦାନ କରିବାରେ ବିଫଳ ହେଲେ ତାଙ୍କ ଦ୍ୱାରା ଜମା କରାଯାଇଥିବା ବିକ୍ରୟ ମୂଲ୍ୟର ୨୫% ଅର୍ଥରାଶି ବାଜ୍ୟାପ୍ତି କରାଯାଇ ସମ୍ପତ୍ତିକୁ ପୁନଃ ନିଲାମ କରାଯିବ ଏବଂ ବିଫଳ କ୍ରେତାଙ୍କର ସମ୍ପତ୍ତି ସମ୍ବନ୍ଧୀୟ କୌଣସି ଦାବୀ / ଅଧିକାର ରହିବ ନାହିଁ।
୧୩) ସମ୍ପୂର୍ଣ୍ଣ ବିକ୍ରୟ ମୂଲ୍ୟ ଏବଂ ଅନ୍ୟାନ୍ୟ ଦେୟ ଯଦି କିଛି ଥାଏ ତାହା ଜମା କରିବା ପରେ ହିଁ ବିକ୍ରୟ ପ୍ରମାଣପତ୍ର କେବଳ କ୍ରେତାଙ୍କ ନାମରେ ପ୍ରଦାନ କରାଯିବ।
୧୪) ଆଇନ ଅନୁଯାୟୀ ପ୍ରଯୁଜ୍ୟ ଚାର୍ଜ / ଫି ଯଥା ରେଜିଷ୍ଟ୍ରେସନ୍ ଫି, ଷ୍ଟାମ୍ପ ଡ୍ୟୁଟି, ଇନକମ୍ ଟ୍ୟାକ୍ସ ଇତ୍ୟାଦି କ୍ରେତା ବହନ କରିବେ। ଚୂଡ଼ାନ୍ତ ହୋଇଥିବା ନିଲାମ ରାଶି ଉପରେ ଟିଡିଏସ୍ ସଫଳ କ୍ରେତା ବହନ କରିବେ। ଯେଉଁ ସମ୍ପତ୍ତିର ସଂରକ୍ଷିତ ମୂଲ୍ୟ ଟ.୫୦,୦୦,୦୦୦/- କିମ୍ବା ତା ଠାରୁ ଅଧିକ ଥିବ ସେ କ୍ଷେତ୍ରରେ ଆୟକର ଆଇନ ୧୯୬୧ ଧାରା ୧୯୪ ଆଇ.ଏ. ଅନୁସାରେ ସଂରକ୍ଷିତ ମୂଲ୍ୟର ୧% ଆୟକର କାଟିଦିଆଯିବ ଏବଂ ତାହା କ୍ରେତାଙ୍କ ପ୍ୟାନ୍ ନମ୍ବରରେ ଜମା କରାଯିବ। ଯେହେତୁ ସଂରକ୍ଷିତ ମୂଲ୍ୟ ଉପରେ ଟ୍ୟାକ୍ସ ଗଣନା କରାଯାଇଛି, ତେଣୁ ନିଲାମଧାରୀ ବିଡ୍‌ର ଗୁଣିତକ ରାଶି ଉପରେ ୧% ଆୟକର ପରିମାଣ ବହନ କରିବେ ଏବଂ ଏଥିରେ ବ୍ୟାଙ୍କ କୌଣସି ଦାୟିତ୍ୱ ନେବନାହିଁ।
୧୫) ସମ୍ପତ୍ତି **"ଯେଉଁଠାରେ ଯେପରି ଅଛି ଭିତ୍ତିରେ" ଏବଂ "ଯାହା ଯେପରି ଅଛି ଭିତ୍ତିରେ/ଅବସ୍ଥାରେ"** ବିକ୍ରୟ କରାଯିବ। କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଜ୍ଞାତସାରରେ ଏବଂ ସୂଚନା ଅନୁଯାୟୀ ସମ୍ପତ୍ତି ଉପରେ କୌଣସି ଏନ୍‌କମ୍ବ୍ରାନ୍ସେସ୍, ଲିଏନ ଚାର୍ଜ, ବୈଧାନିକ ଦେୟ ଇତ୍ୟାଦି ନାହିଁ। ଇଚ୍ଛୁକ ନିଲାମଧାରୀମାନେ ନିଲାମରେ ଅଂଶଗ୍ରହଣ କରିବା ପୂର୍ବରୁ ନିଲାମ ପାଇଁ ଉଦ୍ଦିଷ୍ଟ ସମ୍ପତ୍ତି ଏବଂ ଏହାଦ୍ୱାରା ପ୍ରଭାବିତ ହେବାକୁ ଥିବା ସମସ୍ତ ଦାବି / ଅଧିକାର / ଦେୟକୁ ବ୍ୟକ୍ତିଗତ ଭାବେ ସମ୍ପୃକ୍ତ ଏସ୍‌ଆରଓ ଏବଂ ରେଭିନ୍ୟୁ ରେକର୍ଡରୁ ସମ୍ପତ୍ତି ମାଲିକାନା, ପ୍ରକାର, ବିବରଣୀ, ସର୍ତ୍ତ, ଏନ୍‌କମ୍ବ୍ରାନ୍ସେସ୍, ଲିଏନ, ଦେୟ, ବୈଧାନିକ ଦେୟ ଇତ୍ୟାଦି ଯାଞ୍ଚ କରିନେବା ଉଚିତ। ଏହି ଇ-ନିଲାମ ବିଜ୍ଞାପନକୁ ବ୍ୟାଙ୍କ ତରଫରୁ କୌଣସି ପ୍ରତିଶ୍ରୁତି କିମ୍ବା ପ୍ରତିନିଧିତ୍ୱ ଆକାରରେ ବିବେଚନା ନକରିବାକୁ ଅନୁରୋଧ। ବ୍ୟାଙ୍କର ଜ୍ଞାତ କିମ୍ବା ଅଜ୍ଞାତରେ ସମ୍ପତ୍ତିଗୁଡ଼ିକରେ ଥିବା ବର୍ତ୍ତମାନ ଏବଂ ଭବିଷ୍ୟତର ସମସ୍ତ ଏନ୍‌କମ୍ବ୍ରାନ୍ସ ସହିତ ବିକ୍ରୟ କରାଯାଉଅଛି। କ୍ଷମତାପ୍ରାପ୍ତ ଅଧିକାରୀ / ସୁରକ୍ଷିତ ଋଣଦାତା କୌଣସି ତୃତୀୟ ପକ୍ଷଙ୍କ ଦାବି / ଅଧିକାର / ଦେୟ ପାଇଁ କୌଣସି ପ୍ରକାରରେ ଦାୟୀ ରହିବେ ନାହିଁ। ସମ୍ପତ୍ତିର ବକେୟା ଖଜଣା, ବୈଦ୍ୟୁତିକ ଦେୟ ଏବଂ ଜଳ କର ଇତ୍ୟାଦି ଯଦି କିଛି ଥାଏ, ତେବେ ତାହା କ୍ରେତା ବହନ କରିବେ।
୧୬) ଇ-ନିଲାମ ବିଜ୍ଞାପନଟି ବ୍ୟାଙ୍କ ପକ୍ଷରୁ କୌଣସି ପ୍ରତିନିଧିତ୍ୱ କିମ୍ବା କୌଣସି ପ୍ରତିଶ୍ରୁତି ବହନ କରୁଛି ବୋଲି ବିଚାର କରାଯିବ ନାହିଁ। **କ୍ଷମତାପ୍ରାପ୍ତ ଅଧିକାରୀ/ସୁରକ୍ଷିତ ଋଣଦାତା କୌଣସି ତୃତୀୟ ପକ୍ଷର ଦାବି/ଅଧିକାର/ଦେୟ ନିମନ୍ତେ ଦାୟୀ ରହିବେ ନାହିଁ।**
୧୭) ବିକ୍ରୟ ସୁରକ୍ଷିତ ଋଣଦାତାଙ୍କ ଦ୍ୱାରା ଅନୁମୋଦନ ସାପେକ୍ଷ। ଯଦି ଋଣଗ୍ରହୀତା / ଜାମିନ୍‌ଦାରମାନେ ବିକ୍ରୟ ପୂର୍ବରୁ ସମସ୍ତ ଦେୟ ପୈଠ କରନ୍ତି ତେବେ ସମ୍ପତ୍ତି ବିକ୍ରୟ କରାଯିବ ନାହିଁ।
୧୮) ଅସଫଳ ନିଲାମଧାରୀଙ୍କ ଅମାନତ ଜମା ରାଶି ସେମାନଙ୍କ ଦ୍ୱାରା ପ୍ରସ୍ତାବରେ ଦିଆଯାଇଥିବା ବ୍ୟାଙ୍କ ଆକାଉଣ୍ଟରେ EFT/NEFT/RTGS ମାଧ୍ୟମରେ ବିନା ସୁଧରେ ଫେରସ୍ତ କରାଯିବ ଏବଂ ସେମାନଙ୍କୁ ପ୍ରଦତ୍ତ ଇମେଲ ଆଇଡ଼ିରେ ଜଣାଇଦିଆଯିବ।
୧୯) କ୍ଷମତାପ୍ରାପ୍ତ ଅଧିକାରୀଙ୍କ ନିୟନ୍ତ୍ରଣ ବାହାରେ କୌଣସି ବୈଷୟିକ କାରଣ ଯୋଗୁ ଯଦି ନିଲାମ ସମ୍ପନ୍ନ ହୋଇନପାରେ ତେବେ ପୂର୍ବରୁ ନୋଟିସ୍ ଦେଇ ନିଲାମ ପୁନଃ ସ୍ଥିର କରାଯିବ।
୨୦) ଇଚ୍ଛୁକ ନିଲାମଧାରୀମାନେ ସେମାନଙ୍କର ପ୍ରସ୍ତାବ ଦାଖଲ ପୂର୍ବରୁ ଇ-ନିଲାମର ସବିଶେଷ ବିବରଣୀ ବ୍ୟାଙ୍କ ୱେବସାଇଟ୍: **www.odishabank.in** / ସେବା ପ୍ରଦାନକାରୀଙ୍କ ୱେବସାଇଟ୍: **https://sarfaesi.auctiontiger.net** ଦେଖିପାରିବେ।
୨୧) ଉପରଦର୍ଶିତ ସମସ୍ତ ସମ୍ପତ୍ତିଗୁଡ଼ିକ ବ୍ୟାଙ୍କର ସାଙ୍କେତିକ ଦଖଲରେ ଅଛି ଏବଂ ବ୍ୟାଙ୍କ ଉକ୍ତ ସମ୍ପତ୍ତିଗୁଡ଼ିକ ଭୌତିକ ଦଖଲ ନେଲା ପରେ ସଫଳ କ୍ରେତାଙ୍କୁ ହସ୍ତାନ୍ତର କରିବ।
୨୨) **ଏହି ଇ-ନିଲାମ ବିକ୍ରୟ ନୋଟିସ୍‌ର ପ୍ରକାଶନ ମଧ୍ୟ ଋଣଗ୍ରହୀତା ଓ ଜାମିନ୍‌ଦାରମାନଙ୍କୁ ୧୫ ଦିନିଆ ବୈଧାନିକ ନୋଟିସ୍ ଅଟେ, ଯାହା ମଧ୍ୟ ସର୍ବସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ।**
୨୩) ନିମ୍ନ ସ୍ୱାକ୍ଷରକାରୀ କୌଣସି ପୂର୍ବ ନୋଟିସ୍ ନଦେଇ ଏବଂ କୌଣସି କାରଣ ନଦର୍ଶାଇ କୌଣସି ପ୍ରସ୍ତାବକୁ ଗ୍ରହଣ କିମ୍ବା ପ୍ରତ୍ୟାଖ୍ୟାନ କିମ୍ବା ବିକ୍ରୟକୁ ଘୁଞ୍ଚାଇଦେବା / ସ୍ଥଗିତ ରଖିବା / ବାତିଲ କରିବା କିମ୍ବା ବିକ୍ରୟ ନିୟମାବଳୀକୁ ପରିବର୍ତ୍ତନ କରିବାର ସମ୍ପୂର୍ଣ୍ଣ କ୍ଷମତା ସଂରକ୍ଷିତ ରଖିଛନ୍ତି।
୨୪) ଯଦି ଡିଆରଟି/ଡିଆରଏଟି/ହାଇକୋର୍ଟ କିମ୍ବା ଅନ୍ୟ କୌଣସି କୋର୍ଟ ଦ୍ୱାରା ପରବର୍ତ୍ତୀ ପ୍ରକ୍ରିୟାକୁ ସ୍ଥଗିତ କରାଯାଏ, ତେବେ ନିଲାମ ସ୍ଥଗିତ କିମ୍ବା ବାତିଲ ହୋଇପାରେ ଏବଂ ଏପରି କ୍ଷେତ୍ରରେ ନିଲାମରେ ଅଂଶଗ୍ରହଣ କରୁଥିବା ବ୍ୟକ୍ତିଙ୍କୁ ପରାମର୍ଶ ଦିଆଯାଉଅଛିକି ସେମାନେ କୌଣସି ସୁଧ, କ୍ଷତିପୂରଣ କିମ୍ବା ଖର୍ଚ୍ଚ ଦାବି କରିପାରିବେ ନାହିଁ।
୨୫) ୨୦୧୬ର ସଂଶୋଧିତ ସରଫେଶୀ ଆକ୍ଟର ଧାରା ୧୩(୮) ଅନୁଯାୟୀ ବିକ୍ରୟ ପ୍ରମାଣପତ୍ର ପ୍ରଦାନ କରାଯିବା ପୂର୍ବରୁ ଯେକୌଣସି ମୁହୂର୍ତ୍ତରେ ବିକ୍ରୟ ପ୍ରକ୍ରିୟାକୁ ପରିବର୍ତ୍ତନ କିମ୍ବା ସ୍ଥଗିତ ରଖିବାର ସମ୍ପୂର୍ଣ୍ଣ ଅଧିକାର ବ୍ୟାଙ୍କ ସଂରକ୍ଷିତ ରଖିଛନ୍ତି। ଯଦି ବ୍ୟାଙ୍କ ପକ୍ଷରୁ କୌଣସି ମୁହୂର୍ତ୍ତରେ ବିକ୍ରୟ ପ୍ରକ୍ରିୟାକୁ ସ୍ଥଗିତ କରାଯାଏ ତେବେ ନିଲାମଧାରୀ କିମ୍ବା କ୍ରେତାଙ୍କ ଠାରୁ ଗ୍ରହଣ କରାଯାଇଥିବା ଅର୍ଥ ରାଶି ଉପରେ କୌଣସି ସୁଧ କିମ୍ବା ଏଥି ନିମିତ୍ତ କ୍ଷତି, ଦେୟ / ଖର୍ଚ୍ଚ ଇତ୍ୟାଦି ଦିଆଯିବ ନାହିଁ।
୨୬) ସମ୍ପତ୍ତି ତନଖି / ଇ-ନିଲାମ ସମ୍ବନ୍ଧୀୟ ପରବର୍ତ୍ତି ସବିଶେଷ ବିବରଣୀ ନିମନ୍ତେ ଇଚ୍ଛୁକ ନିଲାମଧାରୀମାନେ ଯୋଗାଯୋଗ କରନ୍ତୁ: **କ୍ଷମତାପ୍ରାପ୍ତ ଅଧିକାରୀ, ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ, ଆଞ୍ଚଳିକ କାର୍ଯ୍ୟାଳୟ, ସା/ପୋ/ଜିଲ୍ଲା: ଢେଙ୍କାନାଳ, ପିନ୍-୭୫୯୦୦୧, ମୋ.: ୯୭୭୬୬୪୫୪୯୭** କିମ୍ବା ବ୍ୟାଙ୍କର ଅନୁମୋଦିତ ସେବାପ୍ରଦାନକାରୀ **M/s e-Procurement Technologies Limited-Auction Tiger, B-704, Wall Street-II, Opp. Orient Club, Near Gujarat College, Ellis Bridge, Ahmedabad-380006, Gujarat (India), e-mail: orissa@auctiontiger.net, Contact Person- Mr. Ram Sharma- 8000023297, Mr. Prabin- 9722778828.**

ସ୍ଥାନ: ଢେଙ୍କାନାଳ, ତାରିଖ: ୧୩.୦୬.୨୦୨୫
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ମହିଳାଙ୍କ ସମେତ ୮ ଗିରଫ

## ବନ କର୍ମଚାରୀଙ୍କୁ ଆକ୍ରମଣ ଘଟଣା

ବଡ଼ବିଲ,୧୫।୬ (ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ରୁଗୁଡ଼ି ଥାନା କେନ୍ଦୁଡିହିରେ ବନ କର୍ମଚାରୀଙ୍କୁ ଆକ୍ରମଣ ଘଟଣାରେ ପୋଲିସ ରବିବାର ଜଣେ ମହିଳାଙ୍କ ସମେତ ୮ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କେନ୍ଦୁଡିହିର ବନବାସୀ ସେଠୀ, ଶ୍ରବଣ ମହାକୁଡ଼, ପୁରେନ୍ଦ୍ର ମହାକୁଡ଼, ଦେବ ମହାକୁଡ଼, ଭାସ୍କର ନାଏକ, ସୁରେନ୍ଦ୍ର ମହାକୁଡ଼, ମୁନା ମହାକୁଡ଼ ଓ ସାଗର ସେଠୀ।

ସୂଚନା ଅନୁଯାୟୀ, ବଡ଼ବିଲ ବନାଞ୍ଚଳ କେନ୍ଦୁଡିହି ଗ୍ରାମ ନିକଟ ଜଙ୍ଗଲକୁ ଶୁକ୍ରବାର ପୂର୍ବାହ୍ନରେ ଜାଳେଣି କାଠ ସଂଗ୍ରହ ପାଇଁ ଯାଇଥିବା ରୀନା ମୁଣ୍ଡା ଓ ସନ୍ତୋଷ ମୁଣ୍ଡାଙ୍କ ହାତୀ ଆକ୍ରମଣରେ ମୃତ୍ୟୁ ଘଟିଥିଲା। ଘଟଣା ସମ୍ପର୍କରେ ଗ୍ରାମବାସୀ ବନ ବିଭାଗକୁ ସୂଚନା ଦେଇଥିଲେ। ବନ କର୍ମଚାରୀ ଆସିବାରେ ବିଳମ୍ବକୁ ନେଇ ଗ୍ରାମବାସୀ ଉତ୍ତ୍ୟକ୍ତ ହୋଇ କର୍ମଚାରୀଙ୍କୁ ଆକ୍ରମଣ କରିଥିଲେ। ଆକ୍ରମଣରେ ବଡ଼ବିଲ ବନାଞ୍ଚଳ ଅଧିକାରୀ ସଞ୍ଜୀବ କୁମାର ରାଉତ, ଗୁଆଲି ଫରେଷ୍ଟର ଶରତ କୁମାର ପଟ୍ଟନାୟକ, ଫରେଷ୍ଟ ଗାର୍ଡମାନେ ଆହତ ହୋଇଥିଲେ। ପୋଲିସ ବନ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ଆକ୍ରମଣକାରୀଙ୍କ କବଳରୁ ଉଦ୍ଧାର କରିଥିଲା। ଘଟଣାକୁ ନେଇ ଶନିବାର ଅପରାହ୍ନରେ କର୍ତ୍ତବ୍ୟରତ ସରକାରୀ କର୍ମଚାରୀଙ୍କୁ ଆକ୍ରମଣ ଓ କାର୍ଯ୍ୟରେ ବାଧା ଦେବା ଅଭିଯୋଗ ନେଇ ବଡ଼ବିଲ ବନାଞ୍ଚଳ ଅଧିକାରୀ ରାଉତ ରୁଗୁଡି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା(ନଂ.୬୯/୨୦୨୫)ରୁଜୁ କରି ତଦନ୍ତ ଜାରି ରଖିଥିଲା। ଏଥିସହ ଶନିବାର କେନ୍ଦୁଝର ଡିଭିଜନ, ଓଡ଼ିଶା ଅଣ ଗେଜେଟେଡ୍ ବନ ସେବା ସଂଘ କେନ୍ଦୁଝର ଜିଲା ମୁଖ୍ୟାଳୟରେ ପ୍ରତିବାଦ କରିବା ସହ ୪୮ ଘଣ୍ଟା ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ ଦାବି କରି ପ୍ରତିବାଦ କରିଥିଲା। ରୁଗୁଡି ପୋଲିସ ରବିବାର ଘଟଣାରେ ସମ୍ପୃକ୍ତ ଜଣେ ମହିଳାଙ୍କ ସମେତ ୮ଜଣଙ୍କୁ ଗିରଫ କରିଛି। ଘଟଣାରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ କହିଛି।


ବନ କର୍ମଚାରୀଙ୍କୁ ଆକ୍ରମଣ ଘଟଣାରେ ଗିରଫ ୮ ଅଭିଯୁକ୍ତ।

# ଯୁବକଙ୍କୁ ମାରି ପୋଖରୀରେ ଫିଙ୍ଗିଦେଲେ


ସ୍ଥାନୀୟ ଲୋକେ ପୋଲିସକୁ ଠେଲାପେଲା କରୁଛନ୍ତି।

- ହତ୍ୟା ଅଭିଯୋଗରେ ୬ ଅଟକ
- ପୋଲିସକୁ ଗୋଡ଼ାଇ ପିଟିଲେ ମହିଳା

କେନ୍ଦୁଝର/ପାଟଣା,୧୫।୬ (ନରେଶ ଚନ୍ଦ୍ର ପଟ୍ଟନାୟକ/ବୀର କିଶୋର ଦାଶ)

ଜଣେ ଯୁବକଙ୍କୁ କେତେଜଣ ବ୍ୟକ୍ତି ହତ୍ୟା କରି କେନ୍ଦୁଝର ଜିଲା ତୁରୁମୁଙ୍ଗା ଥାନା ଖିରେଇଟାଙ୍ଗିରି ପଞ୍ଚାୟତ ଡଳଙ୍ଗ ଗ୍ରାମ ମୁଣ୍ଡା ସାହି ପୋଖରୀରେ ଫିଙ୍ଗିଦେଇଛନ୍ତି। ମୃତକ ହେଲେ ପାଟଣା ବ୍ଲକ୍ କଣ୍ଟିଆପଡ଼ା ବେହେରା ସାହିର ରୟା ବେହେରା(୫୦)। ସେ ଜିଲା ମୁଖ୍ୟ ଡାକ୍ତରଖାନାରେ ଡ୍ରେସ୍‌ର ଭାବରେ କାମ କରୁଥିଲେ। ପରିବାର ଲୋକଙ୍କ ଅଭିଯୋଗରେ ପୋଲିସ ୬ ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ବେଆଇନ ମଦ ବ୍ୟବସାୟୀଙ୍କୁ ପ୍ରୋତ୍ସାହନ ଅଭିଯୋଗ କରି ସ୍ଥାନୀୟ ମହିଳା ପୋଲିସ କର୍ମଚାରୀଙ୍କୁ ମାଡ଼ ମାରିଥିଲେ। ଘଟଣାକୁ ନେଇ ଗ୍ରାମରେ ଉତ୍ତେଜନା ପରିସ୍ଥିତି ଉପୁଜିଥିବା ବେଳେ ଏକ ପ୍ଲାଟୁନ ଫୋର୍ସ ମୁତୟନ ହୋଇଛନ୍ତି। ମୃତକଙ୍କ ପୁଅ ମନୋରଞ୍ଜନ ବେହେରାଙ୍କ ଅଭିଯୋଗ ମୁତାବକ, ରୟା ଶନିବାର ରାତିରେ ମଦ୍ୟପାନ କରିବାକୁ ଯାଇଥିଲେ। କୌଣସି କାରଣକୁ ନେଇ ବେଆଇନ ମଦ ବ୍ୟବସାୟ କରୁଥିବା ଲୋକଙ୍କ ସହ ତାଙ୍କର ବଚସା ହୋଇଥିଲା। ମଦ ବ୍ୟବସାୟୀ ପିଟି ହତ୍ୟା କରି ପାଖ ପୋଖରୀରେ ଫିଙ୍ଗିଦେଇଥିଲେ। ରବିବାର ସ୍ଥାନୀୟ ଲୋକେ ମଦ ଦୋକାନ ପାଖ ପୋଖରୀରେ ମୃତଦେହ ପଡ଼ିଥିବା ଦେଖିଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ପୋଖରୀରେ ବୁଡ଼ି ମୃତ୍ୟୁ ଘଟିଥିବା କହିଥିଲା। ପୋଲିସ ବେଆଇନ ମଦ ବ୍ୟବସାୟୀଙ୍କୁ ପରୋକ୍ଷରେ ସୁରକ୍ଷା ଦେଉଥିବା ଅଭିଯୋଗ କରି ମହିଳାମାନେ ପୋଲିସ କର୍ମଚାରୀଙ୍କୁ ଗୋଡ଼ାଇ ମାଡ଼ ମାରିଥିଲେ। ଅଞ୍ଚଳରେ ବେଆଇନ ମଦ କାରବାରକୁ କେତେଜଣ ପୋଲିସ ଅଧିକାରୀ ପ୍ରୋତ୍ସାହନ ଦେଇ ଆସୁଥିବା ମହିଳାମାନେ ଅଭିଯୋଗ କରିଛନ୍ତି। ବାରମ୍ବାର ଅଭିଯୋଗ ହେଉଥିଲେ ହେଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ଏଭଳି ହତ୍ୟାକାଣ୍ଡ ଘଟିଥିବା ମହାବୀର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଭାପତି ମାଳତୀ ଦେହୁରୀ ଅଭିଯୋଗ କରିଛନ୍ତି। ତୁରୁମୁଙ୍ଗା ଥାନା ଅଧିକାରୀ ଦୀପ୍ତିରଞ୍ଜନ ସାହୁ କହିଛନ୍ତି, ଏନେଇ ଏକ ମାମଲା(ନଂ.୧୨୯/୨୫)ରୁଜୁ ହୋଇଛି। ୬ ଜଣଙ୍କୁ ଅଟକ ରଖି ପଚରାଉଚୁରା କରାଯାଉଛି। ମୃତଦେହ ବ୍ୟବଚ୍ଛେଦ ପରେ କାରଣ ଜଣାପଡ଼ିବ। ଗ୍ରାମବାସୀଙ୍କ ଅଭିଯୋଗର ତଦନ୍ତ ପରେ ପଦକ୍ଷେପ ନିଆଯିବ।

# ଡେମୋ ଦେଖାଇଲେ ହତ୍ୟା ଅଭିଯୁକ୍ତ

## ପହିଲି ରଜରେ ସାଙ୍ଗଙ୍କୁ ଛୁରି ଭୁସି ହତ୍ୟା ଘଟଣା

ଗଣିଆ,୧୫।୬(ସନ୍ତୋଷ କୁମାର ପ୍ରଧାନ)

ଶନିବାର ପହିଲି ରଜରେ ନୟାଗଡ଼ ଜିଲା ଗଣିଆ ବ୍ଲକ୍ କିଶୋରପ୍ରସାଦ ପଞ୍ଚାୟତ ପାଣ୍ଡରାସିଂହା ଗ୍ରାମରେ ଜଣେ ଯୁବକ ନିଜ ସାଙ୍ଗକୁ ଛୁରିଭୁସି ହତ୍ୟା କରିଥିଲେ। ରବିବାର ଅଭିଯୁକ୍ତ ଗଙ୍ଗାଧର ରାଉତ ନିଜ ସାଙ୍ଗ ପୁରୁଷୋତ୍ତମ ପ୍ରଧାନଙ୍କୁ କେଉଁଭଳି ହତ୍ୟା କଲେ ତା'ର ସିନ ରିକ୍ରଏଟ୍ କରି ଦେଖାଇଛନ୍ତି। ପୋଲିସ ଉପସ୍ଥିତିରେ ଗଙ୍ଗାଧର କହିଛନ୍ତି, ପ୍ରଥମେ ସେମାନେ ଦୁହେଁ ମଦ ପିଇଥିଲୁ। ଏହାପରେ ଦୁହିଁଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ଗଙ୍ଗାଧର ରାଗିଯାଇ ପୁରୁଷୋତ୍ତମଙ୍କୁ ଏକ ଛୁରିରେ ଆକ୍ରମଣ କରିଥିଲେ। ପୁରୁଷୋତ୍ତମ ଗୁରୁତର ହୋଇପଡିବାରୁ ଗଙ୍ଗାଧର ନିଜ ଘରେ ଲୁଚି ରହିଥିଲେ। ଅଭିଯୁକ୍ତଙ୍କ ପୁତୁରା ସେହି ଛୁରିକୁ ତାଙ୍କ ବାସନମଜା ସ୍ଥାନକୁ ଫିଙ୍ଗି ଦେଇଥିଲେ। ପରେ ଅଭିଯୁକ୍ତଙ୍କ ନାବଳକ ପୁଅ ୟୁଟ୍ୟୁବରୁ ଛୁରି ମାରି ହତ୍ୟା କଲେ କ'ଣ ସଜା ମିଳିବ ବୋଲି ମୋବାଇଲରୁ ଦେଖିବା ପରେ ବାପାଙ୍କୁ ରକ୍ଷା କରିବାକୁ ଯାଇ ଛୁରିକୁ ନେଇ ଗାଁଠାରୁ ୫୦୦ମିଟର ଦୂରରେ ଥିବା ମନ୍ଦିର ନିକଟ କୂଅରେ ପକାଇ ଦେଇଥିଲେ। ଏହି ଘଟଣାରେ ଅଭିଯୁକ୍ତଙ୍କ ପୁତୁରା, ପୁଅ ଓ ଭାଉଜଙ୍କୁ ଗଣିଆ ଥାନାକୁ ଆଣି ଅଧିକ ପଚରାଉଚୁରା ଜାରି ରଖାଯାଇଥିବା ଗଣିଆ ଥାନା ଅଧିକାରୀ ଲକ୍ଷ୍ମଣ ଦଣ୍ଡସେନା କହିଛନ୍ତି। ଘଟଣାସ୍ଥଳରେ ଗଣିଆ ତହସିଲଦାର ପ୍ରୀତିବାଳା ରଣା, ଥାନା ଅଧିକାରୀ ଲକ୍ଷ୍ମଣ ଦଣ୍ଡସେନା, ଏସ୍‌ଆଇ ଶ୍ୟାମସୁନ୍ଦର ପ୍ରଧାନ, ଏଏସ୍‌ଆଇ ମନୋରଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଗଣିଆ ଅଗ୍ନିଶମ ଅଧିକାରୀ ବିଜୟାନନ୍ଦ ପରି ଓ ବିଶ୍ୱରଞ୍ଜନ ବଳିଆରସିଂଙ୍କ ତତ୍ତ୍ୱାବଧାନରେ ମନ୍ଦିର ନିକଟ କୂଅରୁ ପାଣି ଖାଲି କରାଯାଇଥିଲା। ପରେ ଅଗ୍ନିଶମ ବିଭାଗର ଜଣେ କର୍ମଚାରୀ ଭିତରେ ପଶି ବହୁ ଖୋଜାଖୋଜି କରିବା ପରେ ହଳଦିଆ ବେଣ୍ଟ ଥାଇ ଏକ ଛୁରିକୁ ଉଦ୍ଧାର କରାଯାଇଥିଲା। ଏପରି କି ଅଭିଯୁକ୍ତ କେମିତି ପୁରୁଷୋତ୍ତମଙ୍କୁ ହତ୍ୟା କଲେ ତାର ଡେମୋ ଦେଖାଇଥିଲେ। ପୁରୁଷୋତ୍ତମ ତାଙ୍କ ପରିବାରର ଏକମାତ୍ର ରୋଜଗାରିଆ ପୁଅ ଥିଲେ। ବାପା ନ ଥିବାବେଳେ ବୁଢୀମା'ରୋଜଗାରିଆ ପୁଅକୁ ହରାଇ କେମିତି ବଞ୍ଚିବେ ବୋଲି କୋହଭରାକଣ୍ଠରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ କହିଛନ୍ତି। ଏପରି ଅଭିଯୁକ୍ତଙ୍କୁ କଠୋର ଦଣ୍ଡ ଦେବା ପାଇଁ ସେ ଦାବି କରିଛନ୍ତି ।

# ବନ୍ଧୁକ ଦେଖାଇ ୨ ଲକ୍ଷ ନେଇଗଲେ

କେନ୍ଦୁଝର,୧୫।୬(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ବାରିଆ ଥାନା ଅନ୍ତର୍ଗତ ସିଲିପୁଞ୍ଜି-ଭୋଦପାଶି ରାସ୍ତାର ଧାତିକା ଜଙ୍ଗଲ ନିକଟରେ ରବିବାର ଅପରାହ୍ନ ୨ଟାରେ ଦୁର୍ବୃତ୍ତ ବନ୍ଧୁକ ଦେଖାଇ ଲୁଟ୍ କରିଛନ୍ତି। ଜଣେ ଲୋକଙ୍କୁ ଭୟଭୀତ କରି ତାଙ୍କଠାରୁ ବଳଦ ବିକ୍ରି ଟଙ୍କା ନେଇଯାଇଛନ୍ତି। ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁଯାୟୀ, କେନ୍ଦୁଆ ଗ୍ରାମର ଯୁଧିଷ୍ଠିର ଗିରି ଅଙ୍ଗାରପଦା ହାଟରେ ନିଜ ବଳଦ ବିକି ଟଙ୍କା ଧରି କାରରେ ଫେରୁଥିଲେ। ଅପରାହ୍ନ ସମୟରେ ୩ ଦୁର୍ବୃତ୍ତ ବାଇକରେ ପିଛା କରି ଜଙ୍ଗଲ ରାସ୍ତାରେ ତାଙ୍କୁ ଅଟକାଇଥିଲେ। ବନ୍ଧୁକ ଦେଖାଇ ଭୟଭୀତ କରି ପାଖରେ ଥିବା ୨ ଲକ୍ଷ ଟଙ୍କା ନେଇଯାଇଥିଲେ। ଖବରପାଇ ବାରିଆ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପୋଲିସ ସମସ୍ତ ଥାନାକୁ ସୂଚନା ଦେବା ସହ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଛି। ସିସିଟିଭି ଫୁଟେଜ ଆଧାରରେ ତଦନ୍ତ ଚଳାଇଛି। ଅଭିଯୋଗକୁ ଭିତ୍ତି କରି ତଦନ୍ତ କରାଯାଉଛି ବୋଲି ବାରିଆ ଥାନା ଅଧିକାରିଣୀ ରଞ୍ଜୁ ହାସିନୀ କୁଲୁ କହିଛନ୍ତି।

# ନାବାଳିକା ଝିଅକୁ ବଳାତ୍କାର ଅଭିଯୋଗ, ଜେଲ ଗଲେ ବାପା

ଦିଗପହଣ୍ଡି,୧୫।୬(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ଦିଗପହଣ୍ଡି ଅଞ୍ଚଳରେ ଏକ ଲଜ୍ଜାଜନକ ଘଟଣା ଘଟିଛି। ନିଜ ନାବାଳିକା ଝିଅ(୧୬)କୁ ବଳାତ୍କାର କରି ରବିବାର ଗିରଫ ହୋଇଛନ୍ତି ବାପା। ତାଙ୍କୁ ଦିଗପହଣ୍ଡି ଥାନା ପୋଲିସ ବ୍ରହ୍ମପୁର ପୋକ୍‌ସୋ କୋର୍ଟକୁ ଚାଲାଣ କରିଛି। ଜାମିନ ଆବେଦନ ଖାରଜ ହୋଇଯିବାରୁ ଅଭିଯୁକ୍ତଙ୍କୁ ବ୍ରହ୍ମପୁର ଜେଲକୁ ପଠାଯାଇଛି। ଅନ୍ୟପଟେ ପୀଡ଼ିତା ଝିଅ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି।

ଦିଗପହଣ୍ଡି ଥାନା ଅଞ୍ଚଳରେ ନାବାଳିକାଙ୍କ ମା' ମଜୁରି ଖଟି ପରିବାର ଚଳାନ୍ତି। ସେ ସବୁଦିନ ସକାଳୁ କାମ କରିବାକୁ ଚାଲିଯାଆନ୍ତି। ଏହାର ସୁଯୋଗରେ ଅଭିଯୁକ୍ତ ଝିଅ ସହ ଏପରି କୁତ୍ସିତ କାର୍ଯ୍ୟ କରୁଥିଲେ। ନାବାଳିକା ଏହାର ପ୍ରତିବାଦ କରୁଥିଲେ ମଧ୍ୟ ସେ ତାଙ୍କୁ ନିସ୍ତୁକ ମାଡ଼ ମାରି ବଳାତ୍କାର କରୁଥିଲେ। ଏଥିରେ ଅତିଷ୍ଠ ହୋଇ ପୀଡ଼ିତା ମାନସିକ ଭାରସାମ୍ୟ ହରାଇ ଗତ ୧୧ ତାରିଖରେ ଆତ୍ମହତ୍ୟା କରିବାକୁ ଏକକାଳୀନ ୧୦ଟି ନିଦ ବଟିକା ଖାଇ ଦେଇଥିଲେ। ତାଙ୍କ ଅବସ୍ଥା ଗୁରୁତର ହୋଇପଡ଼ିବାରୁ ଚିକିତ୍ସା ପାଇଁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରୁ ଚିକିତ୍ସିତ ହୋଇ ଫେରିବା ପରେ ନାବାଳିକାଙ୍କୁ ଗାଁ ନିକଟସ୍ଥ ତାଙ୍କ ଆଈଙ୍କ ଘରେ ରଖାଯାଇଥିଲା। ନାବାଳିକା ଜଣକ ସବୁ କଥା ତାଙ୍କ ମା'ଙ୍କୁ ଜଣାଇଥିଲେ। ଏହାପରେ ପୀଡ଼ିତାଙ୍କ ମା' ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ। ଭାରପ୍ରାପ୍ତ ଆଇଆଇସି ତଥା ଡିଏସ୍‌ପି ପ୍ରଶାନ୍ତ ପାତ୍ର ଏକ ମାମଲା (ନଂ.୨୧୦/୨୫) ରୁଜୁ କରି ଏହାର ତଦନ୍ତ ଦାୟିତ୍ୱ ଏସ୍‌ଆଇ ସୋଫିଆ ମିଶ୍ରଙ୍କୁ ଦେଇଥିଲେ। ଏସ୍‌ଆଇ ମିଶ୍ର ଏହାର ତଦନ୍ତ କରି ଅଭିଯୋଗର ସତ୍ୟତା ଥିବାରୁ ଅଭିଯୁକ୍ତ ବାପାଙ୍କୁ ଗିରଫ କରାଯାଇଛି। ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ରବିବାର ଅଭିଯୁକ୍ତ ଏବଂ ପୀଡ଼ିତାଙ୍କ ଡାକ୍ତରୀ ମାଇନା କରାଯିବା ପରେ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଥିଲା। ପୀଡ଼ିତାଙ୍କୁ ଗୁରୁତର ଅବସ୍ଥାରେ ପୁଣି ଚିକିତ୍ସା ପାଇଁ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

# ନିବେଶ ଆଳରେ ୧୨ ଲକ୍ଷ ଟଙ୍କା ଠକେଇ

## ଭଦ୍ରକରୁ ଜଣେ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୧୫।୬(ସତ୍ୟଜିତ୍ ରାଉତ)

ନିବେଶ ଆଳରେ ଚନ୍ଦ୍ରଶେଖରପୁର ଥାନା ବିଡିଏ କଲୋନୀର ଧର୍ମେନ୍ଦ୍ର ପୃଷ୍ଟିଙ୍କଠାରୁ ୧୨ଲକ୍ଷ ୨ହଜାର ଟଙ୍କା ଠକେଇ ହୋଇଛି। ଏନେଇ ଅଭିଯୋଗ ପରେ ଭୁବନେଶ୍ୱର ସାଇବର କ୍ରାଇମ ଓ ଅର୍ଥନୈତିକ ଅପରାଧ ଥାନା ପୋଲିସ ରବିବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଭଦ୍ରକ ଜିଲା ଗ୍ରାମମାଞ୍ଚଳ ଥାନା ବରପଦା କାଉପୁର ଗାଁର ଉମାଶଙ୍କର ଦୀକ୍ଷିତ(୪୧)। କୋର୍ଟଚାଲାଣ ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ପୋଲିସ ସୂଚନା ଅନୁଯାୟୀ, କିଛିମାସ ତଳେ ଧର୍ମେନ୍ଦ୍ରଙ୍କୁ ଠକମାନେ ସୋସିଆଲ୍ ମିଡିଆରେ ମେସେଜ୍ କରି ଅଧିକ ଲାଭ ଦେବାର ଲୋଭ ଦେଖାଇ ନିବେଶ କରିବାକୁ ପ୍ରବର୍ତ୍ତାଇଥିଲେ। ଏଥିସହ ଏ କେ କ୍ୟାପିଟାଲ ଲିଃ ନାମକ ଏକ ଫେକ୍ କମ୍ପାନୀର ଲିଙ୍କ୍ ପଠାଇଥିଲେ। ଧର୍ମେନ୍ଦ୍ର ଏଥିରେ ପ୍ରଲୋଭିତ ହୋଇ ନିବେଶ କରିବାକୁ ରାଜି ହେବା ସହ ଠକଙ୍କ ଦୁଇଟି ହ୍ୱାଟ୍‌ସଆପ୍ ଗ୍ରୁପ୍‌ରେ ମଧ୍ୟ ଯୋଡି ହୋଇଥିଲେ। ସେ ୧୨ ଲକ୍ଷ ୨ ହଜାର ଟଙ୍କା ନିବେଶ କରିବା ପରେ କୌଣସି ଲାଭ ପାଇ ନ ଥିଲେ। ଏପରିକି ମୂଳ ଧନ ମଧ୍ୟ ଉଠାଇ ପାରି ନ ଥିଲେ। ଏ ନେଇ ଧର୍ମେନ୍ଦ୍ରଙ୍କ ଏତଲାକ୍ରମେ ସାଇବର ଥାନା ପୋଲିସ ଫେବୃଆରୀ ୨୪ରେ ମାମଲା (ନଂ.୩୯/୨୦୨୫) ରୁଜୁ କରି ତଦନ୍ତ କରିଥିଲା। ତେବେ ଠକେଇ ଟଙ୍କାରୁ ଉମାଶଙ୍କରଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୫ ଲକ୍ଷ ଯାଇଥିବା ତଦନ୍ତରୁ ଜଣାପଡିଥିଲା। ଉମାଶଙ୍କର ଏମ୍/ଏସ୍ ଦିକ୍ଷିତ୍ ଏଣ୍ଟରପ୍ରାଇଜର୍ସ ନାଁରେ ଏକ କରେଣ୍ଟ ଆକାଉଣ୍ଟ ଖୋଲିଥିଲେ। ଏହି ଆକାଉଣ୍ଟକୁ ସେ ସାଇବର ଠକଙ୍କୁ ବ୍ୟବହାର କରିବାକୁ ଦେଇଥିଲେ। ତାଙ୍କ ଆକାଉଣ୍ଟରେ ପ୍ରତି ଟ୍ରାଞ୍ଜାକ୍ସନ ପାଇଁ ଉମାଶଙ୍କର ୨ ପ୍ରତିଶତ କମିଶନ ପାଉଥିଲେ। ତେବେ ଉମାଶଙ୍କରଙ୍କ ଆକାଉଣ୍ଟଟି ୮ଟି ରାଜ୍ୟରେ ସାଇବର ଠକେଇରେ ବ୍ୟବହାର ହୋଇଥିବା ଖବରଦାତା ସମ୍ମିଳନୀରେ ଡିସିପି ଜଗମୋହନ ମୀନା ସୂଚନା ଦେଇଛନ୍ତି।


# Classified Everyday


0674-2580101, 9692975378




SALE

Gharabari ସ୍ଥିତିବାନ plot ବିକ୍ରି ହେବ ଭୁବନେଶ୍ୱର-ଗୁଡ଼ିଆପୋଖରୀ- 1460-1760/- ଉତ୍ତରା- 2460/-, ଲିଙ୍ଗିପୁର-4060/-, ଲକ୍ଷ୍ମୀସାଗର- 6000/-, ଝାରପଡ଼ା- 4600/- contact- 7978551614, 9439049194. D-950

**Stitiban plot for sale at near ମାଳତିପାଟପୁର ରେଲ୍‌ୱେଷ୍ଟେସନ୍ & Bus Stand Puri, close to 200ft. ଭାରତମାଳା, 100ft. costal Highway Road, psqft-1000/-. 9090746445, 7008067338.** D-76275




3 Office Space- 1. 2000sqft in 1st floor, 2.780sqft 2nd floor fully furnished Office, 3. 1000sqft in 3rd floor at 5- Janpath, Unit-3, Kharvelnagar behind Kalsi Petrol Pump, Bhubaneswar, Odisha- 751001. Readily available to operate. Contact: 9437001845, 7504050186. D- 76833




Newly open SPA positively health benefits (expert therapist). Contact- 7327030529. D-76918

**Relax, Refresh your body, Mind at Saikrupa SPA with best therapies. 7848011468.** D-859

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
0199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

## AFFIDAVIT

I Priyadarsini Satapathy, aged about 30 years, W/o-Ankit Sobhan Satapathy, At-Sriram Nagar, P.O.-Khordha, P.S.-Model PS, Dist.-Khordha, PIN-752055 I do declar by this affidavit No.- 1787, dated on 12.06.25 that Priyadarsini Panda & Priyadarsini Satapathy, both names are one & same person i,e myself to be identified as Priyadarsini Satapathy, W/o-Ankit Sobhan Satapathy for all purposes. D-948

I, Pati Mukhi, S/o-Late Dibakar Mukhi, Vill/P.O.- Machhakuta, P.S.- Chhendipada, Dist.- Angul, Odisha, Affidavit No.- 794, dated-27.05.2025 sworn before the Executive Magistrate, Chhendipada. I have changed my old name Patitapaban Behera to Pati Mukhi. Patitapaban Behera and Pati Mukhi is one & same person. Henceforth, shall be known as Pati Mukhi for all future purposes. D-947

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ମନେ ପଡ଼ନ୍ତି

### ଦ୍ୱାଦଶାହ ଉପଲକ୍ଷେ



**ସ୍ୱର୍ଗତ ନାରାୟଣ ମିଶ୍ର**
ଭୁବନେଶ୍ୱର
ଆବିର୍ଭାବ: ୦୪।୧୧।୧୯୩୯
ତିରୋଧାନ: ୦୫।୦୬।୨୦୨୫

ଚାହୁଁ ଚାହୁଁ ବାରଦିନ ବିତିଗଲା, ତଥାପି ଆପଣ ଆମ ସାଙ୍ଗେ ଥିଲାପରି ଅନୁଭବ କରୁଛୁ। ଆପଣଙ୍କ କର୍ତ୍ତବ୍ୟପରାୟଣତା, ମୂଲ୍ୟବୋଧତା, ସମୟାନୁବର୍ତ୍ତିତା, ନିଃସ୍ୱାର୍ଥପରତା, ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ ସରଳତା ଆମ ସମସ୍ତଙ୍କ ପ୍ରେରଣାର ଉତ୍ସ ହୋଇ ରହୁ ଆପଣଙ୍କ ପବିତ୍ର ଆତ୍ମା ଚିର ଶାନ୍ତି ଲାଭ କରୁ। ପ୍ରଭୁ ଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କର ଏତିକି ବିନତି।

ଆପଣଙ୍କର ଶୋକସନ୍ତପ୍ତ: ପତ୍ନୀ, ପୁତ୍ର, କନ୍ୟା, ପୁତ୍ରବଧୂ, ଜୋଇଁ, ନାତି, ନାତୁଣୀ, ଅଣନାତି, ଅଣନାତୁଣୀମାନେ
ଧ-୮୮୮

### ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ରାଜଲକ୍ଷ୍ମୀ ରଥ**

ବୋଉ, ଚାହୁଁ ଚାହୁଁ ପାଞ୍ଚ ବର୍ଷ ବିତିଗଲା, ପ୍ରତି ମୁହୂର୍ତ୍ତରେ ଲାଗୁଛି ତୁ ଆମ ପାଖରେ ଅଛୁ। ମାୟା ସଂସାରରେ ଲିଳାଖେଳା କରି ଆଷାଢ଼ କୃଷ୍ଣପକ୍ଷ ପଞ୍ଚମୀରେ ତୁ ଆର ପାରିକୁ ଚାଲିଗଲୁ। ଆଜିର ଏ ଦିନରେ ପ୍ରଭୁ ଜଗନ୍ନାଥ ତୋ ଅମର ଆତ୍ମାର ସଦ୍‌ଗତି ପ୍ରଦାନ କରନ୍ତୁ। ତୁ ଯୋଉଠି ଥା ଆମକୁ କରୁଣା ଦୃଷ୍ଟିରେ ଚାହିଁ ଥା ।

ଇତି ତୋର ହତଭାଗା ଟୁନୁ, ମୁନୁ, ରୁନୁ, ବେବି, ସିଲୁ, ବର୍ଷା ଏବଂ ବନ୍ଧୁ, ପରିବାରବର୍ଗ
ଧ-୯୪୬

### ପ୍ରେମପୂର୍ଣ୍ଣ ସ୍ମୃତିରେ



**୰ଶ୍ରୀମତୀ ଚାରୁ ପଟେଲ**
ଆବିର୍ଭାବ: ୨୫।୦୮।୧୯୫୧
ତିରୋଧାନ: ୦୬।୦୬।୨୦୨୫

ତୁମେ ୦୬ ଜୁନ ୨୦୨୫ ଶୁକ୍ରବାର (ବଡ଼ ଏକାଦଶୀ) ଦିନ ଶାନ୍ତିପୂର୍ଣ୍ଣ ଭାବରେ ସ୍ୱର୍ଗସ୍ଥାନକୁ ଚାଲିଗଲ କିନ୍ତୁ ତୁମେ ଆମ ହୃଦୟ ଏବଂ ଚିନ୍ତାଧାରାରେ ସର୍ବଦା ବଞ୍ଚି ରହିବ ।

ତୁମକୁ ସ୍ନେହରେ ମନେ ରଖିବୁ: ସଂଗ୍ରାମ କେଶରୀ (ସ୍ୱାମୀ), ସୋନିଆ, ହରପ୍ରସନ୍ନ (ଝିଅ,ଜ୍ୱାଇଁ), କୁନାଲ, ସସ୍ମିତା (ପୁଅ,ବୋହୂ), ନୀଲ, ଆଶି, କୁମା (ନାତି,ନାତୁଣୀ), ପାକା, ଚପଲା, ସ୍ୱର୍ଗତ ବାବୁଲା, ସ୍ୱର୍ଗତ ସେଲି, କୁନା, ଜେନି, ଟୁକୁଲି, ବବି, ବାଲୁ, ସିପ୍ରା, ମାମା, ପିୟୁଷ, ରାଜ, ଲଲି, ପେଣ୍ଟା, ପୁଲୁ, ରୂପମ, ପଙ୍କୁ, ପଟେଲ ପରିବାର ସଦସ୍ୟ ଏବଂ ବନ୍ଧୁମାନେ
ଧ-୯୧୮

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ବାବାଜୀ ଚରଣ ନାୟକ**
ସୋଧ, ଦୋବଲ, ଧାମନଗର, ଭଦ୍ରକ
ଆବିର୍ଭାବ-୦୩।୦୧।୧୯୩୮
ତିରୋଧାନ-୦୬।୦୬।୨୦୨୫

ବାପା, ଆପଣ ଆଜକୁ ଏଗାର ଦିନ ହେବ ଆମକୁ ଛାଡ଼ି ଆରପାରିକୁ ଚାଲିଗଲେ। ଆପଣଙ୍କ ଭଲପାଇବା ସବୁଦିନ ସବୁ ସମୟରେ ଆମର ମନେ ରହିବ । ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପାର୍ଥନା ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ହେଉ, ଏତିକି ପ୍ରାର୍ଥନା ।

ଶୋକସନ୍ତପ୍ତ- ପୁତ୍ର: ତପନ ନାୟକ, ବିପିନ ବିହାରୀ ନାୟକ, ପ୍ରସନ୍ନ ନାୟକ, ନିକୁଞ୍ଜ ବିହାରୀ ନାୟକ, ବନ୍ଧୁ-ବାନ୍ଧବ ଓ ନାୟକ ପରିବାରବର୍ଗ
ଧ-୯୪୯

# ବିଶର ମହାନ୍ତି ପାଇଥିଲେ ଅଣସର ତାଟି ଭିତର ସେବା

ସ୍ନାନପୂର୍ଣ୍ଣିମାରେ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରିବା ପରେ ମହାପ୍ରଭୁ ଜ୍ୱରରେ ପୀଡ଼ିତ ହୋଇ ଅଣସର ଘରେ ବିଶ୍ରାମ ନିଅନ୍ତି। ଏହି ସମୟରେ ଦଇତାପତି ସେବକ ଓ ପତିମହାପାତ୍ର ସେବକ ମହାପ୍ରଭୁଙ୍କ ଗୁପ୍ତଲୀଳା ସମ୍ପାଦନ କରିଥାନ୍ତି। ଏନେଇ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର ସୂଚନା ଦେଇ କହିଛନ୍ତି, ମହାପ୍ରଭୁଙ୍କ ଅଣସର ଲୀଳାରେ ରହିଛି ଅନେକ ଭିତିରି ରହସ୍ୟ। ଏହି ରହସ୍ୟକୁ ଆଲୋଚନା କରିବା ପାଇଁ ଶାସ୍ତ୍ର ବାରଣ କରିଛି। ଅଣସର ବିଧିର ଭିତିରି ରହସ୍ୟ ପରି ବାହାର ରହସ୍ୟ ମଧ୍ୟ ରହିଛି। ଏହାକୁ ବାହାର ଲୀଳା କହିପାରିବା। ମହାପ୍ରଭୁଙ୍କ ଅଣସର ପିଣ୍ଡିର ଶେଷ ସୀମାରୁ ଏହି ଲୀଳା ଆରମ୍ଭ ହୁଏ। ଅଣସର ପିଣ୍ଡି ଚାରିପଟେ ବାଉଁଶ ତାଟି ଘେରାଯାଇ ଆବଦ୍ଧ କରିଦିଆଯିବା ପରେ ବାହାରପଟେ ବଡ଼ ଖଟଟିଏ ପଡ଼େ। ସେଥିରେ ମହାପ୍ରଭୁଙ୍କ ପ୍ରତିନିଧି ଶ୍ରୀରାମ, ଶ୍ରୀନୃସିଂହ, ଶ୍ରୀକୃଷ୍ଣ, ଶ୍ରୀଦେବୀ, ଭୂଦେବୀ, ଶ୍ରୀମଦନମୋହନ ଓ ଶ୍ରୀଦୋଳଗୋବିନ୍ଦ ବିଜେ କରନ୍ତି। ଏମାନଙ୍କ ସହିତ ତାଟିରେ ପୂଜିତ ହୁଅନ୍ତି ତିନି ପଟିଦିଅଁ ଶ୍ରୀଅନନ୍ତବାସୁଦେବ, ମା' ଭୁବନେଶ୍ୱରୀ ଏବଂ ଶ୍ରୀଅନନ୍ତନାରାୟଣ। ଏହି ଦଶଠାକୁରଙ୍କୁ ଅଣସର ସମୟର 'ଦଶାବତାର ଦିଅଁ' ବୋଲି କୁହାଯାଏ। ତାଙ୍କ ସମ୍ମୁଖରେ ମହାପ୍ରଭୁଙ୍କର ପ୍ରତିଦିନର ନୀତି ସମ୍ପନ୍ନ ହୋଇଥାଏ।



ଅପରପକ୍ଷରେ ଭିତର ଅଣସରପିଣ୍ଡିରେ ଦାରୁଦିଅଁଙ୍କ ଗୁପ୍ତଲୀଳା ଚାଲିଥାଏ। ସେଠାରେ ଆଠଟି ନିଷିଦ୍ଧ ନିୟମ ରହିଛି। ସେହି ନିଷିଦ୍ଧ ନିୟମଗୁଡ଼ିକ ହେଲା- ଅଣସର ଗୃହକୁ ଦଇତା ଓ ପତିମହାପାତ୍ର ସେବକ ବ୍ୟତୀତ ଅନ୍ୟ ସେବକ ଯାଇପାରିବେ ନାହିଁ। ଅଣସର ଘରେ ଦୀପ ବ୍ୟତୀତ ଅନ୍ୟ କୌଣସି ଆଲୋକ ବ୍ୟବହାର କରାଯାଇପାରିବ ନାହିଁ। ଅଣସର ପିଣ୍ଡିରେ ଜନପଦୀୟ ପରମ୍ପରା ଅନୁଯାୟୀ ଧଳା ଫୁଲ ବ୍ୟତୀତ ଅନ୍ୟ କୌଣସି ଫୁଲ ପ୍ରବେଶ କରିପାରିବ ନାହିଁ। ଅଣସର ଗୃହରେ ବ୍ୟବହାର କରାଯାଇଥିବା ଉକ୍ତ ଫୁଲ ମଧ୍ୟ ବେହରଣ ଦ୍ୱାର ଦେଇ ବାହାରକୁ ଆସିବ ନାହିଁ। ଏହି ସମୟରେ ଦାରୁଦିଅଁଙ୍କୁ କୌଣସି ପ୍ରକାର ରନ୍ଧା ଭୋଗ ଅର୍ପଣ କରାଯାଇପାରିବ ନାହିଁ। ଅଣସର ସମୟରେ ପଣା ଓ ଚକଟା ଭୋଗ ସମର୍ପଣ ହୋଇଥାଏ। ଏଥିସହ ପଣସ, ଆମ୍ବ, ସପୁରି ଆଦି କେତେକ ନିର୍ଦ୍ଦିଷ୍ଟ ଫଳ ସମର୍ପଣର ବିଧି ରହିଛି। ସେହି ପରିସର ମଧ୍ୟରେ ବ୍ୟବହାର ହୋଇଥିବା ଫଳର ଚୋପା ମଧ୍ୟ ବାହାରକୁ ଆସିବ ନାହିଁ। ଅଣସର ଘରକୁ ସେବା ଉଦ୍ଦେଶ୍ୟରେ ଯେଉଁ ସେବକ ପ୍ରବେଶ କରନ୍ତି, ସେମାନେ ଦାରୁଦିଅଁଙ୍କୁ ସମର୍ପିତ ହୋଇଥିବା ପ୍ରସାଦ ଗ୍ରହଣ କରିଥାନ୍ତି। ଏହି ପ୍ରସାଦକୁ ଅଣସର ଘରେ ସେବା କରିଥାନ୍ତି। ସେଥିପାଇଁ ଯେଉଁ ପତ୍ର ଏବଂ ପାତ୍ର ବ୍ୟବହାର କରାଯାଏ, ତାହା ମଧ୍ୟ ଅଣସର ଗୃହ ବାହାରକୁ ଅଣାଯିବ ନାହିଁ। ଅଣସର ଶେଷ ପର୍ଯ୍ୟନ୍ତ ସମସ୍ତ ଉଗୁରା ଫୁଲ, ଫଳ, ଚୋପା ଓ ଖାଦ୍ୟ ସେବନ କରିଥିବା ପତ୍ର ସେହି ଗୃହର ଏକ କୋଣରେ ରଖାଯିବ। ଏହାକୁ ଜୁଣ କୁହାଯାଏ। ଅଣସର ଗୃହରେ ଭୋଗ ସମର୍ପଣ ବେଳେ କୌଣସି ପ୍ରକାର ଘଣ୍ଟଘଣ୍ଟି ବାଜିବ ନାହିଁ। ବିଭିନ୍ନ ଶାସ୍ତ୍ରର ନିୟମ ଅନୁଯାୟୀ କୌଣସି ଶବ୍ଦ କରାଯିବ ନାହିଁ। ଏପରିକି ବଡ଼ପାଟିରେ କଥାବାର୍ତ୍ତା କରାଯିବ ନାହିଁ। ମହାପ୍ରଭୁଙ୍କ ଅଣସର ଲୀଳାରେ ମୁଖ୍ୟତଃ ଆଠଟି ନିଷିଦ୍ଧ ନୀତି ପଛରେ ଅନେକ ରହସ୍ୟ ନିହିତ ରହିଛି। ଏହି ରହସ୍ୟଗୁଡ଼ିକ ଆଲୋଚନା ସାପେକ୍ଷ ନୁହେଁ। ମହାପ୍ରଭୁଙ୍କ ଆବିର୍ଭାବ କାଳରେ ଶାସ୍ତ୍ରଗୁଡ଼ିକରେ ଯେଉଁ ପାଳନ ବିଧିଗୁଡ଼ିକ ନିର୍ଦ୍ଦେଶ ଦିଆଯାଇଥିଲା, ତାହା ମଧ୍ୟ ଅଣସର ଲୀଳାରେ ଅନୁସୃତ ହେଉଛି। ଏହି ସେବା ସମ୍ପୂର୍ଣ୍ଣ ଗୋପନୀୟ ହୋଇଥିବାରୁ ୧୫୭୫ ମସିହା ନବକଳେବର ବେଳେ ମହାପ୍ରଭୁଙ୍କ ପରମ ଭକ୍ତ ବିଶର ମହାନ୍ତିଙ୍କୁ ଅଣସର ତାଟି ଭିତର ସେବା ଦିଆଯାଇଥିଲା ବୋଲି ମାଦଳାପାଞ୍ଜିରେ ବର୍ଣ୍ଣିତ ରହିଛି। ଅଣସର ତାଟି ଭିତର ସେବା କହିଲେ ମହାପ୍ରଭୁଙ୍କ ଅଣସର ପିଣ୍ଡିରେ ହେଉଥିବା ସେବାକୁ ବୁଝାଏ। ଭୋଇବଂଶର ପ୍ରଥମ ରାମଚନ୍ଦ୍ର ଦେବ ଏହି 'ଭିତରସେବା' ନିମନ୍ତେ ବିଶରଙ୍କ ମୁଣ୍ଡରେ ଶାଢ଼ି ବାନ୍ଧିଥିବାର ଉଲ୍ଲେଖ ରହିଛି। ସେ ଗଙ୍ଗା କୂଳରୁ ଶ୍ରୀବିଗ୍ରହମାନଙ୍କର 'ବ୍ରହ୍ମ ପଦାର୍ଥ'ଙ୍କୁ ମୃଦଙ୍ଗ ଭିତରେ ଆଣି ଗଡ଼କୁଜଙ୍ଗରେ ରଖିଥିଲେ। ସେହିଦିନଠାରୁ ସେ ଜାତିର କେବଳ ଯେ ପ୍ରାତଃସ୍ମରଣୀୟ ହୋଇଗଲେ ତାହା ନୁହେଁ, ବରଂ ବିଶ୍ୱାସବୋଧର ପ୍ରତୀକ ରୂପେ ଗଜପତି ତାଙ୍କୁ ସର୍ବମାନ୍ୟ ସମ୍ମାନ ଦେଲେ। ଅଣସେବକ ହୋଇ ଓ ଆଠଟି ନିଷିଦ୍ଧ ନିୟମ ଥାଇ ମଧ୍ୟ ଦାରୁବ୍ରହ୍ମଙ୍କ ଅତ୍ୟନ୍ତ ଗୁପ୍ତଲୀଳା ଅଣସର ସେବାର ଅଧିକାର ତାଙ୍କୁ ଦେଇଥିଲେ।

ପ୍ରସ୍ତୁତି: **ଅଜିତ୍ କୁମାର ମହାନ୍ତି,** ପୁରୀ

# ନଦୀକୁ ମାଛ ଧରିବାକୁ ଯାଇ ନାବାଳିକା ନାବାଳକ ମୃତ

**ନନ୍ଦପୁର,୧୫।୬(ତୁଷାର କାନ୍ତ ମହାନ୍ତି)**

## ଜୋଲାପୁଟ ଜଳଭଣ୍ଡାରରୁ ୨ ମୃତଦେହ ଉଦ୍ଧାର

କୋରାପୁଟ ଜିଲା ନନ୍ଦପୁର ବ୍ଲକ୍ ଜୋଲାପୁଟ ଜଳଭଣ୍ଡାର ଦଳେଇପୁଟ ଘାଟରୁ ନାବାଳିକା ଓ ନାବାଳକଙ୍କ ମୃତଦେହ ରବିବାର ଉଦ୍ଧାର ହୋଇଛି। ମୃତକ ହେଲେ ଅତଣ୍ଡା ପଞ୍ଚାୟତ ବନ୍ଧୁର ଗ୍ରାମର ପୁଷ୍ପା ବୈରାଗୀ(୧୫) ଓ ଦେବେନ୍ଦ୍ର କିର୍ଷାନୀ(୧୭)। ଏନେଇ ଉଭୟ ମୃତକଙ୍କ ବାପା ଶିବ ବୈରାଗୀ ଓ ଲକି କିର୍ଷାନୀ ପାଡୁଆ ଥାନାରେ ଅଭିଯୋଗ କରିଥିଲେ।

ଏତଲା ଅନୁଯାୟୀ, ରବିବାର ସକାଳୁ ପୁଷ୍ପା ଓ ଦେବେନ୍ଦ୍ର ଜୋଲାପୁଟ ଜଳଭଣ୍ଡାର ଦଳେଇପୁଟ ଘାଟ ପାତାଳୀ ନଦୀକୁ ମାଛ ଧରିବାକୁ ଯାଇଥିଲେ। ସେଠାରେ ପୁଷ୍ପାଙ୍କ ଗୋଡ଼ ଖସି ଯିବାରୁ ସେ ପାଣିରେ ବୁଡ଼ି ଯାଇଥିଲେ। ଏହା ଦେଖି ଦେବେନ୍ଦ୍ର ତାଙ୍କୁ ଉଦ୍ଧାର କରିବାକୁ ଯାଇ ପାଣିରେ ବୁଡ଼ି ଯାଇଥିଲେ। କେତେକ ଲୋକ ନଦୀ ଘାଟରେ ମୋବାଇଲ ପଡ଼ିଥିବା ଦେଖି ବୁଡ଼ି ଯାଇଥିବା ସନ୍ଦେହ କରି ସେମାନଙ୍କ ପରିବାରଙ୍କୁ ସୂଚନା ଦେଇଥିଲେ। ପରେ ପାଡୁଆ ପୋଲିସ ଓ ନନ୍ଦପୁର ଅଗ୍ନିଶମ ବାହିନୀକୁ ସୂଚନା ଦିଆଯାଇଥିଲା। ଅଗ୍ନିଶମ ବାହିନୀ ଓଆଇସି ହେମନ୍ତ କୁମାର ସାମଲ, ଗାଡ଼ିଚାଳକ ଦିଲେଶ୍ୱର ସେଠିଆ, ଫାୟାରମ୍ୟାନ୍ ପ୍ରକାଶ କିଷାନ, ଥବିର ଭୋଇ ଓ ରଞ୍ଜନ ମଲ୍ଲିକ ପ୍ରମୁଖ ଜଳଭଣ୍ଡାରରେ ଖୋଜାଖୋଜି କରି ୫ ଘଣ୍ଟା ପରେ ୨ ମୃତଦେହ ଉଦ୍ଧାର କରିଥିଲେ। ପାଡୁଆ ପୋଲିସ କେସ୍ ନଂ ୭/୨୫ ଓ ୮/୨୫ରେ ଅପମୃତ୍ୟୁ ମାମଲା ରୁଜୁ କରିଛି। ଏଏସ୍ଆଇ ରାମଚନ୍ଦ୍ର ମାଡକାମି ଓ ଏଏସ୍ଆଇ ରୁଦ୍ର ମାଝି ଘଟଣାର ତଦନ୍ତ କରୁଛନ୍ତି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି।





# ଦୁର୍ଘଟଣାରେ ହେମାନନ୍ଦଙ୍କ ସ୍ତ୍ରୀ, ଝିଅ, ନାତୁଣୀ ଗୁରୁତର

**ବଇଣ୍ଡା,୧୫।୬(ପରିକ୍ଷିତ ସାହୁ)**

କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥ ହଣ୍ଡପା ଥାନା ହଣ୍ଡପା ବଜାର ନିକଟରେ ରବିବାର ଏକ ଇନୋଭା କାର୍ ପଛରେ ଏକ କାର୍ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଦୁର୍ଘଟଣାରେ କାର୍‌ରେ ବସିଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳଙ୍କ ସ୍ତ୍ରୀ ଉର୍ମିଳା ବିଶ୍ୱାଳ (୭୮), ତାଙ୍କ ଝିଅ ଅମିତା ବିଶ୍ୱାଳ (୩୮) ଏବଂ ନାତୁଣୀ ଅନନ୍ବିକା ଧାମେ(୧୧)ଙ୍କ ସହ ଗାଡି ଚାଳକ ସଞ୍ଜୀୟ ବେଉରା ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ହଣ୍ଡପା ଆଇଆଇସି ନମିତା ନାୟକ ଉଦ୍ଧାର କରି ଚିକିତ୍ସା ପାଇଁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ଘଟଣାରୁ ଜଣାପଡ଼ିଛି, ସମ୍ବଲପୁରରୁ ଭୁବନେଶ୍ୱର ଅଭିମୁଖେ ପୂର୍ବତନ ବିଧାୟକ ଅମର ଶତପଥୀ ଓ ପ୍ରଭାତ ତ୍ରିପାଠୀ ଏକ ଇନୋଭା ନମ୍ବର (ଓଡି ୦୫ବିଜେଡ-୪୦୪୦) ଯୋଗେ ଯାଉଥିବା ବେଳେ ପଛରେ ଏକ କାର୍ ନମ୍ବର (ଓଡି ୨୩ଏନ୍- ୫୨୨୫) ଯୋଗେ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ପରିବାର ଲୋକେ ଭୁବନେଶ୍ୱର ଯାଉଥିଲେ। ହେଲେ ହଣ୍ଡପା ବଜାର ନିକଟରେ ଭାରସାମ୍ୟ ହରାଇ କାର୍‌ଟି ପଛରେ ପିଟିହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଦୁର୍ଘଟଣାରେ ୨ ପୂର୍ବତନ ବିଧାୟକଙ୍କ କୌଣସି କ୍ଷତି ହୋଇ ନ ଥିବା ହଣ୍ଡପା ପୋଲିସ ସୂଚନା ଦେଇଛି। ପୋଲିସ ଘଟଣାର ତଦନ୍ତ ଚଳାଇଛି।



ଦୁର୍ଘଟଣାଗ୍ରସ୍ତ ୨ କାର୍।






ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ଜୁନ୍ ୧୬/୨୦୨୫ Bhubaneswar, Monday, June 16/ 2025

# ସର୍ଫରାଜ ଖାନ୍‌ଙ୍କ ଶତକ

**ବେକେନହାମ,୧୫।୬**

ଭାରତ ଓ ଭାରତ ଏ' ମଧ୍ୟରେ ଚାଲିଥିବା ଇଣ୍ଟ୍ରା-ସ୍କ୍ୱାଡ୍‌ର ଦ୍ୱିତୀୟ ଦିନରେ ସର୍ଫରାଜ ଖାନ ଶତକ ହାସଲ କରିଛନ୍ତି। ମ୍ୟାଚ୍‌ର ପ୍ରଥମ ଦିନରେ ଭାରତୀୟ ସିନିୟର ଦଳ ପାଇଁ ଅଧିନାୟକ ଶୁବମନ ଗିଲ ଓ ଲୋକେଶ ରାହୁଲ ଅର୍ଦ୍ଧଶତକ କରିଥିବା ବେଳେ ଦ୍ୱିତୀୟ ଦିନ ସମ୍ପୂର୍ଣ୍ଣ ରୂପେ ସର୍ଫରାଜଙ୍କ ନାମରେ ରହିଥିଲା। ସେ

## ଇଣ୍ଟ୍ରା-ସ୍କ୍ୱାଡ୍ ମ୍ୟାଚ୍

୧୦୧ ରନ କରିବା ପରେ ରିଟାୟର୍ଡ ଆଉଟ୍ ହୋଇଥିଲେ। ଅନ୍ୟପକ୍ଷରୁ ଋତୁରାଜ ଗାଏକ୍ୱାଡ୍ ଖାତା ଖୋଲିପାରି ନ ଥିଲେ। ଅନ୍ୟ ବ୍ୟାଟରଙ୍କ ମଧ୍ୟରେ ଅଭିମନ୍ୟୁ ଈଶ୍ୱରନ (୩୯) ଓ ଇଶାନ କିଶନ (୪୫*) ଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଥିଲେ। ଦୁଇ ଥର ବ୍ୟାଟିଂ କରିବାକୁ ଆସିଥିବା ଭାରତୀୟ ଅଲରାଉଣ୍ଡର ୱାଶିଂଟନ ସୁନ୍ଦର



ଶତକ ହାସଲ ଅବସରରେ ସର୍ଫରାଜ ଖାନ୍।

ଯଥାକ୍ରମେ ୦ ଓ ୩୫ ରନ କରିଥିଲେ। ଏତଦ୍‌ବ୍ୟତୀତ ଭାରତର ଉଦୀୟମାନ ବ୍ୟାଟିଂ ସେନସେଶନ ସାଇ ସୁଦର୍ଶନ ୩୮ ରନ କରିଥିଲେ। ଏହି ମ୍ୟାଚ୍‌ରେ ଅଲରାଉଣ୍ଡର ଶାର୍ଦ୍ଦୂଳ ଠାକୁରଙ୍କ ପ୍ରଦର୍ଶନ ଖୁବ୍ ଭଲ ରହିଛି। ପ୍ରଥମ ଦିନରେ ସବୁଠୁ ସଫଳ ବୋଲର ସାବ୍ୟସ୍ତ ହୋଇଥିବା ଶାର୍ଦ୍ଦୂଳ ଦ୍ୱିତୀୟ ଦିନରେ ୧୯ ରନ କରି ଅପରାଜିତ ରହିଛନ୍ତି। ଏହି ମ୍ୟାଚ୍ ଜରିଆରେ ଭାରତୀୟ ସିନିୟର ଦଳ ଆସନ୍ତା ୨୦ ତାରିଖରୁ ହେଡିଂଲେଠାରେ ଇଂଲଣ୍ଡ ବିପକ୍ଷରେ ଖେଳାଯିବାକୁ ଥିବା ପ୍ରଥମ ଟେଷ୍ଟ ଲାଗି ପ୍ରସ୍ତୁତ ହେଉଛି।

ଇଣ୍ଟ୍ରା-ସ୍କାଡ ଭଳି ମ୍ୟାଚ୍ ଟେଷ୍ଟ ମ୍ୟାଚ୍ ପୂର୍ବରୁ ଖେଳାଳିଙ୍କୁ ଆବଶ୍ୟକୀୟ ପ୍ରାକ୍ଟିସ ଯୋଗାଏ। ଭାରତୀୟ ଦଳର ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ଏବେ ଭାରତରେ ଅଛନ୍ତି। ସେ ପାରିବାରିକ ଜରୁରୀ କାର୍ଯ୍ୟ ଲାଗି ସ୍ୱଦେଶ ଫେରିଛନ୍ତି। ତାଙ୍କ ଅନୁପସ୍ଥିତିରେ ରୁଦ୍ଧ ଦ୍ୱାର ଷ୍ଟାଡିୟମରେ ଇଣ୍ଟ୍ରା-ସ୍କାଡ୍ ମ୍ୟାଚ୍ ଖେଳାଯାଉଛି, ଯାହା ଫଳରେ ସ୍ଥାନୀୟ ଗଣମାଧ୍ୟମଠାରୁ ପ୍ରାକ୍ଟିସବେଳେ ଭାରତୀୟ ଦଳ ଆପଣେଇଥିବା ରଣନୀତିକୁ ଗୋପନ ରଖାଯାଇପାରିବ। ଚଳିତବର୍ଷ ଅଷ୍ଟ୍ରେଲିଆ ଟୁରରେ ମଧ୍ୟ ଭାରତୀୟ ଦଳ ଏଭଳି ପ୍ରାକ୍ଟିସ କରିଥିଲା।

# ପ୍ରୋ ବକ୍ସିଂରେ ନିଶାନ୍ତଙ୍କ ବିଜୟ ଧାରା ଜାରି

**ନୂଆଦିଲ୍ଲୀ,୧୫।୬(ପି.ଟି.)**

ପ୍ରଫେଶନାଲ ବକ୍ସିଂରେ ଭାରତୀୟ ବକ୍ସର ନିଶାନ୍ତ ଦେବଙ୍କ ବିଜୟଧାରା ଜାରି ରହିଛି। ନ୍ୟୁୟର୍କର ଆଇକନିକ ମାଡିସନ ସ୍କୋୟାର ଗାର୍ଡେନ ଥିଏଟରରେ ରବିବାର ଖେଳାଯାଇଥିବା ସୁପର-ୱେଲଟରୱେଟ ଡିଭିଜନ ମୁକାବିଲାରେ ସେ ମେକ୍ସିକୋର ଜୋସୁଏ ସିଲଭାଙ୍କୁ ସର୍ବସମ୍ମତି କ୍ରମେ ହରାଇଛନ୍ତି। ୬ ରାଉଣ୍ଡ ବିଶିଷ୍ଟ ବାଉଟ୍‌ରେ ୨୪ ବର୍ଷୀୟ ନିଶାନ୍ତଙ୍କ ସପକ୍ଷରେ ୩ ଜଜ୍ ୬୦-୫୪ ସ୍କୋର ଦେଇଥିଲେ। ପ୍ରଫେଶନାଲ ବକ୍ସିଂରେ ଏହା ନିଶାନ୍ତଙ୍କ ଦ୍ୱିତୀୟ ମ୍ୟାଚ୍‌ରେ ସମାନ ସଂଖ୍ୟକ ବିଜୟ। "ମୁଁ ପ୍ରତିପକ୍ଷ ବକ୍ସରଙ୍କୁ କେବଳ ନକ୍‌ଆଉଟ୍ କରିବାକୁ ଉଦ୍ୟମ କରେ ନାହିଁ। ମୁଁ ମୁକାବିଲା ବେଳେ ମୋର ସ୍କିଲ୍ସକୁ ସୁଧାରିବାକୁ ଚେଷ୍ଟା କରେ। ରିଙ୍ଗରେ କେଉଁ



ନିଶାନ୍ତଙ୍କୁ ବିଜୟୀ ଘୋଷଣା କରୁଛନ୍ତି ରେଫ୍ରି।

ଭଳି ଖେଳାଯାଏ ଏବଂ ଫାଇଟ୍‌କୁ କେଉଁ ଭଳି ଜିତିହେବ, ତାହା ମୁଁ ଶିକ୍ଷା କରିଛି। ମୁଁ ଏବେ ପ୍ରଫେଶନାଲ କ୍ୟାରିୟର ଆରମ୍ଭ କରୁଛି। ଏଣୁ ମୁଁ ଏବେ ବି ଶିଖୁଛି। ମୁଁ ପରବର୍ତ୍ତୀ ସ୍ତରକୁ ଯିବାକୁ ଚାହେଁ" ବୋଲି ବାଉଟ୍ ଜିତିବା ପରେ ନିଶାନ୍ତ କହିଛନ୍ତି।

# କର୍ମଚାରୀଙ୍କ ଦୈନିକ ଭତ୍ତା ହ୍ରାସ କଲା ବିସିସିଆଇ

**ନୂଆଦିଲ୍ଲୀ, ୧୫।୬ (ପି.ଟି.)**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର କର୍ମକର୍ତ୍ତାଗଣ ଘରୋଇ 'ଟୁର୍ନାମେଣ୍ଟ ଭତ୍ତା ନୀତିକୁ ପୁନର୍ଗଠିତ କରିଛି। ସମସ୍ତ ବିଭାଗ କର୍ମଚାରୀଙ୍କ ଦୈନିକ ଭତ୍ତାର ପରିମାଣ ହ୍ରାସ କରାଯାଇଛି। ଗତ ଜାନୁଆରୀଠାରୁ ଭତ୍ତା ପ୍ରଦାନ କରାଯାଇ ନାହିଁ। ବର୍ତ୍ତମାନର ବିସିସିଆଇ ଗସ୍ତ ନୀତି ଅନୁସାରେ ସ୍ୱଳ୍ପକାଳୀନ ଯାତ୍ରା (୪ଦିନ ପର୍ଯ୍ୟନ୍ତ) ପାଇଁ ୧୫,୦୦୦ ଟଙ୍କା ପ୍ରଦାନ କରାଯାଇ ଆସୁଛି। ଦୀର୍ଘକାଳୀନ ଯାତ୍ରା ପାଇଁ ୧୦,୦୦୦ ଟଙ୍କା ସାଧାରଣତଃ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍), ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍) ଏବଂ ଭାରତରେ ଆୟୋଜିତ ଆଇସିସି ଇଭେଣ୍ଟଗୁଡ଼ିକରେ ଦିଆଯାଇ ଆସୁଛି। ଯାତ୍ରା ସମୟରେ ଏକକାଳୀନ ଆକସ୍ମିକ ଭତ୍ତା ବାବଦରେ ୭,୫୦୦ ମିଳୁଛି। ସଂଶୋଧିତ ନୀତି ଅନୁସାରେ ଆକସ୍ମିକ ଭତ୍ତା ବ୍ୟବସ୍ଥାକୁ ହଟାଇ ଦିଆଯାଇଛି। ଏଣିକି କର୍ମଚାରୀମାନଙ୍କୁ ଦୈନିକ ଗସ୍ତ ଭତ୍ତା ବାବଦରେ ୧୦,୦୦୦ ଟଙ୍କା ଲେଖାଏଁ ମିଳିବ। ଆଇପିଏଲ୍ ପ୍ରାୟ ଦୁଇ ମାସ ଧରି ଅନୁଷ୍ଠିତ ହେଉଥିବା ବେଳେ ଆଇସିସି ଇଭେଣ୍ଟଗୁଡ଼ିକ ଅଧିକମ୍ରେ ଏକ ମାସ ଧରି ଅନୁଷ୍ଠିତ ହୋଇଥାଏ। ବିସିସିଆଇ ସୂତ୍ରରୁ ପ୍ରକାଶ କିଛ କାଟ ପରେ ଦୈନିକ ଭତ୍ତା ପରିମାଣ ୬୫୦୦ ହୋଇଯାଇଛି। ନୀତି ସଂଶୋଧନ ହେବାକୁଥିବାରୁ ଫାଇନାନ୍ସ, ଅପରେଶନ ଓ ମିଡିଆ ଡିପାର୍ଟମେଣ୍ଟ ସମେତ ବିସିସିଆଇ କର୍ମଚାରୀଗଣଙ୍କୁ ଆଇପିଏଲ୍ ଓ ଡବ୍ଲ୍ୟୁପିଏଲ୍ ପାଇଁ ଦୈନିକ ଭତ୍ତା ଦିଆଯାଇ ପାରିନାହିଁ। ନୂଆନୀତି ତ୍ୱରାନ୍ୱିତ ହୋଇଯାଇଥିବାରୁ ବକେୟା ପାଉଣା ଖୁବ୍‌ଶୀଘ୍ର ପଇଠ କରାଯିବ। ଟୁର୍ନାମେଣ୍ଟ ସମୟରେ କିଛି କର୍ମଚାରୀଙ୍କୁ ମୁମ୍ବାଇସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ କାର୍ଯ୍ୟ ସମ୍ପାଦନ କରିବାକୁ ହୋଇଥାଏ। ସେମାନେ ମଧ୍ୟ ଭତ୍ତା ପାଇବାକୁ ହକଦାର ଅଛନ୍ତି। ଅଧିକ ସ୍ପଷ୍ଟ କରିବାକୁ ଗଲେ ଜଣେ କର୍ମଚାରୀ ଯଦି ଆଇପିଏଲ୍ ବେଳେ ସମ୍ପୂର୍ଣ୍ଣ ୭୦ ଦିନ ଗସ୍ତରେ ଥାଆନ୍ତି ତେବେ ଦୈନିକ ଭତ୍ତା ବାବଦରେ ୧୦,୦୦୦ ଟଙ୍କା ପାଇବା ପାଇଁ ହକଦାର ହୋଇଥାନ୍ତି। ସେ ମୋଟ ୭ ଲକ୍ଷ ଟଙ୍କା ଦାବି କରିପାରନ୍ତି। ଆଇପିଏଲ୍ ସମୟରେ ଜଣେ ଯଦି ସ୍ୱଳ୍ପକାଳୀନ ଯାତ୍ରା କରନ୍ତି ତେବେ ସେ ୭୦ ଦିନ ଭତ୍ତାର ୬୦ ପ୍ରତିଶତ ପାଇବା ପାଇଁ ହକଦାର ହୋଇଥାନ୍ତି। ଗସ୍ତରେ ନ ଥାଇ କୌଣସି କାର୍ଯ୍ୟରେ ନିୟୋଜିତ ହୋଇଥିଲେ, ସେ ୭୦ ଦିନ ଭତ୍ତା ପରିମାଣର ୪୦ ପ୍ରତିଶତ ପାଇବା ପାଇଁ ହକଦାର ହୋଇଥାନ୍ତି।

# ଡେଭିଡ୍ ବେକହାମ୍‌ଙ୍କୁ ନାଇଟ୍‌ହୁଡ୍ ସମ୍ମାନ



ନାଇଟ୍‌ହୁଡ୍ ସମ୍ମାନ ପାଇବା ଅବସରରେ ପ୍ରିନ୍ସ ଚାର୍ଲ୍ସଙ୍କ ସହିତ ଡେଭିଡ୍ ବେକହାମ୍ (ବାମରୁ ପଞ୍ଚମ)।

**ଲଣ୍ଡନ,୧୫।୬**

ଫୁଟବଲ ଆଇକନ୍ ଡେଭିଡ୍ ବେକହାମ୍ ଆନୁଷ୍ଠାନିକ ଭାବେ ରବିବାର କିଙ୍ଗ ଚାର୍ଲ୍ସଙ୍କଠାରୁ ନାଇଟ୍‌ହୁଡ୍ ସମ୍ମାନ ପାଇଛନ୍ତି। କ୍ରୀଡ଼ା ଓ ଚାରିଟି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ କାରଣରୁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ପୂର୍ବତନ ମାଞ୍ଚେଷ୍ଟର ୟୁନାଇଟେଡ୍ ଓ ଇଂଲଣ୍ଡ ଅଧିନାୟକ ସାର୍ ଡେଭିଡ୍ ବେକହାମ୍ ନାମରେ ଏବେଠାରୁ ଜଣାଯିବେ। ବିଶ୍ୱ ଫୁଟବଲରେ ବେକହାମ୍‌ଙ୍କୁ ସର୍ବକାଳୀନ ମହାନ୍ ମିଡଫିଲ୍ଡର ଭାବେ ଗଣନା କରାଯାଏ। ସେ ମାଞ୍ଚେଷ୍ଟର ୟୁନାଇଟେଡ୍, ରିୟଲ ମାଡ୍ରିଡ୍, ଏସି ମିଲାନ, ପ୍ୟାରିସ ସେଣ୍ଟ-ଜର୍ମେନ (ପିଏସଜି) ଓ ଲା ଗାଲାକ୍ସି ଭଳି ପ୍ରସିଦ୍ଧ କ୍ଲବ ପାଇଁ ଖେଳିଥିଲେ। ଅନ୍ତର୍ଜାତୀୟ ସ୍ତରରେ ବେକହାମ୍ ଇଂଲଣ୍ଡ ପାଇଁ ୧୯୯୬ରୁ ୨୦୦୯ ପର୍ଯ୍ୟନ୍ତ ୧୧୫ ମ୍ୟାଚ୍ ଖେଳି ୧୭ ଗୋଲ କରିଥିଲେ। ତାଙ୍କ ନେତୃତ୍ୱରେ ଇଂଲଣ୍ଡ ଅନେକ ସ୍ମରଣୀୟ ଉପଲବ୍ଧି ହାସଲ କରିଥିଲା। ସେ ମାଞ୍ଚେଷ୍ଟର ୟୁନାଇଟେଡ୍‌ରେ ମହାନ୍ କୋଚ୍ ସାର୍ ଆଲେକ୍ସ ଫର୍ଗୁସନଙ୍କ ସ୍ୱର୍ଣ୍ଣିମ ଯୁଗର ଗୁରୁତ୍ୱପୂର୍ଣ୍ଣ ସଦସ୍ୟ ଥିଲେ। ସେ ମାଞ୍ଚେଷ୍ଟର ଲାଗି ୨୬୫ ପ୍ରିମିୟର ଲିଗ୍ ମ୍ୟାଚ୍ ଖେଳି ୬୨ ଗୋଲ କରିଥିଲେ। ପରେ ମାଞ୍ଚେଷ୍ଟର ଛାଡ଼ି ବେକହାମ ରିୟଲ ମାଡ୍ରିଡରେ ଯୋଗ ଦେଇଥିଲେ। ସେ ମାଡ୍ରିଡ୍ ଲାଗି ୧୧୬ ମ୍ୟାଚ୍ ଖେଳି ୧୩ ଗୋଲ କରିଥିଲେ। ଏହାପରେ ସେ ଆମେରିକାର ଏଲ୍ଏ ଗାଲାକ୍ସି ପାଇଁ ୯୮ ମ୍ୟାଚ୍‌ରେ ୧୮ ଗୋଲ କରିଥିଲେ। ସେହିଭଳି ଏସି ମିଲାନ ପାଇଁ ୨୯ ମ୍ୟାଚ୍‌ରେ ୨ ଗୋଲ କରିଥିଲେ। ପିଏସଜି ସହ ସେ କ୍ୟାରିୟର ଶେଷ କରିଥିଲେ। ୨୦୦୫ଠାରୁ ସେ ୟୁନିସେଫ ଗୁଡ୍‌ୱିଲ ଆମ୍ବାସାଡର ଅଛନ୍ତି।

# ଭାରତର ମହିଳା ଓ ପୁରୁଷ ଦଳ ପରାସ୍ତ

**ଲଣ୍ଡନ/ଆଣ୍ଟୱେର୍ପ, ୧୫।୬ (ପି.ଟି.):** ଏଫ୍ଆଇଏଚ୍ ପ୍ରୋ-ଲିଗ୍‌ରେ ଭାରତର ଉଭୟ ମହିଳା ଓ ପୁରୁଷ ଦଳ ସେମାନଙ୍କ ମ୍ୟାଚ ହାରିଯାଇଛନ୍ତି। ଲଣ୍ଡନଠାରେ ଭାରତୀୟ ମହିଳା ଦଳ ୧-୨ ଗୋଲ୍‌ରେ ଅଷ୍ଟ୍ରେଲିଆଠାରୁ ୧-୨ ଗୋଲରେ ପରାଜିତ ହୋଇଛି। ଦଳର ଏହା ହେଉଛି କ୍ରମାଗତ ଦ୍ୱିତୀୟ ପରାଜୟ। ଭାରତ ପୂର୍ବରୁ ଶୁକ୍ରବାର ଏହି ଦଳଠାରୁ ୨-୩ ଗୋଲରେ ହାରିଯାଇଥିଲା। ରବିବାର ଖେଳର ତୃତୀୟ ମିନିଟ୍‌ରେ ଭାରତ ବୈଷ୍ଣବୀ ଫାଲ୍‌କେଙ୍କ ଫିଲ୍ଡ ଗୋଲ ଜରିଆରେ ୧-୦ରେ ଅଗ୍ରଣୀ ଲାଭ କରିଥିଲା। ପ୍ରଥମାର୍ଦ୍ଧ ସୁଦ୍ଧା ଦଳ ଅଗ୍ରଣୀ ବଜାୟ ରଖିଥିଲା। ମାତ୍ର ଖେଳର ୩୭ତମ ମିନିଟ୍‌ରେ ଆମି ଲଟନଙ୍କ ଗୋଲ୍ ଯୋଗୁ ଅଷ୍ଟ୍ରେଲିଆ ମ୍ୟାଚ୍‌କୁ ୧-୧ରେ ବରାବର ସ୍ଥିତିକୁ ନେଇ ଆସିଥିଲା। ମ୍ୟାଚ ଡ୍ର ଆଡ଼କୁ ମୁହାଁଉଥିବା ବେଳେ ୬୦ ତମ ମିନିଟ୍‌ରେ ଲେକ୍ସି ପିକଟିଙ୍କ ଏକ ପେନାଲ୍ଟି କର୍ଣ୍ଣରକୁ ଗୋଲ୍‌ରେ ପରିଣତ କରିଥିଲେ ଅଷ୍ଟ୍ରେଲିଆ ଶେଷ ମୁହୂର୍ତ୍ତରେ ମ୍ୟାଚ ଜିତି ନେଇଥିଲା। ଅନ୍ୟପକ୍ଷରେ ଆଣ୍ଟୱେର୍ପଠାରେ ଏଫ୍ଆଇଏଚ୍ ପ୍ରୋ-ଲିଗ୍ ୟୁରୋପିଆନ ଲେଗ୍‌ରେ ଭାରତୀୟ ପୁରୁଷ ହକି ଦଳର ପରାଜୟ ଧାରା ଅବ୍ୟାହତ ରହିଛି। ରବିବାର ଖେଳାଯାଇଥିବା ମ୍ୟାଚରେ ଦଳ ୨-୩ ଗୋଲ୍‌ରେ ହାରିଯାଇଛି। ଭାରତ ଏହା ହେଉଛି କ୍ରମାଗତ ୫ମ ପରାଜୟ। ଭାରତ ପୂର୍ବରୁ ନେଦରଲାଣ୍ଡ, ଆର୍ଜେଣ୍ଟିନା ବିପକ୍ଷ ଏହାର ସମସ୍ତ ମ୍ୟାଚ ହାରି ସାରିଛି। ଏହି ମ୍ୟାଚ୍‌ଗୁଡ଼ିକ ଦଳ ଅଳ୍ପକେ ପରାଜୟ ବରଣ କରିଛି। ଭାରତର ପୂର୍ବତନ ଅଧିନାୟକ ମନପ୍ରୀତ ସିଂ ରବିବାର ତାଙ୍କର ୪୦୦ତମ ମ୍ୟାଚ ଖେଳିଛନ୍ତି। ମ୍ୟାଚରେ ଭାରତ ଯଦିଓ ଆରମ୍ଭରେ ଅଗ୍ରଣୀ ଲାଭ କରିଥିଲା ତାଙ୍କଠାରୁ ଆଶାନୁରୂପ ଖେଳ ଦେଖିବାକୁ ମିଳି ନ ଥିଲା। ଭାରତ ତରଫରୁ ଅଭିଷେକ (୩୨ ମିନିଟ) ଓ ଦିଲପ୍ରୀତ (୩୭ତମ) ଗୋଟିଏ ଲେଖାଏ ଗୋଲ୍ ଦେଇଥିବା ବେଳେ ଟିମ୍ ବ୍ରାଣ୍ଡ (୪ର୍ଥ), ବ୍ଲେକ ଗୋଭର୍ସ (୫ମ) ଓ କୁପର ବର୍ଣ୍ଣ (୧୯ତମ) ପ୍ରମୁଖ ଅଷ୍ଟ୍ରେଲିଆ ଗୋଲ୍ ସ୍କୋରର ଥିଲେ।

# ୩୭ ବର୍ଷୀୟା ମାରିଆଙ୍କଠାରୁ ହାରିଲେ କିଜ୍

**ଲଣ୍ଡନ, ୧୫।୬ (ଏପି)**

ମାଡିସନ କିଜ୍‌ଙ୍କ ବିପକ୍ଷ କୁଇନ୍ସ କ୍ଲବ ଟେନିସ ସେମିଫାଇନାଲରେ ୩୭ବର୍ଷୀୟା କ୍ୱାଲିଫାୟର ତାତ୍‌ଜାନା ମାରିଆ ଚମକପ୍ରଦ ବିଜୟ ହାସଲ କରିଛନ୍ତି। ଜର୍ମାନୀର ମାରିଆ ହେଉଛନ୍ତି ଦୁଇଟି ସନ୍ତାନର ଜନନୀ। ବର୍ତ୍ତମାନର ଅଷ୍ଟ୍ରେଲିଆନ ଓପନ ଚାମ୍ପିଅନଙ୍କ ସହିତ ତାଙ୍କର ୪ଥର ମୁକାବିଲା ହୋଇଥିବା ବେଳେ ଏହା ଥିଲା ତାଙ୍କୁ ପ୍ରଥମ ବିଜୟ। ସେ ମାଡିସନ କିଜ୍‌ଙ୍କୁ ୬-୩, ୭-୬(୩)ରେ ହରାଇ ଦେଇଛନ୍ତି। ଫଳରେ ୨୦୨୦ ପରେ ଡବ୍ଲ୍ୟୁଟିଏ ଟୁର୍‌ରେ ସେ ସବୁଠାରୁ ବୟସ୍କ ସିଙ୍ଗଲ୍ସ ଫାଇନାଲିଷ୍ଟ ବିବେଚିତ ହୋଇଛନ୍ତି। ସେତେବେଳେ ସେରେନା ୱିଲିୟମ୍ସ ୩୮ବର୍ଷ ବୟସରେ ଅକଲାଣ୍ଡ କ୍ଲାସିକ ଜିତିଥିଲେ। ୮୬ ନମ୍ବର ଖେଳାଳି ମାରିଆ ହେଉଛନ୍ତି ଜଣେ ପୂର୍ବତନ ୱିମ୍ବଲଡନ ସେମିଫାଇନାଲିଷ୍ଟ। ସେ ୮ ନମ୍ବର କିଜ୍‌ଙ୍କୁ ହରାଇ ଦେଇଥିଲେ। ସେ ୧୦ ଆସେସ ହିଟ୍ କରିଥିଲେ, କିନ୍ତୁ ଗୋଟିଏ ବ୍ରେକ୍ ପାଇବାରେ ସେ ବିଫଳ ହୋଇଥିଲେ। ଏଠାରେ ନମ୍ବର-୨ ସିଡ୍ ଓ ନମ୍ବର-୧ ଖେଳ କ୍ୱିନ୍‌ୱେନ ବିଦାୟ ନେଇଛନ୍ତି।




ରିଟର୍ନ ଶଟ୍ ଖେଳୁଛନ୍ତି ମାଡିସନ କିଜ୍।

ଖେଳଙ୍କୁ ବିଶ୍ୱର ନମ୍ବର-୮ ତଥା ଆମେରିକାର ଆମାଣ୍ଡା ଆନିସିମୋଭା ୬-୨, ୪-୬, ୬-୪ରେ ହରାଇ ଦେଇଛନ୍ତି। ବର୍ତ୍ତମାନ ଆନିସିମୋଭା ଓ ମାରିଆ ୨ ବର୍ଷ ପରେ ପରସ୍ପରକୁ ଭେଟିବାକୁ ଯାଉଛନ୍ତି।

# ଦିଲେଶ୍ୱରଙ୍କୁ ବ୍ରୋଞ୍ଜ

## ଥାଇଲାଣ୍ଡ ପାରା-ବ୍ୟାଡ୍‌ମିଣ୍ଟନ ଇଣ୍ଟରନ୍ୟାଶନାଲ

**ଭୁବନେଶ୍ୱର,୧୫।୬ (ଅନାଦି କର):** ଓଡ଼ିଶାର ପାରା-ବ୍ୟାଡ୍‌ମିଣ୍ଟନ ଖେଳାଳି ଜି. ଦିଲେଶ୍ୱର ରାଓ ଥାଇଲାଣ୍ଡ ପାରା-ବ୍ୟାଡ୍‌ମିଣ୍ଟନ ଇଣ୍ଟରନ୍ୟାଶନାଲ ଟୁର୍ଣ୍ଣାମେଣ୍ଟରେ ବ୍ରୋଞ୍ଜ ପଦକ ଜିତିଛନ୍ତି। ସେ ପୁରୁଷ ଡବଲ୍ସ ଏସ୍‌ଏଲ୍-୩ ଏସ୍‌ଏଲ୍-୪ କାଟେଗୋରିରେ ଦିନେଶ ରାଜାୟଙ୍କ ସହ ଏହି ସଫଳତା ପାଇଛନ୍ତି। ଏହି ଭାରତୀୟ ଯୋଡ଼ି କ୍ୱାର୍ଟର ଫାଇନାଲରେ ନେପାଳର ଅଧିକାରୀ ପ୍ରକାଶ ଓ ଭୁଟାନର ଚେୟାଙ୍ଗ କୁଏଞ୍ଜାପଙ୍କୁ ୨୧-୮, ୨୧-୧୨ ଗେମ୍‌ରେ ହରାଇଥିଲା। ଦିଲେଶ୍ୱର ଓ ରାଜାୟ ସେମିଫାଇନାଲରେ ୩-୨୧, ୧୨-୨୧ ଗେମ୍‌ରେ ପରାସ୍ତ ହୋଇଥିଲେ ମଧ୍ୟ ଟୁର୍ଣ୍ଣାମେଣ୍ଟର ଟପ୍-୩ ଯୋଡ଼ି ମଧ୍ୟରେ ସ୍ଥାନ ପକ୍କା କରିଥିଲେ।



ଜି. ଦିଲେଶ୍ୱର ରାଓ

# ଓଡ଼ିଶାକୁ ୮ ସ୍ୱର୍ଣ୍ଣ ସହ ୩୬ ପଦକ

**ଭୁବନେଶ୍ୱର,୧୫।୬ (ଅନାଦି କର)**

ଉତ୍ତରାଖଣ୍ଡର ଡେରାଡୁନଠାରେ ଚାଲିଥିବା ଜାତୀୟ ଉପ କନିଷ୍ଠ, ଯୁବ ଓ କନିଷ୍ଠ କରାଟେ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଓଡ଼ିଶା ୮ ସ୍ୱର୍ଣ୍ଣ ଓ ମୋଟ ୩୬ ପଦକ ସହ ଚତୁର୍ଥ ସ୍ଥାନରେ ରହିଛି। ପଦକ ତାଲିକାରେ ୧୩ ରୌପ୍ୟ ଓ ୧୫ ବ୍ରୋଞ୍ଜ ରହିଛି। ଆଜିର ପ୍ରତିଯୋଗିତାରେ କୈରଭ ପଟ୍ଟନାୟକ ୧୧ ବର୍ଷ ବାଳକ କାଟାରେ ସ୍ୱର୍ଣ୍ଣ, ନାଡିକ ମହନ୍ତ ୬ ବର୍ଷ ବାଳକ କାଟାରେ ରୌପ୍ୟ, ବିଶ୍ୱଦୀପ ବେହେରା ୧୦ ବର୍ଷ ବାଳକ କାଟାରେ ରୌପ୍ୟ, ଅଭିଜ୍ଞାନ ଦାଶ ୧୦ ବର୍ଷ ବାଳକ ଫାଇଟିଂରେ ରୌପ୍ୟ ପଦକ ହାସଲ କରିଛନ୍ତି। ସେହିଭଳି ଶ୍ରୟାନ ଶ୍ରେୟାଂଶୁ ଜେନା ୮ ବର୍ଷ ବାଳକ କାଟାରେ କାଂସ୍ୟ, ନକସ ପୋଦାର ୯ ବର୍ଷ ବାଳକ ଫାଇଟିଂରେ ବ୍ରୋଞ୍ଜ, ନିସାନ ସିଂ ୧୩ ବର୍ଷ ବାଳକ ୫୫ କେଜିରୁ କମ୍ ଫାଇଟ୍‌ରେ ବ୍ରୋଞ୍ଜ, ସ୍ୱୟମ ପ୍ରକାଶ ଦାସ ୧୩ ବର୍ଷ ବାଳକ ୬୫ କେଜିରୁ କମ୍ ଫାଇଟିଂରେ ବ୍ରୋଞ୍ଜ, ରୋହନ ସାହୁ ୧୩ ବର୍ଷ ବାଳକ ୬୫ କେଜିରୁ ଅଧିକ ଫାଇଟିଂରେ ବ୍ରୋଞ୍ଜ ଏବଂ ସବ ଜୁନିୟର ପୁରୁଷ ଟିମ କାଟାରେ ଶିବ କୃପା ମିଶ୍ର, ଅର୍ପିତ କୁମାର ଦାସ, ଦେବେନ୍ଦ୍ର କୁମାର ପରିଡ଼ା, ସୋର୍ଜ୍ୟ ଚନ୍ଦ୍ରକା ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।



ପଦକ ସହ କୃତୀ ପ୍ରତିଯୋଗୀ।

# ଭାରତୀୟ ଦଳରେ ୧୭ ବର୍ଷୀୟା ମାନସୀ

**ନୂଆଦିଲ୍ଲୀ, ୧୫।୬**

କିରଗିଜସ୍ତାନର ବିଶକେକ୍‌ଠାରେ ଜୁଲାଇ ୧ରୁ ୧୩ ପର୍ଯ୍ୟନ୍ତ ୨୦ ବର୍ଷରୁ କମ୍ ଏସିଆନ ଚାମ୍ପିଅନସିପ୍ ଅନୁଷ୍ଠିତ ହେବ। ଏଥିପାଇଁ ମନୋନୀତ ଭାରତୀୟ ଦଳରେ କ୍ୟାଡେଟ୍ ବିଶ୍ୱ ଚାମ୍ପିଅନ ମାନସୀ ଲାଥରଙ୍କୁ ଦଳରେ ସ୍ଥାନ ମିଳିଛି। ଏଠାରେ ମହିଳା ୬୮କେଜି କାଟେଗୋରି ଟ୍ରାଏଲ୍ସ ଜିତିବା

## ଏସିଆନ ଜୁନିୟର ରେସ୍‌ଲିଂ ଚାମ୍ପିୟନଶିପ୍

ପରେ ସେ ଯୋଗ୍ୟତା ହାସଲ କରିଛନ୍ତି। ଚଳିତ ବର୍ଷ ମାର୍ଚ୍ଚରେ ଏସିଆନ ସିନିୟର ଚାମ୍ପିଅନଶିପ୍‌ରେ ଏକ ବ୍ରୋଞ୍ଜ ପଦକ ହାସଲ କରିଥିବା ମାନସୀ ଫାଇନାଲରେ ବିଦ୍ୟାର ସୃଷ୍ଟିଙ୍କୁ ହରାଇ ଦେଇଥିଲେ। ଭାରତୀୟ ଦଳରେ ମହିଳା ୫୯କେଜି ଶ୍ରେଣୀରେ ମୁସ୍କାନ ମଣ୍ଡଳଙ୍କୁ ମଧ୍ୟ ସ୍ଥାନ ମିଳିଛି। ଗତ ମାସରେ ସେ ୟୁନାଇଟେଡ୍ ୱାର୍ଲ୍ଡ ର‍୍ୟାଙ୍କିଙ୍ଗ ସିରିଜ ମଙ୍ଗୋଲିଆ ଓପନ୍‌ରେ



ମାନସୀ ଲାଥର

ଏକ ସ୍ୱର୍ଣ୍ଣ ଜିତିଥିଲେ। ସେ ଫାଇନାଲରେ ମହାରାଷ୍ଟ୍ରର ଅଶ୍ୱିନୀ କଲ୍ୟାଣଙ୍କୁ ହରାଇ ଦେଇଥିଲେ। ମୁସ୍କାନ ରୋହତକସ୍ଥିତ ସାର୍ ଛୋଟୁରାମ ଆଖଡ଼ାରେ ଟ୍ରେନିଂ ନେଉଛନ୍ତି। ଏହି ଟ୍ରେନିଂ ସେଣ୍ଟରର ଅନ୍ୟ ଜଣେ ଟ୍ରାଏଲ୍ସ ଜିତିଛନ୍ତି। ସେ ହେଲେ ମୁସ୍କାନ ମାଲିକ। ସେ ମହିଳା ୭୬କେଜି ଫାଇନାଲରେ ମହାରାଷ୍ଟ୍ର ରୋଶନୀଙ୍କୁ ହରାଇ ଦେଇଥିଲେ। ଟ୍ରାଏଲ୍ସ ସ୍ଥାନୀୟ ଆଇଜି ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିଲା। ଚାମ୍ପିଅନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ଅନ୍ୟ ମହିଳା କୁସ୍ତି ଯୋଦ୍ଧାମାନେ ହେଲେ, ଶ୍ରୁତି (୫୦କେଜି), ସାରିକା (୫୩କେଜି), ରୀନା (୫୫କେଜି), ନେହା ଶର୍ମା (୫୭କେଜି), ଅଞ୍ଜଳି (୬୨କେଜି), ହର୍ଷିତା (୭୨କେଜି) ଓ କାଜଲ (୭୬କେଜି)। ଅନ୍ୟପକ୍ଷରେ ପୁରୁଷ ଫ୍ରିଷ୍ଟାଇଲ ଓ ଗ୍ରୀକୋ ରୋମାନ ପାଇଁ ଟ୍ରାଏଲ୍ସ ଜୁନ୍ ୧୪ରେ ଲକ୍ଷ୍ନୌଠାରେ ଅନୁଷ୍ଠିତ ହୋଇଥିଲା।

**ମନୋନୀତ ଫ୍ରିଷ୍ଟାଇଲ ଦଳ:** ଅଙ୍କୁଶ (୫୭କେଜି), ଅନୁଜ (୬୧କେଜି), ଅଶ୍ୱିନ (୬୫କେଜି), ଗୌରବ (୭୦କେଜି), ବିବେକ (୭୪କେଜି), ଅମିତ (୭୯କେଜି), ସଚିନ (୮୬କେଜି), ବିଶାଲ (୯୭କେଜି)ଓଜଶପୁରନ (୧୨୫କେଜି)।

**ଗ୍ରୀକୋ ରୋମାନ:** ନିତୀନ (୫୫କେଜି), ସୁରଜ (୬୦କେଜି), ବରୁଣ (୬୩କେଜି), ଯୋଗେଶ (୬୭କେଜି), ଆକାଶ ଚୁଣ୍ଡିଆ (୭୨କେଜି), ସଚିନ (୭୭କେଜି), ପ୍ରିନ୍ସ (୮୨କେଜି), ରୋହିତ (୮୭କେଜି), ନମନ (୯୭କେଜି) ଓ ଯୋଗୀନ୍ଦର ରାଠୀ (୧୩୦କେଜି)।

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ